# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୯/୨୦୨୧ (୧୬ ପୃଷ୍ଠା) | Bhubaneswar, Thursday, August 19/2021 | ★★★★

୪୭ଶ ଭାଗ ୨୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଇଂଲଣ୍ଡ ଦଳରେ ମଲନ ସାମିଲ**

ଲୀଡ୍ସରେ ହେବାକୁ ଥିବା ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟ ପାଇଁ ଇଂଲଣ୍ଡ ଦଳରେ ଦାଉ୍ିଦ ମଲନଙ୍କୁ ସାମିଲ କରାଯାଇଛି।

୧୫

୦୯

**ସୁପର ଡ୍ୟାନ୍ସର ସେଟ୍‌ରେ ଶିଳ୍ପା**

ସୁପର ଡ୍ୟାନ୍ସର ଚାପ୍ଟର-୪ର ଶୁଟିଂ ସେଟ୍‌କୁ ଫେରିଛନ୍ତି ଶୋ'ର ଜଜ୍ ତଥା ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କୁନ୍ଦ୍ରା।





**ଜ୍ଞାନର ପ୍ରବେଶ ଦ୍ୱାର ବହି:** ଅନୁଗୋଳ ଥାନା ଛକ ସମ୍ମୁଖ ହେଲ୍‌ଥ କରିଡରରେ ନିର୍ମାଣାଧୀନ ଏକ ବହିର ବିରାଟ ପ୍ରତିକୃତି ସମ୍ମୁଖରେ ବହି ଧରିଥିବା ପିଲାଟିଏ । (ଫଟୋ- ବୁବୁ)

**ଆଜିର ସମ୍ପାଦକୀୟ**

ବିଶ୍ୱାସଘାତକତାର ସ୍ମାରକ

**ଆଜିର ମନ୍ତବ୍ୟ**

" ବିଚାରପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଗଣମାଧ୍ୟମରେ କଳ୍ପନାଜଳ୍ପନା ଓ ରିପୋର୍ଟ ପ୍ରକାଶ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

-ଜଷ୍ଟିସ୍ ଏନ୍.ଭି. ରମନା, ସିଜେଆଇ






# ପିଲାଙ୍କୁ ସଂକ୍ରମଣ ବଢ଼ିଲା

*ରାଜ୍ୟରେ ୨ଦିନ ହେଲା କରୋନା ସଂକ୍ରମଣ ହଜାରେ ତଳେ ରହିଛି। ହେଲେ ସଂକ୍ରମିତ ପିଲା ବା ଶିଶୁଙ୍କ ସଂଖ୍ୟା ବଢୁଥିବାରୁ ଚିନ୍ତା ଘାରିଛି। ଏବେ ଆକ୍ରାନ୍ତ ପିଲାଙ୍କ ସଂଖ୍ୟା ପୁଣି ୧୦୦ ପାର୍ କରିଛି। ରାଜ୍ୟରେ ଗତ ୨୪ ଘଣ୍ଟାରେ ୯୯୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ୧୩୮ଜଣ ରହିଛନ୍ତି। ଏହାକୁ ମିଶାଇ କେବଳ ୪ ଦିନରେ ରାଜ୍ୟରେ ୪୭୬ଜଣ ପିଲା ସଂକ୍ରମିତ ହୋଇଛନ୍ତି।*

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ରାଜ୍ୟ ସରକାର ହଠାତ୍ ପିଲାଙ୍କ ସଂକ୍ରମଣ ସଂଖ୍ୟା ପ୍ରଦାନ କରିଥିବାରୁ ରାଜ୍ୟବାସୀଙ୍କ ମନରେ ଆଶଙ୍କା ଦେଖାଦେଇଛି। କିନ୍ତୁ ଏହାକୁ ନେଇ ଆତଙ୍କିତ ନ ହେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପ୍ରଥମ ଓ ଦ୍ୱିତୀୟ ଲହରରେ ୦ ରୁ ୧୦ ବର୍ଷ ବୟସର ୩.୫% ପିଲା ☞ପୃଷ୍ଠା-୪



## ସେପ୍ଟେମ୍ବରରେ ପିଲାଙ୍କୁ ଟିକା

ନୂଆଦିଲ୍ଲୀ, ୧୮।୮

ପିଲାମାନଙ୍କ ଉପରେ କୋଭିଡ୍ ଟିକାର ପରୀକ୍ଷା ଚାଲିଥିବାବେଳେ ଖୁବ୍‌ଶୀଘ୍ର ଏହାର ଫଳାଫଳ ମିଳିଯିବ ବୋଲି ଆଶା କରାଯାଉଛି। ଉକ୍ତ ଫଳାଫଳ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ)ଙ୍କ ନିକଟରେ ଦାଖଲ କରାଯିବ। ତେଣୁ ସେପ୍ଟେମ୍ବର ସୁଦ୍ଧା କିମ୍ବା ଏହା ପରେ ଭାରତରେ ପିଲାମାନଙ୍କ ପାଇଁ କୋଭିଡ୍ ଟିକା ଉପଲବ୍ଧ ହେବ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍)ର ☞ପୃଷ୍ଠା-୪

# ହାତୀ ସୁରକ୍ଷାକୁ ଏନ୍‌ଜିଟି ବଳ

*ଓଡ଼ିଶାରେ ୧୯୯୦ରୁ ୨୦୦୦ ମଧ୍ୟରେ ବର୍ଷକୁ ହାରାହାରି ହାତୀ ମୃତ୍ୟୁ ହାର ୩୩ ଥିଲା। ୨୦୦୧ରୁ ୨୦୧୦ ମଧ୍ୟରେ ହାରାହାରି ବାର୍ଷିକ ମୃତ୍ୟୁସଂଖ୍ୟା ୪୬କୁ ବୃଦ୍ଧି ପାଇଥିଲା, ଯାହାକି ୨୦୧୦ ପରେ ୭୬ ହୋଇଯାଇଛି। ବିଶେଷକରି ୨୦୧୦ ଏପ୍ରିଲରୁ ୨୦୨୧ ଅଗଷ୍ଟ ମଧ୍ୟରେ ୮୬୨ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିରୁ ୩୮୯ ମୃତ୍ୟୁ ସ୍ୱାଭାବିକ ଥିବାବେଳେ ବାକି ହାତୀଙ୍କ ଜୀବନହାନି ଶିକାର, ଦୁର୍ଘଟଣାଜନିତ। ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍‌ଓ) ପକ୍ଷରୁ ମିଳିଥିବା ଏହି ତଥ୍ୟ ଚିନ୍ତାଜନକ ଥିବାବେଳେ ସରକାର ହାତୀ ସୁରକ୍ଷା ଯୋଜନାକୁ ବାସ୍ତବ ରୂପ ଦେବାରେ ପ୍ରାୟ ୧୦ ବର୍ଷ ହେଲା ଅବହେଳା କରିଆସୁଛନ୍ତି। ଏନେଇ ହୋଇଥିବା ଅଭିଯୋଗର ଶୁଣାଣି କରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନାରେ ଥିବା ୧୪ଟି ହାତୀ ଚଲାପଥ (କରିଡର) ସମ୍ପର୍କରେ ୨ ମାସ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଆକ୍ସନ ପ୍ଲାନ ଦାଖଲ କରିବାକୁ ଏନ୍‌ଜିଟିର ୨ ଜଣିଆ ଖଣ୍ଡପୀଠ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତା ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।*

ଯାଜପୁର ଅଫିସ୧୮।୮

ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍‌ଓ) ସମ୍ପାଦକ ବିଶ୍ୱଜିତ୍ ମହାନ୍ତିଙ୍କ ପକ୍ଷରୁ ଆଡ୍‌ଭୋକେଟ ଶଙ୍କରପ୍ରସାଦ ପାଣି ଗତ ୫।୯।୨୦୧୬ରେ ହାତୀ ଚଲାପଥ ଯୋଜନାରେ ସାମ୍ନାକୁ ଆସିଥିବା ବିଭିନ୍ନ ଅନିୟମିତତାକୁ ଭିତ୍ତି କରି ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଅଗଷ୍ଟ ୨୦୧୦ରେ ହାତୀମାନଙ୍କ ସୁରକ୍ଷା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ହୋଇଥିଲା। ଏଥିପାଇଁ ଟାସ୍କଫୋର୍ସ ଗଠନ କରାଯାଇ 'ଗଜଃ' ନାମରେ ଏକ ଯୋଜନା ପ୍ରଣୟନ କରାଯାଇଥିଲା। ଏହିକ୍ରମରେ ଓଡ଼ିଶାର ପ୍ରିନ୍ସିପାଲ ଚିଫ୍ କନଜରଭେଟର ଅଫ୍ ଫରେଷ୍ଟ (ପିସିସିଏଫ୍) ରାଜ୍ୟରେ ୮୭୦.୬୧ ବର୍ଗ କିମି ଅଞ୍ଚଳକୁ ନେଇ ୪୨୦.୮ କିମି ଲମ୍ବ ଓ ୦.୦୮ରୁ ୪.୬ କିମି ଓସାର ବିଶିଷ୍ଟ ୧୪ଟି ହାତୀ କରିଡର ସମ୍ପର୍କରେ ସୂଚନା ଦେଇଥିଲେ। କିନ୍ତୁ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। ଏନେଇ ପରିବେଶ ଓ ପ୍ରାଣୀପ୍ରେମୀମାନେ ଦାବି କରି ନିରାଶ ହେବା ପରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ।

ଗତ ମାର୍ଚ୍ଚରେ ବିଧାୟକ ମୋହନଚରଣ ମାଝି ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତର ମିଳିଥିଲା ଯେ ୧୪ଟି ହାତୀ ଚଲାପଥ ଏବଂ ୩ଟି ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ୧୦ ବର୍ଷରେ ହାତୀ ମଣିଷ ବିବାଦର ସମାଧାନ ପାଇଁ ବନ୍ୟପ୍ରାଣୀ ସଂସ୍ଥା ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବଜେଟ୍ ଯୋଜନାରେ ପ୍ରାୟ ୧୧୫ କୋଟି ଓ କାମ୍ପା ଯୋଜନାରେ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କେବଳ ଚିହ୍ନଟ କରିଡରର ପୁନରୁଦ୍ଧାର କାର୍ଯ୍ୟରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ବିକ୍ରମକେଶରୀ ଆରୁଖଙ୍କ ତଥ୍ୟ ଅନୁସାରେ ହାତୀ-ମଣିଷ ବିବାଦର ସମାଧାନ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସ୍ୱଳ୍ପ ଓ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱଳ୍ପମିଆଦୀ ଯୋଜନାରେ ୨୦୧୪-୧୫ରୁ ୨୦୨୦-୨୧ ମଧ୍ୟରେ ପ୍ରତିବର୍ଷ ସ୍ଥାନୀୟ ଲୋକଙ୍କୁ ବନ୍ୟଜନ୍ତୁ ଘଉଡାଇବା, ବନ୍ୟଜନ୍ତୁ ଶିକାର ନିରୋଧକ, ହସ୍ତୀ ☞ପୃଷ୍ଠା-୪

## ୧୪ ହାତୀ ଚଲାପଥ ପାଇଁ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ



# ଖୋଲିପାରେ ୬ଷ୍ଠରୁ ୮ମ

*ରାଜ୍ୟରେ ପ୍ରାଥମିକ ଶ୍ରେଣୀ ଖୋଲିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ରାଜ୍ୟ ସରକାରଙ୍କୁ ସୁପାରିସ କରିବେ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଅଫ୍‌ଲାଇନ ଶିକ୍ଷାଦାନ ବା ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ କରିବା ପାଇଁ କୁହାଯିବ। ବୁଧବାର ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏହି ସୂଚନା ଦେଇଛନ୍ତି।*

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ଶ୍ରେଣୀଗୃହରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠପଢ଼ା ପାଇଁ ଆମେ ସ୍ୱତନ୍ତ୍ର ରିଲିଫ କମିଶନର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତାବ ଦେଇଛୁ ବୋଲି ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି। ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ଆଣିବାକୁ ସୁପାରିସ କରାଯିବ। ମଙ୍ଗଳବାର ସବୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର,ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ କମିଶନଙ୍କ ଆଲୋଚନା ହୋଇଛି। ଶିଶୁମାନେ ଦୀର୍ଘଦିନ ହେଲା ଘରେ ମାନସିକ ଭାବେ ଚାପଗ୍ରସ୍ତ ରହିଛନ୍ତି। ବିଳମ୍ବରେ ହେଲେ ଶାରୀରିକ ବିକାଶରେ ମଧ୍ୟ ବାଧକ ହେବ ବୋଲି ଅନେକ ବିଶେଷଜ୍ଞ ମତ ଦେଇଛନ୍ତି। ତେଣୁ ଅଗ୍ରାଧିକାରଭିତ୍ତିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଖୋଲିବାକୁ ପରାମର୍ଶ ଦିଆଯିବ। ଦିନେ ଛଡ଼ା ଦିନେ ବା ଅଡ୍-ଇଭିନ ଫର୍ମୁଲା ବ୍ୟବହାର କରି ସ୍କୁଲ ଖୋଲିହେବ ବୋଲି ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ପ୍ରଧାନ କହିଛନ୍ତି। ☞ପୃଷ୍ଠା-୪

# ବି.ଭି. ନାଗରତ୍ନ ହୋଇପାରନ୍ତି ପ୍ରଥମ ମହିଳା ସିଜେଆଇ

*ସୁପ୍ରିମକୋର୍ଟର ବିଚାରପତି ନିଯୁକ୍ତି ପାଇଁ କଲେଜିୟମ୍ ପକ୍ଷରୁ ସୁପାରିସ କରାଯାଇଥିବା ୩ ମହିଳା ବିଚାରପତିଙ୍କ ମଧ୍ୟରେ କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ବି.ଭି. ନାଗରତ୍ନ ରହିଛନ୍ତି। ଯଦି ସେ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହୁଅନ୍ତି, ତେବେ ୨୦୨୭ ଫେବୃୟାରୀରେ ସେ ଦେଶର ପ୍ରଥମ ମହିଳା ପ୍ରଧାନ ବିଚାରପତି ହେବେ। ସେ ଏହି ପଦରେ ୨୦୨୭ ଅକ୍ଟୋବର ୨୯ ପର୍ଯ୍ୟନ୍ତ ୮ ମାସ ପାଇଁ ରହିବେ। ଜଷ୍ଟିସ୍ ନାଗରତ୍ନଙ୍କ ବାପା ଜଷ୍ଟିସ୍ ଇ.ଏସ୍. ଭେଙ୍କଟରମିଆ ୧୯୮୯ରେ କିଛିମାସ ପାଇଁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଥିଲେ।*

ନୂଆଦିଲ୍ଲୀ, ୧୮।୮

ସର୍ବୋଚ୍ଚ ଅଦାଲତରେ ଦୁଇବର୍ଷ ହେବ ବିଚାରପତି ନିଯୁକ୍ତି ନେଇ ଅଚଳାବସ୍ଥା ଲାଗିରହିଥିବାବେଳେ ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଅନ୍ୟ ୪



ବି.ଭି. ନାଗରତ୍ନ

**ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି ଲାଗି ୯ ଜଣଙ୍କ ନାମ ସୁପାରିସ**

ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ୍ ଉକ୍ତ ପଦବୀ ଲାଗି ୯ ଜଣଙ୍କ ନାମ ସୁପାରିସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ବିଚାରପତି ରହିଛନ୍ତି। ବୁଧବାର ଜଷ୍ଟିସ୍ ନବୀନ ସିହ୍ନା ଅବସର ଗ୍ରହଣ କରିବା ପରେ ସୁପ୍ରିମକୋର୍ଟରେ ୧୦ ବିଚାରପତି ପଦ ଖାଲି ରହିଛି। ୨୦୧୯ ସେପ୍ଟେମ୍ବର ପରେ ସର୍ବୋଚ୍ଚ ଅଦାଲତରେ କୌଣସି ☞ପୃଷ୍ଠା-୪

# ଆତଙ୍କରେ ଆଫଗାନ ମହିଳା

*୧୯୮୦ ଦଶକର ଆଫ୍‌ଗାନିସ୍ତାନ ଏବଂ ଏବେକାର ଆଫଗାନିସ୍ତାନ ମଧ୍ୟରେ ଆକାଶ ପାତାଳର ଫରକ। ୩୦-୪୦ ବର୍ଷ ତଳେ ଆଫଗାନ୍ ମହିଳାମାନେ ଥିଲେ ଖୁବ୍ ସ୍ୱାଧୀନଚେତା। ସେମାନେ ମୁକ୍ତ ଭାବେ ଜୀବନ ଜିଉଁଥିଲେ। ଫ୍ୟାଶନଠାରୁ ଆରମ୍ଭ କରି ଡାକ୍ତରୀ ବିଦ୍ୟା, ଇଞ୍ଜିନିୟରିଂ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଥିଲେ। ହେଲେ ତାଲିବାନୀ ଶାସକ ଗୋଷ୍ଠୀର ମହିଳାବିରୋଧୀ ମାନସିକତା ପାଇଁ ଏଥିରେ ଲାଗିଯାଇଛି ଅଙ୍କୁଶ। ଦ୍ୱିତୀୟ ଥର ପାଇଁ ତାଲିବାନ ଦେଶକୁ କବ୍‌ଜା କରିନେଇଥିବା ବେଳେ ଜଟିଳ ଶରିଆ ଆଇନ ଆଗରେ ମହିଳାବର୍ଗଙ୍କୁ ନେଇ ରହିଥିବା ଅଧିକାଂଶ ସମ୍ଭାବନା ଏକରକମ ଶେଷ ହୋଇଯାଇଛି।*



କାବୁଲ, ୧୮।୮

ଆର୍ଥିକ ଦୃଷ୍ଟିକୋଣରୁ ଅଫ୍‌ଗାନିସ୍ତାନ ଏକ ଗରିବ ରାଷ୍ଟ୍ର। ଆମେରିକା, ରୁଷିଆ ଦ୍ୱାରା ଯୁଦ୍ଧଭୂମିରେ ପରିଣତ ହେବା ପରେ ଏହାର ଆର୍ଥିକ ଅବସ୍ଥା ରସାତଳଗାମୀ ହୋଇଯାଇଛି। ଦୁଇଦଶନ୍ଧି ପରେ ଆମେରିକୀୟ ସୈନ୍ୟ ଅପସାରଣ ପରେ ତାଲିବାନୀ ଆତଙ୍କବାଦୀ ଗୋଷ୍ଠୀ ପୁଣି ଥରେ ଦଖଲ କରିଛନ୍ତି କ୍ଷମତା। ଏଥିସହ ଦେଶକୁ ଫେରିଛି ଶରିଆ ଆଇନ ଏବଂ ବୁର୍ଖା ପରମ୍ପରା। ଆତଙ୍କବାଦୀଙ୍କ ବର୍ବରତାକୁ ଅଙ୍ଗେ ନିଭାଇଥିବା ଲକ୍ଷାଧିକ ଆଫ୍‌ଗାନ ଜୀବନ ବିକଳରେ ଗଣପଳାୟନ ଆରମ୍ଭ କରିସାରିଥିବାବେଳେ ପୁଣି ଥରେ ବିପନ୍ନ ହୋଇପଡ଼ିଛି ମହିଳାଙ୍କ ସୁରକ୍ଷା, ସ୍ୱାଧୀନତା।

୧୯୨୧ରେ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ପାଇଥିଲା ଆଫ୍‌ଗାନିସ୍ତାନ। ଦେଶର ଚିନ୍ତାଶୀଳ ବ୍ୟକ୍ତି ଅମୀର ଅମାନୁଲ୍ଲା ଖାନ୍ ନାରୀଶିକ୍ଷାକୁ ଅଗ୍ରାଧିକାର ଦେବା ଲାଗି ଗୁରୁତ୍ୱାରୋପ କରିଥିଲେ। ମହିଳାଙ୍କୁ ଆଗକୁ ଆଣିବା ଲାଗି ପ୍ରୟାସ ମଧ୍ୟ ଆରମ୍ଭ କରିଥିଲେ। ଏଭଳି ପଦକ୍ଷେପକୁ ସେତେବେଳେ ଭରପୂର ସ୍ୱାଗତ କରାଯାଇଥିଲା। ୧୯୬୨ ବେଳକୁ କାବୁଲରେ ମେଡିକାଲ କଲେଜ ଆରମ୍ଭ ହୋଇସାରିଥିଲା। ସେଠାରେ ମହିଳା ଡାକ୍ତର, ନର୍ସ ଆତ୍ମବିଶ୍ୱାସର ସହ କାମ କରୁଥିଲେ। ୬୦ ଦଶକରେ ଆଫ୍‌ଗାନିସ୍ତାନରେ ଡାକ୍ତର, ଇଞ୍ଜିନିୟର ହେବା ଲାଗି ପ୍ରତିଯୋଗିତା ହେଉଥିଲା। ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଚାକିରି ମଧ୍ୟ କରୁଥିଲେ। ନିଜର ଯୋଗ୍ୟତା ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ଛାପ ଛାଡ଼ିଥିଲେ। ବିଶେଷକରି ମହିଳାମାନେ ଆତ୍ମନିର୍ଭରଶୀଳ ହେବା ଲାଗି ବ୍ୟକ୍ତିଗତ ଉଦ୍ୟମ କରୁଥିଲେ। ଏହି ସମୟରେ ଏକାକୀ ବିମାନରେ ☞ପୃଷ୍ଠା-୪

## ଫେରୁଛି ଶରିଆ ଆଇନ, ସବୁ ସମ୍ଭାବନା ଶେଷ

ଆଫ୍‌ଗାନିସ୍ତାନରେ ଆରମ୍ଭ ହୋଇଛି ତାଲିବାନ୍ ଶାସନ ୨.୦। ଏଥିସହ ଫେରିଛି ଶରିଆ ଆଇନ ଏବଂ ପୁରୁଣା ଦିନର ଯନ୍ତ୍ରଣା। ଦିନ କେଇଟା ଭିତରେ ବଦଳିଯାଇଛି ଦେଶର ଚିତ୍ର। ନିଜ ପସନ୍ଦର ପୋଷାକ ପିନ୍ଧି ସହର ଗଳିରେ ବୁଲୁଥିବା ମହିଳା ଏବଂ ଯୁବତୀ ନିଜକୁ ଏକଦ କରିବା ଆରମ୍ଭ କଲେଣି ବୁର୍ଖା ଭିତରେ। ଅନ୍ୟପଟେ ବର୍ବର ଆତଙ୍କବାଦୀଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ଶପଥ ନେଇଥିବା ମହିଳା ଗୋଷ୍ଠୀ ନିଜକୁ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନ ରଖି ରାସ୍ତାକୁ ଆସିଛନ୍ତି। କାବୁଲ ରାସ୍ତାରେ ଖୋଲାଖୋଲି ଦେଖିବାକୁ ମିଳୁଛି ତାଲିବାନ ବିରୋଧୀ ବିକ୍ଷୋଭ। ବୁର୍ଖା ପିନ୍ଧି କେତେଜଣ ମହିଳା ଖବରଦାତା ରିପୋର୍ଟିଂ ମଧ୍ୟ କରୁଛନ୍ତି। ତାଲିବାନ ସର୍ବକ୍ଷମା ଘୋଷଣା କରି ମହିଳାଙ୍କୁ ଚାକିରିକୁ ଫେରିବା ପାଇଁ ଅପିଲ କରିଛି। ସେହିପରି ଝିଅଙ୍କ ସ୍କୁଲ ଶିକ୍ଷାରେ ବାଧକ ସାଜିବ ନାହିଁ ବୋଲି ମଧ୍ୟ ଘୋଷଣା କରିଛି। ହେଲେ ଆତଙ୍କବାଦୀଙ୍କ ଏହି ପରିବର୍ତ୍ତିତ ରୂପକୁ ବିଶ୍ୱାସ କରିପାରୁନାହାନ୍ତି ଆଫ୍‌ଗାନ ମହିଳା। ସମସ୍ତଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ ବିଦେଶୀ ସୈନ୍ୟ ଫେରିଯିବା ପରେ ସେମାନେ କ'ଣ ପୂର୍ବ ସ୍ୱାଧୀନତା ଉପଭୋଗ କରିପାରିବେ?

# ବିଶ୍ୱ ଫଟୋଗ୍ରାଫି ଦିବସ

## ଛବି କହେ କଥା



ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ କଟକ ନରାଜ ନିକଟରେ ଲୋକମାନେ ମାଛ ମାରୁଥିବା ଦୃଶ୍ୟ। (ଫଟୋ: ବିକାଶ)




ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ କାର୍ଯ୍ୟାଳୟକୁ ସାନିଟାଇଜ୍ କରାଯାଉଛି। (ଫଟୋ: ବିକାଶ)



ନନ୍ଦନକାନନ ପ୍ରତିଷ୍ଠା ଦିବସରେ ମିଳନରତ ଚିତା ବାଘ। (ଫଟୋ: ବିକାଶ)



ଅସହ୍ୟ ଖରାରେ ଗାଧୁଆର ମଜା। ( ଫଟୋ: ରାଜକିଶୋର)



ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ ଗଛରେ କ୍ରୀଡ଼ାରତ ବଗ । (ଫଟୋ: ମୌସମ୍)

ଅଗଷ୍ଟ ୧୯ ବିଶ୍ୱ ଫଟୋଗ୍ରାଫି ଦିବସ। ଏହି ଦିବସ ସେହିମାନଙ୍କ ପାଇଁ ସମର୍ପିତ ଯେଉଁମାନେ କିଛି ସ୍ୱତନ୍ତ୍ର ମୁହୂର୍ତ୍ତକୁ କ୍ୟାମେରାରେ ଉତ୍ତୋଳନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଏହି କଳା ପ୍ରତି ଆଗ୍ରହ ରଖିଥିବା ଏବଂ ତାହାକୁ କ୍ୟାରିୟର ଭାବେ ଗଢ଼ି ତୋଳିବାକୁ ନିରନ୍ତର ଉଦ୍ୟମ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସହାୟକ ହେବା ଚଳିତ ବର୍ଷର ବାର୍ତ୍ତା ରହିଛି । ଧରିତ୍ରୀ ଫଟୋଜର୍ନାଲିଷ୍ଟଙ୍କ ଦ୍ୱାରା ଗତ ଏକ ବର୍ଷ ମଧ୍ୟରେ ଉତ୍ତୋଳିତ ହୋଇଥିବା କେତେକ ଫଟୋକୁ ଏଠାରେ ସ୍ଥାନିତ କରାଯାଇଛି।



ପୁରୀ ଶ୍ରୀମନ୍ଦିର ଆକାଶରେ କଳା ବାଦଲର ଆସ୍ତରଣ। (ଫଟୋ: ଯଜ୍ଞେଶ୍ୱର)



ଅନୁଗୋଳ ସହରରେ ଲକ୍‌ଡାଉନ ଖୋଲିବା ପରେ ଜୀବିକାର ଦୃଶ୍ୟ। (ଫଟୋ- ବୁବୁ)



ରାଜଧାନୀ ରାସ୍ତା ପାର୍ଶ୍ୱ ପାଚେରିରେ କରୋନା ସଚେତନତାର ବାର୍ତ୍ତା। (ଫଟୋ: ମୌସମ୍)



ଖରାରୁ ସୁରକ୍ଷା ଦେବାକୁ ପିଲାକୁ ଗାମୁଛାରେ ଘୋଡ଼ାଇ ଦେଉଛନ୍ତି ଜଣେ ବାପା। (ଫଟୋ: ବିକାଶ )



ଧଉଳିରେ ସୂର୍ଯ୍ୟାସ୍ତ। (ଫଟୋ: ବିକାଶ)



ଭୁବନେଶ୍ୱର ଉପକଣ୍ଠରେ ଜଳକ୍ରୀଡ଼ାରତ ମା' ହାତୀ ଓ ଛୁଆ। (ଫଟୋ- ମୌସମ୍)



ଲକ୍‌ଡାଉନ ସମୟରେ ଜଣେ ଅମାନିଆଙ୍କୁ ଟ୍ରାଫିକ୍ ପୋଲିସ ଗୋଡ଼ାଇ ଧରିବାକୁ ଉଦ୍ୟମରତ। (ଫଟୋ: ମନୋରଞ୍ଜନ)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୯୭,୧୮,୯୯୦ | ୪୪,୦୦,୩୧୪ | ୧୮,୭୯,୭୭,୮୮୧ |
| ଭାରତ | ୩,୨୨,୯୫,୨୨୪ | ୪,୩୨,୮୩୪ | ୩,୧୪,୯୨,୨୮୫ |
| ଓଡ଼ିଶା | ୯,୯୭,୧୪୬ | ୭୦୮୬(+୫୩) | ୯,୮୧,୩୧୬ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଡାକ୍ତର, ତହସିଲଦାରଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା

## ଏସିଏଫ୍ ସୌମ୍ୟ ମୃତ୍ୟୁ ଘଟଣା

### ତଦନ୍ତ ପରିସରଭୁକ୍ତ ହେବେ ଥାନାଧିକାରୀ

**ପାରଳାଖେମୁଣ୍ଡି,୧୮।୮(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଜାରି ରହିଛି। ଘଟଣା ସହ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ୩ଦିନ ହେଲା ଜେରା ଚାଲିଛି। ବୁଧବାର ପ୍ରଥମେ ସୌମ୍ୟଙ୍କୁ ଚିକିତ୍ସା କରିଥିବା ୩ ଡାକ୍ତର ଓ ପରେ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ସୌମ୍ୟଙ୍କ ଜମାନବନ୍ଦୀ ନେଇଥିବା ପାରଳାଖେମୁଣ୍ଡି ତହସିଲଦାର ଜେରାର ସମ୍ମୁଖୀନ ହୋଇଛନ୍ତି। ଜିଲା ଚିକିତ୍ସା ଅଧିକାରୀ (ଡିଏମ୍‌ଓ) ପ୍ରମୋଦ କୁମାର ପଣ୍ଡା, ଡା. କିଶୋର ଚନ୍ଦ୍ର ବେହେରା ଓ ଡା. ଅଭିଳାଷ ପଣ୍ଡାଙ୍କୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଥିବା ବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅଚ୍ୟୁତାନନ୍ଦ ଜାନିଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପଚରାଉଚରା କରିଥିଲା। ଘଟଣାରେ ସମ୍ପୃକ୍ତ ଓ ଅଭିଯୋଗ ଆସିଥିବା ସମସ୍ତଙ୍କୁ ଜେରା କରାଯିବ। ଆବଶ୍ୟକ ପଡ଼ିଲେ ପାରଳାଖେମୁଣ୍ଡି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ମଧ୍ୟ ଜେରା କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଥାନା ଅଧିକାରୀ ସ୍ୱାଇଁ ହେଉଛନ୍ତି ସୌମ୍ୟ ମୃତ୍ୟୁ ମାମଲାର ପୂର୍ବତନ ତଦନ୍ତକାରୀ ଅଧିକାରୀ। ମାସେରୁ ଊର୍ଦ୍ଧ୍ୱ ହେବ ପୋଲିସ ସୌମ୍ୟ ମୃତ୍ୟୁ ଘଟଣାର ରହସ୍ୟ ଖୋଲି ପାରି ନ ଥିବାରୁ କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଛି।

ସୌମ୍ୟଙ୍କ ଚିକିତ୍ସାରେ ଅବହେଳା ହୋଇଥିଲା କି, ମୃତ୍ୟୁକାଳୀନ ଜମାନବନ୍ଦୀ କେଉଁ ପରିସ୍ଥିତିରେ ନିଆଯାଇଛି ସେହି ଆଧାରରେ ଡାକ୍ତରଙ୍କୁ ଜେରା କରିଥିଲା କ୍ରାଇମବ୍ରାଞ୍ଚ। ସିଡିଏମ୍‌ଓ ଅଫିସ୍‌ରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିବା ବେଳେ ଡିଏମ୍‌ଓଙ୍କ ସମେତ ୩ ଡାକ୍ତର ଆସିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଡାକ୍ତର ବେହେରା ଓ ପଣ୍ଡାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଦୀର୍ଘ ୪ ଘଣ୍ଟା ଧରି ଜେରା କରିଥିଲା। ପୋଡ଼ି ହୋଇ ଗୁରୁତର ସୌମ୍ୟଙ୍କୁ ଅଚେତ ଅବସ୍ଥାରେ ମେଡିକାଲକୁ ଅଣାଯାଇଥିଲା। କିଛି ସମୟ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ସ୍ଥିତିକୁ ଆଣି ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲୁ। ସେ ସମୟରେ ଚେତା ଫେରିଥିବା ବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏସିଏଫ୍‌ଙ୍କ ଜମାନବନ୍ଦୀ ରେକର୍ଡ କରାଯାଇଥିବା ଡା. ବେହେରା କହିଛନ୍ତି। ଅପରାହ୍ନରେ କ୍ରାଇମବ୍ରାଞ୍ଚ ଟିମ୍ ପାରଳାଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାର ଜାନୀଙ୍କୁ ଜେରା କରିଥିଲା। କେଉଁ ପରିସ୍ଥିତିରେ ସୌମ୍ୟଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରାଗଲା, କାହା ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ସେଠାକୁ ଯାଇଥିଲେ, ସେ ସମୟରେ ଅନ୍ୟ କେଉଁମାନେ ଉପସ୍ଥିତ ଥିଲେ ସେସବୁ ବିଷୟରେ ତହସିଲଦାରଙ୍କୁ ପଚରାଯାଇଛି।

ସୂଚନାଯୋଗ୍ୟ, ଦୀର୍ଘ ମାସେରୁ ଊର୍ଦ୍ଧ୍ୱ ପରେ ବି ସୌମ୍ୟ ମୃତ୍ୟୁ ମାମଲାରୁ ରହସ୍ୟ ଖୋଲିନି। ପୋଲିସ ତଦନ୍ତ କରିବା ସମୟରେ ଡାକ୍ତରଙ୍କୁ ତଦନ୍ତ ପରିସରଭୁକ୍ତ କରି ନ ଥିଲା। ଏପରିକି ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରାଯିବା ବେଳେ ପୋଲିସ ଉପସ୍ଥିତ ନ ଥିଲା କି ଏହାର ଭିଡିଓ ମଧ୍ୟ କରାଯାଇନି। ଅନ୍ୟପକ୍ଷରେ ଏସିଏଫ୍ ପୋଡ଼ି ହେବା ସମୟରେ ଡିଏଫ୍‌ଓଙ୍କ କ୍ୱାର୍ଟର୍ସରେ ଗଜପତି ଜିଲାପାଳ ଥିଲେ ବୋଲି ମଙ୍ଗଳବାର ମୁଖ୍ୟଫାଟକ ଜଗୁଆଳି ସନ୍ତୋଷ କୁମାର ବିଶ୍ୱାଳ କହିଥିଲେ। ଆବଶ୍ୟକ ପଡ଼ିଲେ ଜିଲାପାଳଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚ କହିଥିବାରୁ ସସ୍‌ପେନ୍ସ ବଢ଼ିବାରେ ଲାଗିଛି।



ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କୁ ପଚରାଉଚରା କରୁଛି କ୍ରାଇମ୍‌ବ୍ରାଞ୍ଚ ଟିମ୍।

## 'ଜିଲାପାଳଙ୍କୁ ଜେରା କରାଯାଉ'

**ଖଇରା,୧୮।୮(ଡି.ଏନ୍.ଏ.)**

ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ବିଭିନ୍ନ ଲୋକଙ୍କୁ ମାରାଥନ ଜେରା ଚଳାଇଛି। ତେବେ କାହାରିକୁ ଗିରଫ କରାଯାଉ ନ ଥିବାରୁ ସୌମ୍ୟଙ୍କ ପରିବାର ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜୁଲାଇ ୧୨ ରାତିରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଉପସ୍ଥିତିରେ ସୌମ୍ୟ ହତ୍ୟା ଘଟଣାର ଷଡଯନ୍ତ୍ର ହୋଇଥିବା ଏବଂ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ସ୍ତ୍ରୀ ବିଦ୍ୟାଭାରତୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହଯୋଗରେ ହତ୍ୟା କରାଯାଇଥିବା ନେଇ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର କହିଛନ୍ତି। ଏଣୁ ଜିଲାପାଳଙ୍କୁ ମଧ୍ୟ ଜେରା କରାଯାଉ ବୋଲି ସେ ଦାବି କରିଛନ୍ତି। ଏଥିସହ ବିଦ୍ୟାଭାରତୀ ଓ ଡିଏଫ୍‌ଓଙ୍କ ପଲିଗ୍ରାଫି ଟେଷ୍ଟ କରାଗଲେ ବହୁତ ତଥ୍ୟ ଉନ୍ମୋଚନ ହୋଇପାରନ୍ତା। ପ୍ରଥମରୁ ଡିଏଫ୍‌ଓଙ୍କ ନିଲମ୍ବନ, ବିଦ୍ୟାଭାରତୀ, ରୋଷେୟା ଓ ଗୁରାଣ୍ଡି ଥାନା ଓଆଇସିଙ୍କୁ ଗିରଫ ପାଇଁ ସୌମ୍ୟଙ୍କ ପରିବାର ଲୋକେ ଦାବି କରୁଥିଲେ ହେଁ ସେମାନଙ୍କୁ ଘଣ୍ଟ ଘୋଡ଼ାଯିବା ପଛରେ ଉଦ୍ଦେଶ୍ୟ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଟିକା ନେଇ ୩୧,୭୧୨ ସଂକ୍ରମିତ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ଟିକା ନେବା ପରେ ବି ସଂକ୍ରମଣ ହେଉଛି। ରାଜ୍ୟରେ ଟିକା ନେଇଥିବା ୩୧,୭୧୨ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ପ୍ରଥମ ଡୋଜ୍‌ନେଇଥିବା ୧୭,୮୨୪ଜଣ ଓ ଦ୍ୱିତୀୟ ଡୋଜ୍ ଟିକା ନେବା ପରେ ୧୩,୮୮୮ଜଣ ସଂକ୍ରମିତ ହୋଇଛନ୍ତି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି।

ଅନ୍ୟପଟେ ରାଜ୍ୟରେ ଟିକାକରଣ ଆଉଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ବୁଧବାର ସୁଦ୍ଧା କୋଭିଡ୍ ଟିକାର ମୋଟ ୨କୋଟି ୨୧ହଜାର ୮୧୪ ଡୋଜ୍ ଦିଆଯାଇଛି। ଏଥିରୁ ୧ କୋଟି ୫୩ ଲକ୍ଷ ୮୭ ହଜାର ୫୭୨ ପ୍ରଥମ ଡୋଜ୍ ଓ ୪୬ଲକ୍ଷ ୩୪ହଜାର ୨୪୨ଟି ଦ୍ୱିତୀୟ ଡୋଜ୍ ଦିଆଯାଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛି। ଦେଶରେ ଉତ୍ତରପ୍ରଦେଶରେ ସର୍ବାଧିକ ୬,୦୭,୧୫, ୫୧୦ ଡୋଜ୍ ଟିକାକରଣ ହୋଇଥିବାବେଳେ ଓଡ଼ିଶା ୨,୦୦,୨୧,୮୧୪ ସହ ୧୨ ନମ୍ବର ସ୍ଥାନରେ ରହିଛି।

# ଆଜି ଓଡ଼ିଶା ଆସୁଛନ୍ତି ୨ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ):** ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କେନ୍ଦ୍ରମନ୍ତ୍ରୀ ଦେଶର ପ୍ରାୟ ୨୧୨ ସଂସଦୀୟ କ୍ଷେତ୍ରକୁ ଯାଇ ଜନ ଆଶୀର୍ବାଦ ଲୋଡ଼ିବେ। ଜନ ଆଶୀର୍ବାଦ ଯାତ୍ରା ୧୪୨ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣଙ୍କୁ ଅବଗତ ମଧ୍ୟ କରିବା କାର୍ଯ୍ୟକ୍ରମ ରହିଛି। ଜନ ଆଶୀର୍ବାଦ ଯାତ୍ରା ଅବସରରେ ଓଡ଼ିଶାକୁ ୨ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ଗୁରୁବାର ୩ ଦିନିଆ ଗସ୍ତରେ ଆସୁଛନ୍ତି। ୧୯ ତାରିଖ ସକାଳେ ଉଭୟ ମନ୍ତ୍ରୀ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ପୁରୀ ଗସ୍ତ କରି ଜଗନ୍ନାଥଙ୍କୁ ଦର୍ଶନ କରିବେ। ଏହା ପରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଯୋଗଦେବେ। ଅଶ୍ୱିନୀ ବୈଷ୍ଣବ ସନ୍ଧ୍ୟାରେ ରେଳ ଯୋଗେ ରାୟଗଡ଼ା ଗସ୍ତ କରିବେ। ୨୦ରେ କୋରାପୁଟ ଗସ୍ତକରି ସେଠାରେ ରାତ୍ରିଯାପନ କରିବେ। ୨୧ରେ ଜୟପୁର, ନବରଙ୍ଗପୁର ଗସ୍ତକରି ଭବାନୀପାଟଣାରେ ରାତ୍ରିଯାପନ କରିବେ। ୨୨ରେ ବୈଷ୍ଣବ କେସିଙ୍ଗା, ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼ ଦେଇ ବଲାଙ୍ଗୀରଠାରେ ପହଞ୍ଚିବେ। ୨୨ ସନ୍ଧ୍ୟାରେ ସେ ବଲାଙ୍ଗୀରରୁ ଭୁବନେଶ୍ୱର ଫେରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଧର୍ମେନ୍ଦ୍ର ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଜିଲାର ବିଭିନ୍ନ ସ୍ଥାନ ଗସ୍ତ କରିବେ।

# ଆତ୍ମଜୀବନୀ ପ୍ରକାଶ ନ କରିବାକୁ ଅନ୍ତରୀଣ ନିର୍ଦ୍ଦେଶ

## ବ୍ୟାସକବି ଫକୀରମୋହନଙ୍କ ପାଣ୍ଡୁଲିପି ଛପା ମାମଲା

**କଟକ ଅଫିସ,୧୮।୮**

କଟକ ବାଣିଜ୍ୟିକ ଅଦାଲତରେ ମଙ୍ଗଳବାର ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପାଣ୍ଡୁଲିପି ଛପା ମାମଲାର ଶୁଣାଣି ହୋଇଥିଲା। ଅଦାଲତର ସିନିୟର ସିଭିଲ ଜଜ୍ ବୁଧବାର ଏହାର ଶୁଣାଣି କରିଥିଲେ। ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଫକୀର ମୋହନଙ୍କ ଆତ୍ମଜୀବନୀ ପୁସ୍ତକ 'ମୋ ଜୀବନୀ' ପ୍ରକାଶ ନ କରିବାକୁ ପ୍ରତିପକ୍ଷଙ୍କୁ କୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଡ. ମୀନାକ୍ଷୀ ଦତ୍ତ ପିଟିଶନରେ ଦର୍ଶାଇଛନ୍ତି, ସେ ସ୍ୱର୍ଗତ ଫକୀର ମୋହନଙ୍କ ଅଣ ନାତୁଣୀ ଓ ଜନ୍ମବେଳୁ ତାଙ୍କ ଘରେ ରହିଆସୁଥିଲେ। ତେଣୁ ଫକୀର ମୋହନଙ୍କ ଲିଖିତ ସମସ୍ତ ଅସଲି ପାଣ୍ଡୁଲିପିର ସେ ହେଉଛନ୍ତି ସ୍ୱତ୍ୱାଧିକାରୀ। ସେ ଫକୀର ମୋହନଙ୍କ ଜୀବନୀ ସମ୍ପର୍କିତ ତଥ୍ୟକୁ ଡିଜିଟାଲାଇଜେଶନ କରିବା ସହ ଜଣେ ପ୍ରକାଶକ ଯୋଗାଡ଼ କରିବାକୁ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ କହିଥିଲେ। କିନ୍ତୁ ତାଙ୍କ ବିନା ଅନୁମତିରେ ପଟ୍ଟନାୟକ ବ୍ୟାସକବିଙ୍କ ଆତ୍ମଜୀବନୀ ବହି ମାଧ୍ୟମରେ ପ୍ରକାଶ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପରେ ସେ ଏହାକୁ ଚ୍ୟାଲେଞ୍ଜ କରି ଏକ ପିଟିଶନ କୋର୍ଟରେ ଦାଏର କରିଥିଲେ। ଗତ ୧୩ରେ ଏହି ମାମଲାର ଶୁଣାଣିବେଳେ ଉଭୟ ପକ୍ଷ ମତ ରଖିଥିଲେ। ପରେ ଗତ ୧୭ରେ ଏହାର ଶୁଣାଣିବେଳେ କୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ଏହି ମାମଲା ପରିଚାଳନା କରୁଛନ୍ତି।

# ଜୁଲାଇ ସୁଦ୍ଧା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ

## ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ସମୀକ୍ଷା

**ଭୁବନେଶ୍ୱର(ବ୍ୟୁରୋ)/ ରାଉରକେଲା ଅଫିସ୍, ୧୮।୮**

ରାଉରକେଲା ବିପିୟୁଟି କ୍ୟାମ୍ପସ ପରିସରରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ୨୦୨୨ ଜୁଲାଇ ସୁଦ୍ଧା ଶେଷ ହେବ। ଷ୍ଟାଡିୟମ୍ ପୂର୍ଣ୍ଣାଙ୍ଗ ରୂପ ନେଲେ ଫୁଟ୍‌ବଲ ସମେତ ଅନ୍ୟ ଆଥଲେଟିକ୍ସ କ୍ରୀଡ଼ାକୁ ନୂଆ ଦିଗ ମିଳିବ। ସେଠାରେ ୪୦୦ ମିଟର ବିଶିଷ୍ଟ ଆଥଲେଟିକ୍ ଟ୍ରାକ୍ ତିଆରି ହେଉଛି। ସେହିପରି ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏସବୁକୁ ବାଦ୍‌ଦେଲେ ସ୍ମାର୍ଟ ସିଟି ଅଧୀନରେ ଅନେକ ପ୍ରକଳ୍ପ କାମ ଚାଲିଛି। ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ରାଉରକେଲାରେ ଜାରି ରହିଥିବା ବିକାଶମୂଳକ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ, ୫–ଟି ସଚିବ ଭି.କେ. ପାଣ୍ଡିଆନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ କ୍ରୀଡ଼ା ସଚିବ ଆର୍. ଭିନିଲ୍ କ୍ରିଷ୍ଣା ବୁଧବାର ରାଉରକେଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ସଚିବସ୍ତରୀୟ ଉଚ୍ଚ ପ୍ରତିନିଧି ଦଳ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସାଇନ୍ସ ପାର୍କ ଏବଂ ପ୍ଲାନେଟୋରିୟମ୍ କାର୍ଯ୍ୟ ବୁଲି ଦେଖିଛନ୍ତି। ଏଥିସହ ସହରାଞ୍ଚଳର ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ ତିଆରି ହେଉଥିବା ବାସୋପଯୋଗୀ ପ୍ରକଳ୍ପସ୍ଥଳ ଅନୁଧ୍ୟାନ କରିଛନ୍ତି।

ପ୍ରକଳ୍ପ ପରିଦର୍ଶନ ପରେ ଅଧିକାରୀମାନେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ଏବଂ ଅନ୍ୟ ଅଧିକାରୀଙ୍କ ସହ ବିମାନବନ୍ଦରରେ ସମୀକ୍ଷା କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ସେଠାରେ ଟର୍ମିନାଲ ବିଲ୍ଡିଂ ନିର୍ମାଣ କରାଯିବ। ୨୦୨୨ ମେ' ସୁଦ୍ଧା ଏହା ଶେଷ ହେବ। ଛେଣ୍ଡଠାରେ ୮ ଏକର ଜମିରେ ନିର୍ମାଣାଧୀନ ସାଇନ୍ସ ପାର୍କ ଏବଂ ପ୍ଲାନେଟୋରିୟମ କାର୍ଯ୍ୟ ଆସନ୍ତା ଜୁନ୍ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ରାଉରକେଲାର କୋଭିଡ୍ ସ୍ଥିତି ବିଷୟରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ସ୍ଥାନୀୟ ଜେ.ପି. ହସ୍ପିଟାଲ ସରକାରୀ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ ଅଛି। ସୁନ୍ଦରଗଡ଼ରେ ଏନ୍‌ଟିପିସି କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀସେବା ପାଇଁ ପ୍ରସ୍ତୁତ ରହିଛି। ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ପ୍ରଶାସନ ପ୍ରସ୍ତୁତ ଅଛି। ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସମେତ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆୟୋଜନ କରାଯିବ। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏକାସଙ୍ଗରେ ୨୦ ହଜାର ଦର୍ଶକ ବସି ଖେଳ ଉପଭୋଗ କରିପାରିବେ। କ୍ରୀଡ଼ାର ବିକାଶ ଲାଗି ସହରରେ ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ଭିତ୍ତିଭୂମି ଆଗାମୀ ଦିନରେ ରାଉରକେଲାକୁ ଦେଶର ପ୍ରମୁଖ କ୍ରୀଡ଼ା ହବ୍ ଭାବେ ପରିଚିତ କରାଇବ। ପାନପୋଷଠାରେ ବ୍ୟାଡ୍‌ମିଣ୍ଟନ ଏବଂ ଲନ୍ ଟେନିସ୍ ଖେଳର ପ୍ରସାର ପାଇଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ତିଆରି ହେଉଛି। ଏଠାରେ ୩ ଇନ୍‌ଡୋର ବ୍ୟାଡମିଣ୍ଟନ କୋର୍ଟ ସହିତ ଆଉଟଡୋର ଲନ୍ ଟେନିସ୍ କୋର୍ଟ ମଧ୍ୟ ରହିଛି। ଖେଳାଳିଙ୍କ ଫିଟ୍‌ନେସ୍ ପାଇଁ ଜିମ୍ ବ୍ୟବସ୍ଥା କରାଯାଉଛି।

ସହରାଞ୍ଚଳର ଗରିବ ବସ୍ତି ବାସିନ୍ଦାଙ୍କୁ ବାସୋପଯୋଗୀ ଘର ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ। ରାଉରକେଲାରେ ଅତି ସ୍ୱଳ୍ପ ମୂଲ୍ୟରେ ଘର ଯୋଗାଇ ଦେବାକୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ଛେଣ୍ଡଠାରେ ପ୍ରାୟ ୫ ଏକର ଜମିରେ ଚାଲିଥିବା ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଏଭଳି ୫ ପ୍ରକଳ୍ପ କରାଯାଉଛି।



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନକଲ୍ୟାଣ ବିର୍ସା ହକି ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଘ୍ନେଶ (ମାହି)
ପରିବାରବର୍ଗ


ମୋନାଲିସା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ହାତୀ ସୁରକ୍ଷାକୁ ...

ସୁରକ୍ଷା ଦଳ ଉପରେ କାର୍ଯ୍ୟ କରାଯାଇଛି। ଏଥପାଇଁ ୧୨୨ ଜଣ ଗଜବନ୍ଧୁମାନଙ୍କୁ ନିୟୋଜିତ କରାଯାଇଛି। ହେଲେ ପୂର୍ବରୁ ଯୋଜନା ଅନୁଯାୟୀ ଆବଣ୍ଟିତ ଅନୁଦାନ ଠିକ୍ ଭାବେ ଖର୍ଚ୍ଚ ହେଉ ନ ଥିବାରୁ ହାତୀ ମୃତ୍ୟୁ ଓ ଉପଦ୍ରବ ସଂଖ୍ୟା କମିବାର ନାଁ ଧରୁ ନାହିଁ ବୋଲି ଏନ୍‌ଜିଟିରେ ଆବେଦନକାରୀ ଦର୍ଶାଇଥିଲେ। ଏହାବାଦ୍ ଗତ ୧୬।୯।୨୦୨୦ରେ ଆବେଦନକାରୀ ଏକ ସତ୍ୟପାଠରେ ୧୪ ହାତୀ ଚଳାପଥ ମଧ୍ୟରୁ ୯ଟି କାମକୁ ନୁହେଁ ବୋଲି ଦର୍ଶାଇଥିଲେ। ପରିବେଶ ସୁରକ୍ଷା ଆଇନ-୧୯୮୬ ଅନୁଯାୟୀ ଏଯାଏ ହାତୀ ଚଲାପଥ ଉପରେ ବିଜ୍ଞପ୍ତି ଜାରି କରାଯାଇ ପାରିନାହିଁ ବୋଲି ଆବେଦନକାରୀ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଗଲେ ଜୈବ ବିବିଧତା ଧ୍ୱଂସ ମୁଖରୁ ରକ୍ଷା ପାଇ ପାରିବ । ନ ହେଲେ ଆଗାମୀ ଦିନରେ ହାତୀ କେବଳ ପ୍ରତିଛବିରେ ଦେଖିବାକୁ ମିଳିବ ବୋଲି ପରିବେଶପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣି ଚଲଣା**
**ତୋ' ଲାଗି ମୋ ଘରେ**
**ନିତି ବୋଲଣା।**

ପ୍ରେମୀ ଯୁଗଳ ପାଇଁ ଏ ସମାଜ ସେତେଟା ସହଜ ହୋଇ ନ ଥାଏ। ଉଚ୍ଚ, ନୀଚ, ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ପରି ଦଣ୍ଡାୟମାନ ହୋଇ ରହିଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇଥାଏ। ମନର ମଣିଷକୁ ଆପଣାର କରିବାକୁ ଯାଇ ଚାରିଆଡ଼େ ଚର୍ଚ୍ଚା ଓ ବଦନାମ। ଫଳସ୍ୱରୂପ ଘରର ଗୁରୁଜନମାନଙ୍କଠାରୁ ମାଡ଼ଗାଳି, ଭର୍ତ୍ସନା ଆଦି ଶୁଣି ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ପ୍ରେମୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କିଛି କହେ ନାହିଁ ସରମରେ**
**ପଦିଏ ପଦିଏ, କହି ଦେଉଥାଏ**
**ବାଜି ଯାଉଥାଏ ମରମରେ ।**

ଉପରକୁ ଲାଜ ସରମର ଦ୍ୱାହି ଦେଇ କେତେକ ବ୍ୟକ୍ତି ମୁହଁ ଉପରେ କିଛି କହିବାକୁ ଇଚ୍ଛା କରି ନ ଥାନ୍ତି। ପରନ୍ତୁ ବେଳ ପଡ଼ିଲେ ଏମିତି କଥା କହିଦିଅନ୍ତି ଯେ ମରମକୁ ଖୁବ୍ ବାଧିଥାଏ, ଅନ୍ତର ଜଳି ପୋଡି ପାଉଁଶ ହୋଇଯାଇଥାଏ। ନୂଆ ଭୁଆଶୁଣୀ ର ମର୍ମହଣା କଥା ଶୁଣି ବ୍ୟତିବ୍ୟସ୍ତ ହୋଇପଡିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

**ପ୍ରଥମ ପୃଷ୍ଠାରୁ...**

## ପିଲାଙ୍କୁ ସଂକ୍ରମଣ ...

ଓ ୧୦ରୁ ୧୮ ବର୍ଷର ୮ରୁ ୮.୫% ପିଲା ପଜିଟିଭ ଚିହ୍ନଟ ହେଉଥିଲେ। ଦ୍ୱିତୀୟ ଲହରରେ ଡେଲ୍‌ଟା ପ୍ରଭାବ ସତ୍ତ୍ୱେ ପିଲାଙ୍କ ସଂକ୍ରମଣ ହାର ପ୍ରାୟ ୧୨% ରହିଛି। ପିଲାମାନେ ପ୍ରାୟତଃ ଗୁରୁତର ହୁଅନ୍ତି ନାହିଁ। ତେଣୁ ଡାକ୍ତରଖାନା ଯିବା ପିଲାଙ୍କ ସଂଖ୍ୟା ବହୁତ କମ୍। ଆଇସିୟୁ ଯିବା ପିଲାଙ୍କ ସଂଖ୍ୟା ମଧ୍ୟ ଢେର କମ୍। ଆକଳନ ଅନୁସାରେ ଯେତିକି ପିଲା ସଂକ୍ରମିତ ହେବେ, ସେଥିରୁ ୫ରୁ ୬% ଡାକ୍ତରଖାନା ଯିବେ ବୋଲି କେନ୍ଦ୍ର ସରକାରଙ୍କ ଆକଳନ କହୁଛି। ତେଣୁ ବର୍ତ୍ତମାନଠୁ ଆତଙ୍କିତ ହେବାର କିଛି ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସେ ଆହୁରି କହିଛନ୍ତି, ଯେହେତୁ ତୃତୀୟ ଲହରରେ ପିଲା ଆକ୍ରାନ୍ତ ସଂଖ୍ୟା ବଢ଼ିବ ବୋଲି ଆକଳନ କରାଯାଇଛି, ତେଣୁ ରାଜ୍ୟ ସରକାର ପିଲାଙ୍କ ସଂକ୍ରମଣର ମ୍ୟାପିଂ କରୁଛନ୍ତି। ୧୮ ବର୍ଷ ତଳକୁ ଟିକା ଦିଆଯାଉ ନ ଥିବାରୁ ମୁକାବିଲା ଲାଗି ପ୍ରସ୍ତୁତି ଚାଲିଛି। ତେବେ ପିଲାଙ୍କ ସଂକ୍ରମଣ ରୋକିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏବେ ଆମର ଶିଶୁ ସଂକ୍ରମଣ ଜାତୀୟ ହାର ଭିତରେ ରହିଥିବା ସେ ସୂଚନା ଦେଇଛନ୍ତି। ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ଶିଶୁ ସଂକ୍ରମଣ ରୋକିବାକୁ ଅଭିଭାବକ ଓ ଶିକ୍ଷକଙ୍କୁ ସତର୍କ ରହିବାକୁ ପଡ଼ିବ। ଅଭିଭାବକ, ପଡ଼ୋଶୀ, ଶିକ୍ଷକ ଯତ୍ନଶୀଳ ହେଲେ ଶିଶୁମାନେ ସୁରକ୍ଷିତ ରହିପାରିବେ। ସେରୋ ସର୍ଭେ ରିପୋର୍ଟ କହୁଛି, ପିଲାମାନେ ସଂକ୍ରମିତ ହେଉଛନ୍ତି। ହେଲେ ସେମାନଙ୍କଠାରେ ସିଭିୟରିଟି କମ୍ ରହୁଛି। ଶିଶୁଙ୍କ ସଂକ୍ରମଣ ଆଶଙ୍କା କମ୍ ଥିବାବେଳେ ସେମାନଙ୍କ ମଧ୍ୟରୁ ଅନେକ ଲକ୍ଷଣହୀନ ବୋଲି ଡିଏମ୍‌ଇଟି କହିଛନ୍ତି। ଅପରପକ୍ଷେ ରାଜ୍ୟରେ ଏବେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୯,୯୭,୧୪୬ରେ ପହଞ୍ଚିଛି। ସେହିପରି ବୁଧବାର ରାଜ୍ୟରେ ଆଉ ୬୫ଜଣଙ୍କ ମୃତ୍ୟୁ ତଥ୍ୟ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ୭,୦୮୬କୁ ବୃଦ୍ଧି ପାଇଛି।

## ସେପ୍ଟେମ୍ବରରେ ପିଲାଙ୍କୁ ...

ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ନିର୍ଦ୍ଦେଶକ ପ୍ରିୟ ଆବ୍ରାହାମ କହିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଓଟିଟି ଚ୍ୟାନେଲ 'ଇଣ୍ଡିଆ ସାଇନ୍ସ'କୁ ଏକ ସାକ୍ଷାତ୍‌କାର ଦେଇ ଆବ୍ରାହମ୍ କହିଥିଲେ, ସେପ୍ଟେମ୍ବର ସୁଦ୍ଧା ଭାରତ ପିଲାମାନଙ୍କ ପାଇଁ ସ୍ୱଦେଶୀ କୋଭିଡ୍ ଟିକା ପାଇବାକୁ ଯାଉଛି। ୨ରୁ ୧୮ ବର୍ଷ ବୟସ ବର୍ଗଙ୍କ ଉପରେ କୋଭାକ୍ସିନର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଥିବା ସେ କହିଥିଲେ। ସେହିପରି ଜାଇଡସ୍ କାଡିଲା କମ୍ପାନୀ ପିଲାମାନଙ୍କ ପାଇଁ ଜାଇକୋଭ୍-ଡି ଟିକା ପ୍ରସ୍ତୁତ କରିଛି। ଡିସିଜିଆଇ ଅନୁମୋଦନ ମିଳିଲେ, ଉକ୍ତ ଟିକାକୁ ମଧ୍ୟ ଭାରତର ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଜରୁରୀ ବ୍ୟବହାର ମଞ୍ଜୁରୀ ପାଇଁ ଏହାର ଆବେଦନ ବିଚାରାଧୀନ ରହିଛି।

## ଆତଙ୍କରେ ଆଫ୍‌ଗାନ ...

ବିଦେଶକୁ ଯାତ୍ରା କରିବା ସେମାନଙ୍କ ଲାଗି ସାଧାରଣ କଥା ଥିଲା। ମହମ୍ମଦ ଦାଉଦ୍ ଖାନ୍‌ଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ମହିଳାଙ୍କ ଲାଗି ବହୁ ବିକାଶମୂଳକ ପଦକ୍ଷେପ ନିଆଯାଇଥିଲା। ନୂଆ ସମ୍ବିଧାନରେ ସେମାନଙ୍କୁ ବ୍ୟାପକ ଅଧିକାର ଦିଆଯାଇଥିଲା। ଏପରି କି ସେହି ସମୟରେ ଫ୍ୟାଶନ ଶୋ' ଭଳି କାର୍ଯ୍ୟକ୍ରମ ଅତି ଲୋକପ୍ରିୟ ଥିଲା।

୭୦ ଦଶକରେ କାବୁଲସ୍ଥିତ ପଲିଟେକ୍‌ନିକ ୟୁନିଭର୍ସିଟିରେ ବହୁ ସଂଖ୍ୟାରେ ଯୁବତୀ ନାମ ଲେଖାଇବା, ଶିକ୍ଷାକ୍ଷେତ୍ରରେ ସେମାନଙ୍କ ସ୍ୱାଧୀନଚେତା ମନୋଭାବକୁ ଦର୍ଶାଇଥିଲା। ହେଲେ ୯୦ ଦଶକ ବେଳକୁ ତାଲିବାନ ଶାସନର ଆରମ୍ଭ ସହ ସ୍ଥିତି ବିଗିଡ଼ିବା ଆରମ୍ଭ ହେଲା। କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରାଧାନ୍ୟ କମିବା ସହ କିଛି ବର୍ଷ ମଧ୍ୟରେ ସେମାନେ ଗୃହବନ୍ଦୀ ହୋଇଗଲେ। ଉଚ୍ଚଶିକ୍ଷାରେ ପ୍ରତିବନ୍ଧକ ଲଗାଇ ଦିଆଯିବା ପରେ ବିଦେଶ ମୁହାଁ ହେଲେ ଉଚ୍ଚଶିକ୍ଷିତ ଯୁବତୀ। ତେବେ ଆମେରିକାର ଆତଙ୍କବାଦୀ ନିରୋଧୀ ଅଭିଯାନ ଆରମ୍ଭ ହେବା ପରେ ଗତ ୨୦ ବର୍ଷ ଭିତରେ ନୂଆ ସୂର୍ଯ୍ୟୋଦୟ ଦେଖିବା ଆରମ୍ଭ କରିଥିଲେ ଆଫଗାନ୍‌ବାସୀ। ହେଲେ ପୁଣି ଥରେ ତାଲିବାନ ଶାସନ ଆରମ୍ଭ ହେବା ପରେ ଏଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। ଯଦିଓ ତାଲିବାନ୍‌ର ଶାସକଗୋଷ୍ଠୀ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯିବ ବୋଲି ଘୋଷଣା କରାଯାଇଛି, ତଥାପି ଆତଙ୍କବାଦୀଙ୍କ ବର୍ବରତାକୁ ଅଙ୍ଗେ ନିଭାଇଥିବା ଦେଶବାସୀ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। କ୍ଷମତାକୁ ଫେରିବା ପରେ ସାଢ଼େ ୩ କୋଟି ଆଫ୍‌ଗାନବାସୀଙ୍କ ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହୋଇପଡ଼ିଥିବାବେଳେ ତାଲିବାନୀ ମାନସିକତା ଆଗରେ ଲକ୍ଷାଧିକ ମହିଳା ଏବଂ ଯୁବତୀ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା ଆହୁରି ଦୃଢ଼ୀଭୂତ ହେବାରେ ଲାଗିଛି।

## ଖୋଲିପାରେ ୬ଷ୍ଠରୁ ...

ସୂଚନାଯୋଗ୍ୟ, କରୋନା ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପଡ଼ିଥିଲା। ଏବେ ସ୍ଥିତିରେ ସୁଧାର ଆସିଥିବାରୁ ଧୀରେ ଧୀରେ ଶିକ୍ଷାନୁଷ୍ଠାନ ଖୋଲିବାରେ ଲାଗିଛି। ଗତ ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲ ଓ କଲେଜ ଖୋଲିଥିବାବେଳେ ଗତ ୯ରୁ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିଛି। ସେହିପରି ଗତ ୧୬ ତାରିଖରୁ ନବମ ଶ୍ରେଣୀ ପିଲାଙ୍କ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହୋଇଛି। ତେଣୁ ପ୍ରାଥମିକ ଶ୍ରେଣୀ ପିଲାଙ୍କ ପାଇଁ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାର ଓଏସ୍‌ସିପିସିଆର୍, ଶିଶୁ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସମେତ ରାଜ୍ୟବାସୀଙ୍କ ମତାମତକୁ ତର୍ଜମା କରୁଛନ୍ତି। ସେପଟେ ରାଜ୍ୟରେ ସ୍କୁଲଗୁଡ଼ିକ ଖୋଲିବା ପରେ ଅଧିକାଂଶ ସ୍ଥାନରେ ପିଲା ସଂକ୍ରମିତ ହେବାର ସୂଚନା ରହିଛି। ଆଉ ଏପଟେ ଦୈନିକ କରୋନାରେ ଆକ୍ରାନ୍ତ ପିଲାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ମଧ୍ୟ ଛନକା ପଶିଛି। ତୃତୀୟ ଲହରରେ ଅଧିକ ପିଲା ଆକ୍ରାନ୍ତ ହେବାର ଆକଳନ କରାଯାଉଥିବାରୁ ଏପରି ସ୍ଥିତିରେ ପ୍ରାଥମିକ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବା କେତେ ଫଳପ୍ରଦ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଭାଗ୍ୟ ସ୍ଥାନରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। କର୍ମକ୍ଷେତ୍ରରେ ବୁଝାମଣା ଭିତିରେ କାମ କଲେ ଉପକୃତ ହେବେ। ବନ୍ଧୁ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରି ନ ପାରନ୍ତି। ନିଜର ଲୋକମାନଙ୍କୁ ବୃଥା ସନ୍ଦେହ କରନ୍ତୁ ନାହିଁ।

**ବୃଷ**

ଆଜି କୌଣସି ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଅସହଯୋଗ କରିପାରେ। ଶୁକ୍ରଙ୍କ ଦୁର୍ବଳତାଜନିତ ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହୀ ହେବେନାହିଁ। ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବାରୁ ଖୁସି ଅନୁଭବ କରିବେ। ନିଜ ପରିସରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବାର ସୁଯୋଗ ପ୍ରାପ୍ତ ହେବ।

**ମିଥୁନ**

କର୍ମାଧିପଙ୍କ ଶୁଭାବସ୍ଥାନ ହେତୁ କର୍ମକ୍ଷେତ୍ରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁମାନଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ**

ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିବ। ମଙ୍ଗଳ ଧନାଧିପଙ୍କ ଆଶ୍ରୟରେ ଥିବାରୁ ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। କିନ୍ତୁ ପୁନର୍ବସୁ ଭାବପ୍ରବଣ ବଶତଃ ଓଲଟା କଥା କହି ବନ୍ଧୁ ଗହଣରେ ଅପଦସ୍ଥ ହୋଇପାରନ୍ତି। ନିକଟ ସମ୍ପର୍କୀୟଙ୍କ ପ୍ରେରଣାରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**ସିଂହ**

ବ୍ୟୟାଧିପଙ୍କ ପ୍ରଭାବରେ ପରିସ୍ଥିତିରେ ପଡ଼ି ହଠାତ୍ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହୋଇପାରନ୍ତି। ଫଳତଃ ମାନସିକ ଅବସାଦ ଯୋଗୁ କୌଣସି କାମ ମଧ୍ୟ ଉତ୍ସାହପ୍ରଦ ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ।

**କନ୍ୟା**

ସ୍ୱଗୃହାଭିମୁଖୀ ବୁଧଙ୍କ ଯୋଗୁ ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ ଓ ଆଶାଜନକ ଫଳ ପାଇବେ। କଳା, ସଙ୍ଗୀତ, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଏଜେନ୍ସିପରୁ ଖୁସି ରହିବେ। ନିଜର ଅବହେଳା ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦର ଆଶଙ୍କା ରହିଛି ।

**ତୁଳା**

କର୍ମସ୍ଥାନ ପ୍ରତି ବଳବାନ୍ ରାଜଯୋଗକାରକ ଗ୍ରହ ଦୃଷ୍ଟିପାତ କରୁଥିବାରୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବ। ବିଭିନ୍ନ ସୂତ୍ରରୁ ରୋଜଗାର ସାଙ୍ଗକୁ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇ ଖୁସି ହେବେ। ପରିବାରରେ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ।

**ବିଛା**

ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ଆକସ୍ମିକ ଭାବରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ହେବ ଓ ଅଭିଳଷିତ ଜିନିଷ ପାଇବେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବା ସାଙ୍ଗକୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହୋଇଯିବ।

**ଧନୁ**

ବୃହସ୍ପତି ଓ ଶନିଙ୍କ ପରୋକ୍ଷ ସମ୍ବନ୍ଧ କାରଣରୁ ଆଜି ଆପଣଙ୍କ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ଠିକ୍ ଭୁଲ ବିଚାର ନ କରି କାମ କଲେ ନିଶ୍ଚିତ ଭାବରେ ପ୍ରତାରିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**

ଗ୍ରହ ଅନୁକୂଳତା କାରଣରୁ କାମ କରିବାର ସ୍ପୃହା ଜାଗ୍ରତ ହେବ ଓ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ପରିଶ୍ରମର ପାରିଶ୍ରମିକ ପାଇବେ, ଯାହାଦ୍ୱାରା କି ମନ ଖୁସି ହୋଇଯିବ। ଶ୍ରବଣାର ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**

ମଙ୍ଗଳ ଓ ଶନି ପାରସ୍ପରିକ ଶତ୍ରୁତା କାରଣରୁ ଆଜି ପରକଥାରେ ମୁଣ୍ଡ ପୂରାଇଲେ ମନ ଭାରାକ୍ରାନ୍ତ ରହିବ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ମଜି ରହିପାରନ୍ତି। ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିପାରିବେ।

**ମୀନ**

ଷଷ୍ଠାଧିପ କର୍ମସ୍ଥାନରେ ଥିବାରୁ ଆଜିର କର୍ମକ୍ଷେତ୍ରରେ ଜଣେ ବ୍ୟକ୍ତି ଅସହଯୋଗ କରିପାରେ। ଯେତେ ଭଲ କାମ କରନ୍ତୁନା କାହିଁକି ପରିବାର ମଧ୍ୟରେ ସମାଲୋଚିତ ହେବେ। ଆକସ୍ମିକ ଭାବରେ ଏକ ଭିନ୍ନ ପରିସ୍ଥିତିରେ ବାହାର ସ୍ଥାନରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

## ବି.ଭି. ନାଗରତ୍ନ ହୋଇପାରନ୍ତି ...

ବିଚାରପତି ନିଯୁକ୍ତ ହୋଇନାହାନ୍ତି। ପୂର୍ବତନ ସିଜେଆଇ ଏସ୍.ଏ. ବୋବ୍‌ଡେ ତାଙ୍କର ୧୭ ମାସ କାର୍ଯ୍ୟକାଳ ମଧ୍ୟରେ କୌଣସି ବିଚାରପତି ନିଯୁକ୍ତ କରିପାରି ନ ଥିଲେ। କଲେଜିୟମ ସୁପାରିସ କରିଥିବା ଅନ୍ୟ ଦୁଇ ମହିଳା ବିଚାରପତି ହେଲେ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହିମା କୋହଲି ଏବଂ ଗୁଜରାଟ ହାଇକୋର୍ଟର ବିଚାରପତି ବେଲା ତ୍ରିବେଦୀ। ବରିଷ୍ଠ ଆଇନଜୀବୀ ପି.ଏସ୍. ନରସିଂହାଙ୍କୁ ସିଧାସଳଖ ସର୍ବୋଚ୍ଚ ଅଦାଲତ ବିଚାରପତି ନିଯୁକ୍ତି ପାଇଁ ସୁପାରିସ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଅଭୟ ଶ୍ରୀନିବାସ ଓକା, ଗୁଜରାଟ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ବିକ୍ରମ ନାଥ, ସିକିମ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଜିତେନ୍ଦ୍ର କୁମାର ମାହେଶ୍ୱରୀ, କେରଳ ହାଇକୋର୍ଟର ଜଷ୍ଟିସ ସି.ଟି. ରବିକୁମାର ଏବଂ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶଙ୍କ ନାମ ସୁପ୍ରିମକୋର୍ଟ ବିଚାରପତି ପଦ ଲାଗି ଆଇନ ମନ୍ତ୍ରଣାଳୟକୁ ସୁପାରିସ କରାଯାଇଛି। ମନ୍ତ୍ରଣାଳୟ ଚାହିଁଲେ ଉକ୍ତ ତାଲିକାର ସମୀକ୍ଷା ଲାଗି କଲେଜିୟମକୁ ଫେରାଇଦେଇପାରେ। ତେବେ କଲେଜିୟମ ଉପରୋକ୍ତ ସୁପାରିସକୁ ପୁନର୍ବାର ଦାଖଲ କଲେ ମନ୍ତ୍ରଣାଳୟ ତାହାକୁ ଅନୁମୋଦନ କରିବାକୁ ବାଧ୍ୟ।


# classifieds Everyday
0674-2580101, 2549302




**SALE**

**BDA yellowzone, Gharabari, Electricity, Boundarywall plot sale, prime location Raghunathpur, Patia, BBSR. Cost @ Rs.2500 per sqrft. (Fix rate). Only buyer contact: 7978090773.** D-21375

ଭୁବନେଶ୍ୱର-ଖୋର୍ଦ୍ଧା ରୋଡ୍ ଜଟଣୀ ଗେଟ୍ ପାଖରେ ଇଲେକ୍ଟ୍ରିଫିକେସନ ଥାଇ ସ୍ଥିତିବାନ demarcated ପ୍ଲଟ୍ କିଣି ଘର କରନ୍ତୁ -9438315973. D-21374

ଖୋର୍ଦ୍ଧା, ମଳିପଡା National Highway ପାଖରେ ଘରବାରି ପାଚେରି ପଚ୍ଚା ପ୍ଲଟ୍ ମିଳୁଛି – 9692213354. D-70470

ସୁନ୍ଦରପଦା, ଓରୋକଲ ମୌଜାରେ Hitech Plaza opposite ଘରବାରି ପାଚେରି ପଚ୍ଚା ପ୍ଲଟ୍ ମିଳୁଛି – 9692213354. D-70471

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି । **9348870771, 9090543542.** D-70889

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422.** D-70879

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890

Duplex, Prime location Bhubaneswar (CHAKAISIANI). 93 Lacs. Do not call if you want to pay cash or black money. Whatsapp: 7008560412 / 9437313333. D-21371




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




Rent for Office/ Bank/Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar- 751019 was let-out to Bank. Contact- 9871816986. D-71401




Swarna SPA newly open positively health benefits with expert therapist. 9556978408. D-71133

Newly Open Saikrupa Panchakarma Spa positively health benefits with Expert. 8984068077. D-21326

Refreshing your mind, your body with tha best therapy at Lotus Spa. 8018891951. D-70468

Newly open full body massage ladies and gents. 8658471570, 8327740003. D-70469

Lotus SPA newly open positively health benefits/ expert therapist. 8455987557. D-71403

Newly open SPA center positively health benefits by expert therapist, (home service available). 9439008685. D-71402




Job- Rapido Captainରେ ରେଜିଷ୍ଟ୍ରେସନ୍ ହେବା ପାଇଁ DL, RC & Android Mobile ନେଇ ତଳ ଏଡରେସ୍‌ରେ ଆସନ୍ତୁ ଆଉ 25000/- ଯାଏ ମାସିକ କମାନ୍ତୁ। Address- 40, Pawani Complex, Lane L 4, Jagmohan Nagar, Bhubaneswar. Call & WhatsApp. 9513764947, 080-41434143. D-21338

ଆପଣଙ୍କ ପିଇବା ପାଣି ପିଇବା ଯୋଗ୍ୟ କି ନୁହେଁ କେବେ ପରୀକ୍ଷା କରିଛନ୍ତି କି ? ଯଦି ନା, ବିନା ମୂଲ୍ୟରେ ପରୀକ୍ଷା କରିବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ। ଜଳ ହିଁ ଜୀବନ। ସୁସ୍ଥ ପାଣି ପିଅନ୍ତୁ, ସୁସ୍ଥ ରୁହନ୍ତୁ। ଯୋଗାଯୋଗ- 7978488388. D-70943


**NOTICE UNDER ORDER-5, RULE-20, C.P.C.**
**COURT OF THE SENIOR CIVIL JUDGE (L.R. & L.T.V.), DHENKANAL**
**Civil Suit No. 281 of 2021 & I.A. No.75/2021 & 85/2021**

Tankadhar Sahoo ....... Plaintiff/ Petitioner
Versus
Lilly Sahoo ...... Defedant/ Opposite Party.

To
Lilly Sahoo, wife of Ashutosh Sahoo, Village/P.O. Nadiali, Via-Govindpur, P.S. Sadar, Dist. Dhenkanal, Odisha-759027

Whereas, the above suit and cases have been filed by one Tankadhar Sahoo, before the Court of Senior Civil Judge (L.R. & L.T.V.), Dhenkanal against you, for declaration of Right, Title and Interest and Permanent Injunction, and for Temporary injunction in respect of Hal Khata No. 483 and Khata No. 3470/3708 measuring an area of Ac.0.11 decimals of Dhenkanal Town, which is pending before this Court. Despite issuance of Summons, you have failed to attend this Court.

Hence, you are hereby directed to appear before this Court in person/ or through your pleader on 1.09.2021, at 10.30 A.M. positively and to answer, failing which, the said Suit & Cases will be determined in your absence.

Given under my hand & seal of this Court, dated this the 17th day of August, 2021.

**Sd.- Sushil Ku. Sahoo**
**SENIOR CIVIL JUDGE (L.R. & L.T.V.), DHENKANAL**
D-70341

## ଅଧ୍ୟାପିକାଙ୍କ ଡକ୍ଟରେଟ୍ ଲାଭ



ଢେଙ୍କାନାଳ ଜିଲ୍ଲା ବଣସିଂହ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ଶ୍ରୀମତୀ ଭାଗ୍ୟଶ୍ରୀ ମହାନ୍ତି ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରରୁ ଗବେଷଣା କରି (Ph.D.) ପିଏଚ୍.ଡି. ଲାଭ କରିଛନ୍ତି। ଏଫ୍.ଏମ୍. ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅନନ୍ତ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀମତୀ ମହାନ୍ତି "Religious Development in Choudwar (A.D. 700- A.D. 1600)" ସମ୍ପର୍କରେ ଗବେଷଣା କରିଛନ୍ତି ଏବଂ ଉକ୍ତ ସନ୍ଦର୍ଭଟିକୁ ମଧ୍ୟ ଶ୍ରୀନିବାସ ଡିଗ୍ରୀ କଲେଜର ଇତିହାସ ବିଭାଗର ମୁଖ୍ୟ ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ ସହାୟକ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରାଇଛନ୍ତି। ଡ. ଭାଗ୍ୟଶ୍ରୀ ମହାନ୍ତିଙ୍କ ଦୃଢ ଇଚ୍ଛାଶକ୍ତି ବଳରେ ସେ ସମ୍ମାନଜନକ Ph.D. ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଏ ସନ୍ଦର୍ଭଟିକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଓ ପଶ୍ଚିମବଙ୍ଗ ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଆନନ୍ଦ ଚନ୍ଦ୍ର ସାହୁଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଭାଗ୍ୟଶ୍ରୀ ମହାନ୍ତି ଚୌଦ୍ୱାର ନୁଷ୍ଟିକିରି ଗ୍ରାମ ନିବାସୀ ପିତା ୰ ଶ୍ରୀଯୁକ୍ତ କାଳନ୍ଦୀ ମହାନ୍ତି, ମାତା- ଶ୍ରୀମତୀ ବାସନ୍ତୀ ମହାନ୍ତିଙ୍କ ପୁତ୍ରୀ ଓ କଟକ ଜିଲ୍ଲା ଚୌଦ୍ୱାର (ପ୍ରଧାନସାହି) ନିବାସୀ ଶ୍ରୀଯୁକ୍ତ ଭାଗ୍ୟଧର ବେହେରା ଏବଂ ୰ଶ୍ରୀମତୀ ଶୈଳବାଳା ବେହେରାଙ୍କ ପୁତ୍ରବଧୂ ଓ ଶ୍ରୀଯୁକ୍ତ ମାନସ ରଞ୍ଜନ ବେହେରାଙ୍କ ଧର୍ମପତ୍ନୀ ଅଟନ୍ତି। ଏହି ସଫଳତା ପାଇଁ ଡ. ମହାନ୍ତି ସ୍ୱାମୀ ଶ୍ରୀଯୁକ୍ତ ମାନସ ରଞ୍ଜନ ବେହେରା, ବଡଭାଇ ଶ୍ରୀଯୁକ୍ତ ପବିତ୍ର ମହାନ୍ତି, ଗୁରୁ ଶ୍ରୀ ୰ରବି ରାଏ ଏବଂ ପବିତ୍ର ମୋହନ ପ୍ରଧାନ, ବଣସିଂହ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ସହକର୍ମୀମାନଙ୍କ ପ୍ରେରଣା ଓ ଛାତ୍ରଛାତ୍ରୀମାନଙ୍କର ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରୁଛନ୍ତି।
ଧ-୭୦୩୪୨


Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭଦ୍ରକ ବିଧାୟକଙ୍କ କାର୍ ଦୁର୍ଘଟଣାଗ୍ରସ୍ତ



ଦୁର୍ଘଟଣାଗ୍ରସ୍ତ କାର୍।

## ବିଧାୟକ ସଞ୍ଜୀବ ମଲ୍ଲିକ, ତାଙ୍କ କାର୍ ଚାଳକ ଓ ସହକର୍ମୀ ସୁରକ୍ଷିତ

ଧର୍ମଶାଳା, (ଡି.ଏନ.ଏ.)/ ଭଦ୍ରକ ଅଫିସ,୧୮।୮

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ରଥିଆ ଛକ ନିକଟରେ ବୁଧବାର ଭଦ୍ରକ ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାର୍‌ଟି ଭାଙ୍ଗି ଚୂର୍‌ମାର୍ ହୋଇଯାଇଛି। କାର୍‌ରେ ଥିବା ବିଧାୟକ, ତାଙ୍କ ଗାଡ଼ି ଚାଳକ ଓ ଜଣେ ସହକର୍ମୀ ସୁରକ୍ଷିତ ଅଛନ୍ତି।

ସୂଚନା ମୁତାବକ, ସକାଳ ପ୍ରାୟ ୮ଟା୩୦ରେ ବିଧାୟକ ମଲ୍ଲିକ ତାଙ୍କ ଗାଡ଼ି (ନଂ-ଓଡି-୨୨-ଆର୍-୦୦୦୧)ଯୋଗେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍(ନଂ-ଓଡି-୦୪-ଡି-୦୧୬୫) ବିଧାୟକଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଗାଡ଼ିଟି ରାସ୍ତାର ଡିଭାଇଡରରେ ପିଟି ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପଛରେ ଯାଉଥିବା ଏକ ବୈଦ୍ୟୁତିକ ଗଣମାଧ୍ୟମର କର୍ମଚାରୀମାନେ ଏହାଦେଖି ବିଧାୟକ, ତାଙ୍କ ଗାଡ଼ିଚାଳକ ଓ ସହକର୍ମୀଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବାବେଳେ ଭଗବାନଙ୍କ କୃପାରୁ ନୂଆ ଜୀବନ ପାଇଲେ ବୋଲି ଗଣମାଧ୍ୟମକୁ କହିଥିଲେ। ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଡାକ୍ତରଖାନାରେ ପହଞ୍ଚିଥିଲେ। ସେ ତାଙ୍କ ଗାଡ଼ିରେ ବିଧାୟକ ମଲ୍ଲିକଙ୍କୁ ଭୁବନେଶ୍ୱର ପଠାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ନଂ. ୪୩୦/୨୧ ରୁଜୁ ହୋଇଛି।

# ଭିଜିଲାନ୍ସ ଜାଲରେ ପୁରୀ ଆଇପିଓ

## ୧ କୋଟି ୫୧ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ

ପୁରୀ ଅଫିସ,୧୮।୮

ପୁରୀ ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି) କାର୍ଯ୍ୟାଳୟର ଇଣ୍ଡଷ୍ଟ୍ରିଜ୍ ପ୍ରମୋଶନ ଅଫିସର (ଆଇପିଓ) ସୀତାରାମ ସାହୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସାହୁଙ୍କ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାରେ ଥିବା ସାହୁଙ୍କର ୫ଟି ବାସଭବନ ଉପରେ ଏକକାଳୀନ ଚଢ଼ାଉ ହୋଇଛି। ଚଢ଼ାଉ ବେଳେ ୧ କୋଟି ୫୧ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ଏଥିମଧ୍ୟରେ ଭୁବନେଶ୍ୱର କଳିଙ୍ଗ ବିହାର ଓ ନୟାଗଡ଼ ସହରସ୍ଥିତ ଦୁଇଟି ଦୁଇ ମହଲା କୋଠା, କଣ୍ଟିଲୋରେ ଏକ ଦୋକାନ ଗୃହ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାରେ ୫ଟି ପ୍ଲଟ, ଗୋଟିଏ ଚାରିଚକିଆ ଯାନ, ୪ଟି ବାଇକ୍, ୩୪ ଲକ୍ଷ ୭୬ ହଜାର ଟଙ୍କାର ବ୍ୟାଙ୍କ ଜମା ରାଶି, ୪ଲକ୍ଷ ୪୨ ହଜାର ଟଙ୍କାର ବୀମା ରାଶି ସମେତ ସ୍ଥାବର ଅସ୍ଥାବର ସମ୍ପତ୍ତି ରହିଛି। ଭିଜିଲାନ୍ସ ବିଭାଗର ୪ ଡିଏସ୍‌ପି ଏବଂ ୫ ଇନ୍ସପେକ୍ଟରଙ୍କୁ ନେଇ ଗଠିତ ୮ଟି ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ତେବେ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

# ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଏକମାତ୍ର ଲକ୍ଷ୍ୟ

**ଜାପାନର ଟୋକିଓରେ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ପାରାଲିମ୍ପିକ୍ସ କ୍ରୀଡ଼ା। ଏଥିରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଅର୍ଜୁନ ପୁରସ୍କାର ବିଜେତା ଓଡ଼ିଆ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ। ବରଗଡ଼ର ଅତାବିରାରେ ଜନ୍ମିତ(୧୯୮୮ ଏପ୍ରିଲ ୪) ପ୍ରମୋଦ ଇତିମଧ୍ୟରେ ୪୮ ଜାତୀୟ ଏବଂ ୫୩ ଅନ୍ତର୍ଜାତୀୟ ପଦକ ବିଜୟୀ ହୋଇଛନ୍ତି। ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଲାଗି ଚେଷ୍ଟା ଜାରି ରଖିଥିବା ତାରକା ଖେଳାଳିଙ୍କ ସହ ଧରିତ୍ରୀର ତପନ ସ୍ୱାଇଁଙ୍କ ଆଳାପ...**




ପ୍ରମୋଦ ଭଗତ

**ପ୍ର: ପାରାଲିମ୍ପିକ୍ସ ପାଇଁ ଟ୍ରେନିଂ କେଉଁଠି ନେଇଥିଲେ ?**

ଉ: ଲକ୍ଷ୍ନୌସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ଆମେ ଟ୍ରେନିଂ ନେଉଛୁ। ବର୍ଷ ତମାମ ଏଠାରେ ଟ୍ରେନିଂ ଚାଲିଛି। ଏଥିଲାଗି ପାଖାପାଖି ବର୍ଷେ ହେଲା ପରିବାରଠାରୁ ଦୂରେଇ ରହିଛୁ।

**ପ୍ର: କେବେ ଟୋକିଓ ଯିବେ ?**

ଉ: ଭାରତୀୟ ପାରାଲିମ୍ପିକ୍ସ ଦଳ ୨ ପର୍ଯ୍ୟାୟରେ ଟୋକିଓ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟ ପ୍ରତିନିଧି ଦଳ ୧୮ ତାରିଖରେ ଯାତ୍ରା କରିଛି। ଦ୍ୱିତୀୟ ପର୍ଯ୍ୟାୟ ଦଳ ୨୭ରେ ଯାତ୍ରା କରିବ। ମୁଁ ସେହି ଦଳ ସହ ଟୋକିଓ ଯିବି। କାରଣ ଟୋକିଓ ପାରାଲିମ୍ପିକ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ସେପ୍ଟେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ହେବାର ଅଛି।

**ପ୍ର: ଆପଣ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଦାବିଦାର ଅଛନ୍ତି। ଏଥିପାଇଁ କେତେ ଚାପ ରହିଛି ?**

ଉ: ମୁଁ ଏକାଧିକ ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଛି। ପାରାଲିମ୍ପିକ୍ସରେ ପୋଡିୟମ ମଣ୍ଡନ କରିବି ବୋଲି ସମସ୍ତଙ୍କ ଆଶା ରହିଛି। ସେଥିଲାଗି ଚାପ ରହିବା ସ୍ୱାଭାବିକ। ତେବେ ନିଜ ଉପରେ ମୋର ବିଶ୍ୱାସ ରହିଛି। ମୁଁ ରାଜ୍ୟ ତଥା ଦେଶବାସୀଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବାକୁ ସବୁପ୍ରକାର ଚେଷ୍ଟା କରିବି।

**ପ୍ର: ଓଡ଼ିଶା ସରକାର ଆପଣଙ୍କ ନାଁ ଖେଳରତ୍ନ ପାଇଁ ସୁପାରିସ କରିଛନ୍ତି। ଏହା କେତେ ଉତ୍ସାହିତ କରିଛି।**

ଉ: ଆମ ରାଜ୍ୟ ସରକାର କେବଳ ଖେଳର ଉନ୍ନତି ପାଇଁ ନୁହେଁ ଖେଳାଳିଙ୍କ ମନୋବଳ ବଢ଼ାଇବାକୁ ଉଦ୍ୟମ କରି ଆସିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ମୋର ବହୁ ସଫଳତାକୁ ଦୃଷ୍ଟିରେ ରଖି ଖେଳରତ୍ନ ଲାଗି ମୋ ନାମ ସୁପାରିସ କରିଛନ୍ତି। ରାଜ୍ୟରଙ୍କ ଟେକ ରଖିବାକୁ ପାରାଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନିଶ୍ଚିତ ଚେଷ୍ଟା କରିବି।

**ପ୍ର: ଟୋକିଓରେ କେତୋଟି ଇଭେଣ୍ଟରେ ଭାଗ ନେବେ ?**

ଉ: ସେଠାରେ ମୁଁ ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସରେ ଭାଗନେବି। ମିକ୍ସଡ ଡବଲ୍ସରେ ମୋର ପାର୍ଟନର ଅଛନ୍ତି ପଲକ କୋହଲି।

**ପ୍ର: ଏଥର ଲକ୍ଷ୍ୟ ?**

ଉ: ୨ଟି ଇଭେଣ୍ଟରେ ଭାଗ ନେବାର ସୁଯୋଗ ମିଳିଛି। ଦୁଇଟି ଯାକ ଇଭେଣ୍ଟରେ ଯେପରି ପୋଡିୟମ ମଣ୍ଡନ କରିପାରିବି ତା' ଉପରେ ଧ୍ୟାନ ଦେବି।

**ପ୍ର: ଟୋକିଓ ଅଭିମୁଖେ ଯାତ୍ରା କରୁଥିବା ଭାରତୀୟ ପ୍ରତିନିଧି ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଥା ହୋଇଛନ୍ତି। ଏହା ବ୍ୟକ୍ତିଗତ ଭାବେ କିଭଳି ଉତ୍ସାହିତ କରିଛି ?**

ଉ: ଅଲିମ୍ପିକ୍ସ ଯିବା ପୂର୍ବରୁ ଭାରତୀୟ ପ୍ରତିନିଧି ଦଳ ସହ ଯେପରି ପ୍ରଧାନମନ୍ତ୍ରୀ କଥା ହୋଇଥିଲେ ସେହିପରି ଆମମାନଙ୍କୁ ମଧ୍ୟ ଉତ୍ସାହିତ କଲେ। ଏହା ପୂର୍ବରୁ ବହୁତ ବଡ଼ ଟୁର୍ନାମେଣ୍ଟରେ ଭାଗ ନେଇଥିଲୁ। ମାତ୍ର ଦେଶର ପ୍ରଧାନମନ୍ତ୍ରୀ କେବେହେଲେ ଏପରି ଶୁଭେଚ୍ଛା ଜଣାଇ ନ ଥିଲେ। ଏହା ଆମ ମନୋବଳ ବଢ଼ାଇଛି।

**ଧରିତ୍ରୀ ଆଳାପ**

**ପ୍ର: ପୂର୍ବରୁ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାଗ ନେବା ସହ ବିଶ୍ୱ ଚାମ୍ପିୟନ ମଧ୍ୟ ହୋଇଛନ୍ତି। କେଉଁ ଟୁର୍ନାମେଣ୍ଟ ଆପଣଙ୍କ ପାଇଁ ସ୍ମରଣୀୟ ?**

ଉ: ସୁଇଜରଲାଣ୍ଡଠାରେ ୨୦୧୯ରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ମୁଁ ସ୍ୱର୍ଣ୍ଣ ପଦକ ଜିତିଥିଲି। ଭାଗ୍ୟରେ ଥିଲେ ଏପରି ସଫଳତା ମିଳେ। ସତକଥା ସେହି ଟୁର୍ନାମେଣ୍ଟ ଆଜିଯାଏ ସ୍ମରଣୀୟ ହୋଇ ରହିଛି।

**ପ୍ର: ଟୋକିଓ ଅଲିମ୍ପିକ୍ସରେ ଓଡ଼ିଶାର ଦୁଇ ହକି ଖେଳାଳି ବ୍ରୋଞ୍ଜ ପଦକ ଜିତି ଫେରିଲେ। ଏହା ଆପଣଙ୍କ ସମେତ ଅନ୍ୟ ଆଥ୍‌ଲେଟଙ୍କୁ କେତେ ଉତ୍ସାହିତ କରିଛି?**

ଉ: ବ୍ୟକ୍ତିଗତ ଭାବେ ମୁଁ ବହୁତ ଖୁସି। କାରଣ ଟୁର୍ନାମେଣ୍ଟର ସମସ୍ତ ଭାରତ ମ୍ୟାଚର ଲାଇଭ୍ ଦେଖିଥିଲି। ଶେଷ ଭାଗରେ ରୋମାଞ୍ଚ ଆସିଥିଲା, ଚାପର ବଶବର୍ତ୍ତୀ ନ ହୋଇ ଆମ ଦଳ ବ୍ରୋଞ୍ଜ ପଦକ ହାସଲ କଲା। ଏହା ବହୁତ ବଡ଼ ସଫଳତା। ଆମ ରାଜ୍ୟର ଦୁଇ ଖେଳାଳି ବ୍ରୋଞ୍ଜ ପଦକ ଜିତି ଆମମାନଙ୍କ ମନ କୁଣ୍ଢେମୋଟ କରିଛନ୍ତି। ତେଣୁ ମୁଁ ଯେପରିପଦକଜିତିବି ତା' ଉପରେ ଫୋକସ କରୁଛି।

**ପ୍ର: ପାରା ଆଥ୍‌ଲେଟଙ୍କ ଲାଗି ଆମ ରାଜ୍ୟରେ ଯେତିକି ସୁବିଧା ସୁଯୋଗ ଅଛି ତାହା ପର୍ଯ୍ୟାପ୍ତ ନା ଆଉ କିଛି ଆବଶ୍ୟକ?**

ଉ: ଆମ ରାଜ୍ୟରେ କ୍ରୀଡ଼ା ପ୍ରତି ଆଦର ବଢୁଛି। ରାଜ୍ୟ ସରକାର ମଧ୍ୟ କ୍ରୀଡ଼ାକୁ ଅଗ୍ରାଧିକାର ଦେଇ ଆସୁଛନ୍ତି। ମୁଁ ଭାବୁଛି ପାରା ସ୍ପୋର୍ଟ୍ସ ଉପରେ ରାଜ୍ୟ ସରକାରଙ୍କ ନଜର ରହିଛି। ୨୦୧୯ରେ ମୋତେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରାଯିବା ଏହାର ଏକ ଉଦାହରଣ। ଆଗାମୀ ଦିନରେ ଆହୁରି ଅଧିକ ସପୋର୍ଟ ମିଳିବ। ଅଲିମ୍ପିକ୍ସରେ ଭାରତ ୭ଟି ପଦକ ପାଇଛି। ପାରାଲିମ୍ପିକ୍ସରେ ଆହୁରି ଅଧିକ ପଦକ ଆସିବା ସମ୍ଭାବନା ଅଛି। ଏଥର ପ୍ରତିଯୋଗିତା ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ଙ୍କ ପ୍ରତି ଅଧିକ ଆଦର ବଢ଼ିବା ନେଇ ଆଶା ରହିଛି।

**ପ୍ର: ଭବିଷ୍ୟତର ଲକ୍ଷ୍ୟ କ'ଣ ?**

ଉ: ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମୋର ଏକମାତ୍ର ସ୍ୱପ୍ନ। ବିଶ୍ୱ ଚାମ୍ପିୟନଶିପ୍ ସମେତ ମୁଁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପଦକ ପାଇଛି। ମାତ୍ର ପାରାଲିମ୍ପିକ୍ସ ଆଗରେ ସେ ସବୁ ଫିକା। ଏବେ ମୋର ଲକ୍ଷ୍ୟ କେବଳ ସ୍ୱର୍ଣ୍ଣ ପଦକ। ଏହାପରେ ଭବିଷ୍ୟତ ସମ୍ପର୍କରେ ଯାହା ଚିନ୍ତା କରିବି।

# ପୁରୀ ହାଜତ ମୃତ୍ୟୁ ମାମଲା: ଅନ୍ତ ଘଟାଇଲେ ହାଇକୋର୍ଟ

କଟକ ଅଫିସ,୧୮।୮

ପୁରୀ ହାଜତ ମୃତ୍ୟୁକୁ ନେଇ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ବୁଧବାର ହାଇକୋର୍ଟ ଅନ୍ତ ଘଟାଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ।

ଗତ ନଭେମ୍ବରରେ ପୁରୀ ବାସେଳୀସାହି ଥାନାରେ ଲୋକନାଥ ରୋଡ୍ ଅଞ୍ଚଳର କେ. ରମେଶ(୩୩)ଙ୍କୁ ମାଡ଼ ମରାଯାଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ହାଜତରେ ରମେଶଙ୍କୁ ପୋଲିସ ପିଟି ମାରିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ହାଇକୋର୍ଟରେ ପୁରୀର ଆଇନଜୀବୀ ଶରତ ରାୟଗୁରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ଜୁଲାଇ ୧୩ରେ ରାଜ୍ୟ ସରକାର ତଦନ୍ତ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାର ଥିଲେ ମଧ୍ୟ ତାହା କରିପାରି ନ ଥିଲେ। ରଥଯାତ୍ରା ଯୋଗୁ ତଦନ୍ତ ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେବାରୁ ସରକାର ଏଥିପାଇଁ ଅଧିକ ସମୟ ମାଗିଥିଲେ। ତେଣୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ଅର୍ଥାତ୍ ଅଗଷ୍ଟ ୧୮ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନଜୀବୀ ଦୀପକ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା

## ୧୨ ଚର୍ଚ୍ଚିତ ହତ୍ୟା ପ୍ରସଙ୍ଗ



**କଟକ ଅଫିସ,୧୮।୮:** ମାନବପ୍ରେମୀ ଆଦିତ୍ୟ ଦାସ ମୃତ୍ୟୁ ସମେତ ଓଡ଼ିଶାର ବିଭିନ୍ନ ଜିଲାରେ ଘଟିଥିବା ଚର୍ଚ୍ଚିତ ୧୨ଟି ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏଥିରେ ସିବିଆଇ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ ମୁଖ୍ୟ, କଟକ ଗ୍ରାମାଞ୍ଚଳ ଏସ୍‌ପି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଓ ବୌଦ୍ଧ ଏସ୍‌ପି, ଭୁବନେଶ୍ୱର ଡିସିପିଙ୍କ ସମେତ କୁଜଙ୍ଗ, ମାହାଙ୍ଗା, ପାଟକୁରା, ବିଞ୍ଝାରପୁର, ଖଣ୍ଡଗିରି, କଣ୍ଟାମାଳ, ରାଜକନିକା, ମାର୍ଶାଘାଇ ଓ କେନ୍ଦ୍ରାପଡ଼ା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ପିଟିଶନରେ ଦର୍ଶାଇଛନ୍ତି, ଉପରୋକ୍ତ ଘଟଣାଗୁଡିକରେ ପୋଲିସ ଅଭିଯୁକ୍ତମାନଙ୍କୁ ଜାଣିଶୁଣି ଗିରଫ କରି ନ ଥିବାବେଳେ ମାମଲା ରଫାଦଫା କରି ଫାଇନାଲ୍ ରିପୋର୍ଟ ବିଭିନ୍ନ ଜିଲାର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ କରିଛି। ଏହିପରି ଅନେକ କେସ୍ ଲୋକଲୋଚନକୁ ଆସିପାରୁନାହିଁ। ହତ୍ୟାର ଶିକାର ହୋଇଥିବା ସମସ୍ତ ପରିବାରବର୍ଗଙ୍କଠାରୁ ଆବଶ୍ୟକ ତଥ୍ୟ ଯୋଗାଡ଼ କରି ପାଣିଗ୍ରାହୀ ଏହି ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ପ୍ରତ୍ୟେକ ମାମଲାରେ ପ୍ରଭାବଶାଳୀ ଲୋକମାନେ ଜଡିତ ଅଛନ୍ତି। ତେଣୁ ସମସ୍ତ ମାମଲାର ତଦନ୍ତ ସିବିଆଇ ମାଧ୍ୟମରେ କରିବା ପାଇଁ ଆବେଦନକାରୀ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଆଇନଜୀବୀ ସୁବ୍ରତ କୁମାର ନାୟକ ମାମଲା ପରିଚାଳନା କରୁଛନ୍ତି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under the aegis of Ministry of H & FW, Govt. of India)
Sijua, Post: Dumuduma, Bhubaneswar - 751 019

AIIMS/BBS/Dean/DM-MCh/79/1792 Date: 18th August, 2021

SPOT COUNSELLING FOR ADMISSION IN DM/ MCh COURSES AT AIIMS, BHUBANESWAR

Some vacant seats of DM/MCh. Courses at AIIMS, Bhubaneswar for the session July 2021 will be filled up from the merit list conducted by AIIMS, New Delhi for the DM/MCh.Entrance Examination (July 2021).

The candidates who have qualified through entrance examination stage -I (Online / CBT) for DM /MCh. courses (July - 2021 session) held on 17th April, 2021 and stage - II held on 09th June 2021 to 11th June 2021will be eligible to attend the Spot Counselling.

The spot counselling will be conducted at AIIMS Bhubaneswar on **30th August, 2021 at Academic Section, Administrative Building, AIIMS, Bhubaneswar from 10:00 A.M. to 12:00 Noon (Candidate reporting after 12:00 Noon will not be considered for admission).**

Candidates are advised to visit our Institute website- **www.aiimsbhubaneswar.nic.in**. regularly for the detailed vacant seat position & latest updates.

Sd/- REGISTRAR
AIIMS, Bhubaneswar

# ୨୩ ଜିଲାରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୧୮।୮(ବ୍ୟୁରୋ):** ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓଡ଼ିଶା ଅତିକ୍ରମ କରିଛି। ଯେତିକି ବର୍ଷା ହେବା କଥା ହେଲା ନାହିଁ। ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ କିଛି ମାତ୍ରାରେ ବର୍ଷା ହୋଇଥିଲେ ମଧ୍ୟ ରାଜ୍ୟର ଅଧିକାଂଶ ଭାଗରେ ନିଅଣ୍ଟିଆ ପରିସ୍ଥିତି ରହିଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ଅଗଷ୍ଟ ୧୮ ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ୨୮ ପ୍ରତିଶତ କମ୍ ବର୍ଷା ହୋଇଛି। ବର୍ତ୍ତମାନ ସୁଦ୍ଧା ୨୩ ଜିଲାରେ ବର୍ଷା ନିଅଣ୍ଟିଆ ରହିଛି। ସେହି ସବୁ ଜିଲା ରେଡ୍ ଜୋନରେ ରହିଛି। କେବଳ କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନୂଆପଡ଼ା ଏବଂ ପୁରୀ ଜିଲାରେ ବର୍ଷା ସ୍ୱାଭାବିକ ରହିଛି। ବୁଧବାର ଝାଡ଼ଖଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ନୂଆ ରୂପରେ ଚମକିଲା ଲୋକୋମୋଟିଭ୍ ଇଞ୍ଜିନ

ପୁରୀ ଅଫିସ,୧୮।୮

ପୁରୀସହରରେ ବ୍ରିଟିଶ ଅମଳରୁ ରହିଥିବା ଐତିହ୍ୟ ସମ୍ପନ୍ନ ତଥା ବହୁ ପୁରାତନ ଲୋକୋମୋଟିଭ୍ ଇଞ୍ଜିନକୁ ପୁଣି ଥରେ ନୂଆ ରୂପରେ ସଜେଇ ଦିଆଯାଇଛି। ଚାଣକ୍ୟ ବିଏନ୍‌ଆର୍ ହୋଟେଲ ପରିସରରେ ଥିବା ଏହି ଇଞ୍ଜିନକୁ କିଛିଦିନ ତଳେ ପୁରୀରୁ ସ୍ଥାନାନ୍ତର କରିବା ପାଇଁ ଉଦ୍ୟମ ହୋଇଥିଲା। ତେବେ ପୁରୀ ସହରବାସୀ ଏହାକୁ ଦୃଢ଼ ବିରୋଧ କରିଥିଲେ। ପୂର୍ବତଟ ରେଳପଥ ପକ୍ଷରୁ ଏହାର ସ୍ଥାନାନ୍ତର ପ୍ରସ୍ତାବକୁ ଖାରଜ କରାଯାଇଥିବା ବେଳେ ଏହାର ନବୀକରଣ କାର୍ଯ୍ୟ ଗତ ତିନି ଦିନ ଧରି ଚାଲିଥିଲା। ଏବେ ଏହା ନୂଆ ରୂପରେ ଚମକୁଥିବା ଦେଖିବାକୁ ମିଳିଛି। ଇଞ୍ଜିନ୍‌ଟି ଚାଣକ୍ୟ ବିଏନ୍‌ଆର୍ ହୋଟେଲ ମଧ୍ୟରେ ଏକ ଖୋଲା ସ୍ଥାନରେ ଦୀର୍ଘ ବର୍ଷ ଧରି ରଖାଯାଇଥିବାରୁ ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ପୁରୀ ସହରବାସୀ ଦାବି କରିଛନ୍ତି। ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ବେଳେ ଏହାକୁ ବିରୋଧ କରି ଥାନାରେ ଅଭିଯୋଗ ଦାଖଲ କରିଥିବା ସାମାଜିକ କର୍ମୀ ହେକ୍ଟର ମିଶ୍ର କହିଛନ୍ତି, ପ୍ରଥମେ ଏହି ଐତିହ୍ୟ ଇଞ୍ଜିନ୍ ପାଇଁ ଶେଡ୍ ପ୍ରସ୍ତୁତ କରାଯାଉ। ଦେଶ ବିଦେଶର ଲୋକେ ପୁରୀ ବୁଲିବାକୁ ଆସିଲେ ଏହାକୁ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିବେ। ଏକ ଛୋଟ ସଂଗ୍ରହାଳୟ ଭାବେ ସମ୍ପୃକ୍ତ ସ୍ଥାନକୁ ବିକଶିତ କରାଗଲେ ପୁରୀ ସହରରେ ଥିବା ବ୍ରିଟିଶ୍ ଅମଳର ଏହି ଲୋକୋମୋଟିଭ୍ ଇଞ୍ଜିନକୁ ଦେଖିବା ପାଇଁ ଗହଳି ହେବ। ଅନ୍ୟପକ୍ଷରେ ପୂର୍ବତଟ ରେଳପଥ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପ୍ରଥମେ ଏହାକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଥିଲା। ମାତ୍ର ପରେ ପୁରୀ ସହରବାସୀଙ୍କ ଉଦ୍ଦେଶ୍ୟରେ ଏହାକୁ ସେହିଠାରେ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏବେ ଏହାର ନବୀକରଣ କାର୍ଯ୍ୟ ଶେଷ ହୋଇଛି। ଶେଡ୍ ନିର୍ମାଣ ଏକ ସ୍ୱାଗତଯୋଗ୍ୟ ପ୍ରସ୍ତାବ ହୋଇଥିବାରୁ ଏନେଇ ଶୀଘ୍ର ନିଷ୍ପତ୍ତି ନିଆଯିବ।



ODISHA PUBLIC SERVICE COMMISSION
CUTTACK
NOTICE

No. 5732/PSC, (DR-IV) (2PH-05-2021-22), Dt.17.08.21

NOTICE FOR CONDUCT OF COMPUTER BASED RECRUITMENT EXAMINATION FOR RECRUITMENT TO THE POST OF HOMOEOPATHIC MEDICAL OFFICER, PURSUANT TO ADVERTISEMENT NO. 01 OF 2021-22

**No. D-93:-** The Commission have decided to conduct **Computer Based Recruitment Examination** on **19.09.2021 (Sunday)** commencing from **10.00 A.M. to 11.30 A.M. (10.00 A.M. to 12.00 P.M. for PWD candidates)** for **Paper-I** and **02.00 P.M. to 03.30 P.M. (02.00 P.M. to 04.00 P.M. for PWD candidates)** for **Paper-II** for recruitment to the post of Homoeopathic Medical Officer, pursuant to **Advertisement No. 01 of 2021-22**. The details of Examination Centre(s) will be notified in due course.

The candidates are advised to visit the website of the Commission (www.opsc.gov.in) for further information on examination related Notice(s).

OIPR-12002/11/0063/2122 Sd./- Secretary

ODISHA PUBLIC SERVICE COMMISSION
CUTTACK
NOTICE

No. 5803/P.S.C., 1E-02-2021/22 (DR-III), Dt.18.08.21

**No. D-94:-** On the basis of information furnished by the Office of the Regional Chief Conservator of Forests, Bhubaneswar Circle, the candidates bearing the following Roll Nos. have been **disqualified** in the Physical Standard Verification and Physical Endurance Test (Walking) conducted from 19.07.2021 to 28.07.2021 & 14.08.2021 at Regional Plant Resource Centre Campus, Ekamra Kanan, Nayapalli, Bhubaneswar for recruitment to the post of Assistant Conservator of Forest, Group-A(JB) & Forest Ranger, Group-B pursuant to Advertisement No.22 of 2018-19.

**Roll Nos. 200065, 300104, 300119, 300140, 300339, 300359, 300368, 300380, 300620, 300818, 300936, 301127, 301181, 301215, 301364 , 301461, 301535, 301578, 301899, 301905, 302085, 302788, 302948, 304861, 305230, 305260, 305265, 305511, 305653, 305980, 400059, 400474, 500502, 500541 & 500609 = 35 candidates.**

2. The candidates bearing the following Roll Nos. have been **disqualified** on the ground of not appearing in the Physical test.

**Roll Nos. 300089, 300503, 301629, 301828, 302258, 302398, 304668, 304774, 305595 & 400505 = 10 candidates.**

OIPR-12002/11/0064/2122 Sd./- Secretary

❝ସଂସାରରେ କର୍ମର ଗତି ବଡ ଗହନ। ଅବତାର ଶ୍ରୀରାମ ଯେତେବେଳେ ବାଳୀକୁ ହତ୍ୟାକଲେ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୁକ୍ତ କରିବା ଲାଗି ନିଜର ମାମୁଁ କଂସକୁ ବଧ କଲେ- କିଏ କହିବ- ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଇ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। -ଶ୍ରୀଅରବିନ୍ଦ

# ବିଶ୍ୱାସଘାତକତାର ସ୍ମାରକ



ବ୍ରହ୍ମ ଚେଲାନୀ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ଶୀଘ୍ର ତଥା ଭୁଲ ନିଷ୍ପତ୍ତି ନେବା ପରେ ସନ୍ତ୍ରାସବାଦୀମାନେ ଆଫଗାନିସ୍ତାନକୁ କବ୍ଜା କରି ନେଇଛନ୍ତି। ଫଳରେ ସେଠାରେ ଆମେରିକା ଦୀର୍ଘଦିନ ଧରି ଚଳାଇଥିବା ଯୁଦ୍ଧର ଲଜ୍ଜାଜନକ ପରିସମାପ୍ତି ଘଟିଛି। କେବଳ ଏତିକି ନୁହେଁ, ବିଶ୍ୱଶାନ୍ତି ପାଇଁ ଆମେରିକାର ଦୀର୍ଘ ଲଢ଼େଇ ଔପଚାରିକ ଭାବେ ଶେଷ ହେବା ସହ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ପ୍ରଭୁତ୍ୱ ଉପରେ ମଧ୍ୟ ପରଦା ଢାଙ୍କି ହୋଇଯାଇଛି। ଏଭଳି ଏକ ଐତିହାସିକ ମୁହୂର୍ତ୍ତ ସବୁଦିନ ପାଇଁ ମନେରହିବ। ସମ୍ପ୍ରତି ବୈଶ୍ୱିକ ପ୍ରଭୁତ୍ୱକୁ ଚାଇନା ଭୀଷଣ ଚ୍ୟାଲେଞ୍ଜ ଦେଉଥିବାବେଳେ ଆମେରିକା ଏହି ଝଟକାରୁ କେବେ ବି ଉଧୁରି ପାରିବନି। ଏଭଳି ମାନବୀୟ ବିପର୍ଯ୍ୟୟ ଅନ୍ତର୍ଜାତୀୟ ସ୍ତରରେ ତା' ପ୍ରତି ଥିବା ବିଶ୍ୱାସ ଓ ସ୍ଥିତି ଉପରେ ଘୋର ଆଞ୍ଚ ଆଣିଛି। ଏହା ମଧ୍ୟ ଆମେରିକାର ମିତ୍ରରାଷ୍ଟ୍ରଗୁଡ଼ିକୁ ଏକ ବାର୍ତ୍ତା ଦେଇଛି । ସେମାନେ ବିପଦ ସମୟରେ ଆମେରିକା ସହଯୋଗ ଉପରେ ଭରସା କରିବା ଉପରେ ଅବଗଣନା ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଆମେରିକା ନିଜ ସ୍ୱାର୍ଥ ପାଇଁ ଆଫଗାନ୍ ସରକାରଙ୍କୁ ପ୍ରତାରଣା କରି ବିଶ୍ୱର ଭୟଙ୍କର ସନ୍ତ୍ରାସବାଦୀ ତାଲିବାନଙ୍କ ସହ କାମ କରିବା ଯୋଗୁ ଆଫଗାନିସ୍ତାନରେ ପୁଣି ବିପର୍ଯ୍ୟୟ ଦେଖାଦେଇଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଥମେ ଶତ୍ରୁ ସହ ମୂଳଚାଲ କରିଥିଲେ। ପରେ ବାଇଡେନ ପ୍ରଶାସନ ଚୁକ୍ତି ମୁତାବକ ସୈନ୍ୟ ପ୍ରତ୍ୟାହାର କାର୍ଯ୍ୟ ଆରମ୍ଭ କରିଦେଲେ। ଏପରିକି ତାଲିବାନ୍ ଚୁକ୍ତିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଥିଲେ ମଧ୍ୟ ବାଇଡେନ ଏହା କରିଥିଲେ।

ଆଫଗାନ୍ ପ୍ରତିରକ୍ଷା ଓ ସରକାରଙ୍କ ନାଟକୀୟ ପତନ ଆମେରିକାର ପ୍ରତାରଣା ବା ବିଶ୍ୱାସଘାତକତା ଯୋଗୁ ହେଲା। ଟ୍ରମ୍ପ୍ ଆଫଗାନିସ୍ତାନରେ ଆମେରିକା ସୈନ୍ୟସଂଖ୍ୟା କମାଇ ପାଖାପାଖି ୨,୫୦୦ରେ ସୀମିତ ରଖିଥିଲେ ବୋଲି ବାଇଡେନ୍ ସ୍ୱୀକାର କରିଛନ୍ତି। ଏତେ କମ୍ ସଂଖ୍ୟକ ସୈନ୍ୟଙ୍କୁ ନେଇ ଯୁଦ୍ଧ ଜାରି ରଖିବାକୁ ବାଇଡେନ୍ ମନା କଲେ ଓ ତାଲିବାନ୍ ଯୁଦ୍ଧ ଆରମ୍ଭ କରିବାବେଳେ ଶୀଘ୍ର ସୈନ୍ୟ ଅପସାରଣ କରିବାକୁ ନିର୍ଦ୍ଦେଶ ଦେଲେ। ବାଇଡେନ୍ ଆଫଗାନ୍ ସେନାଠାରୁ ସମର୍ଥନ ପ୍ରତ୍ୟାହାର କରି ନେବା ଯୋଗୁ ତାଲିବାନ ଆଫଗାନିସ୍ତାନ ଦଖଲ କରିବା ସହଜ ହୋଇଗଲା। ଆମେରିକା ଆଫଗାନ୍ ସେନାକୁ ଯୁଦ୍ଧ କରିବା ଓ ଯୁଦ୍ଧ ଉପକରଣଗୁଡ଼ିକୁ ସ୍ୱାଧୀନ ଭାବେ ଉପଯୋଗ କରିବାକୁ ସୁଯୋଗ କିମ୍ବା ପ୍ରଶିକ୍ଷଣ ଦେଇ ନ ଥିଲା। ଏ କ୍ଷେତ୍ରରେ ସେମାନେ ଆମେରିକା ଓ ନାଟୋ ସେନା ଉପରେ ନିର୍ଭର କରୁଥିଲେ। ଆଫଗାନ୍ ସେନାର ଯୁଦ୍ଧ ଦକ୍ଷତା ବଜାୟ ରଖିବା ଲାଗି କୌଣସି ସ୍ପଷ୍ଟ ଯୋଜନା ନ କରି ବାଇଡେନ୍ ସୈନ୍ୟ ଅପସାରଣ ଭଳି ଘାତକ କାର୍ଯ୍ୟ କରିବା ଦ୍ୱାରା ଏହାର ଏକ ଦୂରଗାମୀ ପ୍ରଭାବ ପ୍ରତୀୟମାନ ହୋଇଛି। ଏହାସହ ୮,୫୦୦ ନାଟୋ ସେନା ଓ ପ୍ରାୟ ୧୮,୦୦୦ ଆମେରିକାର ମିଲିଟାରୀ କଣ୍ଟ୍ରାକ୍ଟର୍ସ ଆଫଗାନିସ୍ତାନ ଛାଡ଼ିବା ଦ୍ୱାରା ଆଫଗାନ୍ ସେନାକୁ ଶକ୍ତ ଝଟକା ଲାଗିଲା ଓ ଏହା ହିଁ ତାଙ୍କ ବିପର୍ଯ୍ୟୟର କାରଣ ପାଲଟିଲା।

ପୂର୍ବତନ ସିଆଇଏ ମହାନିର୍ଦ୍ଦେଶକ ଡ୍ୟାଭିଡ୍ ପିଟ୍ରାଉସ୍ କହିଛନ୍ତି ଯେ, ୧ ଜାନୁୟାରୀ ୨୦୧୫ରେ ଆଫଗାନିସ୍ତାନରେ ଆମେରିକାର ଯୁଦ୍ଧ ଅଭିଯାନ ପ୍ରାୟ ଶେଷ ହେବା ପରଠାରୁ ଆଫଗାନ୍ ସୈନ୍ୟମାନେ ସେମାନଙ୍କ ଦେଶ ଲାଗି ସାହସର ସହ ଲଢ଼େଇ କରି ଶହୀଦ ହେଉଥିଲେ। ଚଳିତ ଗ୍ରୀଷ୍ମ ଯାଏ ସେମାନେ ଲଢେଇ ଜାରି ରଖିଥିଲେ, କିନ୍ତୁ ହଠାତ୍ ଆମେରିକା ସେମାନଙ୍କ ହାତ ଛାଡ଼ିଦେବାରୁ ଅତ୍ୟଧିକ ଆଫଗାନ୍ ସୈନ୍ୟଙ୍କର ମୃତ୍ୟୁ ଘଟିଲା ଓ ବହୁ କ୍ଷତି ହେଲା। ସୈନ୍ୟଙ୍କ ମୃତ୍ୟୁସଂଖ୍ୟାକୁ ଦେଖିବାରୁ ଏହା ସ୍ପଷ୍ଟ ଜଣାପଡ଼ିଲା। ଯେହେତୁ ଯୁଦ୍ଧରେ ଆମେରିକାର ଭୂମିକା ସାଢେ ଛଅ ବର୍ଷରୁ ଊର୍ଦ୍ଧ୍ୱ ହେବ ଶେଷ ହୋଇସାରିଥିଲା, ସେଥିପାଇଁ ଆଫଗାନ୍ ସେନା ତା'ର ହଜାର ହଜାର ସୈନ୍ୟଙ୍କୁ ହରାଉଥିଲା। ଏହି ସମୟ ମଧ୍ୟରେ ଆମେରିକାର ମାତ୍ର ୯୯ ସୈନ୍ୟଙ୍କର ମୃତ୍ୟୁ ହୋଇଥିଲା, ଯେଉଁମାନଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁର ଯୁଦ୍ଧ ସହ ସମ୍ପର୍କ ନ ଥିଲା।

ଆମେରିକା ତା' ସମର୍ଥକ ବା ମିତ୍ରମାନଙ୍କୁ ଦୂରକୁ ଫିଙ୍ଗିଦେବାରେ ଏହା ପ୍ରଥମ ଘଟଣା ନୁହେଁ। ଏଠାରେ ୨୦୧୯ର ଘଟଣା ମନେପକାଯାଇପାରେ। ଉତ୍ତର ସିରିଆରେ ଆମେରିକା ତା' କୁର୍ଦ୍ଦିସ ମିତ୍ରଙ୍କୁ ସମ୍ପୂର୍ଣ୍ଣ ଦୂରେଇଦେଇ ସେମାନଙ୍କ ଜୀବନକୁ ତୁର୍କିର ଦୟା ଉପରେ ଛାଡ଼ିଦେଲା। କିନ୍ତୁ ଆଫଗାନିସ୍ତାନରେ ଆମେରିକା ସମସ୍ୟା ଆରମ୍ଭ କରିଥିଲା ତାହାକୁ ବଡ଼ କରିଥିଲା। ଶେଷରେ ତା'ବୋକାମି ଲାଗି ତାକୁ ପରିଣାମ ଭୋଗିବାକୁ ପଡ଼ିଲା। ନିଜର ପରାଜୟ ଘଟିଲା ଓ ଅପମାନିତ ହେଲା। ଏଥିପାଇଁ ସେନା ନେତୃତ୍ୱ ଦାୟୀ ନୁହେଁ, ବରଂ ରାଜନୈତିକ ବିଫଳତା ଯୋଗୁ ଘଟିଲା। ଆଫଗାନିସ୍ତାନର ତୃଣମୂଳ ସ୍ତରରେ ଅବସ୍ଥା କ'ଣ ରହିଛି ତାହାକୁ ବାଇଡେନ୍ ଅଣଦେଖା କଲେ। ଏପ୍ରିଲରେ ସେନା ମୁଖ୍ୟମାନଙ୍କ ନିଷ୍ପତ୍ତିକୁ ନ ମାନି ସେ ଆମେରିକା ସୈନ୍ୟଙ୍କୁ ଘରକୁ ଫେରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଶତ୍ରୁ ତାଲିବାନ ବିଜୟ ଲାଭ କରି କ୍ଷମତାକୁ ଫେରିଲା। ଏହାଯୋଗୁ ସେଠାରେ ଆମେରିକା ଦୁଇ ଦଶନ୍ଧି ଧରି ଚଳାଇଥିବା ଯୁଦ୍ଧର ଅବସାନ ଘଟିଲା। ଅନ୍ୟ ପକ୍ଷରେ ଭିଏତ୍‌ନାମରେ ୫୮,୨୨୦ ଆମେରିକୀୟଙ୍କୁ ହତ୍ୟା କରାଯାଇଥିବାବେଳେ ଆଫଗାନିସ୍ତାନରେ ୨୦ ବର୍ଷରେ ୨,୪୪୮ ଆମେରିକୀୟ ସୈନ୍ୟଙ୍କର ମୃତ୍ୟୁ ଘଟିଛି। କିନ୍ତୁ ବିଶ୍ୱରେ ଭିଏତ୍‌ନାମରେ ଆମେରିକା ହାରିବା ଠାରୁ ଆଫଗାନିସ୍ଥାନରେ ପରାଜୟ ବରଣ କରିବାର ଗୁରୁତ୍ୱ ଯଥେଷ୍ଟ ରହିଛି।

ପାକିସ୍ତାନ ପ୍ରୋତ୍ସାହିତ ତାଲିବାନର କୋଣସି ବୈଶ୍ୱିକ ଲକ୍ଷ୍ୟ ନ ଥାଇପାରେ, କିନ୍ତୁ ସେମାନଙ୍କ ହିଂସକ ସନ୍ତ୍ରାସବାଦ ବିଚାର ଅନ୍ତର୍ଜାତୀୟ ଜେହାଦି ଅଭିଯାନ ସହ ସମ୍ପର୍କ ରହିଛି। ତାଲିବାନ କ୍ଷମତା ହାସଲ କରିବା ଦ୍ୱାରା ଜେହାଦି ଅଭିଯାନ ଶକ୍ତିଶାଳୀ ହେବ ଓ ହିଂସା ସହ ଜଡିତ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହିତ କରିବ। ଏହା ପୁଣି ବିଶ୍ୱ ସନ୍ତ୍ରାସବାଦକୁ ନୂଆ ଜନ୍ମ ଦେବ। ତାଲିବାନ ଶାସନରେ ଅଲକାଏଦା, ଇସ୍‌ଲାମିକ ଷ୍ଟେଟ୍(ଆଇଏସ୍) ଏବଂ ପାକିସ୍ତାନୀ ସନ୍ତ୍ରାସବାଦୀ ଗୋଷ୍ଠୀଗୁଡ଼ିକ ପାଇଁ ଆଫଗାନିସ୍ତାନ ପ୍ରକୃଷ୍ଟ ସ୍ଥାନ ପାଲଟିବ। ନିକଟରେ ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡିଛି ଯେ,ତାଲିବାନ ଓ ଅଲକାଏଦାର ନିବିଡ଼ ସମ୍ପର୍କ ରହିଛି। ସେମାନେ ପାକିସ୍ତାନର ଅକାନି ନେଟ୍‌ୱର୍କ ମାଧ୍ୟମରେ ଯୋଗାଯୋଗ ରକ୍ଷା କରୁଛନ୍ତି। ଏହି ନେଟ୍‌ୱର୍କ ପାକିସ୍ତାନୀ ଗୋଇନ୍ଦା ସହ କାମ କରୁଛି। ଏକ ଗଣତାନ୍ତ୍ରିକ ଆଫଗାନିସ୍ତାନ ଗଠନ କରିବାର ପ୍ରଚେଷ୍ଟାରେ ଅସଫଳତା ଏବେ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରତି ବିପଦ ଆଣିବ। ଏହା ସିରିଆର ଦୁଃଖଦ ବିପର୍ଯ୍ୟୟଠାରୁ ଅଧିକ ହେବ । ବହୁ ସଂଖ୍ୟକ ଶରଣାର୍ଥୀ ୟୁରୋପକୁ ପଳାୟନ କରିବେ ଓ ଆଇଏସ୍‌କୁ ତା' କ୍ଷମତା ବଢ଼ାଇବା ସହ ଇରାକରେ ଆଧିପତ୍ୟ ବିସ୍ତାର କରିବାକୁ ସୁଯୋଗ ପାଇବ। ଆଫଗାନିସ୍ତାନରେ ତାଲିବାନ ସମ୍ପୂର୍ଣ୍ଣ କ୍ଷମତା ନେବା ପରେ ଆମେରିକା ସୁରକ୍ଷା ଉପରେ ବିପଦ ସୃଷ୍ଟି କରିବ।

ଆମେରିକାକୁ ତାଲିବାନ୍ ହରାଇବା ପରେ ଚାଇନା ମଧ୍ୟ ତା'ସ୍ୱାର୍ଥ ହାସଲ କରିବ। ଆମେରିକାର ସମ୍ପୂର୍ଣ୍ଣ ପରାଜୟ ଚାଇନାର ଦାଦାଗିରି ଓ ବିସ୍ତାରବାଦକୁ ବଢ଼ାଇବ। ବିଶ୍ୱସ୍ତରରେ ଆମେରିକାର ଶକ୍ତି ଅପ୍ରତ୍ୟାଶିତ ହ୍ରାସ ହୋଇଥିବାବେଳେ ତାଇୱାନ୍ ବିରୋଧରେ ଚାଇନା ବଳ ପ୍ରୟୋଗ କରିବାକୁ ଆଗେଇ ଆସିବ। ସୁବିଧାବାଦୀ ଚାଇନା ଖଣିଜ ପରିପୂର୍ଣ୍ଣ ଆଫଗାନିସ୍ତାନରେ ପ୍ରବେଶ କରିବା ସହ ପାକିସ୍ତାନ, ଇରାନ ଏବଂ କେନ୍ଦ୍ର ଏସିଆରେ ତା' ଆଡ୍ଡା ଜମାଇବ। ତାଲିବାନକୁ ସହଯୋଗ କରିବା ପାଇଁ ଦୀର୍ଘମିଆଦୀ ଚୁକ୍ତି କରିବ । ଚାଇନା ମଧ୍ୟ ତାଲିବାନ୍ ସମ୍ମୁଖରେ ଲୋଭନୀୟ ପ୍ରସ୍ତାବ ରଖିସାରିଲାଣି। କୂଟନୈତିକ ସ୍ୱୀକୃତି, ଭିତ୍ତିଭୂମି ଏବଂ ଆର୍ଥିକ ସହଯୋଗର ଲୋଭ ଦେଖାଇ ସାରିଲାଣି। ଆଫଗାନିସ୍ତାନରେ ଏକ ମଧ୍ୟଯୁଗୀୟ, ଚରମ ରକ୍ଷଣଶୀଳ, ଜିହାଦ ଚରାଭୂଇଁର ପୁନଃ ସ୍ଥାପନ ଆମେରିକା ବିଶ୍ୱାସଘାତକତାର ସ୍ମାରକ ବା ଅଲିଭା ଚିହ୍ନ ହୋଇ ରହିବ। ଚିନୋକ ଓ ବ୍ଲାକ ହକ୍ ହେଲିକପ୍ଟରରେ କାବୁଲ ସ୍ଥିତ ଆମେରିକା ଦୂତାବାସରୁ ଆମେରିକୀୟଙ୍କୁ ଫେରାଇ ଆଣିବା ମନେପକାଇ ଦେଇଛି ୧୯୭୫ର ସାଇଗୁନ୍‌ର ସ୍ଥାନାନ୍ତର ଘଟଣାକୁ। ଏହା ମଧ୍ୟ ବିଶ୍ୱରେ ଆମେରିକାର ବିଶ୍ୱସନୀୟତା ଏବଂ ତା' ତତ୍ତ୍ୱାବଧାନରେ ଚାଲିଆସୁଥିବା ବିଶ୍ୱ ଶାନ୍ତି ଅଭିଯାନରେ ଘଟିଥିବା ଘୋର କ୍ଷତିର ସାକ୍ଷୀ ହୋଇ ରହିଯିବ।

**ପ୍ରାଧ୍ୟାପକ, ଷ୍ଟ୍ରାଟେଜିକ ଷ୍ଟଡିଜ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ( ନୂଆଦିଲ୍ଲୀ)**
**ଫେଲୋ, ରୋବର୍ଟ ବୋକ୍ ଏକାଡେମୀ, ବର୍ଲିନ**

## ଶୂନଠାରୁ ସାମାନ୍ୟ ଭଲ



ରାଧାମୋହନ ମହାପାତ୍ର

ଏବେ ପ୍ରାୟ ଏକ ମାସ ବା ତଦୂର୍ଦ୍ଧ୍ୱ କାଳ ହେବ ଜାତୀୟ ତଥା ଅନ୍ତର୍ଜାତୀୟ ଖବର ପରିବେଷଣ କ୍ଷେତ୍ରରେ ଟୋକିଓ ଅଲିମ୍ପିକ୍ସ କ୍ରୀଡ଼ାର ବିଷୟବସ୍ତୁ ପାଠକଙ୍କ ଦୃଷ୍ଟି ଆକର୍ଷଣ କଲା। ଆସନ୍ତୁ ଭାରତର କ୍ରୀଡ଼ାନୈପୁଣ୍ୟ ଉପରେ ନଜର ପକାଇବା। ଭାରତକୁ ସ୍ୱର୍ଣ୍ଣ ଏକ, ରୌପ୍ୟ ଦୁଇ, ବ୍ରୋଞ୍ଜ ଚାରଟି ପଦକ ଏହିପରି ସର୍ବମୋଟ ସାତଟି ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରଥମେ ସ୍ୱର୍ଣ୍ଣ ପଦକ ବିଜେତାଙ୍କ କଥା ବିଚାରକୁ ନିଆଯାଉ। ହରିୟାଣାର ୨୩ ବର୍ଷୀୟ ନୀରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଅର୍ଜନ କରି ଭାରତୀୟ ଆଥଲେଟିକ୍ସର 'ପୋଷ୍ଟର ବୟ' ବନି ଯାଇଛନ୍ତି। ଅପରପକ୍ଷେ ୬୫ କିଲୋ ଓଜନ ବର୍ଗରେ ବଜରଙ୍ଗ ପୁନିଆ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଆଥଲେଟ ସୁଲତାନା ରବି ମଧ୍ୟ କୁସ୍ତିରେ ରୌପ୍ୟପଦକ ହାସଲ କରିନେଲେ। ଭାରତ ପାଇଁ ସବୁଠାରୁ ସଂଘର୍ଷ ମ୍ୟାଚ ଥିଲା ହକି । ହକି ଭାରତର ଅନ୍ୟତମ ଜାତୀୟ ଖେଳ କହିଲେ ଭୁଲ ହେବ ନାହିଁ। ଦେଶବାସୀଙ୍କ ନଜର ଥିଲା ପୁରୁଷ ହକି ମ୍ୟାଚ ଉପରେ। ବ୍ରୋଞ୍ଜ ପଦକ ଲଢ଼େଇରେ ଶକ୍ତିଶାଳୀ ଜର୍ମାନୀକୁ ୫-୪ ଗୋଲରେ ହରାଇ ଭାରତ ବ୍ରୋଞ୍ଜ ପଦକ ଜିତିଲା।

ଟୋକିଓରେ ଭାରତ ପଦକ ଜିତିବା ପରେ ନୂଆ ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସର୍ବାଧିକ ୬ଟି(୨ରୌପ୍ୟ ଓ ୪ ବ୍ରୋଞ୍ଜ) ପଦକ ମିଳିଥିଲା। କିନ୍ତୁ ଏଥର ଟୋକିଓରେ ୭ଟି ପଦକ ମିଳିଛି,ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ରହିଛି। ଭାରତର ଏହି ସଫଳତାରେ ଉଚ୍ଛ୍ୱସିତ ବିହ୍ୱଳ ହୋଇ ରାଜନେତାଙ୍କଠୁ ଆରମ୍ଭକରି ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମୁଖରୁ ପ୍ରଶଂସା ଓ ଅଭିନନ୍ଦନର ବାରିଧାରା ଲାଗି ରହିଛି। ଏଥର ସ୍ୱର୍ଣ୍ଣ ବିଜେତା ନୀରଜଙ୍କ ସଫଳତା ଅଭୂତପୂର୍ବ ଓ ଅବର୍ଣ୍ଣନୀୟ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ସେ ଦୀର୍ଘ ୧୨୧ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଇତିହାସ ସୃଷ୍ଟି କରିଛନ୍ତି ବୋଲି ମତ ରଖିଛନ୍ତି। ଭାରତ ଏବେ ନୀରଜଙ୍କ ପାଇଁ ଉଲ୍ଲସିତ ଓ ଉତ୍ସବମୁଖର।

ନୀରଜଙ୍କ ପ୍ରଦର୍ଶନ ଯୁଗଯୁଗ ଧରି ସମସ୍ତଙ୍କର ମନେ ରହିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇନ୍ତି। ସେହିପରି ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତିବା ପରେ ସେ ଫୋନ୍ କରି ଅଧିନାୟକ ମନପ୍ରୀତ ସିଂଙ୍କୁ ପେଟପୂରା ମନଭରା ଅଭିନନ୍ଦନ ବାଣୀ ଶୁଣାଇଥିଲେ ଓ ଟୁଇଟ୍ କରି ପ୍ରତ୍ୟେକ ଖେଳାଳିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହିପରି ଦେଶର ମନ୍ତ୍ରୀ, ନେତା, ବୁଦ୍ଧିଜୀବୀ ତଥା କ୍ରୀଡ଼ାପ୍ରେମୀଙ୍କ ଅଭିନନ୍ଦନର ସ୍ରୋତ ବହିଚାଲିଛି। ଅନେକ ରାଜ୍ୟ ସରକାର, ଅନୁଷ୍ଠାନ ଓ ମହଲ ପଦକ ବିଜେତାଙ୍କୁ ଆର୍ଥିକ ସାହାଯ୍ୟ ଓ ବଦାନ୍ୟତାର ହାତ ବଢ଼ାଇ ଅଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ବିଜେତାଙ୍କୁ ବ୍ୟକ୍ତିଗତ ଅଭିନନ୍ଦନ ଜଣାଇ ଭାରତୀୟ ହକି ଦଳକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଛନ୍ତି।

ପ୍ରଗତିର ଚଲାପଥରେ ଯେକୌଣସି ସଫଳତା ଏକ ଅଭିନନ୍ଦନୀୟ ବାର୍ତ୍ତାବହନ କରିଥାଏ। ଏଥିପାଇଁ ପ୍ରୋତ୍ସାହନ ଓ ପୁରସ୍କାର ଏକ ଜାତୀୟ କର୍ତ୍ତବ୍ୟ। ପୁରସ୍କାର ବିଜେତା ନିଶ୍ଚିତ ଭାବେ ଅଭିନନ୍ଦନ ଓ ପ୍ରୋତ୍ସାହନର ପାତ୍ର, ଯାହା ସେମାନଙ୍କର ପ୍ରାପ୍ୟ। କିନ୍ତୁ ମୁଷ୍ଟିମେୟ ସଫଳତାରେ ଆନନ୍ଦାତିଶଯ୍ୟ ଆବଶ୍ୟକତାଠାରୁ ଅଧିକ ହୋଇଯାଉଛି ଏବଂ ଅନେକ କ୍ଷେତ୍ରରେ ଏଥିରେ ରାଜନୈତିକ ଗନ୍ଧ ବାରିହୋଇ ପଡୁଛି। ଟୋକିଓ ଅଲିମ୍ପିକ୍ସରେ ଭାରତର ଯୋଗଦାନ ଏବଂ ଭାରତୀୟମାନଙ୍କ ସାମଗ୍ରିକ କ୍ରୀଡ଼ାନୈପୁଣ୍ୟ ନିରପେକ୍ଷ ଭାବେ ବିଚାରକଲେ ତାହା ସେତେଟା ଉତ୍ସାହଜନକ ନୁହେଁ। ନିରିଖେଇ ଦେଖିଲେ ଭାରତର ସାମୂହିକ କ୍ରୀଡ଼ା ପ୍ରଦର୍ଶନ ଏକ ପ୍ରକାର ନୈରାଶ୍ୟଜନକ କହିଲେ ବିଶେଷ ଭୁଲ ହେବ ନାହିଁ। ବିଶ୍ୱ ମାନଚିତ୍ରରେ ଭାରତ ଏକ ବିଶାଳ ଦେଶ। ଏହାର ଜନସଂଖ୍ୟା ଏକଶହ ଛତିଶ କୋଟି, ଯାହା ବିଶ୍ୱ ଜନସଂଖ୍ୟାର ପ୍ରାୟ ଏକ ପଞ୍ଚମାଂଶ। କିନ୍ତୁ ସେଇ ଅନୁପାତରେ ଆମର ପଦକ ସଂଖ୍ୟା ନଗଣ୍ୟ। ଚାଇନାର ଲୋକସଂଖ୍ୟା ୧୩୯କୋଟି, କିନ୍ତୁ ଚାଇନା ଆମେରିକା ପରେ ଅଲିମ୍ପିକ୍ସ ସଫଳତାର ଶୀର୍ଷରେ ରହିଛି। ଚାଇନା ୩୮ସ୍ୱର୍ଣ୍ଣ, ୩୧ଟି ରୌପ୍ୟ, ୧୮ଟି ବ୍ରୋଞ୍ଜ ଏହିପରି ମୋଟ ୮୭ଟି ପଦକ ପାଇଥିବା ବେଳେ ଆମେ ମାତ୍ର ୭ଟି ପଦକ ହାସଲ କରି ୪୮ସ୍ଥାନରେ ରହିଛୁ। ଏପରିକି ଅନେକ ଅନାମଧେୟ ଦେଶ ଯଥା ଇକ୍ୱେଡର, ଉଜ୍‌ବେକିସ୍ତାନ, ବାହାମାସ ୨ଟି ଲେଖାଏଁ ସ୍ୱର୍ଣ୍ଣପଦକ ହାସଲ କରିସାରିଛନ୍ତି। ଆମେ ଅନ୍ୟ ପ୍ରଗତିଶୀଳ ଦେଶର ସଫଳତା ସହିତ ତୁଳନା କଲେ ମୁଣ୍ଡ ତଳକୁ ହୋଇ ଆସୁଛି। ଏହା ଅପ୍ରିୟ ସତ୍ୟକଥା । ଆମେ କେବଳ ନାହିଁ ମାମୁଁଠାରୁ କଣା ମାମୁଁ ବା ଶୂନଠାରୁ ସାମାନ୍ୟ ଭଲ ଭାବନାରେ ବନ୍ଧା ହୋଇ ରହିନାହୁଁ ତ ? ନା ଆମର ଜାତୀୟ କ୍ରୀଡ଼ାନୀତି ଅଧିକ ଶକ୍ତିଶାଳୀ ବୈପ୍ଳବିକ ସଂସ୍କାର ଆବଶ୍ୟକ କରୁଛି?

**ବୁଦ୍ଧେଶ୍ୱରୀ, ଭୁବନେଶ୍ୱର**
**ମୋ: ୯୮୬୧୧୮୯୯୩୬**

## ଏଇ ଭାରତରେ

ମୃତ୍ୟୁ ଧମକକୁ ଖାତିର ନ କରି ସୁମିତା ବାନାର୍ଜୀ କୋଲକାତାର ରବୀନ୍ଦ୍ର ସରୋବର ସୁରକ୍ଷା ଲାଗି ଯେଉଁଭଳି ସଂଗ୍ରାମ କରୁଛନ୍ତି ତାହା ବାସ୍ତବିକ ପ୍ରେରଣାଦାୟୀ। ପଶ୍ଚିମବଙ୍ଗ ଦୁର୍ଗାପୁର ନିବାସୀ ସୁମିତା ୧୯୯୦ରେ କୋଲକାତା ଆସି କଳାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସେଠାରେ ଏକ ସ୍କୁଲରେ ଶିକ୍ଷକ ରହିଥିଲେ। ପରେ ଚାକିରି ଛାଡ଼ି ସେ ରବୀନ୍ଦ୍ର ସରୋବର ସୁରକ୍ଷାରେ ଲାଗି ଯାଇଥିଲେ। ସୁମିତ୍ରା ସକାଳେ ଚାଲିବା ସମୟରେ ଲୋକଙ୍କ ଦସ୍ତଖତ ସଂଗ୍ରହ କରି ଏହାର ସୁରକ୍ଷା ଲାଗି ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ସଫଳତା ପାଇବା ପରେ ତାଙ୍କ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଲୋକଙ୍କଠାରୁ ପାଣ୍ଠି ଯୋଗାଡ଼ କରି ୧୯୨ ଏକର ବିଶିଷ୍ଟ ହ୍ରଦର ସୁରକ୍ଷା କରିପାରିଛନ୍ତି। ପ୍ରଶାସନ ମଧ୍ୟ ତାଙ୍କୁ ସହଯୋଗ ଜାରି ରଖିଛି। ଏକୁଟିଆ ଏହି କାର୍ଯ୍ୟ ସମ୍ପାଦନ କରୁଥିବାରୁ ଜବରଦଖଲକାରୀମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ତେବେ ସେ ସବୁକୁ ଖାତିର ନ କରି ସୁମିତ୍ରା ପ୍ରତିଦିନ ଘରଠାରୁ ୨ କି.ମି. ଚାଲି ଚାଲି ଯାଇ ସକାଳ ସାଢ଼େ ୭ଟା ସୁଦ୍ଧା ହ୍ରଦ ନିକଟରେ ପହଞ୍ଚିଯାଆନ୍ତି। ଦିନସାରା ହ୍ରଦ ନିକଟରେ ରହି ଲୋକଙ୍କୁ ଅଳିଆ ପକାଇବାକୁ ବାରଣ କରନ୍ତି। ଏହାସହ ଏହାର ସ୍ୱଚ୍ଛତା ଓ ପରିଚାଳନାରେ ସରକାରୀ ସଫେଇ କର୍ମଚାରୀଙ୍କୁ ସହଯୋଗ କରିଥାଆନ୍ତି। ଅପରାହ୍ନ ୩ଟାରେ ଘରକୁ ଫେରନ୍ତି। ଦିନେ ଦିନେ ଫେରିବାକୁ ସନ୍ଧ୍ୟା ହୋଇଯାଏ। କେବଳ ଏତିକି ନୁହେଁ ତାଙ୍କ ତତ୍ତ୍ୱାବଧାନରେ ରବୀନ୍ଦ୍ର ସରୋବର ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ କରାଯିବା ସହ ଜୈବବିବିଧତା ବୃଦ୍ଧି କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୯୬

- ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କ ସହ ଏକ ବିବାଦୀୟ ଟେଲି ଯୋଗାଯୋଗ ଚୁକ୍ତିରେ ସଂପୃକ୍ତ ଥିବା ଅଭିଯୋଗରେ ଟେଲି ଯୋଗାଯୋଗ ବିଭାଗ (ଡଟ୍)ର ବରିଷ୍ଠ ଅଫିସର ରୁନୁ ଘୋଷ ସିବିଆଇ ଦ୍ୱାରା ଗିରଫ।
- ବିଜେପିର ବହିଷ୍କୃତ ନେତା ଶଙ୍କର ସିଂ ବାଘେଲାଙ୍କୁ ଖୋଲାଖୋଲି ସମର୍ଥନ କରୁଥିବା ଅଭିଯୋଗରେ ଗୁଜୁରାଟର ୨ ଜଣ ମନ୍ତ୍ରୀଙ୍କ ସମେତ ୧୧ ବିଧାୟକଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି।
- ଆସାମର ନାଲବାରି ଜିଲାରେ ଉଲ୍‌ଫା ଉଗ୍ରପନ୍ଥୀମାନେ ସୈନ୍ୟ ବାହିନୀ ଉପରେୟ ଆକ୍ରମଣ କରି ୧୨ ଜଣଙ୍କୁ ହତ୍ୟା କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | | 3 |
| | | 5 | 8 | | | | | 7 |
| | | 6 | | | | | | |
| | 8 | | | 4 | | | | |
| | | | | | 7 | | 8 | |
| 9 | | | 2 | | 1 | | 3 | |
| 5 | 6 | | 7 | | | | | |
| | | 4 | | | 2 | | | |
| | 7 | | 5 | 9 | | 6 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 6 | 4 | 2 | 9 | 8 | 5 |
| 5 | 2 | 8 | 3 | 9 | 1 | 6 | 7 | 4 |
| 6 | 9 | 4 | 8 | 7 | 5 | 2 | 1 | 3 |
| 9 | 6 | 2 | 1 | 3 | 4 | 8 | 5 | 7 |
| 8 | 7 | 1 | 9 | 5 | 6 | 3 | 4 | 2 |
| 4 | 3 | 5 | 2 | 8 | 7 | 1 | 6 | 9 |
| 1 | 8 | 7 | 4 | 2 | 9 | 5 | 3 | 6 |
| 2 | 4 | 6 | 5 | 1 | 3 | 7 | 9 | 8 |
| 3 | 5 | 9 | 7 | 6 | 8 | 4 | 2 | 1 |

ଗତକାଲିର ଉତ୍ତର

# ଚଢ଼ା ଶେୟାର ବଜାର



ଦେବାଶିଷ ଆଚାର୍ଯ୍ୟ

କୋଭିଡ୍-୧୯ର ପ୍ରଥମ ଏବଂ ଦ୍ୱିତୀୟ ଲହର ଆମର ଅର୍ଥନୀତିକୁ ଦୋହଲେଇ ଦେଇଛି ସତ କିନ୍ତୁ ଶେୟାର ବଜାର ହୁଡୁହୁଡୁ ବଢ଼ିଚାଲିଛି। ସମ୍ପ୍ରତି ସେନ୍‌ସେକ୍ସ ଯାହାକି ବମ୍ବେ ଷ୍ଟକ୍ ଏକଚେଞ୍ଜର ସୂଚକାଙ୍କ ୫୪,୦୦୦ ଉପରେ ପହଞ୍ଚିଅଛି ଏବଂ ନିଫ୍ଟି ସୂଚକାଙ୍କ ୧୬,୦୦୦ ଉପରେ ପହଞ୍ଚିଅଛି। ଗତ ଏକ ବର୍ଷ ମଧ୍ୟରେ ସେନସେକ୍ସ ପ୍ରାୟ ୯୨% ବଢ଼ିଛି । ଏପ୍ରିଲ ୨୦୨୦ ରେ ଏହି ସେନସେକ୍ସ ୨୮,୨୬୫ ଥିଲାବେଳେ ଜୁନ୍ ୨୦୨୧ସୁଦ୍ଧା ପ୍ରାୟ ୫୨,୦୦୦ ପାଖରେ ପହଞ୍ଚିଅଛି। ଏହି ପରିପ୍ରେକ୍ଷୀରେ ମନେପଡ଼େ ଆଲନ ଗ୍ରୀନ୍‌ସ୍ପାନଙ୍କର ବକ୍ତବ୍ୟ, ଯିଏକି ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ, ଫେଡେରାଲ ରିଜର୍ଭ ସିଷ୍ଟମର ତ୍ରୟୋଦଶ ମୁଖ୍ୟ(ଚେୟାର) ଥିଲେ। ଗ୍ରୀନ୍‌ସ୍ପାନ ୧୯୯୬ରେ ଆଜି ଦେଖାଯାଉଥିବା ଶେୟାର ବଜାରର ବୃଦ୍ଧିକୁ 'ଇରାସନାଲ ଏକଜୁବେରେଁଶେ' ବୋଲି କହିଥିଲେ. ଯାହା ଶେୟାର ବଜାରରେ ଏକ ଅସଙ୍ଗତ ବା ଅଯୌକ୍ତିକ ଉତ୍‌ଫୁଲ୍ଲତାକୁ ଇଙ୍ଗିତ କରେ। ପରବର୍ତ୍ତୀ ସମୟରେ ନୋବେଲ ଲରେଟ ରବର୍ଟ ଜେ ସିଲ୍ଲର ଏହି ପ୍ରସଙ୍ଗରେ ତାଙ୍କ ପୁସ୍ତକରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା ପ୍ରସ୍ତୁତ କରିଥିଲେ। ଏପରି ଶେୟାର ବଜାରକୁ କିଛି ପରିମାଣରେ ଜନ୍ ମେନାର୍ଡ କିନ୍ସଙ୍କ ବ୍ୟବହୃତ ଶବ୍ଦ 'ଆନିମଲ ସ୍ପିରିଟ୍‌ସ' ବୋଲି ମଧ୍ୟ କୁହାଯାଇପାରେ, ଯାହା ଆଜି କୋଭିଡ ନୈରାଶ୍ୟବାଦ ମଧ୍ୟରେ ଏକ ପ୍ରକାର ଶେୟାର ଆଶାବାଦ ସୃଷ୍ଟି କରିଛି। ଏହାର କାରଣ କ'ଣ ହେଇପାରେ?

୨୦୨୧ ଆର୍ଥିକବର୍ଷର ପ୍ରଥମ ଭାଗରେ ଷ୍ଟକ୍ ଏବଂ ମ୍ୟୁଚୁଆଲ ଫଣ୍ଡରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି ଏବଂ ଷ୍ଟକ୍ ମାର୍କେଟରେ ଖୁଚୁରା ନିବେଶର ଅଂଶ ମଧ୍ୟ ବୃଦ୍ଧିପାଇଛି। ସେଣ୍ଟ୍ରାଲ ଡିପୋଜିଟୋରି ସର୍ଭିସେସ ଲିମିଟେଡ (ସିଡିଏସ୍‌ଏଲ୍) ଏବଂ ନ୍ୟାଶନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ (ଏନ୍‌ଏସ୍‌ଡିଏଲ୍)ଠାରୁ ମିଳିଥିବା ତଥ୍ୟରୁ ଜଣାପଡ଼େ ବଜାରରେ ଖୁଚୁରା ତଥା ବ୍ୟକ୍ତିଗତ ନିବେଶକାରୀଙ୍କ ସଂଖ୍ୟା ୨୦୨୧ରେ ୧୪୨ ଲକ୍ଷ ବଢ଼ିଛି, ଯାହାକି ଗତବର୍ଷ ତୁଳନାରେ ପ୍ରାୟ ତିନି ଗୁଣ । ଚଳିତ ଆର୍ଥିକ ବର୍ଷରେ ସିଡିଏସ୍‌ଏଲ୍‌ରେ ୧୨୨.୫ ଲକ୍ଷ ନୂଆ ଖାତା ଖୋଲିଥିଲା ବେଳେ ଏନ୍‌ଏସ୍‌ଡିଏଲରେ ୧୯.୭ ଲକ୍ଷ ଖାତା ଖୋଲିଛି। ବଜାରରେ ପ୍ରାରମ୍ଭିକ ସର୍ବସାଧାରଣ ଅଫର(ଆଇପିଓ) ମଧ୍ୟ ଖୁବ ଦେଖାଯାଇଛି। ମହାମାରୀ ଏବଂ ଆର୍ଥିକ ସଂକଟ ସମୟରେ ହଠାତ୍ ବ୍ୟକ୍ତିଗତ ନିବେଶକାରୀମାନେ ଶେୟାର୍ ବଜାର ଆଡକୁ ମୁହାଁଇଛନ୍ତି କାହିଁକି ? ଏହା ଅର୍ଥନୀତିଜ୍ଞଙ୍କ ସମେତ ଅନ୍ୟ ସଚେତନ ବ୍ୟକ୍ତିମାନଙ୍କର ଚର୍ଚ୍ଚାର ବିଷୟ ହୋଇଛି। ଶେୟାର ବଜାରର ଏପରି ଆଶ୍ଚର୍ଯ୍ୟଜନକ ଅଭିବୃଦ୍ଧି ଖାଲି ଭାରତ ନୁହେଁ ସମ୍ପୂର୍ଣ୍ଣ ବିଶ୍ୱରେ ଦେଖାଯାଇଛି। ଅମେ ଯଦି ବିଶ୍ୱର କିଛି ଶକ୍ତିଶାଳୀ ତଥା ପ୍ରମୁଖ ଦେଶଗୁଡିକୁ ବିଚାରକୁ ନେବା ସେଠାରେ ମଧ୍ୟ ଶେୟାର ବଜାରର ପୁଞ୍ଜୀକରଣ ତଥା ମାର୍କେଟ କ୍ୟାପିଟାଲାଇଜେଶନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବାର ଦେଖୁ। ଭାରତୀୟ ରିଜର୍ଭ ବ୍ୟାଙ୍କ କୋଭିଡ ମହାମାରୀ ହେତୁ ଗତ ଏକ ବର୍ଷ ହେବ କୋହଳ ମୁଦ୍ରା ନୀତି ଅବଲମ୍ବନ କରି ରେପୋ ହାରକୁ ସ୍ଥିର ରଖିଛି। ମୁଦ୍ରାନୀତି କମିଟି ସର୍ବସମ୍ମତି କ୍ରମେ ୨୦୨୦ ମେ ମାସରୁ ଆଜି ପର୍ଯ୍ୟନ୍ତ ରେପୋ ହାରକୁ ୪% ରଖିଛି। ବିଶ୍ୱସ୍ତରରେ ଅନ୍ୟ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ମଧ୍ୟ ନିଜ ନିଜ ପଲିସି ହାରକୁ ଖୁବ୍ କମ୍ ଓ ସ୍ଥିର ରଖିଛନ୍ତି। ଆର୍ଥିକ ସିଦ୍ଧାନ୍ତରୁ ଦେଖିଲେ ଏହି କୋହଳ ମୁଦ୍ରା ନୀତି ହେତୁ ବିତ୍ତୀୟ ବ୍ୟବସ୍ଥାରେ ପ୍ରଚୁର ତରଳତା(ଏକ୍ସେସ ଲିକୁଇଡିଟି) ଉପଲବ୍ଧ ହୋଇଥାଏ। ପୁନଃ ସବୁ ବାଣିଜ୍ୟିକ ବ୍ୟାଙ୍କ ମିଆଦୀ ଓ ସାବଧି ଜମା ହାରକୁ କମେଇ ଦେଇଥାନ୍ତି। ବର୍ତ୍ତମାନ ସେହିଭଳି ପରିସ୍ଥିତିରେ ଆମ ଅର୍ଥ ବ୍ୟବସ୍ଥା ଗତି କରୁଥିବା ଯୋଗୁ ସାଧାରଣ ଖୁଚୁରା ନିବେଶକାରୀଙ୍କ ପକ୍ଷରେ ବ୍ୟାଙ୍କରେ ଜମା ରଖିବାର କୌଣସି ପ୍ରୋତ୍ସାହନ ନ ରହିବା ସ୍ୱାଭାବିକ। ଏଥିସହିତ ପୋଷ୍ଟ ଅଫିସ ଜମା ଯୋଜନାର ହାର ମଧ୍ୟ ହ୍ରାସ ପାଇଛି। ଏଭଳି ଅବସ୍ଥାରେ ସାଧାରଣତଃ ବ୍ୟକ୍ତିଗତ ନିବେଶକାରୀ ଅଧିକ ସୁଧ ଅର୍ଜନକାରୀ ଦୀର୍ଘକାଳୀନ ପରିସମ୍ପତ୍ତି ଆଡକୁ ମୁହାଇଁଥାଏ। ଏହାଛଡା ଶେୟାର ବଜାର ସବୁବେଳେ ଆଗାମୀ ସମୟକୁ ଦୃଷ୍ଟିରେ ରଖି ଚାଲିଥାଏ। ତେଣୁ ଶେୟାର ବଜାରର ନିବେଶକାରୀ ଆଗାମୀ ଅର୍ଥନୈତିକ ସମୁତ୍‌ଥାନକୁ ଦୃଷ୍ଟିରେ ରଖି ଆଜିର ଦିନରେ ଅଧିକ ନିବେଶ କରିଥାଏ। ରିଜର୍ଭ ବ୍ୟାଙ୍କରୁ ମିଳିଥିବା ତଥ୍ୟାନୁସାରେ ଆମ ଦେଶର ଘରୋଇ ବିତ୍ତୀୟ ପରିସମ୍ପତ୍ତି ଦ୍ରୁତଗତିରେ ବଢିଛି। ଆର୍ଥିକ ବର୍ଷ ୨୦୧୯-୨୦ ପ୍ରଥମ କ୍ୱାର୍ଟରରେ ଏହାର ଭାଗ ଆମ ଜିଡିପିର ମାତ୍ର ୪% ଥିଲା, ଯାହାକି ୨୦୨୦-୨୧ ପ୍ରଥମ କ୍ୱାର୍ଟର ସୁଦ୍ଧା ୨୧%ରେ ପହଞ୍ଚିଛି । ଏହାଛଡା ବିଦେଶୀ ବିନିଯୋଗ ମଧ୍ୟ ପ୍ରଚୁର ପରିମାଣରେ ଆମ ବିତ୍ତ ବ୍ୟବସ୍ଥାକୁ ଲିକୁଇଡିଟି ଯୋଗାଇଛି। ଭାରତ ସରକାରଙ୍କ ଦ୍ୱାରା ଘୋଷିତ ବିଭିନ୍ନ ପ୍ରକାରର ଆର୍ଥିକ ସହାୟତା ମଧ୍ୟ ଲିକୁଇଡିଟିକୁ ବଢ଼ାଇବାରେ ସାହାଯ୍ୟ କରିଛି। ଅଧିକନ୍ତୁ ବିଗତ ଛଅ ମାସରେ ଦେଶବ୍ୟାପୀ ଟିକାକରଣ ଏବଂ ଟିକା କାର୍ଯ୍ୟକାରିତା ସମସ୍ତଙ୍କୁ କିଛି ମାତ୍ରାରେ ଉତ୍ସାହ ଯୋଗାଇଛି। ଆମେ ସମସ୍ତେ ଘର ଭିତରେ ରହି ଇଣ୍ଟରନେଟ ମାଧ୍ୟମରେ କିଣା ବିକା କରି ଡିଜିଟାଲ ପେମେଣ୍ଟ ସହ ଭଲ ଭାବରେ ପରିଚିତ ହୋଇଛେ। ରିଜର୍ଭ ବ୍ୟାଙ୍କ ଦ୍ୱାରା ଘୋଷିତ ଡିଜିଟାଲ ପେମେଣ୍ଟ ସୂଚକ ମାର୍ଚ୍ଚ ୨୦୨୧ ସୁଦ୍ଧା ୨୭୦.୫୯ରେ ପହଞ୍ଚିଛି, ଯାହା ମାର୍ଚ୍ଚ ୨୦୨୦ରେ ୨୦୭.୮୪ ଥିଲା। ଏହାର ପ୍ରଭାବ ଇଣ୍ଟରନେଟ ଦ୍ୱାରା ଚାଳିତ ଶେୟାର ବ୍ୟବସାୟରେ ବି ପଡ଼ିଛି। କ୍ରେଡିଟ କାର୍ଡ କମ୍ପାନୀରେ କାମ କରୁଥିବା ଜନୈକ ଉଚ୍ଚ ଅଧିକାରୀ କୁହନ୍ତି ଯେ, ମହାମାରୀ ସମୟରେ ଜନସାଧାରଣଙ୍କର କାର୍ଡ ବ୍ୟବହାର ବହୁତ ବଢିଛି। କାର୍ଡର ବ୍ୟବହାର ସାଧାରଣ ପଦାର୍ଥ କ୍ରୟ ସହିତ ଗେମିଙ୍ଗ ଉପକରଣରେ ମଧ୍ୟ ଦେଖାଯାଇଛି। ଫଳତଃ ମୋବାଇଲ ଫୋନ ଓ ଇଣ୍ଟରନେଟ ମାଧ୍ୟମରେ ଏକ ସାଧାରଣ ବ୍ୟକ୍ତିର ଶେୟାର ବଜାରରେ ପହଞ୍ଚିବା ଆଶାଜନକ ଅଟେ। ଇଂଲିଶ ଖବରକାଗଜ ମିନଟର ଏକ ରିପୋର୍ଟ ମହାମାରୀ ସମୟରେ ଆମ ଦେଶର ଛୋଟ ଛୋଟ ସହରରୁ ଶେୟାର ବଜାରରେ ଅଧିକ ଅଂଶଗ୍ରହଣ ହୋଇଥିବା ଦର୍ଶାଇଛି। ବଜାରରେ ଏପରି ମୂଲ୍ୟାରୋହୀ କାରବାର କେତେଦିନ ଚାଲିପାରିବ ତାହା ସନ୍ଦେହଜନକ । ଏହି ପ୍ରସଙ୍ଗରେ ଲୋକପ୍ରିୟ ଅର୍ଥନୀତିଜ୍ଞ କେନେଥ ରୋଗୋଫ ଅର୍ଥ ବ୍ୟବସ୍ଥା ଉପରେ କୋଭିଡ-୧୯ର ଅସମାନୁପାତିକ ପ୍ରଭାବ ଉପରେ ପ୍ରୋଜେକ୍ଟ ସିଣ୍ଡିକେଟର ଏକ ପ୍ରବନ୍ଧରେ ଅଲୋଚନା କରିଛନ୍ତି। ଶେୟାର ବଜାରରେ କେବଳ ବଡ଼ ବଡ଼ କମ୍ପାନୀର ଶେୟାର କ୍ରୟ ବିକ୍ରୟ ହୋଇଥାଏ, ଯାହା ଉପରେ କୋଭିଡର ପ୍ରଭାବ ପଡିନାହିଁ। ବରଂ ଅଧିକ ବିନିବେଶ ସେହି କମ୍ପାନୀଗୁଡ଼ିକୁ ଆଶାଧିକ ପୁଞ୍ଜି ଯୋଗାଇଦେଇଛି। ଅପରପକ୍ଷରେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି କ୍ଷୁଦ୍ର ବ୍ୟବସାୟ, ଯାହାର ଶେୟାରବଜାରରୁ ପୁଞ୍ଜି ପାଇବାର ସୁଯୋଗ ନାହିଁ। କ୍ଷୁଦ୍ର ବ୍ୟବସାୟ ଅନ୍ତର୍ଗତ ମାଲିକାନା ବ୍ୟବସାୟ ଗୁରୁତର କ୍ଷତି ସହିଛନ୍ତି।

କେନ୍ଦ୍ର ସରକାର ନେଇଥିବା ବିଭିନ୍ନ ଆର୍ଥିକ ପଦକ୍ଷେପ ଏବଂ ଆଜିପର୍ଯ୍ୟନ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ମୁଦ୍ରାନୀତି ଓ ପଦକ୍ଷେପ ଏହି ଗୋଷ୍ଠୀକୁ ବିଶେଷ କିଛି ସାହାଯ୍ୟ କରିନାହିଁ। ଏମାନେ ନିଜର ଗଚ୍ଛିତ ସଞ୍ଚୟ ମଧ୍ୟ ହରାଇଛନ୍ତି। ଆମ ଦେଶରେ କ୍ଷୁଦ୍ର ବ୍ୟବସାୟ ଆମ ଜାତୀୟ ଉତ୍ପାଦ(ଜିଡିପି) ଏବଂ ନିୟୋଜନକୁ ଆଗକୁ ବଢ଼ାଇଥାନ୍ତି। ତେଣୁ କ୍ଷୁଦ୍ର ବ୍ୟବସାୟର ଅଂଶଦାନର ଅଭାବରେ ଆଗକୁ ସମାଜରେ ଆୟ ଅସମତା ତଥା ଅସମ ବଣ୍ଟନ ଦେଖାଯିବା ନିଶ୍ଚିତ। ସଂକ୍ଷେପରେ କହିଲେ ଆଜିର ଚଢ଼ା ଶେୟାର ବଜାର ଆମ ଆର୍ଥିକ ଅଭିବୃଦ୍ଧିର ମାପକାଠି ନୁହେଁ । ଆମର ଆର୍ଥିକ ସମୁତ୍‌ଥାନ ନିମନ୍ତେ ସରକାରଙ୍କୁ ଆଜି ସୁଦ୍ଧା ଘୋଷିତ ଯୋଜନାଗୁଡ଼ିକୁ ଯୁଦ୍ଧ ଭିତ୍ତିରେ କାର୍ଯ୍ୟକାରୀ କରିବା ସହିତ ପୂର୍ବାଲୋଚିତ କ୍ଷୁଦ୍ର ବ୍ୟବସାୟକୁ ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ବ୍ୟକ୍ତିଗତ ନିବେଶକାରୀ ମଧ୍ୟ ବଜାରକୁ ଅନୁଧ୍ୟାନ କରି ସତର୍କ ରହିବା ଉଚିତ। ଆର୍ଥିକ ଅଭିବୃଦ୍ଧି ସହିତ ଯଦି ଶେୟାର ବଜାର ସମାନୁପାତିକ ଭାବରେ ନବ ତେବେ ଅର୍ଥ ତଥା ବିତ୍ତ ବ୍ୟବସ୍ଥାର ସ୍ଥିରତା ବିପଦସଙ୍କୁଳ ଏବଂ କ୍ଷତସାପେକ୍ଷ ହେବାରେ କୌଣସି ସନ୍ଦେହ ନାହିଁ।

**ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ**
**ମୋ:୯୪୯୨୦୬୧୬୪୮**

## ପାଠକ ଶ୍ରେଷ୍ଠ ବିଚାରକ

### ସଫଳ ହୋଇପାରିବେ ନାହିଁ

ମହାଶୟ,

ଅସଲ କଥା ହେଉଛି କେତେବେଳେ ନେତାମାନଙ୍କର ଦେଖା ଥାଉ କି ନ ଥାଉ ଭୋଟ ପାଖେଇଲେ ନେତାଙ୍କ ସୁଅ ଛୁଟେ ଲୋକଙ୍କ ପାଖକୁ। ହେଇ ଦେଖୁ ନାହାନ୍ତି କରୋନା ମହାମାରୀ ହେଉ, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ କେହି ଗୋଟିଏ କେନ୍ଦ୍ରୀୟ ନେତା ଓଡ଼ିଶାରେ ପାଦ ଥାପନ୍ତି ନାହିଁ। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଛି। ଭୋଟ ହାତେଇବା ପାଇଁ ନେତାମାନେ ମାଳ ମାଳ ହୋଇ ଓଡ଼ିଶା ଆସିବେ। ପ୍ରତି କ୍ଷେତ୍ରରେ ଓଡ଼ିଶା ସରକାର ଜାତିସଂଘଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କଠାରୁ ପ୍ରଶଂସା ପାଇଥିଲେ ମଧ୍ୟ କେନ୍ଦ୍ରୀୟ ନେତା କୁଆଡେ ରାଜ୍ୟ ସରକାରଙ୍କ ଦୁର୍ନୀତିର ପେଡି ଖୋଲିବା ପାଇଁ ଆସୁଛନ୍ତି। ହଉ ଭଲ କଥା ପେଡି ଖୋଲିବେ ନା କଳେ ବଳେ କୌଶଳେ କ୍ଷମତା ଦଖଲ କରିବେ। କିନ୍ତୁ ସତ ଚେଷ୍ଟା କଲେ ମଧ୍ୟ ସେମାନେ ସଫଳ ହୋଇପାରିବେ ନାହିଁ। **-ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଖଶାଳା ପରେ ତାର
ଉଭାହୋଇ କିଏ ଉଠେ ଡାକି
ଖେଳିଯାଏ ସେ ଶବଦ
ଦଶ ଦିଗପାଳେ କରି ସାକ୍ଷୀ।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କ୍ରୋମ୍ ପରିବହନକୁ ନେଇ ଉତ୍ତେଜନା

- ମିନେରାଲ ଟ୍ରକ୍ ମାଲିକ ସଂଘ ସହ ପ୍ରଶାସନର ଆଲୋଚନା ବିଫଳ
- ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକଙ୍କ ଆନ୍ଦୋଳନ

କାଳିଆପାଣି,୧୮।୮(ଡି.ଏନ.ଏ.)

କ୍ରୋମ୍ ପରିବହନକୁ ନେଇ ଟ୍ରକ୍ ମାଲିକ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଏହାକୁ ଉତ୍ତେଜନା ଦେଖାଦେଇଛି। ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବୁଧବାର ପରିବହନ ବନ୍ଦ ଡାକରା ଦିଆଯାଇଥିବା ବେଳେ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ ସରକାରଙ୍କ ନିର୍ଦ୍ଧାରିତ ଭଡ଼ା ଅନୁସାରେ ପରିବହନ ଚାଲୁ କରିବାକୁ ଅଡ଼ିବସି ମଙ୍ଗଳବାର ଟ୍ରକ୍‌ଗୁଡ଼ିକୁ ଖଣିକୁ ପଠାଇଥିଲେ। ବୁଧବାର ସକାଳୁ ମିନେରାଲ ଟ୍ରକ୍ ମାଲିକ ସଂଘ ସଭାପତି ବିଦ୍ୟାଧର ପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଖଣି ଗେଟ ସମ୍ମୁଖକୁ ଆସି ପୋଲିସ ଉପସ୍ଥିତରେ ପରିବହନକୁ ବନ୍ଦ କରିଥିଲେ। ପ୍ରତିପକ୍ଷ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ ସଭାପତି ବିଶ୍ୱଜିତ ରାଜ, ସମ୍ପାଦକ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ କ୍ରୋମ୍ ପରିବହନ ପାଇଁ ଆସୁଥିବା ଟ୍ରକ୍ ଓ ମାଲିକଙ୍କୁ ପୋଲିସ କଲରଙ୍ଗି ଢ଼ାବା ଛକଠାରେ ଅଟକାଇଥିଲା। ତେବେ ମାଲିକମାନେ ପରିବହନ କରିବାକୁ ଅଡ଼ିବସିଥିଲେ। ହେଲେ ପୋଲିସ ବାଧା ସୃଷ୍ଟି କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

ଅନ୍ୟପଟେ ମିନେରାଲ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ନେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, କଳିଙ୍ଗନଗର ଭାରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବି.ବି. ବେହେରା, ଖଣି ଉପନିର୍ଦ୍ଦେଶକଙ୍କ ପ୍ରତିନିଧି ପ୍ରିୟଦର୍ଶୀ ସନ୍ଦୀପ ବଳ, କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପରିବହନ ବନ୍ଦର କାରଣ ଓ ପ୍ରତିକାର ସମ୍ବନ୍ଧରେ ଖଣି ନିଗମ ଅତିଥିଶାଳାରେ ଆଲୋଚନା କରିଥିଲେ। ମିନେରାଲ ଟ୍ରକ୍ ମାଲିକ ସଂଘ ଉପଦେଷ୍ଟା ବିଶ୍ୱଜିତ ଦାସ, ସଭାପତି ବିଦ୍ୟାଧର ପାତ୍ର ଓ ବୈକୁଣ୍ଠ ମହାନ୍ତ ପ୍ରମୁଖ ପରିବହନ ସଂସ୍ଥା ଚାଲାଣ ଉପରେ ପରିବହନ ଭଡ଼ା ଲେଖିବା ସହ ଠିକ ସମୟରେ ଭଡ଼ା ପ୍ରଦାନ କରିବାକୁ ଦାବି କରିଥିଲେ। ତେବେ ପରିବହନ ସଂସ୍ଥା ପ୍ରତିନିଧି ଉପସ୍ଥିତ ନ ଥିବାରୁ ସମାଧାନ ହୋଇ ପାରି ନ ଥିଲା। ଗୁରୁବାର ପରିବହନ ସଂସ୍ଥା ଓ ଟ୍ରକ ମାଲିକ ପ୍ରତିନିଧିଙ୍କୁ ନେଇ ପ୍ରଶାସନ ବୈଠକ କରିବାକୁ ପ୍ରତିଶ୍ରୁତି ଦେଇଛି। ଅନ୍ୟପଟେ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଓ ଗାଡ଼ିଗୁଡ଼ିକୁ ଅଟକା ଯାଇଥିବାରୁ ସେମାନେ ପ୍ରଶାସନର ଏତାଦୃଶ୍ୟ କାର୍ଯ୍ୟକୁ ନିନ୍ଦା କରିବା ସହ ଆନ୍ଦୋଳନ ଚଳାଇଥିଲେ। ସନ୍ଧ୍ୟାରେ ଟାଟା କମ୍ପାନୀ କାର୍ଯ୍ୟାଳୟରେ ଏନେଇ ବୈଠକ ହୋଇଥିଲା। ଲୋଡିଂ ପାଇଁ ଯାଇଥିବା ୧୭୧ ଗାଡ଼ିର ଗୋଟିଏ ଦିନ ଖର୍ଚ୍ଚ ବହନ କରିବାକୁ ଟାଟା କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଧାରଣାରୁ ଓହରିଥିଲେ। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ଖଣି ଉପନିର୍ଦ୍ଦେଶକଙ୍କ ପ୍ରତିନିଧି ବଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି।


ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଆନ୍ଦୋଳନ ଚଳାଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ୧ଲକ୍ଷ ପୋଷ୍ଟକାର୍ଡ ପ୍ରେରଣର ଶୁଭାରମ୍ଭ

**ଯାଜପୁରକୁ ରେଳ ସଂଯୋଗ ଦାବି**

**ଯାଜପୁର ଟାଉନ,୧୮।୮(ଡି.ଏନ.ଏ.):** ଯାଜପୁର କେନ୍ଦୁଝର ରୋଡ୍‌ଠାରୁ ଧାମରା ଭାୟା ଯାଜପୁର ଆରଡିକୁ ନୂତନ ରେଳ ସଂଯୋଗ ଦାବିକରି 'ବିରଜାକ୍ଷେତ୍ର ବିକାଶ ପରିଷଦ' ପକ୍ଷରୁ ଯାଜପୁର ସଦର ମହକୁମାଠାରେ ୧ ଲକ୍ଷ ପୋଷ୍ଟକାର୍ଡ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣର ଶୁଭାରମ୍ଭ କରାଯାଇଛି। ପରିଷଦ ସଭାପତି ତପନ ମହାରଣ୍ୟ ନାଥଶର୍ମା ଏହାର ଶୁଭାରମ୍ଭ କରି କହିଛନ୍ତି, ରେଳ ସଂଯୋଗ ପାଇଁ ୭୨ ବର୍ଷ ଧରି ଯାଜପୁରବାସୀ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷର ଦାନା ବାନ୍ଧୁଥିବା ଦେଖାଯାଉଛି। ଏହି ପ୍ରକଳ୍ପ ଦୀର୍ଘ ୪ବର୍ଷ ଧରି ରେଳ ବୋର୍ଡର ନାଲିଫିତା ତଳେ ଚାପି ହୋଇ ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେନ୍ଦ୍ର ସରକାର ବାର୍ଷିକ ୩୧.୧୫ ପ୍ରତିଶତ ଅର୍ଥ ପାଇପାରିବେ ବୋଲି ରିପୋର୍ଟରେ ଉଲ୍ଲେଖ ଅଛି। ପ୍ରକଳ୍ପର ସର୍ଭେ କାର୍ଯ୍ୟ ସରିଥିଲେ ହେଁ କେନ୍ଦ୍ର ସରକାର କାହିଁକି ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି ତାହା ଯାଜପୁରବାସୀଙ୍କ ମନରେ ଆଘାତ ଦେଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ତୀର୍ଥଯାତ୍ରୀମାନେ ନାଭିଗୟାରେ ପିଣ୍ଡଦାନ, ବୈତରଣୀରେ ସ୍ନାନ ସହ ମା' ବିରଜାଙ୍କ ଦର୍ଶନ କରିଥାନ୍ତି। ରେଳ ସୁବିଧା ନ ଥିବାରୁ ଅନେକ ଯାତ୍ରୀ ମା' ବିରଜା ଦର୍ଶନରୁ ବଞ୍ଚିତ ହେଉଛନ୍ତି। ସେହିପରି ଜିଲା ସଦର ମହକୁମା ପର୍ଯ୍ୟଟନସ୍ଥଳ, ଧାମରା ପୋର୍ଟକୁ ବିଭିନ୍ନ ଖଣିଜ ଦ୍ରବ୍ୟ ରପ୍ତାନି, ବୈତରଣୀ ତୀର୍ଥ, ନାଭିଗୟାକୁ ଯାତ୍ରୀଙ୍କ ଗମନା ଗମନକୁ ବିଚାର କରି କେନ୍ଦ୍ର ସରକାର ନୂତନ ରେଳ ପ୍ରକଳ୍ପକୁ ଶୀଘ୍ର ପାରିତ କରିବା ପାଇଁ ଭଦ୍ରକ ଓ ଯାଜପୁରବାସୀଙ୍କ ସମେତ ବିରଜା କ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଅଭିମନ୍ୟୁ ମିଶ୍ର, ଧନଞ୍ଜୟ ପୃଷ୍ଟି, ବିଜୟ ମହାରଣା, ପଞ୍ଚାନନ ପାଣି, ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
### (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)

ବିଜ୍ଞାପନ ସଂଖ୍ୟା: ୨୫୧୬ ତାରିଖ: ୧୭।୦୮।୨୧

ଏତଦ୍ୱାରା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଜଣାଇ ଦିଆଯାଉଅଛି କି ଚଳିତ ବର୍ଷ ନିମନ୍ତେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗଙ୍କ ପତ୍ର ସଂଖ୍ୟା ୧୩୨୭୬ ତା୧୫।୦୭।୨୦୨୧ରିଖ ଓ ପତ୍ର ସଂଖ୍ୟା ୭୪୬୭, ୨୨।୦୩।୨୦୨୧ ଦ୍ୱାରା **ସରକାରୀ ଉଚ୍ଚ ବିଦ୍ୟାଳୟ, କାନୁଦରହ, ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପନା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୁରୁଣ୍ଡିଆ**କୁ ଉନ୍ନୀତ ହୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଅଛି। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷ ୨୦୨୧-୨୨ ନିମନ୍ତେ +୨ ବିଜ୍ଞାନ ବିଭାଗରେ (+2 Science 1st year) ପାଇଁ ନିମ୍ନଲିଖିତ ବର୍ଗ ଅନୁସାରେ ନାମ ଲେଖାଯିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| ବର୍ଗ | ପୁଅ | ଝିଅ | ମୋଟ |
|---|---|---|---|
| ଅନୁସୂଚିତ ଜନଜାତି | ୨୬ | ୨୬ | ୫୨ |
| ଅନୁସୂଚିତ ଜାତି | ୩ | ୩ | ୬ |
| ଅନ୍ୟାନ୍ୟ | ୩ | ୩ | ୬ |
| ସର୍ବମୋଟ | ୩୨ | ୩୨ | ୬୪ |

ଏଣୁ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇ ଅଧ୍ୟୟନ କରିବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନେ +2 ରେ ନାମଲେଖା ପାଇଁ ଉଦ୍ଦିଷ୍ଟ ସାଧାରଣ ଦରଖାସ୍ତ (CAF) ଉପରୋକ୍ତ ବିଦ୍ୟାଳୟଠାରୁ ସଂଗ୍ରହକରି ସମ୍ପୃକ୍ତ ବିଦ୍ୟାଳୟରେ ୦୫।୦୯।୨୦୨୧ ସୁଦ୍ଧା ଦାଖଲ କରିବାକୁ ଜଣାଇ ଦିଆଗଲା।

ସ୍ୱା./- ଜିଲ୍ଲା ମଙ୍ଗଳ ଅଧିକାରୀ, ସୁନ୍ଦରଗଡ଼


# ୪ ଆନ୍ତଃରାଜ୍ୟ ଡକାୟତ ଗିରଫ

ରସୁଲପୁର,୧୮।୮(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ହରିପୁର ବଜାରସ୍ଥିତ ଏକ ଅଳଙ୍କାର ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଡାକୟତି ହୋଇଥିଲା। ଉକ୍ତ ଡକାୟତିରେ ୭ଜଣଙ୍କ ସମ୍ପୃକ୍ତି ରହିଥିଲା। ସେଥିମଧ୍ୟରୁ ବୁଧବାର ପୋଲିସ ୪ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ରାଜ୍ୟର ରାଜୁ ସାହା(୨୪), ଜିଆଉଲ ସେଖ୍(୩୪), ନଜରୁଲ୍ ସେଖ୍(୪୫) ଓ ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳର ଅସିକୁର ରେହେମନ(୨୬)। ଗିରଫ ଡକାୟତମାନଙ୍କଠାରୁ ପୋଲିସ ୯୮୪୦ଟଙ୍କା, ୧୧ଟି ସୁନା ଲକେଟ, ୬ଟି ନାକଫୁଲ, ୧୪ଟି ତାର, ୨ହଳ ରୁପା ପାଉଁଜି ଓ ଗୋଟିଏ ମୋବାଇଲ ଜବତ କରିଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୨୭୪/୨୧ ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ଦିନ ପୋଲିସ ଡକାୟତିରେ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ଜବତ କରିଥିଲା। ଉକ୍ତ ଡକାୟତିରେ ସମ୍ପୃକ୍ତ ଅନ୍ୟ ୩ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଏହି ଆନ୍ତଃରାଜ୍ୟ ଡକାୟତି ଦଳ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଲୁଟ୍‌ପାଟ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ତେବେ ଉକ୍ତ ଦଳ ଏହି ଥାନାରେ ଏକାଧିକ ମାମଲାରେ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ଅଳଙ୍କାର ଦୋକାନରୁ ଲୁଟ୍ ଘଟଣା**

ପ୍ରକାଶଯେ, ଚଳିତ ମାସ ୩ତାରିଖରେ ଏହି ଥାନା ଗୋପାଳପୁର ଗାଁରୁ ଜଣଙ୍କ ଘରୁ ଡାକୟତି ହୋଇଥିଲା। ଡକାୟତମାନେ ଉକ୍ତ ଘରୁ ୫୦ହଜାର ଟଙ୍କା ଓ ସୁନାଗହଣା ଚୋରି କରିଥିବା ନେଇ ଘର ମାଲିକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୨୬୩/୨୧ରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ଅଳଙ୍କାର ଦୋକାନ ଡକାୟତି ଘଟଣା ସମ୍ପର୍କରେ ପୋଲିସ ଅଭିଯୁକ୍ତଙ୍କୁ ଜେରା କରୁଥିବା ସମୟରେ ସେମାନଙ୍କ ଗୋପାଳପୁର ଘରୁ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା କଥାକୁ ସ୍ୱୀକାର କରିଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଖୁବ୍‌ଶୀଘ୍ର କାବୁ କରିବା ପାଇଁ ପ୍ରୟାସ କରୁଛି ବୋଲି ତଦନ୍ତ ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ମାରପିଟ ଘଟଣାରେ ନାବାଳକ ଅଟକ

**ରସୁଲପୁର,୧୮।୮(ଡି.ଏନ.ଏ.):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଧର୍ମଶାଳା ଥାନା ବ୍ରହ୍ମବରଦା ବଜାରସ୍ଥିତ ଏକ ବାଇକ୍ ଗ୍ୟାରେଜ ନିକଟରେ ୨ ଗୋଷ୍ଠୀ ମାରପିଟ ହୋଇଥିଲେ। ଏନେଇ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଉକ୍ତ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ଗୁରୁବାର ଜଣେ ନାବାଳକ ଅଭିଯୁକ୍ତଙ୍କୁ ଅଟକ ରଖି ଯାଜପୁର ଜୁଭେନାଇଲ କୋର୍ଟରେ ହାଜର କରିଥିଲା। ସେଠାରେ ତାଙ୍କୁ ଜଜ୍ ତାଗିଦ କରି ଛାଡ଼ିଥିବା ଫାଣ୍ଡି ଅଧିକାରୀ ଏସ୍.ଦାଶରଥୀ ପାତ୍ରେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୯ ଜୁଲାଇରେ ସୁଲତାନା ବିବିଙ୍କ ପୁଅ ସେକ୍ ହମିଦ ଆଲମ ଓ ସେକ୍ ମୁସଲିନା ବାଇକ୍ ସଜାଡିବାକୁ ବ୍ରହ୍ମବରଦା ବଜାରକୁ ଆସିଥିଲେ। ବାଟରେ ନାବାଳକଙ୍କ ସମେତ ୨ଜଣ ପିଲା ରାସ୍ତା କଡ଼ରେ ଛିଡା ହୋଇଥିଲେ। ସୁଲତାନାଙ୍କ ପୁଅ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ୨ଜଣ ପିଲାଙ୍କୁ ଗ୍ୟାରେଜ ରାସ୍ତା ସମ୍ପର୍କରେ ପଚାରିଥିଲେ। ଏହାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ନଂ.୩୧୭/୨୧ରେ ମାମାଲା ରୁଜୁ କରିଥିଲା।

### ଝିଅଙ୍କ ଆତ୍ମହତ୍ୟା ଘଟଣା: ବନ୍ଧାହେଲେ ଶାଶୁ

**ଚଣ୍ଡିଖୋଲ,୧୮।୮(ଡି.ଏନ.ଏ.):** ବଡ଼ଚଣା ଥାନା ବଡ଼ଘୁମୁରୀ ପଞ୍ଚାୟତ ସକୁନ୍ତଳାପୁର ଗ୍ରାମର ସୁବର୍ଣ୍ଣେଶ୍ୱର ରଣାଙ୍କୁ ତାଙ୍କ ଶାଶୁ ମିତାଲି ରାଉତ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୦୬ରେ ଏକ ମାମଲା ନଂ.୩୧୧/୨୧ ରୁଜୁ କରିବା ସହ ମିତାଲିଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଆତ୍ମହତ୍ୟା ଘଟଣା ସମ୍ପର୍କରେ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସୂଚନା ଥାଉକି, ସୁବର୍ଣ୍ଣେଶ୍ୱର ଗତ ୧୦ତାରିଖରେ ବିଷ ପିଇଥିଲେ। ୪ଦିନ ପରେ ଅର୍ଥାତ ୧୪ତାରିଖରେ କଟକ ବଡ଼ ମେଡ଼ିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଶାଶୁଙ୍କ ନିର୍ଯାତନା ଯୋଗୁ ସେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି ଏକ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ, ଯାହାକୁ ନେଇ ସୁବର୍ଣ୍ଣେଶ୍ୱରଙ୍କ ମା' କୁରୁରୀ ରଣା ମଙ୍ଗଳବାର ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଦଶରଥପୁର ବ୍ଲକ ଯୁବ ବିଜେଡିର ନୂତନ କର୍ମକର୍ତ୍ତା

**ଝୁମ୍ପୁରୀ,୧୮।୮(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍ ବିଜୁ ଯୁବ ଜନତା ଦଳର ସଭାପତି ମନୀଷ ସାହୁ ବ୍ଲକ୍‌ର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ନୂତନଭାବେ ଗଠିତ ଏହି କମିଟିରେ ସଞ୍ଜିତ ମହାନ୍ତି, ହିମାଂଶୁ ନାୟକ, ଭାବଗ୍ରାହୀ ସନ୍ଧିବିଗ୍ରହ, ଜ୍ଞାନରଞ୍ଜନ ସାହୁ, ଲିଟୁ ପରମାଣିକ ଉପସଭାପତି, ଲକ୍ଷ୍ମୀନାରାୟଣ କର, ସ୍ମୃତିସାଗର ସେନାପତି, ରାଜେଶ ଦାସ, ରଞ୍ଜିତ ଦାସ, ରାଜକୁମାର ସେଠୀ, ଚିନ୍ମୟ ରାଉତ, ସିତୁ ରଞ୍ଜନ ଦାସ, ମାନସ ମଲ୍ଲିକ୍, ପ୍ରିୟରଞ୍ଜନ କର ଓ ନିରଞ୍ଜନ ମଲ୍ଲିକ ସାଧାରଣ ସମ୍ପାଦକ, ରଞ୍ଜନ ଦାସ, ପ୍ରଦୀପ ରାଉତ, ବିଶ୍ୱଜିତ ପଣ୍ଡା, ରାଜେନ୍ଦ୍ର ବିଶ୍ୱାଳ ଓ ସଞ୍ଜୟ ନାୟକ ସମ୍ପାଦକ, ଶୁଭ୍ରଜ୍ୟୋତି କୁଅଁର ଓ ସୁମନ ନାୟକ ସୋସିଆଲ ମିଡ଼ିଆ ପ୍ରମୁଖ ଭାବେ ମନୋନୀତ ହୋଇଛନ୍ତି। ଏଥିସହ ବ୍ଲକ୍‌ର ୩୫ ପଞ୍ଚାୟତର ବିଜୁ ଯୁବ ଜନତା ଦଳର ପଞ୍ଚାୟତ ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି।

# ଭୁବନେଶ୍ୱରପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

ଯାଜପୁରସଦର,୧୮।୮(ଡି.ଏନ.ଏ.)

ଯାଜପୁର ବ୍ଲକ୍‌ର ଭୁବନେଶ୍ୱରପୁର ପଞ୍ଚାୟତର କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ଗଦାଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ଯୋଗଦେଇ ପଞ୍ଚାୟତର ବର୍ତ୍ତମାନର ଭୋଟର ଲିଷ୍ଟ, ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତାର ତାଲିକା, ଆବାସ ଯୋଜନାରେ ହିତାଧିକାରୀଙ୍କ ତାଲିକା ତଥା ପଞ୍ଚାୟତରେ ହେଉଥିବା କାର୍ଯ୍ୟ ଓ ତାହାର ଖର୍ଚ୍ଚ ପରିମାଣ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବା ପାଇଁ ପଞ୍ଚାୟତର ନବନିଯୁକ୍ତ କଂଗ୍ରେସ ସଭାପତି ଅଶ୍ୱିନୀ ରାୟ ଓ ବ୍ଲକ୍ ଉପସଭାପତି ଅଶୋକ ଦାସଙ୍କୁ ଦାୟିତ୍ୱ ଦେଇଥିଲେ। ପଞ୍ଚାୟତରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବାପାଇଁ ଯୁବବର୍ଗଙ୍କୁ ଏଥିରେ ସାମିଲ କରିବା ନିମିତ୍ତ ସକାରାତ୍ମକ ଉଦ୍ୟମ କରାଯିବ ଆବଶ୍ୟକ ବୋଲି ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି ପ୍ରକାଶ କରିଥିଲେ। ଏହି ସାଙ୍ଗଠନିକ ବୈଠକରେ ଶ୍ୟାମଦାସପୁର ସରପଞ୍ଚ ଗଣେଶ୍ୱର ଦାସ, ବ୍ଲକ୍ କଂଗ୍ରେସ ସାଧାରଣ ସମ୍ପାଦକ ରବିନାରାୟଣ ସ୍ୱାଇଁ, ଅଜୟ ଦାସ, ସମ୍ପାଦକ ସେକ୍ ହଲିମ୍ ବରିଷ୍ଠ କଂଗ୍ରେସ ନେତା ରମେଶ ପତି, ନକୁଳଦେବ ସାହୁ, ଆଦିତ୍ୟ ନାରାୟଣ ରାଉତ, ବସନ୍ତ ଜେନା, ସମରଜିତ୍ ବିଶ୍ୱାଳ, ଆନନ୍ଦ ସେନାପତି ପ୍ରମୁଖ ଯୋଗଦେଇଥିଲେ। କଂଗ୍ରେସ ନେତା ଘନଶ୍ୟାମ ମହାପାତ୍ର ସଙ୍ଗଠନକୁ ମଜଭୁତ ପାଇଁ ସମସ୍ତଙ୍କୁ ଅନୁରୋଧ କରିବା ସହିତ ଧନ୍ୟବାଦ ଦେଇଥିଲେ।

# ଦୁଇ ମାମଲା ରୁଜୁ କଲା ପୋଲିସ

**ସରପଞ୍ଚ, ବ୍ୟାଙ୍କ ଶାଖା ପରିଚାଳକ ଗଣ୍ଡଗୋଳ ଘଟଣା**

**ବରୀ,୧୮।୮(ଡି.ଏନ.ଏ.):** ବରୀ ରାମଚନ୍ଦ୍ରପୁର ଥାନା ଅଧୀନ କମ୍ପଗଡ଼ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଓ ଅମଠପୁର ସରପଞ୍ଚଙ୍କ ମଧ୍ୟରେ ମଙ୍ଗଳବାର ଉଚ୍ଚ ବାଚ ଓ ପରେ ଗଣ୍ଡଗୋଳ ହୋଇଥିଲା। ପରେ ବ୍ୟାଙ୍କର ଶାଖା ପରିଚାଳକ ଅମଠପୁର ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କ ସମେତ ସେହି ଗ୍ରାମର କେତେଜଣ ଲୋକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ଅମଠପୁର ସରପଞ୍ଚ ଶାଖା ପରିଚାଳକ ମଦ୍ୟପାନ କରି କେତେଜଣ ଅସାମାଜିକ ଲୋକଙ୍କ ସହାୟତାରେ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଜାତିଆଣ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିବା ସହ ମାରଧର କରିଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶାଖା ପରିଚାଳକ ଓ ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୧୭୮/୨୧ ଓ ୧୭୯/୨୧ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନା ଅଧିକାରୀ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# 'ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିଯାଇଛି'

**ବଡ଼ଚଣା ପଞ୍ଚାୟତ ସମିତି ବୈଠକ**


ବୈଠକରେ ଯୋଗ ଦେଇଥିବା ବ୍ଲକ୍ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଚଣ୍ଡିଖୋଲ,୧୮।୮(ଡି.ଏନ.ଏ.)

ବଡ଼ଚଣା ପଞ୍ଚାୟତ ସମିତିର ଦଶମ ବୈଠକ ବୁଧବାର ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଡିଓ ଅଜିତ୍ ନାରାୟଣ ଗିରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ବଡ଼ଚଣାର ଶିକ୍ଷାବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ନେଇ ବହୁ ପ୍ରତିନିଧି ଅଭିଯୋଗ କରିଥିଲେ। କୋଭିଡ୍ କଟକଣା ଯୋଗୁ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ହୋଇପାରୁନାହିଁ। ଯେଉଁ ଅନ୍‌ଲାଇନ୍ ପାଠ ପଢା ହେଉଛି ସେଥିରେ ଅର୍ଦ୍ଧାଧିକ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ବଡ଼ଚଣାର ଆଦର୍ଶ ବିଦ୍ୟାଳୟ ଗୃହ ସମ୍ପୂର୍ଣ୍ଣ ହୋଇଥିଲେବି ଅଦ୍ୟାବଧି ତାହା ଶିକ୍ଷା ବିଭାଗ ଅଧୀନକୁ ନ ଆସିବା ନେଇ ସୁଙ୍ଗୁଡ଼ା ସମିତିସଭ୍ୟ ପ୍ରୀତମ ନାୟକ ଅଭିଯୋଗ କରିଥିଲେ। ନକଲି ଶିକ୍ଷକ ନିଯୁକ୍ତି ଓ ସେମାନଙ୍କ ଦରମା ପ୍ରଦାନ ସମ୍ପର୍କରେ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉ ନ ଥିବା ନେଇ ମାଣ୍ଟୁକା ସମିତିସଭ୍ୟ କିଶୋର ଚନ୍ଦ୍ର ରାଉତ ଅଭିଯୋଗ କରିଥିଲେ। ସ୍କୁଲ ମିଶ୍ରଣ ଓ ଶିକ୍ଷକ ନ ଥିବା ଯୋଗୁ ପାଠପଢ଼ାରେ ବ୍ୟାହତ ହେଉଥିବା ନେଇ ସରପଞ୍ଚ ଚାଚାଲିନ ସ୍ୱାଇଁ, ହରପ୍ରିୟା ବରାଳ, ନୀଳମଣି ରାଉତ ପ୍ରମୁଖ ଅଭିଯୋଗ କରିଥିଲେ। ଅଙ୍ଗନୱାଡି ଗୃହ ନିର୍ମାଣ ଓ ଅଙ୍ଗନୱାଡ଼ି ଗୃହକୁ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ମମିନ ଅଲ୍ଲୀ, ନିବେଦିତା ସାହୁ ଓ ସମିତି ସଭ୍ୟ ଅନନ୍ତ ଜେନା ପ୍ରମୁଖ ପ୍ରଶ୍ନ ଉଠାଇଥିଲେ। କୃଷି ନୀତି ନେଇ ବଡ଼ଚଣା କୃଷି ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରତିନିଧିମାନେ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରଦୀପ ସେଠୀ, ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଅରବିନ୍ଦ ସାମଲ, ବିନୋଦିନୀ ସାହୁ ଓ ନିରଞ୍ଜନ ସେନାପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ହରିହର ଦଳେଇ, ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଶୈଳେଶ ପଟେଲ, ନଳିନୀ ମିଶ୍ର, ଗ୍ରାମ ପଞ୍ଚାୟତ ଅଧିକାରୀ ଅମୀୟ ରଞ୍ଜନ ନାଥ ପ୍ରମୁଖ ଯୋଗଦେଇ ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ।


## Government of Odisha
## Higher Education Department

**e-Admission Timeline for Admission into Degree/Autonomous Colleges coming under Higher Education Department for the Session 2021-22**

No. N-18: Timeline for e-Admission in all (+3) Degree Colleges including Self Financing (Degree) Colleges/Sanskrit (Shastri) of the State under Project Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission. **Call Sanjog Helpline Toll Free (155335 and 1800-345-6770)** Number for any further assistnace. Any changes to the timelines will be published in the newspapers & **www.dhe.odisha.gov.in** and **www.samsodisha.gov.in**. **Kindly refer the Common Prospectus (CP) before filling up the CAF**.

| Sl# | Items | Timeline |
|---|---|---|
| a) | Availability of the Online Common Application Form (CAF) in the Higher Education Department official website **www.dhe.odisha.gov.in/www.samsodisha.gov.in**. | 20th Aug. 2021 (11.00 A.M.) |
| b) | Last date for applying online CAF through **www.dhe.odisha.gov.in / www.samsodisha.gov.in** | 04th Sept. 2021 (11.45 P.M.) |
| c) | Publication of **First Selection Merit List** | 9th Sept. 2021 (11.00 A.M.) |
| d) | Online deposit of admission fees by the Students through SAMS [Student's Account] portal. | 9th Sept. 2021 (02.00 P.M.) to 14th Sept. 2021 (11.45 P.M.) |
| e) | Reporting of Applicants at allowtted institutions for taking admission for **First Selection Merit List** | 11th to 15th Sept. 2021 (05.00 P.M.) (Except 12th Sept. 2021) |
| f) | Updation of Slide-up Option form online by the admitted students during **First Round of Admission** | 11th Sept. 2021 to 16th Sept. 2021 (11.45 P.M.) |
| g) | Data updation of admitted students including error reporting in the e-space **(For First Round Admission)** by the respective institutions. | 11th to 16th Sept. 2021 (07.00 P.M.) |
| h) | Publication of **Second Selection Merit List** | 21st Sept. 2021 (11.00 A.M.) |
| i) | Online deposit of admission fees by Students through SAMS [Student's Account] portal | 21st Sept. 2021 (02.00 P.M.) to 24th Sept. 2021 (11.45 P.M.) |
| j) | Reporting of Applicants at allotted Institutions for taking admission for **Second Selection Merit List** | 22nd to 25th Sept. 2021 (05.00 P.M.) |
| k) | Final data updation of admitted students including error reporting in the e-space **(For Second Round Admission)** by the respective institution. | 22nd to 27th Sept. 2021 (07.00 P.M.) |
| For filling up of the vacant seats, guidelines will be issued latter on by the Higher Education Department. | | Date will be noted accordingly by HE Department |

**For more details please contact**
**e-Admission Helpline (Toll Free) Number 155335/1800-345-6770**

## ଉଚ୍ଚଶିକ୍ଷା ବିଭାଗ
## ଓଡ଼ିଶା ସରକାର

**ଡିଗ୍ରୀ ମହାବିଦ୍ୟାଳୟରେ ଇ-ଆଡମିଶନ (୨୦୨୧-୨୨ ଶିକ୍ଷାବର୍ଷ) ସମ୍ବନ୍ଧୀୟ ଜରୁରୀ ସୂଚନା**

୧. ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ SAMS ଇ-ଆଡମିଶନ (e-Admission) ମାଧ୍ୟମରେ କରାଯାଇଥାଏ।

୨. ଯୁକ୍ତ ଦୁଇ ପରୀକ୍ଷା ପରେ କେତେକ ଶିକ୍ଷାନୁଷ୍ଠାନ ଗ୍ରୀଷ୍ମ ଅବକାଶ କାର୍ଯ୍ୟକ୍ରମ (Summer Course and Crash Course) ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଦେବା ନିମନ୍ତେ ପ୍ରତିଶ୍ରୁତି ଦେଇ ଇ-ଆଡମିଶନ ସମ୍ପର୍କିତ ବିଭିନ୍ନ ପ୍ରମାଣପତ୍ର ଯଥା: **ଯୁକ୍ତ ଦୁଇ ମାର୍କସିଟ ଓ ସାର୍ଟିଫିକେଟ** ଇତ୍ୟାଦି ସଂଗ୍ରହ କରିଥାନ୍ତି। ଏଭଳି ପ୍ରଲୋଭନଠାରୁ ଶିକ୍ଷାର୍ଥୀମାନେ ଦୂରେଇ ରୁହନ୍ତୁ ଏବଂ ନିଜ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର କାଗଜାତ କୌଣସି ଶିକ୍ଷାନୁଷ୍ଠାନକୁ ଦିଅନ୍ତୁ ନାହିଁ।

୩. ଇ-ଆଡମିଶନ ସମ୍ବନ୍ଧୀୟ ସମସ୍ତ ଟଙ୍କା ପଇସା ଦେଣନେଣ କାରବାର ଅନ୍‌ଲାଇନ ମାଧ୍ୟମରେ କରାଯାଏ। ତେଣୁ କୌଣସି ବ୍ୟକ୍ତିଙ୍କୁ ଆଡମିଶନ ପାଇଁ ଟଙ୍କା ଦିଅନ୍ତୁ ନାହିଁ।

୪. ଇ-ଆଡମିଶନ ଚୟନ ପ୍ରକ୍ରିୟା (Selection) ସମ୍ପୂର୍ଣ୍ଣଭାବେ ମେଧା (Merit) ଭିତ୍ତିରେ କରାଯାଇଥାଏ। ତେଣୁ ମହାବିଦ୍ୟାଳୟ ଚୟନ କରିବା ପୂର୍ବରୁ ସେ ମହାବିଦ୍ୟାଳୟର ଗଲା ବର୍ଷର ଶେଷ ନମ୍ବର (CUT-OFF Mark) ଦେଖି ଚୟନ କରିବା ଉଚିତ, ନଚେତ୍ ଚୟନ ପ୍ରକ୍ରିୟାରୁ ନିଜ ନାମ ବାଦ୍ ପଡ଼ିବାର ସମ୍ଭାବନା ଅଛି।

୫. ଶିକ୍ଷାବର୍ଷରୁ Annexure-7 ଓ Auto Slide Up ନିୟମ ପ୍ରକ୍ରିୟାକୁ ଉଚ୍ଛେଦ କରାଯାଇଅଛି। Slide Up ପଦ୍ଧତି କେବଳ Online ମାଧ୍ୟମରେ କରାଯିବ। ଛାତ୍ରଛାତ୍ରୀମାନେ ଗୋଟିଏ କଲେଜରେ ନାମ ଲେଖାଇ ସାରିବା ପରେ ଯଦି ଉପର ପସନ୍ଦ (Higher Option) କଲେଜକୁ ଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ Slide-Up ଫର୍ମ ପୂରଣ କରିବାକୁ ପଡ଼ିବ, ନଚେତ୍ Slide-Up ପ୍ରକ୍ରିୟାରେ ସେମାନେ ଭାଗ ନେଇପାରିବେ ନାହିଁ। Slide-Up ପଦ୍ଧତିରେ ସମ୍ମତି ପ୍ରଦାନ କରିସାରିବା ପରେ ଉପର ପସନ୍ଦ (Higher Option) କଲେଜରେ ନାମ ଲେଖାଇବାକୁ ସେ ବାଧ୍ୟ। Slide-Up କଲେଜରେ ନାମ ନ ଲେଖାଇଲେ, ପ୍ରଥମେ ନାମ ଲେଖାଇଥିବା କଲେଜରୁ ବି ତାଙ୍କ ନାମ କଟିଯିବ। ଏହା ଫଳରେ ସେମାନେ ଚୟନ ଓ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ।

୬. Common Application Form ଅନ୍‌ଲାଇନରେ ଦାଖଲ କରିବା ସମୟରେ ନିଜର User ID ଓ Passwordକୁ ସୁରକ୍ଷିତ ରଖନ୍ତୁ। ଯଦି କୌଣସି କାରଣରୁ ଏହା ଅନ୍ୟ କେହି ଜାଣନ୍ତି, ତେବେ ତାହାର ଦୁରୁପଯୋଗ ହେବାର ସମ୍ଭାବନା ରହିଛି। ତେଣୁ ଯଦି ଆବଶ୍ୟକ ପଡ଼େ, Passwordକୁ ବଦଳାଇ ପାରିବେ।

୭. Common Application Form ପୂରଣ କରିବା ସମୟରେ ନିଜର ବା ଅଭିଭାବକଙ୍କ ସଠିକ୍ ଫୋନ ନମ୍ବର, ଇ-ମେଲ୍ ତଥା ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଆଦି ବ୍ୟବହାର କରନ୍ତୁ। ଫୋନ ନମ୍ବର ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଆଦିକୁ ନାମଲେଖା ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ବଦଳ ବା ବନ୍ଦ କରିବେ ନାହିଁ। ନଚେତ୍ ନାମଲେଖା ସମ୍ବନ୍ଧୀୟ ସୂଚନା ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିପାରିବ ନାହିଁ କିମ୍ବା ଫେରସ୍ତ ପାଇବାକୁ ଥିବା ଅର୍ଥରାଶି ମଧ୍ୟ ପାଇପାରିବେ ନାହିଁ।

୮. ଇ-ଆଡମିଶନ ସମ୍ବନ୍ଧୀୟ ନୂତନ ଦରକାରୀ ସୂଚନା ପାଇଁ ଏସ୍‌ଏମ୍‌ଏସ୍, ଇ-ମେଲ୍ ଓ ଉଚ୍ଚଶିକ୍ଷା ବିଭାଗ ୱେବସାଇଟ୍ (**www.samsodisha.gov.in and www.dhe.odisha.gov.in**)କୁ ନାମଲେଖା ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ନିୟମିତ ଭାବେ ଯାଞ୍ଚ କରନ୍ତୁ।

୯. ଛାତ୍ରଛାତ୍ରୀମାନେ ଯଦି ଦେଇଥିବା କୌଣସି ଟଙ୍କା ଫେରସ୍ତ ପାଇବାକୁ ଥାଏ, ତେବେ ସେ ଟଙ୍କା ସେମାନଙ୍କ Common Application Formରେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ପଠାଇଦିଆଯିବ।

**Common Application Form (CAF) ପୂରଣ କରିବା ପୂର୍ବରୁ Common Prospectus (CP)ରେ ଦର୍ଶାଯାଇଥିବା Admission ସମ୍ବନ୍ଧୀୟ ସୂଚନାବଳୀକୁ ଭଲଭାବରେ ପଢ଼ିବା ଅତ୍ୟନ୍ତ ଜରୁରୀ**

Sd./- Deputy Director, PTC
OIPR-11001/11/0008/2122

# ସ୍ୱତନ୍ତ୍ର



# ତାଲିବାନ୍ ୨.୦

ଦୁର୍ଦ୍ଧର୍ଷ ଆତଙ୍କବାଦୀମାନେ କାବୁଲ ଦଖଲ କରିବା ପରେ ହାତ ଟେକିଦେଇଥିଲା ଆଫଗାନ ସେନା। ପୁଣିଥରେ କ୍ଷମତା ହାତେଇବା ପାଇଁ ରାଷ୍ଟ୍ରପତି ଭବନରେ ତାଲିବାନ ନେତାଙ୍କ ଉପସ୍ଥିତି ସୂଚାଇ ଦେଇଥିଲା ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନରେ ନୂଆ ସରକାର ଗଠନ ହେବାକୁ ଯାଉଛି। ହେଲେ ବର୍ତ୍ତମାନ ସୁଦ୍ଧା ତାଲିବାନ ଏକ ଟ୍ରାଞ୍ଜିଟ ସରକାର ଗଠନ କରିନାହିଁ। ଟ୍ରାଞ୍ଜିଶନ ପ୍ରକ୍ରିୟା ଜାରି ରହିଥିବାବେଳେ ତାଲିବାନ ନିଜ ଗ୍ରହଣୀୟତା ବଢ଼ାଇବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି। ବିଦେଶୀ କୂଟନୈତିକ ମିଶନ ତଥା ଜନସାଧାରଣଙ୍କ ସହ ମିଳାମିଶା କରୁଛି। ସ୍ଥାନୀୟ ନାଗରିକଙ୍କୁ ସର୍ବକ୍ଷମା ଘୋଷଣା, ମହିଳା ସୁରକ୍ଷାର ପ୍ରତିଶ୍ରୁତି ଓ ସ୍କୁଲରେ ଝିଅଙ୍କ ପାଠପଢ଼ା ଅନୁମତି ଦେଇ ନିଜ ମୁହଁରେ ଲାଗିଥିବା କଳଙ୍କ ପୋଛିବାକୁ ଉଦ୍ୟମ କରୁଛି ତାଲିବାନ। ଏହାକୁ ଦେଖି କେତେକେ ପ୍ରଶ୍ନ କରିବାରେ ଲାଗିଛନ୍ତି ତାଲିବାନ କ'ଣ ବଦଳିଯାଇଛି? କିନ୍ତୁ ଯେଉଁମାନେ ଅଢ଼େଇ ଦଶନ୍ଧି ତଳେ ତାଲିବାନର ଅନ୍ଧାରୀ ଶାସନ, ସର୍ବସମ୍ମୁଖରେ ମୁଣ୍ଡକାଟ ଓ ମହିଳା ବିରୋଧୀ ଶରିଆ ଆଇନର ବର୍ବରତା ଦେଖିଛନ୍ତି ସେମାନେ ଏହି ଆଶ୍ୱାସନାକୁ ଗ୍ରହଣ କରିପାରୁନାହାନ୍ତି।

# ବର୍ବରତା ବନାମ ଆଶ୍ୱାସନା

## ଆଫଗାନ ହଟାଇଲେ ତାଲିବାନ୍ ପତାକା

କାବୁଲ/ୱାଶିଂଟନ୍/ନୂଆଦିଲ୍ଲୀ, ୧୮।୮

ମାତ୍ର ସପ୍ତାହେ ମଧ୍ୟରେ ଆଫଗାନିସ୍ତାନର ଗୋଟିଏ ପରେ ଗୋଟିଏ ସହରକୁ ଦଖଲ କରିଚାଲିଥିଲା ତାଲିବାନ୍। ରାସ୍ତାରୁ ମହିଳାମାନେ ଉଭାନ ହେବାରେ ଲାଗିଥିଲେ ଓ ପୁରୁଷମାନେ ପାରମ୍ପରିକ ପୋଷାକରେ ବାହାରକୁ ଆସୁଥିଲେ। ଚାହୁଁ ଚାହୁଁ ଶେଷ ଦୁର୍ଗ କାବୁଲ ମଧ୍ୟ ତାଲିବାନ କବ୍‌ଜାକୁ ଆସିଗଲା। ୨୫ ବର୍ଷ ତଳେ ତାଲିବାନର ବର୍ବରତାକୁ ଅଙ୍ଗେ ନିଭାଇଥିବା ଆଫଗାନମାନେ ଦେଶ ଛାଡ଼ି ପଳାୟନ କରିବାରେ ଲାଗିଲେ। ଏହି ଧାରା ଅଦ୍ୟାବଧି ଅବ୍ୟାହତ ରହିଛି, ଯେତେବେଳେ କି ଆଫଗାନିସ୍ତାନ ଏହାର ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ୧୯୧୯ ଆଙ୍ଗ୍ଲୋ-ଆଫଗାନ୍ ଚୁକ୍ତି ଅନୁସାରେ ଅଗଷ୍ଟ ୧୯ରେ ଆଫଗାନିସ୍ତାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ। ଆଫଗାନିସ୍ତାନ ଓ ବ୍ରିଟେନ୍ ମଧ୍ୟରେ ଏକ

**ଆଜି ଆଫଗାନିସ୍ତାନର ସ୍ୱାଧୀନତା ଦିବସ**



ୟୁଏଇରେ ଅଶ୍ରଫ୍ ଗନି

ସମ୍ପୂର୍ଣ୍ଣ ନିରପେକ୍ଷ ସମ୍ପର୍କ ପ୍ରତିଷ୍ଠାକୁ ଏହି ଚୁକ୍ତି ବଳରେ ମଞ୍ଜୁରୀ ଦିଆଯାଇଥିଲା। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବୁଧବାର ଆଫଗାନମାନେ ତାଲିବାନର ପତାକାକୁ ହଟାଇ ଦେଇଛନ୍ତି। ସ୍ଥାନୀୟ ନାଗରିକ ତାଲିବାନକୁ ଯେତିକି ଡରୁଛନ୍ତି ସେତିକି ବିରୋଧ ମଧ୍ୟ କରୁଛନ୍ତି। କେତେକ ସ୍ଥାନରେ ମହିଳାମାନେ ବୁର୍ଖା ପିନ୍ଧି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି। ଜଲାଲାବାଦରେ ବିକ୍ଷୋଭ ବେଳେ ତାଲିବାନ ଗୁଳିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ ଆହତ ହୋଇଛନ୍ତି। ଏଭଳି ଅଚଳାବସ୍ଥା ପାଇଁ ବାଇଡେନ୍ ପ୍ରଶାସନକୁ ଦାୟୀ କରାଯାଉଥିବାବେଳେ କାବୁଲରୁ ୩,୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଛି ଆମେରିକା। ଇତିମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପକ୍ଷରୁ ଆଫଗାନିସ୍ତାନର କ୍ଷମତାଚ୍ୟୁତ ତଥା ପଳାତକ ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କୁ ନେଇ ଏକ ବିବୃତି ଜାରି କରାଯାଇଛି। ଗନି ଓ ତାଙ୍କ ପରିବାର ୟୁଏଇରେ ପହଞ୍ଚିଥିବାବେଳେ ସେମାନଙ୍କୁ ମାନବୀୟ ଦୃଷ୍ଟିକୋଣରୁ ଗ୍ରହଣ କରାଯାଇଥିବା ଏଥିରେ କୁହାଯାଇଛି।



ପ୍ଲାନେଟ୍ ଲାବ୍ସ ଆଇଏନ୍‌ସି ପକ୍ଷରୁ ଜାରି କରାଯାଇଥିବା ଉପଗ୍ରହ ଚିତ୍ରରେ କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ପହଞ୍ଚିବା ପାଇଁ ଟ୍ରାଫିକ୍ ଜାମକୁ ଦର୍ଶାଉଛି। ଆମେରିକୀୟ କମାଣ୍ଡରମାନେ ଉକ୍ତ ବିମାନବନ୍ଦର ଦେଇ ହଜାର ହଜାର ଲୋକଙ୍କୁ ଏୟାରଲିଫ୍ଟ କରିବା ପାଇଁ ତାଲିବାନ୍ ସହ ଆଲୋଚନା କରୁଥିବା ନେଇ ମଙ୍ଗଳବାର ପେଣ୍ଟାଗନ ପକ୍ଷରୁ କୁହାଯାଇଛି। କାବୁଲ ବିମାନବନ୍ଦରରୁ କୂଟନୀତିଜ୍ଞ ଓ ସାଧାରଣ ଲୋକଙ୍କୁ ସୁରକ୍ଷିତ ଭାବେ ବାହାରକୁ ନିଆଯାଉଛି। ଏଠାରେ ସୋମବାର ହୋଇଥିବା ଦଳାଚକଟାରେ ଅଦ୍ୟାବଧି ୭ ଜଣଙ୍କ ମୃତ୍ୟୁ ଘଟିଛି।

## ଫେସ୍‌ବୁକ୍‌କୁ ସମାଲୋଚନା

ତାଲିବାନକୁ ଆତଙ୍କବାଦୀ ଦର୍ଶାଇବା ସହ ଏହି ଗୋଷ୍ଠୀକୁ ନିଜ ପ୍ଲାଟଫର୍ମରୁ ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ୍ ବ୍ୟାନ୍ କରିଛି। ଏହାକୁ ନେଇ ଫେସ୍‌ବୁକ୍‌କୁ ତାଲିବାନ ସମାଲୋଚନା କରିଛି। ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ତାଲିବାନ ମୁଖପାତ୍ର ସୁହେଲ ଶାହେନ୍ କହିଛନ୍ତି, ନିଜକୁ ଅଭିବ୍ୟକ୍ତି ସ୍ୱାଧୀନତାର



ରକ୍ଷକ ଭାବେ ପ୍ରଚାର କରୁଥିବା ଫେସ୍‌ବୁକ୍ ଆଫଗାନିସ୍ତାନବାସୀଙ୍କ ସମସ୍ତ ତଥ୍ୟ ପ୍ରକାଶ ଉପରେ ପ୍ରତିବନ୍ଧକ ଲଗାଇଛି। ଦେଶବାସୀଙ୍କ କଥାକୁ ବିଶ୍ୱକୁ ଜଣାଇବାରେ ଫେସ୍‌ବୁକ୍ କାହିଁକି ପ୍ରତିବନ୍ଧକ ଲଗାଇଛି ସେ ପ୍ରଶ୍ନ ଉକ୍ତ କମ୍ପାନୀକୁ କରାଯାଉ ବୋଲି ଶାହେନ୍ କହିଛନ୍ତି।

## ବିଦେଶରେ ୯ ବିଲିୟନ ଡଲାର

ଆଫଗାନିସ୍ତାନର ପ୍ରାୟ ୯ ବିଲିୟନ ଡଲାର ( ପ୍ରାୟ ୬୭ ହଜାର କୋଟି ଟଙ୍କା) ବିଦେଶରେ ମହଜୁଦ ଥିବା ଆଫଗାନିସ୍ତାନ ସେଣ୍ଟ୍ରାଲ ବ୍ୟାଙ୍କ ଗଭର୍ନର ଆଜମଲ୍ ଅହମଦୀ କହିଛନ୍ତି। ସେଥିମଧ୍ୟରୁ ପ୍ରାୟ ୭ ବିଲିୟନ ଡଲାର ଆମେରିକା ଫେଡେରାଲ ରିଜର୍ଭ ବଣ୍ଡ, ସୁନା ଓ ଅନ୍ୟାନ୍ୟ ଆକାରରେ ରହିଛି। ଦେଶ ମଧ୍ୟରେ ନଗଦ ଡଲାର ପ୍ରାୟ ଉପଲବ୍ଧ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଏଥିଯୋଗୁ ଆଫଗାନିସ୍ତାନରେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଗରିବ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେବେ। ବନ୍ଧୁକ ମୁନରେ ତାଲିବାନ ବିଜୟ ହାସଲ କରିଥିଲେ ହେଁ ଏହି ଅର୍ଥ ନ ମିଳିଲେ ଶାସନ ଚଳାଇବା ସହଜ ହେବ ନାହିଁ ବୋଲି ସେ କହିଛନ୍ତି।

## ତାଲିବାନ୍ ପାଇବନି ସରକାରୀ ଜମା

ଆମେରିକା ବ୍ୟାଙ୍କରେ ମହଜୁଦ ଥିବା ଆଫଗାନିସ୍ତାନ ସରକାରଙ୍କ ଅର୍ଥ ତାଲିବାନ୍‌କୁ ଦିଆଯିବ ନାହିଁ ବୋଲି ଜୋ ବାଇଡେନ୍ ପ୍ରଶାସନ ନିଷ୍ପତ୍ତି ନେଇଛି। ଆଫଗାନିସ୍ତାନର କୋଟି କୋଟି ଡଲାର ଆମେରିକୀୟ ବ୍ୟାଙ୍କରେ ଜମା ଥିବାବେଳେ ଏହା ତାଲିବାନ୍ ନିକଟରେ ନ ପହଞ୍ଚିବାକୁ ନେଇ ଅନେକ ଖାତା ସିଲ୍ କରାଯାଇଥିବା ଜଣାପଡ଼ିଛି। ଆଫଗାନ୍ ସେଣ୍ଟ୍ରାଲ ବ୍ୟାଙ୍କ ଜମାର ସିଂହଭାଗ ଆମେରିକାରେ ରହିଥିବା ବାଇଡେନ୍ ପ୍ରଶାସନର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଫଗାନିସ୍ତାନ ସେନାଠାରୁ ଛଡ଼ାଇ ନେଇଥିବା ଅସ୍ତ୍ରଶସ୍ତ୍ର ତାଲିବାନ ଫେରାଇବ ନାହିଁ ବୋଲି ଜଣାଥିବା ହ୍ୱାଇଟ୍‌ହାଉସ୍ ପକ୍ଷରୁ କୁହାଯାଇଛି।

## ବୁର୍ଖା ଦାମ୍ ଦଶଗୁଣ

ଆଫଗାନିସ୍ତାନକୁ ତାଲିବାନ୍ ଫେରିବା ପରେ ବିଶେଷ କରି ମହିଳାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେମାନେ ଘରୁ ବାହାରିବାକୁ ଭୟ କରୁଥିବାବେଳେ ବୁର୍ଖା କିଣିବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଫଳରେ ସେଠାରେ ବୁର୍ଖା ଦାମ୍ ଆକାଶଛୁଆଁ ହୋଇଛି। ରିପୋର୍ଟ ଅନୁସାରେ କାବୁଲରେ ବୁର୍ଖା ମୂଲ୍ୟ ପୂର୍ବଠାରୁ ଦଶ ଗୁଣା ଅଧିକ ଦାମରେ ବିକ୍ରି ହେଉଛି। ପୂର୍ବରୁ ତାଲିବାନର କଠୋର ଶାସନବେଳେ ମହିଳାମାନେ ବୁର୍ଖା ପିନ୍ଧିବା ବାଧ୍ୟତାମୂଳକ ଥିଲା। ପୁରୁଷଙ୍କ ବିନା ବାହାରକୁ ବାହାରିବା ମନା ଥିଲା। ଝିଅମାନେ ସ୍କୁଲ ଯିବା ଉପରେ ପ୍ରତିବନ୍ଧକ ରହିଥିଲା। ସେସବୁକୁ ମନେ ପକାଇ ଏବେ ଆଫଗାନ୍ ମହିଳାମାନେ ଘରେ ଅଧିକ ସଂଖ୍ୟାରେ ବୁର୍ଖା କିଣି ରଖିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି।





## କାତାରରୁ ଫେରିଲେ ମୁଲ୍ଲା ବରାଦର

- ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ତାଲିବାନ ଦଖଲ କରିବା ପରେ ମୁଲ୍ଲା ଅବ୍‌ଦୁଲ ଗନି ବରାଦର ରାଷ୍ଟ୍ରପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି।
- ତାଲିବାନର ସହପ୍ରତିଷ୍ଠାତା ତଥା ଉପନେତା ମୁଲ୍ଲା ଅବ୍‌ଦୁଲ ଗନି ବରାଦର ବୁଧବାର କାତାରରୁ ଫେରିଛନ୍ତି। ସେ ଦେଶର ଦ୍ୱିତୀୟ ବଡ଼ ସହର କାନ୍ଦାହାରରେ ଅବତରଣ କରିଛନ୍ତି। କାନ୍ଦାହାର ହେଉଛି ତାଲିବାନର ଆଧ୍ୟାତ୍ମିକ ଜନ୍ମସ୍ଥାନ, ଯାହାକୁ ପ୍ରଥମ ପାଳି ସରକାର ବେଳେ ରାଜଧାନୀ କରାଯାଇଥିଲା।
- ତାଲିବାନ ସପକ୍ଷବାଦୀ ମିଡିଆ ପକ୍ଷରୁ ଜାରି ଭିଡିଓ ଫୁଟେଜ୍‌ରେ କାନ୍ଦାହାର ବିମାନବନ୍ଦରରେ ମୁଲ୍ଲା ବରାଦର ଅବତରଣ କରୁଥିବା ବେଳର ଦୃଶ୍ୟ ଦେଖିବାକୁ ମିଳିଛି।
- ଆମେରିକା ଓ ଆଫଗାନ ଶାନ୍ତି ମଧ୍ୟସ୍ଥଙ୍କ ସହ ଆଲୋଚନା ପାଇଁ କାତାରରେ ମୁଲ୍ଲା ବରାଦର ଅନେକ ମାସ ଧରି ଅବସ୍ଥାନ କରୁଥିଲେ।
- ୨୦୧୦ରେ ମୁଲ୍ଲା ବରାଦରଙ୍କୁ ପାକିସ୍ତାନରେ ଗିରଫ କରାଯାଇଥିଲା। କିନ୍ତୁ ଟ୍ରମ୍ପ ପ୍ରଶାସନର ଅନୁରୋଧ କ୍ରମେ ତାଙ୍କୁ ଛାଡ଼ି ଦିଆଯାଇଥିଲା। କାତାରରେ ଶାନ୍ତି ଆଲୋଚନାରେ ଭାଗ ନେବା ପାଇଁ ଆମେରିକୀୟ ମଧ୍ୟସ୍ଥ ଜଲମେ ଖଲିଲଜାଦ୍ ତାଙ୍କୁ ଜଣେ ଭରସାଯୋଗ୍ୟ ପ୍ରତିପକ୍ଷ ବୋଲି ବିବେଚନା କରୁଥିଲେ।
- ସାମରିକ କାର୍ଯ୍ୟକଳାପ ସତ୍ତ୍ୱେ ମୁଲ୍ଲା ବରାଦର ଶାନ୍ତି ଆଲୋଚନା ଆରମ୍ଭ ହେବା ପଛରେ ରହିଥିଲେ। ବିଶେଷକରି ୨୦୦୪ ଓ ୨୦୦୯ରେ ଶାନ୍ତିଚୁକ୍ତିରେ ତାଙ୍କର ବଡ଼ ଭୂମିକା ଥିଲା।

## ବସିବ ଜି-୭ ବୈଠକ



**ବାଇଡେନ୍-ଜନସନ୍ ଆଲୋଚନା**

ଆଫଗାନିସ୍ତାନ ସ୍ଥିତି ଉପରେ ଆଲୋଚନା ପାଇଁ ଆସନ୍ତା ସପ୍ତାହରେ ଜି-୭ ବୈଠକ ବସିବ। ଭର୍ଚୁଆଲ ମାଧ୍ୟମରେ ବୈଠକରେ ଆଲୋଚନା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ସହମତ ହୋଇଛନ୍ତି। ଏ ସମ୍ପର୍କରେ ବାଇଡେନ୍ ଏବଂ ଜନସନ ଫୋନ୍ ମାଧ୍ୟମରେ ଆଲୋଚନା କରିଛନ୍ତି। ଆଫଗାନିସ୍ତାନ ନୀତିରେ ସମସ୍ତ ସହଯୋଗୀଙ୍କ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକତା ରହିଛି। ଆଫଗାନିସ୍ତାନ ଶରଣାର୍ଥୀଙ୍କ ସମସ୍ୟା ସମାଧାନ ପାଇଁ ମଧ୍ୟ ଦୁଇ ନେତା ଆଲୋଚନା କରିଥିବା ଜଣାପଡ଼ିଛି। ଜି-୭ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ଆମେରିକା, ବ୍ରିଟେନର ଆନ୍ତଃ ସରକାର ରାଜନୈତିକ ଫୋରମ୍ ହୋଇଥିବାବେଳେ ଏବେ ବୋରିସ୍ ଏହାର ଅଧ୍ୟକ୍ଷ ରହିଛନ୍ତି। ବ୍ରିଟେନ୍ ୨ ହଜାରରୁ ଊର୍ଦ୍ଧ୍ୱ ଆଫଗାନ୍ ଶରଣାର୍ଥୀଙ୍କୁ ସହାୟତା ଦେଇଛି ବୋଲି ବୋରିସ୍ କହିଛନ୍ତି। ପ୍ରତିଶ୍ରୁତି ବଳରେ ନୁହେଁ, ତାଲିବାନ୍‌କୁ ଏହାର କାର୍ଯ୍ୟ ଆଧାରରେ ବିଚାରକୁ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଅବ୍‌ଦୁଲ ମଜାରିଙ୍କ ପ୍ରତିମୂର୍ତ୍ତି ଧ୍ୱଂସ

ଆଫଗାନିସ୍ତାନର ବାମିୟାନରେ ହଜାରା ନେତା ଅବ୍‌ଦୁଲ ଅଲି ମଜାରିଙ୍କ ପ୍ରତିମୂର୍ତ୍ତିକୁ ତାଲିବାନ ବିସ୍ଫୋରଣ କରି ଉଡ଼ାଇ ଦେଇଛି। ପୂର୍ବ ଶାସନରେ ବାମିୟାନ୍ ବୁଦ୍ଧମୂର୍ତ୍ତିକୁ ଧ୍ୱସ୍ତବିଧ୍ୱସ୍ତ କରିବା ବେଳର ସ୍ମୃତିକୁ ଏହା ମନେପକାଇ ଦେଇଛି। ୧୯୯୫ରେ ତାଲିବାନ ପକ୍ଷରୁ ଅବ୍‌ଦୁଲ୍ ଅଲିଙ୍କୁ ହତ୍ୟା କରାଯାଇଥିଲା। ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ହଜାରା ସମୁଦାୟକୁ ହଜାରାଜାତ୍ କୁହାଯାଏ। ଏମାନେ ହେଉଛନ୍ତି ଗେନ୍‌ଘିସ୍ ଖାନଙ୍କ ବଂଶଜ, ଯିଏକି ତ୍ରୟୋଦଶ ଶତାବ୍ଦୀରେ ମଙ୍ଗୋଲ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଗତ କିଛି ବର୍ଷ ହେଲା ହଜାରା ସମୁଦାୟ ଉପରେ ଏହି ଆତଙ୍କବାଦୀ ସଙ୍ଗଠନର ଆକ୍ରମଣ ଜାରି ରହିଛି। ଏହାକୁ ନେଇ ମାନବାଧିକାର କର୍ମୀ ସଲିମ ଜାଭେଦ ଟୁଇଟ୍ କରିଛନ୍ତି, ବହୁତ ହୋଇଗଲା ସର୍ବକ୍ଷମା।







## ତାଲିବାନ୍ କବ୍‌ଜାରେ ସାଲିମା ମଜାରି

ଚାହରକିଣ୍ଟର ହଜାରା ଡିଷ୍ଟ୍ରିକ୍ଟ ଗଭର୍ନର ସାଲିମା ମଜାରିଙ୍କୁ ମଧ୍ୟ ତାଲିବାନ୍ ପଣବନ୍ଦୀ ରଖିଛି। ତାଲିବାନର କାବୁଲ ଦଖଲ ପରେ ଅନେକ ଆଫଗାନ ନେତା ଦେଶ ଛାଡ଼ି ପଳାୟନ କରିଥିବାବେଳେ ସାଲିମା ମଜାରି ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିଥିଲେ। ଆତଙ୍କବାଦୀଙ୍କ ବିରୋଧରେ ଅସ୍ତ୍ର ଉଠାଇଥିବା ସାଲିମା ବଲ୍‌ଖ ପ୍ରଦେଶକୁ ତାଲିବାନ ଦଖଲ କରିବା ପରେ ଆତ୍ମସମର୍ପଣ କରିଥିବା କୁହାଯାଉଛି।

ବାମିୟାନ ଉପତ୍ୟକାରେ ଗୌତମ ବୁଦ୍ଧଙ୍କ ଷଷ୍ଠ ଶତାବ୍ଦୀର ଦୁଇଟି ପ୍ରତିମୂର୍ତ୍ତି ରହିଥିଲା। ୨୦୦୧ ମାର୍ଚ୍ଚରେ ତାଲିବାନ ଶାସନ ଚାଲିଥିବାବେଳେ ଏହି ଗୋଷ୍ଠୀର ନେତା ମୁଲ୍‌ହା ମହମ୍ମଦ ଓମାରଙ୍କ ନିର୍ଦ୍ଦେଶ କ୍ରମେ ଆତଙ୍କବାଦୀମାନେ ତାହାକୁ ଧ୍ୱଂସ କରିଦେଇଥିଲେ।



## ସଂକ୍ଷେପରେ

### ତାଲିବାନ୍‌କୁ ସମର୍ଥନ

## ଏସ୍‌ପି ନେତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା



ଶଫିକୁର ରହମାନ ବାର୍କ

**ଲକ୍ଷ୍ନୌ, ୧୮।୮(ଆଇଏଏନ୍‌ଏସ୍):** ତାଲିବାନର ଆଫଗାନିସ୍ତାନ ଦଖଲକୁ ଭାରତର ସ୍ୱାଧୀନତା ସଂଗ୍ରାମ ସହ ତୁଳନା କରିଥିବା ସମାଜବାଦୀ ପାର୍ଟି ଏମ୍‌ପି ଶଫିକୁର ରହମାନ ବାର୍କଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ଭାଜପା ପଶ୍ଚିମ ଉତ୍ତରପ୍ରଦେଶ ଆଞ୍ଚଳିକ ଉପାଧ୍ୟକ୍ଷ ରାଜେଶ ସିଙ୍ଘଲଙ୍କ ଅଭିଯୋଗ କ୍ରମେ ସଦର ପୋଲିସ ସମ୍ଭାଲ ନିର୍ବାଚନ ମଣ୍ଡଳୀର ଲୋକ ସଭା ସଦସ୍ୟ ଡ. ବାର୍କଙ୍କ ବିରୋଧରେ ୧୨୪ଏ (ଦେଶଦ୍ରୋହ), ୧୫୩ଏ (ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା) ଏବଂ ୨୯୫ଏ (ଧର୍ମୀୟ ଉତ୍ତେଜନା ବଢ଼ାଇବା) ଧାରାରେ ମାମଲା ରୁଜୁ କରିଛି। ସୋମବାର ଏମ୍‌ପି ଡ. ବାର୍କ ତାଲିବାନ୍‌ର ଆଫଗାନିସ୍ତାନ ଦଖଲକୁ ପ୍ରଶଂସା କରିବା ସହ ସେମାନଙ୍କ ଆକ୍ରମଣକୁ ଭାରତର ସ୍ୱାଧୀନତା ସଂଗ୍ରାମ ସହ ତୁଳନା କରିଥିଲେ। ଭାରତ ବ୍ରିଟିଶ ଶାସନାଧୀନ ଥିବାବେଳେ ଏହାର ମୁକ୍ତି ପାଇଁ ସ୍ୱାଧୀନତା ସଂଗ୍ରାମ ଚାଲିଥିଲା। ସେହିପରି ତାଲିବାନ୍‌ମାନେ ସେମାନଙ୍କ ଦେଶର ସ୍ୱାଧୀନତା ପାଇଁ ଲଢ଼େଇ କରୁଥିଲେ। ଏହା ଆଫଗାନିସ୍ତାନର ଆଭ୍ୟନ୍ତରୀଣ ମାମଲା ବୋଲି ସମାଜବାଦୀ ପାର୍ଟି ଏମ୍‌ପି କହିଥିଲେ।

## ନିଜକୁ ମଦୁରାଇ ଆଧୀନମ୍‌ଙ୍କ ୨୯୩ତମ ଧର୍ମଗୁରୁ ଘୋଷଣା କଲେ ନିତ୍ୟାନନ୍ଦ



**ଚେନ୍ନାଇ, ୧୮।୮:** ଏକାଧିକ ବଳାତ୍କାର ମାମଲାରେ ଅଭିଯୁକ୍ତ ଥିବା ପଳାତକ ଗଡ୍‌ମ୍ୟାନ ନିତ୍ୟାନନ୍ଦ ନିଜକୁ ମଦୁରାଇ ଆଧୀନମ୍‌ର ୨୯୩ତମ ଧର୍ମଗୁରୁ ଘୋଷଣା କରି ବଡ଼ ବିବାଦ ସୃଷ୍ଟି କରିଛନ୍ତି। ପୂର୍ବରୁ ଉକ୍ତ ପୀଠର ଧର୍ମଗୁରୁ ଥିବା ଅରୁଣଗିରିନାଥ ଜ୍ଞାନସମ୍ବନ୍ଧ ଦେଶିକା ପରମାଚାର୍ଯ୍ୟ ସ୍ୱାମିଗଲ୍‌ଙ୍କର ଗତ ୧୩ ତାରିଖରେ ପରଲୋକ ହୋଇଥିଲା। ସେ ୪ ଦଶନ୍ଧି ଧରି ଧର୍ମଗୁରୁ ରହିଥିଲେ। ତାଙ୍କ ଶେଷକୃତ୍ୟ ପରେ ୧୪ ତାରିଖରେ କନିଷ୍ଠ ଧର୍ମଗୁରୁ ଥିବା ହରିହର ଦେଶିକା ଜ୍ଞାନସମ୍ବନ୍ଧ ପରମାଚାର୍ଯ୍ୟଙ୍କୁ ତାଙ୍କ ଉତ୍ତରାଧିକାରୀ ଘୋଷଣା କରାଯାଇଥିଲା। ତେବେ ମଙ୍ଗଳବାର ନିତ୍ୟାନନ୍ଦ ସୋସିଆଲ ମିଡିଆରେ ନିଜକୁ ମଦୁରାଇ ଆଧୀନମ୍‌ର ୨୯୩ତମ ଧର୍ମଗୁରୁ ଘୋଷଣା କରିଥିବାରୁ ଏହା ଭକ୍ତ ଓ ଅନୁଗାମୀମାନଙ୍କୁ ବିସ୍ମିତ କରିଛି।

# ସିବିଆଇକୁ ମିଳୁ ସ୍ୱୟଂକ୍ରିୟ କ୍ଷମତା

## ସ୍ୱତନ୍ତ୍ର ଆଇନ ଆଣିବାକୁ କେନ୍ଦ୍ରକୁ ମାଡ୍ରାସ ହାଇକୋର୍ଟଙ୍କ ପରାମର୍ଶ

ଚେନ୍ନାଇ, ୧୮।୮(ଆଇଏଏନ୍‌ଏସ୍)



କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ପିଞ୍ଜରାବଦ୍ଧ ଶୁଆ ନ କରି ଏହାକୁ ମୁକ୍ତ କରିବା ବା ସ୍ୱୟଂକ୍ରିୟ କ୍ଷମତା ଦେବା ପାଇଁ ମାଡ୍ରାସ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଫାଇନାନ୍ସ କମ୍ପାନୀର ଠକେଇ ମାମଲାର ତଦନ୍ତ ତାମିଲନାଡୁ ପୋଲିସ କରୁଥିବାବେଳେ ଏହାକୁ ସିବିଆଇକୁ ହସ୍ତାନ୍ତର କରିବା ଲାଗି ମାଡ୍ରାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ମଙ୍ଗଳବାର ହାଇକୋର୍ଟ ଏହାର ଶୁଣାଣି କରିବା ଅବସରରେ କହିଥିଲେ, କେବଳ ସିବିଆଇକୁ ବୈଧାନିକ ମାନ୍ୟତା ଦିଆଗଲେ, ଏହାର ସ୍ୱୟଂକ୍ରିୟ କ୍ଷମତା ସୁନିଶ୍ଚିତ ହୋଇପାରିବ। ଦ୍ୱିତୀୟରେ ସିବିଆଇ ଅଫିସରମାନଙ୍କୁ ଡେପୁଟେଶନରେ ନ ଆଣି ଏହାର ନିଜସ୍ୱ ଉତ୍ସର୍ଗୀକୃତ ଅଫିସର କ୍ୟାଡର ରହିବା ଆବଶ୍ୟକ। ଭାରତର କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଯେପରି କେବଳ ପାର୍ଲାମେଣ୍ଟ ନିକଟରେ ଉତ୍ତରଦାୟୀ, ସିବିଆଇକୁ ସେହିଭଳି ସ୍ୱୟଂକ୍ରିୟ କ୍ଷମତା ମିଳିବା ଆବଶ୍ୟକ ବୋଲି ଅଦାଲତ କହିଥିଲେ। ଭାରତ ସରକାରଙ୍କ ସଚିବମାନଙ୍କ ଏକ୍ସ-ଅଫିସିଓ କ୍ଷମତା ଭଳି ସିବିଆଇ ନିର୍ଦ୍ଦେଶକଙ୍କୁ ସିଧାସଳଖ ମନ୍ତ୍ରଣାଳୟ ନିକଟରେ ରିପୋର୍ଟିଂ କରିବା କ୍ଷମତା ମିଳିବା ସପକ୍ଷରେ ହାଇକୋର୍ଟ କହିଥିଲେ। ରାଜ୍ୟଗୁଡ଼ିକର ସହମତି ବିନା କୌଣସି ମାମଲାର ତଦନ୍ତ ସୁପ୍ରିମକୋର୍ଟ ଓ ହାଇକୋର୍ଟଗୁଡ଼ିକ ସିବିଆଇ ଉପରେ ନ୍ୟସ୍ତ କରୁଛନ୍ତି। ତେଣୁ ସିବିଆଇକୁ ପୂର୍ବାପେକ୍ଷା ଅଧିକ କ୍ଷମତା ଓ ତଦନ୍ତ ଅଧିକାର କ୍ଷେତ୍ର ଦେବା ପାଇଁ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ନିଷ୍ପତ୍ତି ନିଅନ୍ତୁ ବୋଲି ଅଦାଲତ କହିଥିଲେ। ନିର୍ବାଚନ କମିଶନ ଏବଂ ସିଏଜିଙ୍କ ଭଳି ସିବିଆଇକୁ ଅଧିକ ସ୍ୱାଧୀନତା ଓ ଅଲଗା ବଜେଟ ମଞ୍ଜୁର ହେବା ଆବଶ୍ୟକ ବୋଲି ହାଇକୋର୍ଟ ମତ ଦେଇଥିଲେ।

## ଏନ୍‌ଡିଏ ପରୀକ୍ଷା ଦେଇପାରିବେ ମହିଳା



### ସେନାରେ ଲିଙ୍ଗଗତ ପକ୍ଷପାତିତାକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୮।୮

ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପାଇଁ ସେପ୍ଟେମ୍ବର ୫ରେ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶିକ ପରୀକ୍ଷାରେ ମହିଳାମାନେ ଭାଗ ନେଇପାରିବେ। ବୁଧବାର ସୁପ୍ରିମକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶନାମା ବଳରେ ମହିଳାମାନଙ୍କୁ ଉକ୍ତ ପରୀକ୍ଷା ପାଇଁ ଅନୁମତି ଦେଇଛନ୍ତି। ଏଥିସହିତ ଭାରତୀୟ ସୈନ୍ୟବାହିନୀର ଲିଙ୍ଗଗତ ପକ୍ଷପାତ ନୀତିକୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଛନ୍ତି। କ'ଣ ପାଇଁ ସହ-ଶିକ୍ଷା ଏକ ସମସ୍ୟା ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି।

ଏନ୍‌ଡିଏ ଏବଂ ନାଭାଲ ଏକାଡେମୀ ପରୀକ୍ଷାରେ ମହିଳା ପ୍ରାର୍ଥୀଙ୍କୁ ଅନୁମତି ଦିଆଯାଉ ନ ଥିବାରୁ କେନ୍ଦ୍ର ସରକାରଙ୍କ ଏଭଳି ପାତରଅନ୍ତର ନୀତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଉକ୍ତ ପିଆଇଏଲ୍‌ର ଶୁଣାଣି କରି ଜଷ୍ଟିସ ସଞ୍ଜୟ ରାୟ, କିଷନ କୌଲ ଏବଂ ହୃଷୀକେଶ ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିପାଇଁ ୟୁପିଏସ୍‌ସିକୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବା ସହ ଏହାର ଉପଯୁକ୍ତ ପ୍ରଚାର ପ୍ରସାର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପରୀକ୍ଷାର ଫଳାଫଳ ପିଟିଶନର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

# କେନ୍ଦ୍ର, ପଶ୍ଚିମବଙ୍ଗ ସରକାରଙ୍କୁ ନୋଟିସ

### ସୁପ୍ରିମକୋର୍ଟରେ ପେଗାସସ୍ ମାମଲା

ନୂଆଦିଲ୍ଲୀ, ୧୮।୮(ପି.ଟି.)

ପେଗାସସ୍ ଗୁପ୍ତଚରଗିରି ଅଭିଯୋଗର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ତଦନ୍ତ କମିଶନ ଗଠନ କରିଥିବାରୁ ସୁପ୍ରିମକୋର୍ଟ ବୁଧବାର ଏନେଇ କେନ୍ଦ୍ର ଓ ଉକ୍ତ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୫କୁ ଧାର୍ଯ୍ୟ କରିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ତଦନ୍ତ କମିଶନ ଗଠନ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ବିଚାର ଶେଷ ନ ହେବା ପର୍ଯ୍ୟନ୍ତ କମିଶନ ତଦନ୍ତ ନ କରିବାକୁ ଆବେଦନକାରୀଙ୍କ ଓକିଲ ସୌରଭ ମିଶ୍ର କୋର୍ଟଙ୍କୁ କହିଥିଲେ। ତେବେ ଆବେଦନକାରୀଙ୍କ ସତ୍ୟପାଠରେ ଅସଙ୍ଗତି ରହିଥିବା ଖଣ୍ଡପୀଠ କହିଥିଲେ। ଗୋଟିଏ ପଟେ ଆବେଦନକାରୀ ପେଗାସସ୍ ବିବାଦର ତଦନ୍ତ ଚାହୁଁଥିବାବେଳେ ଅନ୍ୟପଟେ ତଦନ୍ତ କମିଶନକୁ ବିରୋଧ କରୁଛନ୍ତି। ପିଟିଶନ ଏବଂ ସତ୍ୟପାଠରେ ସମାନତା ରହିବା ଜରୁରୀ ବୋଲି ଖଣ୍ଡପୀଠ କହିଥିଲେ। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ମାମଲା ସହ ଜଡ଼ିତ ସାମ୍ବିଧାନିକ ପ୍ରଶ୍ନ ଉପରେ ଅଦାଲତକୁ ସହାୟତା କରିବେ ବୋଲି କହିଥିଲେ। ତେବେ ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବୋଲି ଖଣ୍ଡପୀଠ ମତ ଦେଇଥିଲେ।

ପେଗାସସ୍ ସ୍ପାଏୱେର ବ୍ୟବହାର କରାଯାଇ ଭାରତର ୩୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତିଙ୍କ ମୋବାଇଲ ଫୋନ୍ ନମ୍ବରକୁ ଟାର୍ଗେଟ କରାଯାଇଥିବା ନେଇ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ତଦନ୍ତ ପାଇଁ ଗତ ମାସରେ ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ବି. ଲୋକୁର ଏବଂ କାଲକାଟା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜ୍ୟୋତିର୍ମୟ ଭଟ୍ଟାଚାର୍ଯ୍ୟଙ୍କୁ ନେଇ ତଦନ୍ତ କମିଶନ ଗଠନ କରିଥିଲେ।



ବିହାରର ହାଜିପୁରରେ ବନ୍ୟାପାଣି ଘେରରେ ଥିବା ଲୋକେ କଦଳୀଭେଳାରେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

## ଗଣମାଧ୍ୟମରେ ବିଚାରପତି ନିଯୁକ୍ତି ରିପୋର୍ଟ: ସିଜେଆଇ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୮।୮(ଆଇଏଏନ୍‌ଏସ୍)



ଜଷ୍ଟିସ୍ ଏନ୍.ଭି. ରମନା

ସର୍ବୋଚ୍ଚ ଅଦାଲତରେ ବିଚାରପତି ନିଯୁକ୍ତି ନିମନ୍ତେ କଲେଜିୟମ ବୈଠକକୁ ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିବାରୁ ଏଥିରେ ପ୍ରଧାନ ବିଚାରପତି ଏନ୍.ଭି. ରମନା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୁଧବାର ଅବସର ଗ୍ରହଣ କରିଥିବା ସୁପ୍ରିମକୋର୍ଟ ବିଚାରପତି ନବୀନ ସିହ୍ନାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଅବସରରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ପ୍ରସ୍ତାବ ଚୂଡ଼ାନ୍ତ ହେବା ପୂର୍ବରୁ କେତେକ ଗଣମାଧ୍ୟମରେ ଉକ୍ତ ପ୍ରକ୍ରିୟା ଅଟକି ରହିଥିବା ନେଇ ଖବର ପ୍ରକାଶ ପାଇଥିବାରୁ ଏହା ପ୍ରତିକୂଳ ପ୍ରଭାବ ପକାଉଛି। ଗଣମାଧ୍ୟମର ଏଭଳି କାର୍ଯ୍ୟ ଦୁର୍ଭାଗ୍ୟଜନକ ଓ ଏହା ତାଙ୍କୁ ଦୁଃଖିତ କରିଛି ବୋଲି ସିଜେଆଇ କହିଥିଲେ। ବିଚାରପତି ନିଯୁକ୍ତି ପ୍ରକ୍ରିୟା ଏକ ସ୍ୱଚ୍ଛ କାର୍ଯ୍ୟ ଏବଂ ଏଥିସହିତ ମର୍ଯ୍ୟାଦା ଜଡ଼ିତ। ଗଣମାଧ୍ୟମ ଏହାକୁ ବୁଝିବା ସହ ପ୍ରକ୍ରିୟାର ପବିତ୍ରତାକୁ ସ୍ୱୀକୃତି ଦେବା ଆବଶ୍ୟକ। ଏକ ଅନୁଷ୍ଠାନ ଭାବରେ ଗଣମାଧ୍ୟମର ସ୍ୱାଧୀନତା ଏବଂ ବ୍ୟକ୍ତି ଅଧିକାରକୁ ଆମେ ସବୁବେଳେ ସର୍ବୋଚ୍ଚ ସ୍ଥାନ ଦେଇ ଆସିଛୁ ବୋଲି ସିଜେଆଇ ରମନା କହିଥିଲେ।

### ସୁନନ୍ଦା ପୁଷ୍କର ମୃତ୍ୟୁ ମାମଲା

# ଶଶୀ ଥରୁର ଦୋଷମୁକ୍ତ

ନୂଆଦିଲ୍ଲୀ, ୧୮।୮



ସ୍ତ୍ରୀ ସୁନନ୍ଦା ପୁଷ୍କରଙ୍କ ମୃତ୍ୟୁ ମାମଲାରେ ଅଭିଯୁକ୍ତ ଥିବା କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କୁ ଦିଲ୍ଲୀର ଏକ କୋର୍ଟ ବୁଧବାର ଦୋଷମୁକ୍ତ କରିଛନ୍ତି। ୧୭ ଜାନୁୟାରୀ ୨୦୧୪ରେ ଦିଲ୍ଲୀର ଏକ ବିଳାସପୂର୍ଣ୍ଣ ହୋଟେଲରେ ୫୧ ବର୍ଷୀୟା ସୁନନ୍ଦାଙ୍କ ମୃତଦେହ ମିଳିଥିଲା। ସୁନନ୍ଦାଙ୍କୁ ଥରୁର ନିର୍ଯାତନା ଦେଉଥିବା ଏବଂ ସେ ଆତ୍ମହତ୍ୟା କରିଥିବା ନେଇ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଥିଲା। ତେବେ ଅଦାଲତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଥରୁରଙ୍କ ବିରୋଧରେ କୌଣସି ମାମଲା କରିବାକୁ ମନା କରିବା ସହ ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଦୀର୍ଘ ବର୍ଷ ହେଲା ତଦନ୍ତ କରିଥିଲେ ହେଁ ସୁନନ୍ଦାଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବାରେ ପୋଲିସ ବିଫଳ ହୋଇଥିବା ଅଦାଲତ କହିଥିଲେ।

୨୦୧୦ରେ ଥରୁର ଓ ସୁନନ୍ଦାଙ୍କ ବିବାହ ହୋଇଥିଲା। ମାତ୍ର ୪ ବର୍ଷ ପରେ ସୁନନ୍ଦାଙ୍କ ମୃତ୍ୟୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସୁନନ୍ଦାଙ୍କ ଏକ ଟୁଇଟ୍‌ରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଥିବା ନେଇ ଚର୍ଚ୍ଚା ହୋଇଥିଲା। ଏପରି କି ଜଣେ ପାକିସ୍ତାନୀ ଖବରଦାତାଙ୍କ ସହ ଥରୁରଙ୍କ ସମ୍ପର୍କ ଥିବା ନେଇ ଅଭିଯୋଗ ଉଠିଥିଲା। ସୁନନ୍ଦା ଆତ୍ମହତ୍ୟା କରିଥିବା ପୋଲିସ ପ୍ରଥମେ କହିଥିଲା। କିନ୍ତୁ ପରେ କୌଣସି ଅଭିଯୁକ୍ତଙ୍କ ନାଁ ନ ନେଇ ଏକ ହତ୍ୟା ମାମଲା ରୁଜୁ କରିଥିଲା।

### 'ସାଢ଼େ ୭ ବର୍ଷର ନିର୍ଯାତନାରୁ ମୁକ୍ତି'

ରୋଜ୍ ଆଭେନ୍ୟୁରେ ସ୍ୱତନ୍ତ୍ର ଜଜ୍ ଥରୁରଙ୍କୁ ଦୋଷମୁକ୍ତ କରିବା ପରେ ସେ ଅଦାଲତଙ୍କୁ ଧନ୍ୟବାଦ ଦେଇଥିଲେ। ସାଢ଼େ ୭ ବର୍ଷ ଧରି ଭୋଗୁଥିବା ନିର୍ଯାତନାରୁ ଏହି ରାୟ ତାଙ୍କୁ ମୁକ୍ତି ଦେଇଛି ବୋଲି ଥରୁର କହିଥିଲେ। ତାଙ୍କ ପରିବାର ଏବେ ଶାନ୍ତିରେ ସୁନନ୍ଦାଙ୍କ ମୃତ୍ୟୁରେ ଶୋକ କରିପାରିବ। ସ୍ତ୍ରୀଙ୍କ ଦୁଃଖଦ ମୃତ୍ୟୁ ପରେ ଦୀର୍ଘ ଦିନ ହେଲା ଛାଇ ପରି ଲାଗିରହିଥିବା ଦୁଃସ୍ୱପ୍ନ ଏବେ ଦୂର ହୋଇଛି। ଅନେକ ଭିତ୍ତିହୀନ ଅଭିଯୋଗ ଓ ଗଣମାଧ୍ୟମରେ ଅପମାନକୁ ଧୈର୍ଯ୍ୟର ସହ ସହି ନ୍ୟାୟପାଳିକା ଉପରେ ବିଶ୍ୱାସ ରଖିଥିଲି, ଯାହା ଆଜି ସତ ପ୍ରମାଣିତ ହୋଇଛି ବୋଲି ଥରୁର ଏକ ବିବୃତି ମାଧ୍ୟମରେ ପ୍ରକାଶ କରିଛନ୍ତି। ଏଥିସହ ସାମ୍ପ୍ରତିକ ନ୍ୟାୟ ପ୍ରଦାନ ପ୍ରକ୍ରିୟା ମଧ୍ୟ ଏକ ପ୍ରକାର ଦଣ୍ଡ ଥିଲା ବୋଲି ସେ କହିଛନ୍ତି।

## ଫୁର୍‌ସତ୍

# ଟ୍ରାନ୍ସଜେଣ୍ଡର ବର୍ଗରେ ପ୍ରଥମ ପୁରସ୍କାର



**ଚେନ୍ନାଇ:** ଲୋକଙ୍କ ପରିହାସଠାରୁ ଦୂରେଇ ରହିବା ପାଇଁ ଦିନେ ସେମାନେ କାହା ସହ ମିଶିବା ପାଇଁ ଚାହୁଁ ନ ଥିଲେ। କିନ୍ତୁ ଏବେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଲେଣି। ସମାଜରେ ସମ୍ମାନର ସହ ବଞ୍ଚିବା ସହିତ ଅନ୍ୟମାନଙ୍କ ପାଇଁ ହୋଇପାରୁଛନ୍ତି ପଥପ୍ରଦର୍ଶକ। ଏହାର ଏକ ଉଦାହରଣ ହେଉଛନ୍ତି ତାମିଲନାଡୁର ଟ୍ରାନ୍ସଜେଣ୍ଡର ଗ୍ରେସ୍ ବାନୋ। ସାମାଜିକ କର୍ମୀଭାବେ ପ୍ରଥମ ଥର ପାଇଁ ସେ ସାମାଜିକ କଲ୍ୟାଣ ଏବଂ ମହିଳା ସଶକ୍ତୀକରଣ ବିଭାଗରେ ରାଜ୍ୟ ସରକାରଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ତାମିଲନାଡୁର ଜଣେ ଟ୍ରାନ୍ସଜେଣ୍ଡର ହେଉଛନ୍ତି ଗ୍ରେସ୍ ବାନୋ। ତୃତୀୟ ଲିଙ୍ଗ ବିଭାଗରେ ସେ ରାଜ୍ୟରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଗ୍ରେସ୍ କହିଛନ୍ତି, ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ବିଭିନ୍ନ ସଂସ୍କାରମୂଳକ କାମ କରିବା ପାଇଁ ସେ ପ୍ରୟାସ ଚଳାଇଛନ୍ତି। ଲିଙ୍ଗ ଭେଦଭାବ ଦୂର ପାଇଁ ସେ ଛୋଟବେଳରୁ ବହୁ ସଂଘର୍ଷ କରିଛନ୍ତି। ଲୋକଙ୍କଠାରୁ ବିଦ୍ରୂପଭରା ବାକ୍ୟ ଶୁଣି ସେ ନିଜକୁ ଦୃଢ଼ କରିଥିଲେ ବରଂ ଭାଙ୍ଗି ପଡି ନ ଥିଲେ। ପ୍ରଥମ ଥର ପାଇଁ ସେ ଟ୍ରାନ୍ସଜେଣ୍ଡର ମହିଳା ଭାବେ ଶ୍ରୀକୃଷ୍ଣ କଲେଜ ଅଫ୍ ଇଞ୍ଜିନିୟରିଂରେ ନାମ ଲେଖାଇବାର ସାହସ କରିଥିଲେ। କିନ୍ତୁ ଆର୍ଥିକ ଦୁରବସ୍ଥା କାରଣରୁ ସେ ଅଧାରୁ ଇଞ୍ଜିନିୟରିଂ ପାଠପଢା ଛାଡିବାକୁ ବାଧ୍ୟ ହୋଇଥିଲେ। ଏହା ପରଠାରୁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ପ୍ରକାର କାମ କରିଥିଲେ।

## ବିପଜ୍ଜନକ ସ୍ଥାନରେ ପହଞ୍ଚାଇଲା ଗୁଗଲ

କିଛି ଅଲଗା କରିବାକୁ ଚାହୁଁଥିବା ଲୋକେ ବେଳେବେଳେ ଏମିତି ଅସୁବିଧାରେ ପଡ଼ନ୍ତି ଯେ, ସେଠାରୁ ବାହାରିବା କଷ୍ଟକର ହୋଇପଡ଼େ। ଏମିତି ଘଟିଛି ବ୍ରିଟେନର ଜଣେ ଛାତ୍ରଙ୍କ କ୍ଷେତ୍ରରେ। ୧୪ ବର୍ଷୀୟ ମାଇଲ୍ସ ରୁଟଲେଜ ଗୁଗଲରେ ପର୍ଯ୍ୟଟକଙ୍କ ପାଇଁ ସବୁଠୁ ଭୟଙ୍କର ସ୍ଥାନ କେଉଁଠି ସର୍ଚ୍ଚ କରୁଥିଲେ। ଏହା ପରେ ମାଇଲ୍ସ ଆଫଗାନିସ୍ତାନରେ ପହଞ୍ଚି ଯାଇଥିଲେ। ମାତ୍ର ତାଙ୍କୁ ଜଣା ନ ଥିଲା ଏଠାରେ ତାଲିବାନର ସାମ୍ନା କରିବାକୁ ପଡ଼ିବ ବୋଲି। ଆଫଗାନିସ୍ତାନକୁ ତାଲିବାନ କବଜା କରିବା ପରେ ମାଇଲ୍ସ ସେଠାରେ ଫସିଯାଇଥିଲେ। ତାଙ୍କୁ ଜାତିସଂଘର ଆଶ୍ରୟସ୍ଥଳରେ ରଖାଯାଇଥିଲା। ପରେ ସେ କାବୁଲରୁ ସୁରକ୍ଷିତ ଭାବେ ଫେରିଛନ୍ତି। ମାଇଲ୍ସ ସେଠାରୁ ଫେରିବା ପରେ ଏହି ଯାତ୍ରା ବିଷୟରେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିଜ ଦେଶକୁ ଫେରି ଆସିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

## ମା'ଙ୍କୁ ହେଲିକପ୍ଟର ଗିଫ୍ଟ

**ମୁମ୍ବାଇ:** ଠାଣେ ଜିଲା ଉଲ୍ଲାସନଗରରେ ଜଣେ ପୁଅ ମା'ଙ୍କ ଜନ୍ମଦିନରେ ତାଙ୍କର ଇଚ୍ଛା ପୂରଣ କରିଛନ୍ତି। ସେ ତାଙ୍କ ମା'ଙ୍କ ୫୦ ତମ ଜନ୍ମଦିବସରେ ଏକ ହେଲିକପ୍ଟର ଉପହାର ଦେବା ସହ ସେଥିରେ ବସାଇ ବୁଲାଇଛନ୍ତି। ପୁଅଙ୍କ ଦ୍ୱାରା ମାଙ୍କୁ ଦିଆଯାଇଥିବା ଏହି ଉପହାରକୁ ନେଇ ସାରା ସହରରେ ଚର୍ଚ୍ଚା। ରେଖା ଦିଲୀପ ଗରଡ଼ ମହାରାଷ୍ଟ୍ରର ସୋଲାପୁର ଜିଲା ବାର୍ସିରେ ରୁହନ୍ତି। ଯେତେବେଳେ ତାଙ୍କ ପୁଅ ପ୍ରଦୀପ ଛୋଟ ଥିଲେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ପ୍ରଦୀପ ଯୁକ୍ତ ୨ ଛାତ୍ର ଥିବାବେଳେ ଥରେ ତାଙ୍କ ଘର ଉପର ଦେଇ ଏକ ହେଲିକପ୍ଟର ଉଡୁଥିଲା। ସେତେବେଳେ ତାଙ୍କ ମା'କହିଥିଲେ ମୁଁ କ'ଣ ହେଲିକପ୍ଟରରେ ବସି ପାରିବି? ମା'ଙ୍କ ଏହି କଥା ପ୍ରଦୀପଙ୍କ ମନେ ଥିଲା। ପ୍ରଦୀପ ଚାକିରି କରିବା ପରେ ବିବାହ କରିଥିଲେ। କିନ୍ତୁ ମା' କହିଥିବା କଥା ଆଦୌ ଭୁଲି ନ ଥିଲେ। ମା'ଙ୍କ ୫୦ତମ ଜନ୍ମଦିନରେ ସେ ଏକ ହେଲିକପ୍ଟର ଗିଫ୍ଟ ଦେଇଛନ୍ତି। ଏହା ସହ ହେଲିକପ୍ଟରରେ ମା'ଙ୍କୁ ବସାଇ ବୁଲାଇଛନ୍ତି। ପୁଅର ଏପରି ଉପହାର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଶିଳ୍ପା ସେଟ୍ଟୀ



## 'ସୁପର ଡ୍ୟାନ୍ସର' ସେଟ୍‌ରେ ଶିଳ୍ପା

**ମୁମ୍ବାଇ:** ସୋସିଆଲ ମିଡିଆରେ ବର୍ତ୍ତମାନ ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ଏକ ଭିଡିଓ ଖୁବ ଭାଇରାଲ ହେଉଛି। ଶିଳ୍ପାଙ୍କ ସ୍ୱାମୀ ରାଜ କୁନ୍ଦ୍ରା ଅଶ୍ଳୀଳ ଫିଲ୍ମ ନିର୍ମାଣ ମାମଲାରେ ଗିରଫ ହେବା ପରଠାରୁ ଶିଳ୍ପାଙ୍କୁ ମୁମ୍ବାଇରେ ପ୍ରଥମଥର ଦେଖିବାକୁ ମିଳିଛି। ଶିଳ୍ପା ରିୟଲିଟି ଶୋ' 'ସୁପର ଡ୍ୟାନ୍ସର ଚାପ୍ଟର-୪' ସେଟ୍‌କୁ ଯାଉଥିବା ଭିଡିଓରେ ନଜର ଆସିଛନ୍ତି। ସୋସିଆଲ ମିଡିଆରେ ଶିଳ୍ପାଙ୍କ ଏହି ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଛି। ଶିଳ୍ପା କେବଳ ପରିବାର ଏବଂ ପିଲାଙ୍କ ପାଇଁ ନୁହେଁ, ନିଜ ପାଇଁ ସେଟ୍‌କୁ ଫେରିଛନ୍ତି। ସୁପର ଡ୍ୟାନ୍ସର ପୂରା ଟିମ ମଧ୍ୟ ଶିଳ୍ପାଙ୍କୁ ଦେଖି ଖୁସି ହୋଇଯାଇଛନ୍ତି। ଶୋ'ର ଜଜ୍ ଅନୁରାଗ ବସୁ ଶିଳ୍ପାଙ୍କୁ କହିଛନ୍ତି, ଆମେ ସମସ୍ତେ ତୁମକୁ ବହୁତ ମିସ୍ କରୁଥିଲୁ। ଆମ ସମସ୍ତଙ୍କ ଭିତରେ ଏକ ଭଲ ସମ୍ପର୍କ ରହିଛି। ଆମେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ଶିଳ୍ପା ସମସ୍ତଙ୍କର ପ୍ରିୟ ଥିଲେ ଆଉ ରହିବେ ମଧ୍ୟ ବୋଲି ଅନୁରାଗ କହିଛନ୍ତି।

## କାର୍ ଧକ୍କାରେ ଯୁବକ ମୃତ

ରଘୁନାଥପୁର,(ଡି.ଏନ.ଏ.): ରଘୁନାଥପୁର ଥାନା କଟକ-ପାରାଦୀପ ରାସ୍ତାର କୁର୍ତ୍ତାଙ୍ଗଠାରେ ଏକ ଅଜଣା କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ସ୍ଥାନୀୟ କୁର୍ତ୍ତାଙ୍ଗ ଗାଁର ଶିବପ୍ରସାଦ ମଲ୍ଲିକଙ୍କ ପୁଅ ଦେବୀପ୍ରସାଦ (୨୨)। ସେ ଘରୁ ବାଇକ୍ ଯୋଗେ ରଘୁନାଥପୁର ଅଭିମୁଖେ ଯାଉଥିବାବେଳେ ବିପରୀତ ପଟୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳେଇ ଯାଇଥିଲା। ଗୁରୁତର ଅବସ୍ଥାରେ ଦେବୀଙ୍କୁ ସ୍ଥାନୀୟ ଲୋକେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବୀଙ୍କ ମୃତ୍ୟୁରେ ଗାଁରେ ଶୋକ ପ୍ରକାଶ ପାଇଛି।

**ସଂକ୍ଷେପରେ**

## ଗୋରେଖନାଥଙ୍କ ହୁଣ୍ଡିରୁ ୧୬ ଲକ୍ଷ ୪୭ ହଜାର ଟଙ୍କା ଆୟ



ରଘୁନାଥପୁର,୧୮।୮(ଡି.ଏନ.ଏ.): ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୁତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ହୁଣ୍ଡିରୁ ବୁଧବାର ମୋଟ ୧୬,୪୭,୨୫୨ ଟଙ୍କା ଆୟ ହୋଇଛି। ପୀଠ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ରଘୁନାଥପୁର ତହସିଲ କର୍ମଚାରୀମାନେ ହୁଣ୍ଡିରେ ଥିବା ଦାନ ଅର୍ଥକୁ ଗଣତି କରିଥିଲେ। ଦୁଇବର୍ଷର ଗଚ୍ଛିତ ଦାନ ଅର୍ଥକୁ ଗଣତି କରାଯାଇଛି। ଏହି ଗଣତିରେ ଜଗତ୍‌ସିଂହପୁର ଏଣ୍ଡାମେଣ୍ଟ ଇନ୍ସପେକ୍ଟର ହିତେନ ଦାସ, କେନ୍ଦ୍ରାପଡ଼ା ଇନିସ୍ପେକ୍ଟର ଓ କର୍ମଚାରୀ ସରୋଜ ସାହାଣୀ ଉପସ୍ଥିତ ଥିଲେ। ଉକ୍ତ ଅର୍ଥକୁ ଟ୍ରଷ୍ଟବୋର୍ଡ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରାଯାଇଛି।

## ବିମଳା ଠାକୁରାଣୀଙ୍କ ରୁପା ମୁକୁଟ ଚୋରି ଘଟଣା: ୨ ଗିରଫ

ନାଉଗାଁ,୧୮।୮(ସ୍ୱ.ପ୍ର.): ନାଉଗାଁ ଥାନା ଚାନ୍ଦଖାଁପାଟଣା ଶିଶୁ ମଠରେ ଥିବା ଶ୍ରୀବଳଦେବ ଜୀଉ ମନ୍ଦିର ନିକଟରେ ଥିବା ବିମଳା ମନ୍ଦିରରୁ ୨ ପଟ ଘଣ୍ଟ, ରୁପା ମୁକୁଟ, ରୁଦ୍ରାକ୍ଷ ମାଳି ଚୋରି ଯାଇଥିବା ମଙ୍ଗଳବାର ମନ୍ଦିରର ପୂଜକ ସିଦ୍ଧେଶ୍ୱର ପାଢ଼ୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଚୋରି ପୂର୍ବାହ୍ନ ୧୦ଟାରେ ହୋଇଥିବା ବେଳେ ଏଥିରେ ଗାଁର ଦେବାଶିଷ ଶିଶୁ ଓ ପୁରୀ ଜିଲା ବନମାଳୀପୁରର ସଞ୍ଜୟ ସାହୁ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏ ନେଇ ପୋଲିସ ନଂ. ୭୫/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ୨ ଜଣଙ୍କୁ ପୋଲିସ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଭୟ କୁମାର ବେହେରା ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ଶିଶୁ ଚିହ୍ନଟ ପ୍ରଶିକ୍ଷଣ ଶିବିର

ନାଉଗାଁ/ବିରିଡି,୧୮।୮(ସ୍ୱ.ପ୍ର./ଡି.ଏନ.ଏ.): ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବ୍ଲକ ସ୍ତରୀୟ ଦିନିକିଆ ଭିନ୍ନକ୍ଷମ ଶିଶୁ ଚିହ୍ନଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏବିଡିଓ ଦେବେନ୍ଦ୍ର କୁମାର ପ୍ରଧାନ, ସିଡିପିଓ କାଞ୍ଚନମାଳା ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସ୍ୱାଇଁ, ବିଆରଟି ଯୋଗ ଦେଇଥିଲେ। ସେମାନେ ୦ ରୁ ୬ ବର୍ଷର ଭିନ୍ନକ୍ଷମ ଶିଶୁଙ୍କୁ କିପରି ଚିହ୍ନଟ କରାଯିବ ସେ ବିଷୟରେ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ସୁପରଭାଇଜର ଓ ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ସେହିପରି ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ଚାଲିଥିବା ୩ ଦିନିଆ ଭିନ୍ନକ୍ଷମ ତାଲିମ ଶିବିର ଶେଷ ହୋଇଛି। ଏଥିରେ ବିଡିଓ ହେମନ୍ତ କୁମାର ମହାନ୍ତ, ସିଡିପିଓ ଗୌରୀ ଦେଇ, ବିଆରଟି ଉଲ୍ଲାସ ସ୍ୱାଇଁ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ବିଶ୍ୱାଳ ଯୋଗ ଦେଇଥିଲେ। ସେମାନେ ବ୍ଲକର ୧୭୦ ଅଙ୍ଗନଓାଡି କର୍ମୀଙ୍କୁ ତାଲିମ ଦେଇଥିଲେ। ଭିନ୍ନକ୍ଷମ ପିଲାଙ୍କର ସର୍ବେକ୍ଷଣ କରି ଆସନ୍ତା ୨୬ ତାରିଖ ବ୍ଲକ କାର୍ଯ୍ୟାଳୟରେ ତାଲିକା ଦେବାକୁ ଅଙ୍ଗନଓାଡି କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ବିରୋଧ ପରେ ୩ ମାସ ମହଲତ ଦେଲା ପ୍ରଶାସନ

**ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପ୍ରସଙ୍ଗ**

- ଏସିଏଫ୍ ଓ ଜିଲାପାଳଙ୍କ ଆଲୋଚନା
- ଉଚ୍ଛେଦ ପରେ ବନୀକରଣ ହେବ
- ଯୁଗ୍ମ ଅନୁଧାନ ଜାରି ରହିବ

ଜଗତ୍‌ସିଂହପୁର ଅଫିସ/ବାଲିକୁଦା, ୧୮।୮(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର ବାଲିକୁଦା, ଏରସମା ଓ କୁଜଙ୍ଗ ଅଞ୍ଚଳରେ ସରକାରୀ ଜମି ଜବରଦଖଲ ସହ ଶତାଧିକ ଲୋକ ଚିଙ୍ଗୁଡ଼ି ଘେରି କରି ଲାଭବାନ ହେଉଛନ୍ତି। ଚିଙ୍ଗୁଡ଼ି ମାଫିଆମାନେ ଦୀର୍ଘବର୍ଷ ଧରି ଏସବୁ ଅଞ୍ଚଳରେ ରାଜ ଚଳାଇଛନ୍ତି। ଯାହାଦ୍ୱାରା ସମୁଦ୍ର ଉପକୂଳରୁ ଜଙ୍ଗଲ ଲୋପ ପାଇବାରେ ଲାଗିଛି। ଜଗତ୍‌ସିଂହପୁର ଏକ ବନ୍ୟା ଓ ବାତ୍ୟା ପ୍ରବଣ ଜିଲା ହୋଇଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ହେଲେ ଯେ କୌଣସି ସମୟରେ ବିପଦ ଚରମ ସୀମାରେ ପହଞ୍ଚିବାର ଭୟ ରହିଛି। ଏସବୁକୁ ଦୃଷ୍ଟିରେ ରଖି ଦୀର୍ଘ ୫ ଦଶନ୍ଧି ପରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଉଦ୍ୟମରେ ରାଜନଗର ବନଖଣ୍ଡ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନିଷ୍ପତ୍ତି ନେଇଥିଲା। ଏହି ଅନୁଯାୟୀ ବୁଧବାର ବାଲିକୁଦା ବ୍ଲକ ତେନ୍ତୁଳିବେଲାରୀର ନାଉପାଳ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜନଗର ବନଖଣ୍ଡ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଅଧୀର ବେହେରା, କୁଜଙ୍ଗ ବନାଞ୍ଚଳ ଅଧିକାର ରଞ୍ଜନ କୁମାର ମିଶ୍ର, ଏସ୍‌ଡିପିଓ ରମେଶ ସିଂହ, ବାଲିକୁଦା ତହସିଲଦାର ସିଦ୍ଧାର୍ଥ ଶଙ୍କର ଦାଶ, ବାଲିକୁଦା ଆଇଆଇସି ଦିଲୀପ କୁମାର ସାହୁ, ବନ୍ଦର ସାମୁଦ୍ରିକ ଥାନା ଆଇଆଇସି ପ୍ରଭାତ ବେହେରାଙ୍କ ସମେତ ଫୋର୍ସ ପହଞ୍ଚି ଥିଲେ। କିନ୍ତୁ ଘେରି କରିଥିବା ଶତାଧିକ ଲୋକ ପିଲା, ମହିଳାଙ୍କୁ ଧରି ସେମାନଙ୍କୁ ବିରୋଧ କରିଥିଲେ। ଏବେ ସେମାନେ ଘେରିରେ ଜାଆଁଳ ଛାଡିଛନ୍ତି। ଜବରଦଖଲ ଉଚ୍ଛେଦ ହେଲେ ସେମାନଙ୍କର ବ୍ୟାପକ କ୍ଷତି ହେବ। ତେଣୁ ୩ ମାସ ମହଲତ ଦିଆଯାଉ ବୋଲି ଘେରି କରିଥିବା ଲୋକେ ଦାବି କରିଥିଲେ। ଏହାକୁ ବିଚାରକୁ ନେଇ ବନ ବିଭାଗ ଓ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟକୁ ସାମୁହିକ ସମୟ ପାଇଁ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ଏସିଏଫ୍ ବେହେରା କହିଛନ୍ତି, ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତିଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ବ୍ଲକ ତେନ୍ତୁଳିବେଲାରୀ ଅଞ୍ଚଳରେ ଥିବା ବେଆଇନ ଜଙ୍ଗଲ ଜମିରେ ଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଉଦ୍ୟମ ହୋଇଥିଲା। ଘେରି ମାଲିକମାନଙ୍କ ଅନୁରୋଧ ରକ୍ଷା କରି ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଉଚ୍ଛେଦ କାମ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳ ମହାପାତ୍ରଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି। ଆଲୋଚନା ମୁତାବକ ରାଜନଗର ବନଖଣ୍ଡ ଅଧୀନ ୩୨ଟି ଫରେଷ୍ଟ ବ୍ଲକ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ସେଠାରେ ହେନ୍ତାଳ ବଣ ସୃଷ୍ଟି କରାଯିବ। ଏହା ଭିତରେ ବନ ବିଭାଗ ଜମି ଚିହ୍ନଟ ପାଇଁ ରାଜସ୍ୱ କର୍ମଚାରୀଙ୍କ ସହ ଯୁଗ୍ମ ଅନୁଧାନ ଜାରି ରହିବ। ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବ ବୋଲି ଏସିଏଫ୍ କହିଛନ୍ତି।

ଏରସମା ଓ ବାଲିକୁଦା ତହସିଲ ଅନ୍ତର୍ଗତ ୧୭୦୦ ଏକର ସରକାରୀ ଜମି ଜବରଦଖଲ ସହ ଏଥିରେ ଚିଙ୍ଗୁଡ଼ି ଘେରି କରାଯାଇଥିବା ଚିହ୍ନଟ ହୋଇଛି। ଏହା ଉପରେ ୮୧୩ଟି କାରଣ ଦର୍ଶାଅ ନୋଟିସ୍ କରାଯାଇଛି। ସେଥିମଧ୍ୟରୁ ବାଲିକୁଦା ତହସିଲର ୨ଟି ଆର୍‌ଆଇ ସର୍କଲର ୫୧୧ ଏକର ସରକାରୀ ଜମି ଜବରଦଖଲ ସହ ଚିଙ୍ଗୁଡ଼ି ଘେରି କରାଯାଇଛି। ଏହା ଉପରେ ୨୨୮ଟି ମାମଲା ରୁଜୁ ହୋଇଛି। ଏହି ତହସିଲ ଅଞ୍ଚଳରେ ଜବରଦଖଲରେ ଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଜମି ମାପଚୁପ, ନୋଟିସ୍ ସହ ଜରିମାନା ଆଦାୟ ପରେ ରବିବାର ଡାକବାଜି ଯନ୍ତ୍ର ମାଧମରେ ଉଚ୍ଛେଦ ସମ୍ପର୍କରେ ପ୍ରଚାର କରାଯାଇଥିଲା। ଏଥିରେ ବିବ୍ରତ ହୋଇ ସୋମବାର ଶତାଧିକ ଲୋକ ଜିଲାପାଳଙ୍କୁ ସାକ୍ଷାତ କରି ଉଚ୍ଛେଦ ବନ୍ଦ ପାଇଁ ଦାବି କରିଥିଲେ। କିଛି ସୁଫଳ ମିଳିପାରି ନ ଥିଲା। ବୁଧବାର ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବନ ବିଭାଗ ଉଚ୍ଛେଦ ଆରମ୍ଭ କରିବାକୁ ଚେଷ୍ଟା କଲାବେଳେ ବିରୋଧ ହେବାରୁ ଏହାକୁ ବନ୍ଦ ରଖାଯାଇଛି।



ପ୍ରଶାସନିକ ଅଧିକାରୀ ଚିଙ୍ଗୁଡ଼ି ଘେରି କରିଥିବା ଲୋକଙ୍କ ସହ ଆଲୋଚନା କରୁଛି।

## ଢିଙ୍କିଆରେ ପ୍ରଶାସନକୁ ବିରୋଧ



ମାହଲରେ ପ୍ରଶାସନକୁ ଗ୍ରାମବାସୀଙ୍କ ବିରୋଧ କରାଯାଉଛି।

**ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରସଙ୍ଗ**

କୁଜଙ୍ଗ,୧୮।୮(ଡି.ଏନ.ଏ.)

ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତରେ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ପ୍ରଶାସନକୁ ବୁଧବାର ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଫଳରେ ପ୍ରଶାସନ ମାହଳ ଗାଁକୁ ଯାଇ ନ ପାରି ଅଧାବାଟରୁ ଫେରିଛି।

ରାଜ୍ୟ ସରକାର ଢିଙ୍କିଆ ମୌଜାର ପଡା ପାଟଣା ଓ ମାହଳ ଗ୍ରାମକୁ ସ୍ୱତନ୍ତ୍ର ରୂପେ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ପରେ ବିବାଦ ମୁଣ୍ଡ ଟେକିଥିଲା। ପୂର୍ବରୁ ପ୍ରଶାସନ ବହୁବାର ମାହଳ ଓ ପାଟଣା ଗ୍ରାମର ସୀମା ନିର୍ଦ୍ଧାରଣ ପାଇଁ ନୋଟିସ୍ କରିଥିଲେ ବି ବିରୋଧ ଯୋଗୁ ଯାଇ ପାରୁ ନ ଥିଲା। ମାତ୍ର ବୁଧବାର ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ବିଡିଓ କୈଳାସ ଚନ୍ଦ୍ର ବେହେରା, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, ଅଭୟଚାନ୍ଦପୁର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେହେରା, ଲକ୍ ଥାନା ଅଧିକାରୀ ଯୁଗଳ କିଶୋର ଦାସ ପ୍ରମୁଖ ପ୍ରଥମେ ପାଟଣାରେ ମହିଳାଙ୍କୁ ନେଇ ବିକାଶ ଉପରେ ବୈଠକ କରିଥିଲେ। ପରେ ମାହଳ ଗ୍ରାମକୁ ଯିବା ବାଟରେ ଢିଙ୍କିଆଠାରେ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ପ୍ରଶାସନର ଗାଡି ଅଟକାଇବାରୁ ଉଭୟପକ୍ଷଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଜନସାଧାରଣ ପ୍ରଶ୍ନ କରିଥିଲେ ଢିଙ୍କିଆ ପଞ୍ଚାୟତବାସୀ ଦୀର୍ଘ ୧୭ବର୍ଷ ହେବ ଜଙ୍ଗଲ ଜମିର ଅଧିକାର ପାଇଁ ଲଢେଇ କରଛନ୍ତି। ପ୍ରଶାସନ ଜାଣିଶୁଣି ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି କରି ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷରେ ପାଟଣା ଓ ମାହଳ ଗ୍ରାମର ବିକାଶ ପାଇଁ ପ୍ରଶାସନ ଯେତିକି ତତ୍ପର ପଞ୍ଚାୟତର ଅନ୍ୟ ସବୁ ଗ୍ରାମର ବିକାଶ କଥା ଚିନ୍ତା ନ କରିବାର କାରଣ କ'ଣ ବୋଲି ପ୍ରଶ୍ନ କରିଥିଲେ। ସେମାନେ କରିଥିଲେ, ପ୍ରଶାସନ ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଜଙ୍ଗଲ ଜମିକୁ କମ୍ପାନୀ ହାତରେ ଟେକି ଦେବାପାଇଁ ମସୁଧା କରୁଥିବାର ଅଭିଯୋଗ କରିଥିଲେ। ଫଳରେ ପ୍ରଶାସନ ଓ ପୋଲିସ ଫେରି ଆସିବାକୁ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରେ ସେ କିଛି କହିବେ ନାହିଁ ବୋଲି କହି ଜିଲାପାଳଙ୍କଠାରୁ ବୁଝିବାକୁ କହିଥିଲେ।

## ଖରସ୍ରୋତା ପ୍ରକଳ୍ପକୁ ବିରୋଧ, ଲଣ୍ଡା ହେଲେ ସାମାଜିକ କର୍ମୀ

କେନ୍ଦ୍ରାପଡ଼ା ଅଫିସ,୧୮।୮



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯାଇ ଭଦ୍ରକ ଜିଲାକୁ ଯିବ । ଏହି ପ୍ରକଳ୍ପକୁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ବିରୋଧ ହେଉଛି । ଜିଲା ପ୍ରଶାସନ ବରୁଣାଡିହାଠାରେ ଧାରା ୧୪୪ କଟକଣା ସହିତ ପୋଲିସ ବଳ ଲଗାଇ ନିର୍ମାଣ କାର୍ଯ୍ୟ କରୁଥିବାରୁ ଏହାକୁ ବିରୋଧ କରି ସାମାଜିକ କର୍ମୀ ଶୁଭାଶିଷ ଷଡଙ୍ଗୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଲଣ୍ଡା ହୋଇଛନ୍ତି । ତାଙ୍କର ଏହି ପ୍ରତୀକାତ୍ମକ ବିରୋଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଜୀବନ ଥିବା ଯାଏ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଟୋପାଏ ଦିଆଯିବ ନାହିଁ ବୋଲି ବହୁ ଶୁଭେଚ୍ଛୁ ମତ ଦେଇଛନ୍ତି ।

ଏ ସମ୍ପର୍କରେ ସାମାଜିକ କର୍ମୀ ଶୁଭାଶିଷ କହିଛନ୍ତି, ଖରସ୍ରୋତା ନଦୀ ଆଳି ଓ ରାଜକନିକା ବ୍ଲକବାସୀଙ୍କ ପାଇଁ ଜୀବନରେଖା । ନଦୀର ଜଳ ସ୍ଥାନୀୟ ଅଞ୍ଚଳର କୃଷି ଓ ପାନୀୟ ଜଳ ଭାବେ ବ୍ୟବହାର ହେଉଥିବା ବେଳେ ଜାତୀୟ ଉଦ୍ୟାନ ଭିତରକନିକା ଆଦ୍ରଭୂମିକୁ ମଧୁର ଜଳ ଦେଉଛି । କେନ୍ଦ୍ରାପଡ଼ା ଜିଲାରେ ଏବେ ଜଳସଙ୍କଟ ଦେଖାଦେଇଛି । ଏହାସତ୍ତ୍ୱେ ଭଦ୍ରକକୁ ପାଣି ଦିଆଯାଉଛି । ଏହାକୁ ବିରୋଧ କରି ଜନ ଆନ୍ଦୋଳନ ଚାଲିଛି । ସେହିପରି ଭିତରକନିକାର ସୁରକ୍ଷା ପାଇଁ ପରିବେଶବିତ୍ ଶ୍ରୀକାନ୍ତ ନାୟକ ଗତ ୧୦ ଦିନ ଧରି ଅନଶନରେ ଅଛନ୍ତି । ଦୀର୍ଘ ୨ ବର୍ଷର ଜନ ଆନ୍ଦୋଳନକୁ ଭଣ୍ଡୁର ପାଇଁ ଜିଲା ପ୍ରଶାସନ ପୋଲିସ ବଳ ଲଗାଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇଛନ୍ତି । ସେହିପରି ଶ୍ରୀକାନ୍ତଙ୍କୁ ଅନଶନର ୬ ଦିନ ପରେ ମାନବିକତା ବିହୀନ ଭାବେ ଜୋରଜବରଦସ୍ତ ଉଠାଇ ନିଆଯାଇଛି । ଗତ ସନ୍ଧ୍ୟାରେ ପ୍ରଥମ ଥର ପାଇଁ ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତଙ୍କୁ ଦେଖା କରିଥିଲେ ମଧ୍ୟ ପ୍ରଶ୍ନବାଣର ସମ୍ମୁଖୀନ ହୋଇପାରିନାହାନ୍ତି। ପ୍ରଶାସନର ଏପରି ଜୁଲମ ପ୍ରତିବାଦରେ ଲଣ୍ଡା ହୋଇଥିବା ସେ ସୂଚନା ଦେଇଛନ୍ତି ।

## ରଙ୍ଗିନ ମାଛ ଚାଷରେ ମହିଳା ହେବେ ସ୍ୱାବଲମ୍ବୀ

କେନ୍ଦ୍ରାପଡ଼ା ଅଫିସ,୧୮।୮

କେନ୍ଦ୍ରାପଡ଼ା ଜିଲାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଦିନିକିଆ ରଙ୍ଗିନ ମାଛ ଚାଷ ସମ୍ପର୍କରେ ଏକ କର୍ମଶାଳା ଭୁବନେଶ୍ୱରସ୍ଥ କେନ୍ଦ୍ରୀୟ ମଧୁର ଜଳ ପରିପାଳନ ସଂସ୍ଥାନ (ସିଫା) ଓ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ସହାୟତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଜିଲାପାଳ ଅମ୍ରିତ ଋତୁରାଜ ଓ ସିଫାର ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ । ଏଥିରେ ସିଫା ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଯୋଗ ଦେଇ ରଙ୍ଗିନ ମାଛ, କେନ୍ଦ୍ରାପଡ଼ା ଜିଲାର ଭିତ୍ତିଭୂମି ଓ ଏହାର ବିକ୍ରି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର କହିଛନ୍ତି, ରଙ୍ଗିନ ମାଛ ଚାଷ ଦ୍ୱାରା ଏକ ସହଜ ଲବ୍ଧ ଉପାର୍ଜନ ହୋଇପାରିବ। ମହିଳାମାନେ ଘରେ ରହି ଏହି ଚାଷ କରିପାରିବେ। ପ୍ରାଥମିକ ଭାବେ ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ତାଲିମ ପ୍ରଦାନ ସହ କେତେକ ସରଞ୍ଜାମ ପ୍ରଦାନ କରାଯାଇଛି। ଆଗକୁ ଏହି ତାଲିମ ପ୍ରକ୍ରିୟା ବ୍ୟାପକ ହେବ। ଏହାଦ୍ୱାରା ଜିଲାର ଅନୁସୂଚିତ ଜାତି ସ୍ୱୟଂ ସହାୟିକା ଗୋଷ୍ଠି ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ ମତ ଦେଇଛନ୍ତି । ଏହି ତାଲିମ ଶିବିରକୁ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ପରିଚାଳନା କରିଥିଲେ।

## ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କଲା ବ୍ଲକ ପ୍ରଶାସନ



ନବ ନିର୍ମାଣ କୃଷକ ସଙ୍ଗଠନ ଧାରଣା। ଅପରପଟେ ଅନାବରଣ ହୋଇଥିବା ବିଷ୍ଣୁଙ୍କ ପ୍ରତମୂର୍ତ୍ତି।

ରଘୁନାଥପୁର,୧୮।୮(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଛକ ଗୋପବନ୍ଧୁଙ୍କ ଷ୍ଟାଚୁ ପାର୍ଶ୍ୱରେ କାଗଜ ଦ୍ୱାରା ଘୋଡ଼ା ହୋଇ ରହିଥିବା ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତିକୁ ବୁଧବାର ବ୍ଲକ ପ୍ରଶାସନ ଅନାବରଣ କରିଛି। ବିଡିଓ ଜିତେନ୍ଦ୍ର କୁମାର ନାୟକ ଓ କର୍ମଚାରୀ ସନ୍ତୋଷ କୁମାର ପଣ୍ଡା ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚି ଘୋଡା ହୋଇଥିବା କାଗଜକୁ କାଢି ପ୍ରତିମୂର୍ତ୍ତିଠାରୁ ଅଲଗା କରିଥିଲେ। ଦୀର୍ଘ ୧୫ଦିନ ଧରି ପ୍ରତିମୂର୍ତ୍ତି ସ୍ଥାନାନ୍ତର ନେଇ ଚାଲିଥିବା ବିବାଦକୁ ଜିଲା ପ୍ରଶାସନ ପ୍ରଶମିତ କରିବାରେ ସଫଳ ହୋଇଛି। ଅଞ୍ଚଳର ସାଧାରଣଜନତାଙ୍କ ମଧ୍ୟରେ ଉତ୍ସାହ ପରିଲିଖିତ ହୋଇଛି। କିନ୍ତୁ ନବନିର୍ମାଣ କୃଷକ ସଙ୍ଗଠନ, ବ୍ଲକ ପ୍ରଶାସନର ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଅପରାହ୍ନରେ ସଙ୍ଗଠନର ସଦସ୍ୟମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସ୍ୱରକୁ ଶାଣିତ କରିଛି। ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ଓ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଧାରଣା ଜାରି ରହିଛି। ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ତୁରନ୍ତ ହଟାଇ ନେବା ପାଇଁ ସଙ୍ଗଠନର ସଦସ୍ୟ ସ୍ନେହାନ୍ସୁ ଜେନା, ଦୁର୍ଗା ଚରଣ ସ୍ୱାଇଁ, ଶରତ ମହାପାତ୍ର ଓ ବଂଶୀଧର ପଣ୍ଡା ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ଏହି ଅବସରରେ ସଙ୍ଗଠନର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଆସି ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ବୈଠକରେ ସାମିଲ ହୋଇଥିଲେ।

## ଯାଜପୁର ପଞ୍ଚାୟତ ସମିତିର ଶେଷ ବୈଠକ

ଯାଜପୁରସଦର,୧୮।୮(ଡି.ଏନ.ଏ.)

ଯାଜପୁର ପଞ୍ଚାୟତ ସମିତିର ୮ମ ତଥା ଶେଷ ସାଧାରଣ ଅଧିବେଶନ ଯାଜପୁର ସହରସ୍ଥିତ ଅମ୍ବିକା ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଶେଷ ଅଧିବେଶନରେ ଯାଜପୁର ବ୍ଲକସ୍ଥିତ ସମସ୍ତ ପଞ୍ଚାୟତ ସରପଞ୍ଚ,ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟମାନେ ଯୋଗ ଦେଇଥିଲେ । ସମିତି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯାଜପୁର ବିଧାୟକ ପ୍ରତିନିଧି ଭବପ୍ରକାଶ ଦାସ, ବରୀ ବିଧାୟିକା ସୁନନ୍ଦା ଦାସ, ଜିଲା ପରିଷଦ ଅଧକ୍ଷ ନରେଶ କୁମାର ମହାନ୍ତି, ବିଡିଓ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଲୋଚନା କରିଥିଲେ । ଏହା ସହିତ ବ୍ଲକ କାର୍ଯ୍ୟାଳୟରେ ଖାଲି ପଡିଥିବା କର୍ମଚାରୀ ଓ ଅଧିକାରୀ ପଦବୀଗୁଡିକୁ ଖୁବ୍ ଶୀଘ୍ର ପୂରଣ କରାଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମକୁ ସିମିଳିଆ ସରପଞ୍ଚ ପରେଶ କୁମାର ବିଶ୍ୱାଳ, ଗଣେଶ ଚନ୍ଦ୍ର ମହାକୁଡ, ପଞ୍ଚାୟତ ନିର୍ବାହୀ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବିଡିଓ, ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ

ରଘୁନାଥପୁର,୧୮।୮(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ବିବାଦୀୟ ପ୍ରତିମୂର୍ତ୍ତି ସ୍ଥଳରେ ମଙ୍ଗଳବାର ରାତିରେ ନିର୍ମାଣ କାର୍ଯ୍ୟ କରାଯିବା ଏବଂ ବୁଧବାର ପ୍ରତିମୂର୍ତ୍ତିରେ ଘୋଡା ଯାଇଥିବା କାଗଜକୁ କାଢି ଦେବାକୁ ନେଇ ବ୍ଲକ କଂଗ୍ରେସ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ, ସଭାପତି ପ୍ରଶାନ୍ତ ଦାସ, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ସମେତ ଅନ୍ୟମାନେ ବିଡିଓ ଜିତେନ୍ଦ୍ର ନାୟକ ଓ ସହକାରୀ ଯନ୍ତ୍ରୀ ଅମୀୟ ମଲ୍ଲିକଙ୍କ ନାମରେ ଅଭିଯୋଗ କରିଥିବା ରଘୁନାଥପୁର ଥାନା ଆଇଆଇସି ଦେବେନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି।

## ୧୦ହଜାର ଲିଟର ଡିଜେଲ ଚୋରି, ୫ ଗିରଫ

ମାର୍ଶାଘାଇ,୧୮।୮(ଡି.ଏନ.ଏ.)

ମାର୍ଶାଘାଇ ଥାନା ଯଦୁପୁରଗଡ଼ାରେ ଗତ ୧୪ ତାରିଖ ରାତିରେ ଏକ ତେଲ ଟ୍ୟାଙ୍କର ନେଇଯାଇ ୧୦ ହଜାର ଲିଟର ଡିଜେଲ ଚୋରି କରାଯାଇଥିଲା। ଏ ନେଇ ଟ୍ୟାଙ୍କର ମାଲିକ କଟକ ସିଡିଏର ଦେବେନ୍ଦ୍ର କୁମାର ସାହୁଙ୍କ ଅଭିଯୋଗ ପରେ ନଂ . ୩୫୧/୨୧ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟକୁରା ଥାନା ମହସୁଦ୍ଧା ଗାଁର ବିଳାସ ସ୍ୱାଇଁ, ପାରାଦୀପ ଲକ୍ ଥାନା ବାଲିଡିହା ଗାଁର ରାକେଶ ଚନ୍ଦ୍ର ପ୍ରଧାନ, ପିମ୍ପଳ ଗାଁର ବଳରାମ ବେହେରା, ପାରାଦୀପଗଡ଼ର ବଳରାମ ବାରିକ, କୁଜଙ୍ଗ ଥାନା କଣ୍ଡରାଡିହା ଗାଁର ନିବାସ ବେହେରା। ଏ ସମ୍ପର୍କରେ ଏସ୍‌ପି ମଡକର ସମ୍ପିତ ସମ୍ପଦ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ପାରାଦୀପରୁ ଚଣ୍ଡିଖୋଲ ଆଡକୁ ଯାଉଥିବା ଟ୍ୟାଙ୍କରକୁ ଅଟକାଇ ଡ୍ରାଇଭର, ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଟ୍ୟାଙ୍କରକୁ କିଛି ବାଟ ପାରାଦୀପ ଆଡକୁ ନେଇ ସେଠାରେ ତେଲ କାଢ଼ି ନେଇଥିଲେ। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୭,୬୩୫ ଲିଟର ଡିଜେଲ, ୩୩ଟି ପ୍ଲାଷ୍ଟିକ କଣ୍ଟେନର, ୬ ମୋବାଇଲ, ୫୩,୨୦୦ ଟଙ୍କା, ଗୋଟିଏ କାର, ଗୋଟିଏ ବୋଲେରୋ, ବୁଲେଟ୍, ୨ ବାଇକ୍ ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଥାନା ଅଧିକାରୀ ପି.କେ. କାନୁନ୍‌ଗୋ ପ୍ରମୁଖ ସାମିଲ ହୋଇଥିଲେ।



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଗିରଫ ହୋଇଥିବା ଅଭିଯୁକ୍ତମାନେ।

## ଓଏସ୍‌ଆରଟିସି ବିରୋଧରେ ଗଣଧାରଣା

- ୨ ଦିନ ହେଲା ବନ୍ଦ ରହିଛି ଗଜାନନ ମାର୍କେଟ କମ୍ପ୍ଲେକ୍ସ
- ଚିନ୍ତାରେ ଘରୋଇ ସଂସ୍ଥାଠାରୁ ଲିଜ୍ ନେଇଥିବା ବ୍ୟବସାୟୀ

ପଟ୍ଟାମୁଣ୍ଡାଇ,୧୮।୮(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ପାଖ ଗଜାନନ ମାର୍କେଟ କମ୍ପ୍ଲେକ୍ସ ଦୋକାନଗୁଡ଼ିକ ୨ ଦିନ ହେଲା ବନ୍ଦ ରହିଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ସେହି ମାର୍କେଟ ଦଖଲ କରିବା ପ୍ରତିବାଦରେ ବୁଧବାର ବ୍ୟବସାୟ ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଛି।

ପଟ୍ଟାମୁଣ୍ଡାଇରେ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର ଓଏସ୍‌ଆରଟିସିକୁ ୨ ଏକର ଜମି ଯୋଗାଇ ଦେଇଥିଲେ। ହେଲେ ସରକାରୀ ବସ୍‌ଷ୍ଟାଣ୍ଡକୁ ବସ୍ ଯାତାୟାତ କମିବା ଓ ଦୀର୍ଘଦିନ ଧରି ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ବସ୍‌ଷ୍ଟାଣ୍ଡଟି ଜରାଜୀର୍ଣ୍ଣ ହୋଇପଡିଥିଲା। ଆଜକୁ ପ୍ରାୟ ୧୪ ବର୍ଷ ତଳେ ଓଏସ୍‌ଆରଟିସି କର୍ତ୍ତୃପକ୍ଷ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ସହ ୧.୫ ଏକର ଜମିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ଘରୋଇ ସଂସ୍ଥାକୁ ୩୩ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେହି ଘରୋଇ ସଂସ୍ଥା ଉକ୍ତ ମାର୍କେଟ କମ୍ପ୍ଲେକ୍ସ ଗୃହକୁ ବିଭିନ୍ନ ବ୍ୟକ୍ତିଙ୍କୁ ଏଗ୍ରିମେଣ୍ଟ କରି ପ୍ରଦାନ କରିଥିଲେ। ହେଲେ ଘରୋଇ ସଂସ୍ଥା ଚୁକ୍ତି ଖିଲାପ କରିବାରୁ ଉକ୍ତ ଘଟଣା କୋର୍ଟକୁ ଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ଘରୋଇ ସଂସ୍ଥାର ଲିଜ୍ ବାତିଲ କରାଯାଇଥିଲା। ପ୍ରାୟ ୫ ମାସ ତଳେ ଓଏସ୍‌ଆରଟିସି ପ୍ରଶାସନିକ ଅଧିକାରୀ ଓ ପୋଲିସ ସହାୟତାରେ ସେହି ଜମିକୁ ଦଖଲକୁ ନେବା ସହିତ ସାଇନବୋର୍ଡ ଲଗାଇଥିଲା। ଯେଉଁମାନେ ଦୋକାନ ନେବାକୁ ଚାହୁଁଛନ୍ତି ସେମାନେ ସିଧାସଳଖ ଓଏସ୍‌ଆରଟିସି ସହ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଫଳରେ ଘରୋଇ ସଂସ୍ଥାଠାରୁ ଘର ନେଇଥିବା ମାଲିକମାନେ ଅଡୁଆରେ ପଡିଥିଲେ। ଓଏସ୍‌ଆରଟିସି କର୍ତ୍ତୃପକ୍ଷ ବେଆଇନ ଭାବେ ଗଜାନନ ମାର୍କେଟ ଦଖଲ କରିଥିବା ଅଭିଯୋଗ କରି ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ଗତ ୨ ଦିନ ଧରି ଦୋକାନ ବଜାର ବନ୍ଦ ରଖାଯିବା ସହ ବୁଧବାର ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ମୃତ୍ୟୁଞ୍ଜୟ ନାୟକ, ବିଜୟ ମହାନ୍ତ, ପ୍ରମୋଦ ଖଣ୍ଡାୟୀ, ରଞ୍ଜନ ସାହୁ, ପ୍ରଦୀପ୍ତ କିଶୋର ପ୍ରଧାନ, କୀର୍ତ୍ତିଚନ୍ଦ୍ର ପ୍ରଧାନ, ଶରତ କର, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଏହି ଗଣଧାରଣା ସାମିଲ ହୋଇଛନ୍ତି। ଧାରଣାକାରୀମାନେ ପଟ୍ଟାମୁଣ୍ଡାଇ ଥାନାକୁ ଯାଇ ଆଇଆଇସି ରାକେଶ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ଓଏସ୍‌ଆରଟିସି ମାର୍କେଟ କମ୍ପ୍ଲେକ୍ସ ଓ ଜମିର ମାଲିକାନା ନିଜ ହାତକୁ ନେଇଛି। ଓଏସ୍‌ଆରଟିସି ଦ୍ୱାରା ଏଗ୍ରିମେଣ୍ଟ କରି ଘର ନେଇଥିବା ଦୋକାନୀମାନେ ଆଇନଗତ ଦୃଷ୍ଟିରୁ ପ୍ରକୃତ ହକଦାର ବୋଲି ଧାରଣାକାରୀମାନଙ୍କୁ ସେ କହିଛନ୍ତି।





ଧାରଣାରେ ବସିଥିବା ବ୍ୟବସାୟୀମାନେ।


ଜୀବନ-ମୋକ୍ଷଦା

## ବାପା

ପୁଅ ହେଉ କି ଝିଅ-ଏମାନଙ୍କ ଜୀବନରେ କେବଳ ମା' ନୁହେଁ ବାପାଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା କହିବା ଅନାବଶ୍ୟକ। ଜଣେ ବାପ-ଝିଅର ଅନାବିଳ ସ୍ନେହକୁ ନେଇ ପ୍ରସ୍ତୁତ ହୋଇଛି କ୍ଷୁଦ୍ର ଚଳଚ୍ଚିତ୍ର 'ବାପା'। ଏ ସମ୍ପର୍କରେ ଏହାର ନିର୍ଦ୍ଦେଶକ ସରୋଜ ମହାପାତ୍ର କହନ୍ତି, 'ଏହି ଫିଲ୍ମର କାହାଣୀଟି ଚୟନ ସମୟରେ ମୋତେ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଜଣେ ଝିଅ ପ୍ରତି ବାପାର ସ୍ନେହକୁ ମାପିବାକୁ ପଡ଼େନା। ହେଲେ ଏହି ଫିଲ୍ମରେ ଏପରି ସମ୍ପର୍କରେ ଅନେକ ନୂଆ ରୋଚକ କଥା ଦର୍ଶକ ଦେଖିବାକୁ ପାଇବେ। କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ହରେକ୍ରିଷ୍ଣ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର ବାପା ଭୂମିକାରେ ଜୀବନ ପଣ୍ଡା ଅଭିନୟ କରିଥିବା ବେଳେ ଝିଅ ଚରିତ୍ରଟିକୁ ତୁଲାଇଛନ୍ତି ମୋକ୍ଷଦା ତ୍ରିପାଠୀ।


ପରିଣୀତି

# ରାଜି ହେଲେ ତମନ୍ନା

ପ୍ରଥମେ ଏହି ଫିଲ୍ମଟି ସାଇନ୍ କରିବାକୁ ସେ ଅମଙ୍ଗ ହେଉଥିଲେ। ସେ ଭାବୁଥିଲେ ଯେ ତାଙ୍କ ଭୂମିକାଟି ଆହୁରି ଦମ୍‌ଦାର ହେଲେ ଭଲ ହୁଅନ୍ତା। ଯାହାହେଉ ତାଙ୍କର ଅନୁରୋଧ ରଖି 'ପ୍ଲାନ୍ ଏ ପ୍ଲାନ୍ ବି'ର ନିର୍ଦ୍ଦେଶକ ଶଶାଙ୍କ ଘୋଷ ତାଙ୍କ ଭୂମିକାରେ କିଛି ପରିବର୍ତ୍ତନ ଆଣିଛନ୍ତି। ଆଉ ତା'ପରେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ ସେ। ଅଭିନେତ୍ରୀ ଜଣକ ହେଲେ ତମନ୍ନା ଭାଟିଆ। 'ଯେତେବେଳେ ଏହି ଫିଲ୍ମରେ ଅଭିନୟ କରିବାକୁ ମୋତେ ଅଫର ଦିଆଗଲା ସେତେବେଳେ ମୋ ରୋଲ୍‌ର କିଛି ପରିବର୍ତ୍ତନ ପାଇଁ ନିର୍ଦ୍ଦେଶକଙ୍କୁ କହିଥିଲି। ଯାହାହେଉ ସେ ପୁଣି ଥରେ ତର୍ଜମା କରି ମୋ ଭୂମିକାକୁ ନୂଆ ରୂପ ଦେଇଛନ୍ତି ବୋଲି କହନ୍ତି ତମନ୍ନା।' ଖାସ୍ କଥା ହେଲା, ବେଶ୍ କିଛିବର୍ଷର ଗ୍ୟାପ୍ ପରେ ଏହି ଫିଲ୍ମର ନାୟକ ସାଜୁଛନ୍ତି ରିତେଶ ଦେଶମୁଖ। ଏଥିରେ ସେ ଜଣେ ଓକିଲ ଭୂମିକାରେ ଅଭିନୟ କରିବେ। ତ୍ରିଲୋକ ମାଲହୋତ୍ରା ଏବଂ କେ.ଆର. ହରିଶଙ୍କ ପ୍ରଯୋଜିତ ଉକ୍ତ ଫିଲ୍ମର କାହାଣୀ ରଚନା କରିଛନ୍ତି ରଣଜିତ ଆରୋରା। ତେବେ ତମନ୍ନାଙ୍କ ଭୂମିକା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।


ତମନ୍ନା

## ଜୋତା ପ୍ରିୟ ପରିଣୀତି

ପରିଣୀତି ଚୋପ୍ରାଙ୍କର ଏକ ଅଭ୍ୟାସ ରହିଛି। ଶପିଂ କରିବାକୁ ଗଲେ ସେ ପ୍ରଥମେ ଜୋତା ଶୋ' ରୁମ୍‌କୁ ଯାଇଥାଆନ୍ତି। କାରଣ ବିଭିନ୍ନ ଭେରାଇଟିର ଜୋତା ଦେଖିବା ମାତ୍ରେ ସେଗୁଡ଼ିକୁ କିଣିବାକୁ ପଛାଇ ନ ଥାନ୍ତି ସେ। ଏପରି କି ଭଲ କମ୍ପାନୀର ନୂଆ ଜୋତା ବଜାରକୁ ଆସିବା ମାତ୍ରେ ସେ ତାହାକୁ କିଣିଥାଆନ୍ତି। ଥରେ ଏକ ପ୍ରକାର ଜୋତା ଦେଖି ସେ ଏପରି ପ୍ରଭାବିତ ହେଲେ ଯେ, ସେହି କମ୍ପାନୀର ୨୦ ହଳ ଜୋତା ଏକାଥରେ କିଣି ଆଣିଥିଲେ। ଇଏ ତ ଗଲା ଜୋତା କିଣା କଥା, ତାଙ୍କର ଆଉ ଏକ ଅଭ୍ୟାସ ରହିଛି। କିଛି କାମ ନ ଥିଲେ କିମ୍ବା ଏକୁଟିଆ ବସିଥିଲେ ସେ ନଖ କାମୁଡ଼ିଥାଆନ୍ତି। ପରିଣୀତିଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଲେଡିଜ ଭର୍ସେସ ରକି ବହଲ'। ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ କରି ନ ଥିଲା ସତ, ହେଲେ ଏହି ଫିଲ୍ମରେ ନିଜର ଅଭିନୟ ପାଇଁ ସେ ୧୦ଟି ଶ୍ରେଷ୍ଠ ନବାଗତା ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲେ। ପରିଣୀତି ବାହାରକୁ ଗଲେ ନିଜର ଆବଶ୍ୟକତା ଦ୍ରବ୍ୟ ସହ ଦୁଇଟି ଜିନିଷକୁ ଅଧିକ ପ୍ରାଥମିକତା ଦିଅନ୍ତି। ତାହା ହେଲା, ଫେସ୍‌ୱାଶ ଏବଂ ଲିପ୍ ବାମ୍।

## ବ ଲି ଉ ଡ୍ ଖ ବ ର

- ନୂଆ ହିନ୍ଦୀ ସିନେମା 'ଜଲ୍‌ସା'ର ଶୁଟିଂ ମୁମ୍ବାଇରେ ଆରମ୍ଭ ହୋଇଯାଇଛି। ଏଥିରେ ବିଦ୍ୟା ବଲାନ ଏବଂ ଶେଫାଳୀ ଶାହାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହାର ପ୍ରଥମ ପୋଷ୍ଟର ମଧ୍ୟ ଇତିମଧ୍ୟରେ ରିଲିଜ ହୋଇ ଭାଇରାଲ୍ ହୋଇଛି।
- ମ୍ୟୁଜିକ ଆଲବମ୍ 'ବନ୍ଦେମାତରମ୍'ର ସଫଳତା ପରେ ଟାଇଗର ଶ୍ରଫ ଆଉ ଏକ ଆଲବମ୍‌ରେ ଆକ୍ଟିଂ କରିବେ। ତାହାର ଟାଇଟଲ୍ ରହିଛି 'ଗଣପତ୍'। ଏଥିରେ ତାଙ୍କ ସହ କ୍ରିତୀ ସାନନଙ୍କୁ ଦେଖିବାକୁ ମିଳିବ।
- ସୁକୁନ୍ ବାତ୍ରାଙ୍କ ଆଗାମୀ ଫିଲ୍ମର ଟାଇଟଲ୍ ଫାଇନାଲ୍ ହୋଇପାରିନାହିଁ। ଏହି ଫିଲ୍ମରେ ସିଦ୍ଧାର୍ଥ ଚତୁର୍ବେଦୀ, ଅନନ୍ୟା ପାଣ୍ଡେ ଏବଂ ଦୀପିକା ପାଦୁକୋନ ଅଭିନୟ କରିବେ।
- ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲିଙ୍କ ଆଗାମୀ ଫିଲ୍ମର ଟାଇଟଲ୍ ରହିଛି 'ହୀରାମଣ୍ଡି'। ଏହି ଫିଲ୍ମରେ ରେଖା ଏବଂ ମାଧୁରୀ ଦୀକ୍ଷିତ ଅଭିନୟ କରିବାର ଯୋଜନା ରହିଛି।
- ବିଶାଳ ଫୁରିଆଙ୍କ ଆଗାମୀ ଫିଲ୍ମର ଟାଇଟଲ୍ ରହିଛି ଫୋରେନ୍‌ସିକ୍। ଏହି ସସ୍‌ପେନ୍ସ ଥ୍ରୀଲରରେ ପ୍ରାଚୀ ଦେଶାଇ, ରାଧିକା ଆପ୍ଟେ ଏବଂ ବିକ୍ରାନ୍ତ ମାସେ ଅଭିନୟ କରିବେ।


ଟାଇଗର

ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ। ମାତ୍ର ଛଅବର୍ଷ ମଧ୍ୟରେ ତାଙ୍କ ଦ୍ୱାରା ପ୍ରଯୋଜିତ ଛଅଟି ଓଡ଼ିଆ ସିନେମା ପରଦା ଉପରକୁ ଆସିସାରିଛି। ଅନ୍ୟପକ୍ଷରେ ଆଠଟି ସିନେମା ରିଲିଜ ଅପେକ୍ଷାରେ ଅଛି। ଚଳଚ୍ଚିତ୍ର, ମ୍ୟୁଜିକ ଆଲବମ୍ ପ୍ରଯୋଜନା ବ୍ୟତୀତ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟରେ ସେ ବେଶ୍ ପରିଚିତ। ନିଜ ସମ୍ପର୍କରେ ସେ ଯାହା କହନ୍ତି...

ପରଦା ପଛରେ...


ରମେଶ

## ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦିଏ

'ଚଳଚ୍ଚିତ୍ରଟିଏ ପ୍ରଯୋଜନା କରିବା ସହଜ କଥା ନୁହେଁ। କାରଣ ଏହି ସମୟରେ କେବଳ ବଜେଟ୍ ନୁହେଁ, କାହାଣୀ, କଳାକାର ଚୟନ, ସଙ୍ଗୀତ, ସଂଳାପ, ଉପସ୍ଥାପନା ଆଦି ଦିଗ ପ୍ରତି ଶତ ପ୍ରତିଶତ ଦୃଷ୍ଟିଦେବାକୁ ପଡ଼େ। ମୁଁ ପ୍ରତିଟି ସିନେମା ପ୍ରଯୋଜନା କରିବା ପୂର୍ବରୁ ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦେଇଥାଏ ବୋଲି କହନ୍ତି ଓଲିଉଡ୍‌ର ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ।' 'ଆର.ଆର. ଇଭେଣ୍ଟ୍ସ ସିନେ ପ୍ରଡକ୍ସନ' ବ୍ୟାନରରେ ତାଙ୍କ ଦ୍ୱାରା ପ୍ରଯୋଜିତ ପ୍ରଥମ ସିନେମା ଥିଲା 'ଟାଇଗର' (୨୦୧୫)। ଏହାର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ପରବର୍ତ୍ତୀ ସମୟରେ ନିୟମିତ ଅନ୍ତରାଳରେ ତାଙ୍କ ଦ୍ୱାରା ପ୍ରଯୋଜିତ 'ରୋମିଓ ଜୁଲିଏଟ୍', 'ଜଷ୍ଟ ମୋହବତ', 'ଚକ୍ରବ୍ୟୂହ', 'ଦେଖା ହେଲା ପ୍ରେମ ହେଲା', 'ଇନ୍ଦ୍ରଜାଲ' ଏବଂ 'ଇଏ ବି ଗୋଟେ ଲଭ୍ ଷ୍ଟୋରି' ପରଦା ଉପରକୁ ଆସିସାରିଛି। ଏ ବିଷୟରେ ରମେଶ କହନ୍ତି, 'ସିନେମାଟିଏ ନିର୍ମାଣ କରିବା ପୂର୍ବରୁ ମୁଁ ପ୍ରଥମେ କାହାଣୀ ଚୟନକୁ ଗୁରୁତ୍ୱ ଦିଏ। ସେହି ଅନୁସାରେ କଳାକାର ଚୟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ଶେଷ ପରେ ଶୁଟିଂ ପାଇଁ ଆଗାଏ। ମୋର ପ୍ରତିଟି ସିନେମାରେ ଭିନ୍ନତା ରହିଛି। ବର୍ତ୍ତମାନ ୟୁଥ୍‌ମାନେ ସିନେମା ଦେଖିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ସେହି ଅନୁସାରେ ରୋମାଣ୍ଟିକ ଲଭ୍ ଷ୍ଟୋରି, ଇମୋଶନ, ଆକ୍ସନ ଏବଂ କମେଡିକୁ ମଧ୍ୟ ଗୁରୁତ୍ୱ ଦିଏ। ଗତ ଦୁଇବର୍ଷ ଧରି କରୋନା ଯୋଗୁ ସିନେମା ଇଣ୍ଡଷ୍ଟ୍ରିର ଯାହା କ୍ଷତି ହୋଇଛି ତାହା କହିବା ଅନାବଶ୍ୟକ। ତଥାପି ଆମ ଓଡ଼ିଆ ସିନେମାର ଚାହିଦା ପୂର୍ବଭଳି ରହିଛି ଏବଂ ଭବିଷ୍ୟତରେ ରହିବ ବୋଲି ମୋର ଦୃଢ଼ ବିଶ୍ୱାସ।' ଦୀପିକା ତ୍ରିପାଠୀ, ଅନୁରାଧା ପାଣିଗ୍ରାହୀ, ସସ୍ମିତା ପ୍ରଧାନଙ୍କ ପରି ଅଭିନେତ୍ରୀଙ୍କୁ ବ୍ରେକ୍ ଦେଇଛନ୍ତି ସେ। ରମେଶଙ୍କ ପ୍ରଯୋଜନାରେ ରିଲିଜ ଅପେକ୍ଷାରେ ଥିବା ଚଳଚ୍ଚିତ୍ରଗୁଡ଼ିକ ହେଉଛି- 'ଦିଲ୍‌ରେ ଅଛି ତୋରି ନାଁ', 'ସବୁ ଏ ଲଭ୍ ପାଇଁ', 'ଆଉ ଗୋଟେ ଲଭ୍ ଷ୍ଟୋରି', 'ଅରୁନ୍ଧତୀ', 'ରାଉଡି ରାଜା', 'ଗୋଟେ ରାଜା ଥିଲା', 'କଟକ ୱେଡ୍ସ ସମ୍ବଲପୁର', 'ପାରୋ ହେଟ୍‌ସ ଦେବଦାସ', 'ମହାବାହୁ' ଏବଂ 'ସ୍ୱଟ୍ ବୟ'। ଏହାବ୍ୟତୀତ ତାଙ୍କ ଦ୍ୱାରା ପ୍ରସ୍ତୁତ ମ୍ୟୁଜିକ ଆଲବମ୍ 'ହେ ଈଶ୍ୱର', 'କିଛି ଲୁହ ଝରୁଥିଲା', 'ତୁ ଏତେ ଭଲ ହେଲୁ କାହିଁକି' ଏବଂ 'କେମିତି କହିବି ମୁଁ' ଶ୍ରୋତାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି।

# ରାୟଗଡ଼ା ଜିଲ୍ଲାର ୫୯ ପଞ୍ଚାୟତକୁ ନେଟ୍‌ୱର୍କ ଅପହଞ୍ଚ

**ରାୟଗଡ଼ା ଅଫିସ,୧୮।୮**

- ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ ଛାତ୍ରୀଛାତ୍ର
- ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ

କରୋନା ଯୋଗୁ ସ୍କୁଲ କଲେଜ ବନ୍ଦ ରହିଥିବାବେଳେ ପ୍ରାୟ ଦେଢ଼ବର୍ଷ ହେଲା ପିଲାଙ୍କ ଅନ୍‌ଲାଇନ ପାଠପଢ଼ା ଚାଲିଛି। ଏବେ ସ୍ଥିତିରେ ସାମାନ୍ୟ ସୁଧାର ପରେ ନବମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହୋଇଛି। ଅନ୍ୟ ସମସ୍ତ ଶ୍ରେଣୀର ପିଲା ଏବେ ମଧ୍ୟ ଘରେ ରହି ଅନ୍‌ଲାଇନରେ ପାଠ ପଢୁଛନ୍ତି। ଉପାନ୍ତ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଯୋଗୁ ଛାତ୍ରୀଛାତ୍ର ନିକଟସ୍ଥ ପାହାଡ଼ ଉପରେ ଚଢ଼ି ପାଠପଢୁଥିବା ବାରମ୍ବାର ଅଭିଯୋଗ ଆସୁଛି। କେବଳ ପାଠପଢ଼ା ପାଇଁ ନୁହେଁ, ବିଭିନ୍ନ ବେସରକାରୀ ସଂସ୍ଥାରେ କାମ କରୁଥିବା କର୍ମଚାରୀମାନେ ମଧ୍ୟ ଘରେ ରହି କାମ କରୁଛନ୍ତି। ଏହା ବ୍ୟତୀତ ଭିଡ଼କୁ ଏଡ଼ାଇବା ପାଇଁ ଅଧିକାଂଶ କାମ ଅନ୍‌ଲାଇନରେ ହେଉଛି। ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା, ଚାକିରି ଓ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଆବେଦନ ଓ ଫର୍ମ ପୂରଣ କାର୍ଯ୍ୟ ମଧ୍ୟ ଅନ୍‌ଲାଇନରେ ହିଁ ହେଉଛି। ହେଲେ ଜିଲ୍ଲାର ଅନେକ ଅଞ୍ଚଳରେ ନେଟ୍‌ୱର୍କ ସେବା ଉପଲବ୍ଧ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ପରିତାପର ବିଷୟ ହେଲା ରାୟଗଡ଼ା ଜିଲ୍ଲାର ୧୧ ବ୍ଲକର ୫୯ ପଞ୍ଚାୟତରେ ଏ ପର୍ଯ୍ୟନ୍ତ ମୋବାଇଲ୍ ଟାୱାର ପ୍ରତିଷ୍ଠା ହୋଇପାରି ନ ଥିବା ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଡେପୁଟି କଲେକ୍ଟର ନାରାୟଣ ମିଶ୍ରଙ୍କ ଠାରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ରାୟଗଡ଼ା ସଦର ବ୍ଲକର ୭ ପଞ୍ଚାୟତ ଯଥା ଦୁର୍ଗାପାଡୁ, ଡାଙ୍ଗଲୋଡ଼ି, ବଡ଼ ଇରୁକୁବାଡ଼ି, ବାଇସିଂ, ମିରାବାଲି, ପିପିଲିଗୁଡ଼ା ଓ ନାକିଟିରେ ଏ ପର୍ଯ୍ୟନ୍ତ ମୋବାଇଲ ନେଟ୍‌ୱର୍କ ଅପହଞ୍ଚ ହୋଇଛି। ସେହିପରି ରାମନାଗୁଡ଼ା ବ୍ଲକର ୩, ପଦ୍ମପୁର ବ୍ଲକର ୨, ଗୁଡାରି ବ୍ଲକର ୩, ଚନ୍ଦ୍ରପୁର ବ୍ଲକର ୪, କୋଲନରା ବ୍ଲକର ୫, ମୁନିଗୁଡ଼ା ବ୍ଲକର ୪, କଲ୍ୟାଣସିଂହପୁର ବ୍ଲକର ୪, ବିଷମକଟକ ବ୍ଲକର ୯, ଗୁଣପୁର ବ୍ଲକର ୯ ଏବଂ କାଶୀପୁର ବ୍ଲକର ୯ ପଞ୍ଚାୟତରେ ନେଟ୍‌ୱର୍କ ସେବା ଉପଲବ୍ଧ ନ ଥିବା ଜଣାପଡ଼ିଛି। ୫୯ ପଞ୍ଚାୟତବାସୀ ସେବାରୁ ବଞ୍ଚିତ ଥିବା ତଥ୍ୟରୁ ଜଣାପଡ଼ିଛି। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକେ ପ୍ରତ୍ୟେକ କ୍ଷେତ୍ରରେ ପଛରେ ପଡ଼ିଛନ୍ତି। ଏଭଳି ସମୟରେ ୨୦ ତାରିଖରେ କେନ୍ଦ୍ର ରେଳ ତଥା ଆଇଟି ଓ ସଞ୍ଚାର ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅବିଭକ୍ତ କୋରାପୁଟ ଜିଲ୍ଲା ଗସ୍ତ ରହିଥିବାରୁ ସମସ୍ୟାର ସମାଧାନ ନିମନ୍ତେ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

ସମସ୍ୟା ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ପଚାରିବାରୁ ସେ କହିଛନ୍ତି, ବାରମ୍ବାର ସମସ୍ୟାକୁ କେନ୍ଦ୍ର ସରକାରଙ୍କ ନିକଟରେ ଏବଂ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଛି। ଏହାପରେ ମୁନିଗୁଡ଼ାର ରଘୁବରୀ ପଞ୍ଚାୟତ ଏବଂ ବିଷମକଟକ ବ୍ଲକର ତିନି ଚାରୋଟି ସ୍ଥାନରେ ଟାୱାର ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। ଅନ୍ୟ ଅଞ୍ଚଳରେ ଟାୱାର ପ୍ରତିଷ୍ଠା ପାଇଁ ଲଢ଼େଇ ଜାରି ରଖିବେ ବୋଲି ସେ କହିଛନ୍ତି। ତେବେ ଯେଉଁ ଜିଲ୍ଲାରେ ପ୍ରାୟ ୬୦ ପଞ୍ଚାୟତକୁ ନେଟ୍‌ୱର୍କ ଅପହଞ୍ଚ, ସେଠାରେ ବିକାଶ କିପରି ହେବ ବୋଲି ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ବିଏସ୍‌ଏନ୍‌ଏଲ୍‌ର ଏସ୍‌ଡିଓ ନରସିଂହ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ଅଞ୍ଚଳରେ ନୂତନ ଟାୱାର ସ୍ଥାପନ ନେଇ ପ୍ରସ୍ତାବ ନାହିଁ। ତେବେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଶୀଘ୍ର ଘଟଣାକୁ ଗୁରୁତର ସହ ନେଇ ଏହି ଅଞ୍ଚଳରେ ଟାୱାର ପ୍ରତିଷ୍ଠା କରି ନେଟ୍‌ୱର୍କ ସେବା ଯୋଗାଇଲେ ଲୋକେ ଉପକୃତ ହେବାସହ ଜିଲ୍ଲାର ବିକାଶ ହୋଇପାରିବ ବୋଲି ମତପ୍ରକାଶ ପାଉଛି।



କାଶୀପୁର ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ପୁଅ ପାଇଁ ପାହାଡ଼ ଉପରେ କୁଡ଼ିଆ ନିର୍ମାଣ କରିଛନ୍ତି।

## ସେମାନେ ଯାହା କୁହନ୍ତି

"ପଞ୍ଚାୟତରେ ମୋବାଇଲ ଟାୱାର ପ୍ରତିଷ୍ଠା ହୋଇନାହିଁ। ଫଳରେ ପିଲାମାନେ ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ। ଶିକ୍ଷକମାନେ ଅଫ୍‌ଲାଇନ୍‌ରେ ପଢ଼ାଇବା ବ୍ୟତୀତ ଏଠାରେ ବିକଳ୍ପ ବ୍ୟବସ୍ଥା ନାହିଁ। ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଯୋଗାଯୋଗ କରିବା ସମ୍ଭବ ହେଉନି। ଉନ୍ନୟନ କାର୍ଯ୍ୟରେ ମଧ୍ୟ ବାଧା ଉପୁଜୁଛି। ଯୁବତୀ, ଯୁବକ ଚାକିରି ପାଇଁ ମଧ୍ୟ ଆବେଦନ କରିପାରୁନାହାନ୍ତି।

**ରାମ ଚନ୍ଦ୍ର ପାଢ଼ୀ,ଶିକ୍ଷକ, ବୁଢ଼ୁବାଲି ଆଶ୍ରମ ବିଦ୍ୟାଳୟ, ଚନ୍ଦ୍ରପୁର**

"ନେଟ୍‌ୱର୍କ ସମସ୍ୟା ନେଇ ଏପ୍ରିଲ୍‌ରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ସମସ୍ତ ମୋବାଇଲ୍ ନେଟ୍‌ୱର୍କ କମ୍ପାନୀକୁ ଯୋଗାଯୋଗ କରାଯାଇଛି। ଆଗାମୀ ଦିନରେ ପୁଣି ବୈଠକ ଡାକି ସମସ୍ୟାର ସମାଧାନ ନେଇ ଚେଷ୍ଟା କରାଯିବ।

**ନାରାୟଣ ମିଶ୍ର, ଜିଲା ଉନ୍ନୟନ ଅଧିକାରୀ, ରାୟଗଡ଼ା**

## ସଂକ୍ଷେପରେ

### ଖୋଲାଯିବ ଅଧିକ ୧୮ ହଜାର ସେଚକୂପ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ):** ରାଜ୍ୟ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବୁଧବାର ରାଜ୍ୟରେ ଗଭୀର ସେଚକୂପ ଏବଂ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭର୍ଚୁଆଲ ବ୍ୟବସ୍ଥାରେ ଏହି ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷରେ ବିଜୁ କୃଷକ ବିକାଶ ଯୋଜନାରେ ଅଦ୍ୟାବଧି ୮୫ ହଜାରରୁ ଅଧିକ ଗଭୀର ସେଚକୂପ ଖୋଲାଯାଇଥିବା ବେଳେ ଆଉ ଅଧିକ ୧୮ ହଜାର ସେଚକୂପ ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ଚଳିତବର୍ଷ ୧ ହଜାର ୫୪୪ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ନିର୍ମାଣ ଶେଷ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଓଡ଼ିଶା ରାଜ୍ୟ ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଜଳ ସଂପଦ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ, ଅନ୍ୟ ପଦାଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଡ଼

**ଆନନ୍ଦପୁର,୧୮।୮(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ବ୍ଲକ ଖାଲିଆମେଣ୍ଟା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ନାୟକଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଖାଲିଆମେଣ୍ଟା ସରପଞ୍ଚଙ୍କ ସ୍ୱାମୀ ସୁରେନ୍ଦ୍ର ଭୂୟାଁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପରେ ଘଟଣାର ସମାଧାନ ପାଇଁ ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର ନିକଟସ୍ଥ ଆଇବିକୁ ବୁଝାଶୁଝା ପାଇଁ ପିଇଓଙ୍କୁ ଡାକିଥିଲେ। ଏପରିକି ଆଇବିରେ ମଧ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଘସିପୁରା ଥାନାରେ ପିଇଓ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୬୬/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏନେଇ ଦେବାଶିଷଙ୍କ ଫୋନ୍ ନଂ.୯୪୩୭୨୭୨୭୫୩ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ସ୍ୱାସ୍ଥ୍ୟକର୍ମୀଙ୍କୁ ଅସଦାଚରଣ କରି କନଷ୍ଟେବଲ ଗିରଫ

**କେନ୍ଦୁଝର, ୧୮।୮ (ସ୍ୱ.ପ୍ର/ଡି.ଏନ.ଏ.):** ଜିଲା ମୁଖ୍ୟ ଡାକ୍ତରଖାନାର ଟିକାକାରଣ କେନ୍ଦ୍ରରେ କାର୍ଯ୍ୟରତ ଜଣେ ସ୍ୱାସ୍ଥ୍ୟ ବିଭାଗ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଟାଉନ ପୋଲିସ ଜଣେ କନଷ୍ଟେବଲଙ୍କୁ ଗିରଫ କରିଛି। ତାଙ୍କ ନାମ ପରମେଶ୍ୱର ସେଠୀ। ତାଙ୍କ ଘର ପାଟଣା ବ୍ଲକ ଅଞ୍ଚଳ। ମଙ୍ଗଳବାର ଟିକା ଭଣ୍ଡାର ସୁରକ୍ଷା ଦାୟିତ୍ୱରେ କନଷ୍ଟେବଲ ପରମେଶ୍ୱର ସେଠୀ ଡ୍ୟୁଟିରେ ନିୟୋଜିତ ଥିଲେ। ସେଠାରେ ଥିବା ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିବା ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ ପୋଲିସ ଏକ ମାମଲା (ନଂ ୩୦୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ପୁଅ ମାଡ଼ରେ ବାପା ମୃତ

**ଖମାର,୧୮।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ବାଲିପସି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ପୁଅଙ୍କ ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ଅଭିଯୋଗ ପାଇ ଖମାର ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଥିବା ବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

ପ୍ରକାଶ ଯେ, ବାଲିପଶି ଗ୍ରାମ ଫୁଲଝରି ସାହିର ବିଦେଶୀ ମୁଣ୍ଡାଙ୍କ ସହିତ ତାଙ୍କ ପୁଅ ତ୍ରିପୁର ମୁଣ୍ଡା (୨୨)ଙ୍କ ସୋମବାର ସନ୍ଧ୍ୟାରେ ପାରିବାରିକ ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ତ୍ରିପୁର ବାପା ବିଦେଶୀଙ୍କୁ ପ୍ରବଳ ମାଡ଼ ମାରିଥିଲେ। ରାତିରେ ଅବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ସକାଳେ ବିଦେଶୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ହେଲେ ସେଠାରେ ବିଦେଶୀଙ୍କ ମୃତ୍ୟୁ ହୋଇଯାଇଥିଲା। ବୁଧବାର ସକାଳେ ମୃତଦେହ ଘରେ ପହଞ୍ଚିବା ପରେ ପରିବାର ଲୋକେ ଖମାର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରିବା ପରେ ପେଁଡେରାବସା ନିକଟସ୍ଥ ଜଙ୍ଗଲରୁ ଅଭିଯୁକ୍ତ ପୁଅ ତ୍ରିପୁରଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ସିଲିଣ୍ଡରରେ ଗ୍ୟାସ୍ ପରିବର୍ତ୍ତେ ପାଣି ଭର୍ତ୍ତି



ଗିରଫ ଅଭିଯୁକ୍ତଙ୍କ ସହିତ ଜବତ ଚୋରି ସିଲିଣ୍ଡର ଓ ମାରୁତି ଭ୍ୟାନ।

### ୩ ଗିରଫ, ୧୦ ସିଲିଣ୍ଡର ସହ ଭ୍ୟାନ୍ ଜବତ

**ଝାରସୁଗୁଡ଼ା ଅଫିସ,୧୮।୮**

ପରିବହନ ଗାଡ଼ିରୁ ଗ୍ୟାସ୍ ସିଲିଣ୍ଡର ବାହାର କରି ପାଣିଭର୍ତ୍ତି ସିଲିଣ୍ଡର ବୋଝେଇକରି ରପ୍ତାନି କରାଯାଉଥିଲା। ଏଭଳି ଅଭିନବ ଉପାୟରେ ଗ୍ୟାସ୍ ଚୋରି ଘଟଣାର ରହସ୍ୟ ଉନ୍ମୋଚନ ଝାରସୁଗୁଡ଼ା ପୋଲିସ କରିଛି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ଗିରିଡିହିର ଟ୍ରକ୍ ଚାଳକ ଭୁବନେଶ୍ୱର ଯାଦବ, ଅଭିନାଶ ଯାଦବ ଓ ସ୍ଥାନୀୟ ବେହେରାମାଲର ମାନସ ରଞ୍ଜନ ପାତ୍ର। ଏମାନଙ୍କ ନିକଟରୁ ପୋଲିସ ୧୦ଗୋଟି ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର, ଚୋରିରେ ବ୍ୟବହୃତ ଓଆର୍‌୨୩ବି-୯୭୦୧ ମାରୁତି ଭ୍ୟାନ୍‌କୁ ଜବତ କରିଛି। ଏ ନେଇ ଗ୍ୟାସ୍ ସିଲିଣ୍ଡର୍ ଟ୍ରାନ୍ସପୋର୍ଟ ମାଲିକ ଦେବେନ୍ଦ୍ର ତିୱାରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସୋମବାର ଝାରସୁଗୁଡ଼ା ଟାଉନ ଥାନା କେସ୍ ନଂ.୪୧୧/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଝାରସୁଗୁଡ଼ା ଓଏମ୍‌ପି ନିକଟ ଆଇଓସିଏଲ୍ ବଟଲିଂ ପ୍ଲାଣ୍ଟରୁ ଟ୍ରାନ୍ସପୋର୍ଟ ମାଧ୍ୟମରେ ବରଗଡ ଜିଲା ଅତାବିରାକୁ ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ଯାଉଥିବାବେଳେ ପୋଲିସ୍ ଏହା ଉପରେ ନଜର ରଖିଥିଲା। ଟ୍ରକ୍ ଚାଳକ ରାସ୍ତାରେ ଗାଡ଼ି ଅଟକାଇ ୨ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ବାହାରକରି ସେହି ସ୍ଥାନରେ ପାଣିଭର୍ତ୍ତି ସିଲିଣ୍ଡର ବୋଝେଇ କରୁଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ଚାଳକଙ୍କୁ ପୋଲିସ ପଚରାଉଚରା କରିବାରୁ ସେ କହିଥିଲେ, ବେହେରାମାଲର ଗ୍ୟାସ୍ ବିକ୍ରେତା ମାନସଙ୍କୁ ସେ ସିଲିଣ୍ଡର ପିଛା ୫ଶହ ଟଙ୍କାରେ ବିକ୍ରି କରୁଥିଲେ। ଏହା ପରିବର୍ତ୍ତେ ମାନସଙ୍କ ନିକଟରୁ ପାଣିଭର୍ତ୍ତି ସିଲିଣ୍ଡର ଟ୍ରକ୍‌ରେ ବୋଝେଇ କରୁଥିଲେ। ପାଣିଭର୍ତ୍ତି ସିଲିଣ୍ଡର ଡିପୋରେ ଅନ୍‌ଲୋଡ୍ ହେଉଥିବାବେଳେ ଏହାକୁ ଡିଲର ଖାଉଟିଙ୍କୁ ବିତରଣ କରୁଥିଲେ। ଖାଉଟି ସିଲିଣ୍ଡରରେ ପାଣି ଥିବା ଜାଣି ଡିଲ୍‌ରଙ୍କ ନିକଟରେ ଅଭିଯୋଗ କରୁଥିଲେ। ଡିଲ୍‌ରଙ୍କ ଅଭିଯୋଗକ୍ରମେ ଆଇଓସିଏଲ୍ କମ୍ପାନୀ ଟ୍ରାନ୍ସପୋର୍ଟର ମାଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟ୍ରାନ୍ସପୋର୍ଟ ମାଲିକ ପୋଲିସକୁ ଜଣାଇଥିଲେ। ଏସ୍‌ପି ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ତଦନ୍ତ କରି ଚୋରି ରହସ୍ୟ ଉନ୍ମୋଚନ କରିଛି।

## ସାନ ଭାଇ କାତି ଚୋଟରେ ବଡ଼ ମୃତ

**ବେଗୁନିଆପଡ଼ା,୧୮।୮(ଡି.ଏନ.ଏ.)**-ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଜଗତି ସାହିରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ସାନ ଭାଇର କାତି ଚୋଟରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଗତି ସାହିର କିଶୋର ପାଣିଗ୍ରାହୀ (୫୬)। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ କୋଦଳା ପୋଲିସ ଅଭିଯୁକ୍ତ ରାଧାଶ୍ୟାମଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, କିଶୋର ଓ ତାଙ୍କ ସାନ ଭାଇ ରାଧାଶ୍ୟାମଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହେବାରୁ ଉଭୟେ ଅଲଗା ରହୁଥିଲେ। ବୁଧବାର ସକାଳ ପ୍ରାୟ ୮ ଟାରେ କିଶୋର ଘରେ ଖାଇ ବସିଥିଲେ। ଏହି ସମୟରେ ପଡିଶା ଘରେ ରହୁଥିବା ରାଧାଶ୍ୟାମ ଆସି ହଠାତ୍ ଏକ କାତିରେ ତାଙ୍କ ମୁଣ୍ଡକୁ ଚୋଟ ପକାଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ କିଶୋରଙ୍କୁ ଉଦ୍ଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାଯିବା ସୁଦ୍ଧା ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ।

## ୩ ନୂଆ ମୁଖପାତ୍ର ବାଛିଲା ଭାଜପା

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**-ରାଜ୍ୟ ଭାଜପାର ଗଣମାଧମ ବିଭାଗକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ୩ ଜଣଙ୍କୁ ରାଜ୍ୟ ମୁଖପାତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ ଉପାଧକ୍ଷା ଉର୍ମିଳା ମହାପାତ୍ର ଏବଂ ଯୁବନେତା ରାଜେନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ମୁଖପାତ୍ର ଭାବେ ମନୋନୀତ କରାଯାଇଛି। ଏ ନେଇ ଦଳ ତରଫରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।


GOVERNMENT OF ODISHA
OFFICE OF THE EXECUTIVE ENGINEER, BHUBANESWAR R&B DIVISON: NO.IV,
NIRMANA SOUDHA, UNIT-V, BHUBANESWAR,
E-mail ID: eernb4bbsr@gmail.com, Tel. (0674)-2390245

Letter No. 4103 — Bhubaneswar, the dt.09.08.2021

NOTICE INVITING REQUEST FOR PROPOSAL
Bid Identification No. RFP- 02 / 2021-22

No.B-305:- 1. Executive Engineer, Bhubaneswar (R&B) Division No.IV, Bhubaneswar invites proposals from the Empanelled Agencies (Category-A or Category-B under OB & CC Ltd.) for the following assignment as detailed in the table below to be received offline in "DOUBLE COVER SYSTEM".

| Sl. No. | Name of Project | EMD (Refundable) | Bid Processing Fee (Non-refundable) | Period of services |
|---|---|---|---|---|
| 1 | Selection of an Agency for providing Design Consultancy and Project Supervision Services for Odisha Bhawan and Odisha Niwas at New Delhi. | @ 1% (One percent) of the offered price of the Bidder | Rs.10000.00 | 12 (Twelve) Months |

2. The RFP document must be accompanied with a Non-refundable Bid Processing Fee of Rs.10000.00 in shape of Demand Draft from any Nationalized Bank and EMD (Refundable) @ 1% (One percent) of the offered price of the Bidder in form of Kissan Vikash Patra / Post Office Savings Bank Account / National Savings Certificate / Post Office Time Deposit Account / TDR / Bank Guarantee of Scheduled Bank (counter-guaranteed by the local branch at Bhubaneswar) duly pledged in favour of Executive Engineer, Bhubaneswar R&B Division, No-IV, Bhubaneswar. 3. The RFP document can be seen / downloaded from the Govt. website i.e. https://www.odisha.gov.in , during dt.19.08.2021 to 4.00 PM of dt.03.09.2021. 4. The last date of receipt of RFP in the following address is Dt.16.09.2021 up to 5.00 PM (Offline mode) through Speed Post / Registered Post / Courier / By Hand only. Submission of proposal through any other mode is not allowed. 5. Date of Opening of Technical bid is Dt.17.09.2021 at 11.30 A.M. 6. For further details the RFP document is to be referred. 7. The authority reserves the right to reject any or all bids without assigning any reason thereof.

Address of Submission of R.F.P.
O/o- The Executive Engineer, Bhubaneswar (R&B) Division No.IV, Bhubaneswar,
Nirman Soudha, Unit-V, Bhubaneswar, District-Khordha (ODISHA) PIN - 751001, Contact No. (0674)-2390245
E-mail ID: eernb4bbsr@gmail.com
OIPR-34090/11/0007/2122 — Sd./- Executive Engineer, BBSR(R&B) Division No-IV, Bhubaneswar



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA
(E-mail id: cceabp@gmail.com / loabpbbsr@gmail.com
No. A-378
E-Procurement Notice No. CCEABP-04 of 2021-22

| E-Procurement Officer | Name of the Work | Bid ID No. | Tender Cost in Lakhs (Appx) | Bid Security (Online) | Cost of Bid Document (Online) | Class of Contractor | Period of Completion | Availability of tender Online for bidding: From | Availability of tender Online for bidding: To | Date of opening of Technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer A.B. Project, Salapada | Construction of flood protection embankment on Baitarani left from Ambo to Samana from RD 1710m to 8840m in Hatadihi Block of Keonjhar District under NABARD Assistance RIDF-XXI | ABP-BD-01/4 of 2021-22 | 901.78 | Bid Security Declaration | 10,000/- | Special Class & Super Class | 09 (Nine) Calendar Months | 21.08.21 11.30 A.M. | 14.09.21 5.00 P.M. | 15.09.21 11.30 A.M. |

Further details can be seen from the Govt. website www.tendersorissa.gov.in / www.dowrodisha.gov.in. Addendum/corrigendum/cancellation if any required will be published in Govt. website only.
OIPR-32180/11/0005/2122 — Sd./- Chief Construction Engineer, Anandapur Barrage Project, Salapada


# ଶୂନ୍ୟ ସହନଶୀଳ ନୀତିକୁ ସର୍ବସମ୍ମତି

### ପରିବେଶ ପ୍ରଦୂଷଣ ସମ୍ପର୍କିତ ଗୃହ କମିଟି ବୈଠକ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ବିଧାନସଭାର ପ୍ରକୋଷ୍ଠ ନଂ.୫୯ରେ ବୁଧବାର ପରିବେଶ ପ୍ରଦୂଷଣ ସଂକ୍ରାନ୍ତୀୟ ଗୃହ କମିଟି ବୈଠକ ଭିଡିଓ କନଫେରେନ୍ସି ଜରିଆରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। କ୍ରଶରଗୁଡିକରୁ ନିର୍ଗତ ପଥରଗୁଣ୍ଡ କ୍ୟାନ୍‌ସର, କିଡ୍‌ନୀ ଜଟିଳତା ଭଳି ରୋଗ ସୃଷ୍ଟି କରୁଥିବାରୁ ବାଚସ୍ପତି ପାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ନିରାକରଣ ପାଇଁ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ବାଚସ୍ପତି ମତ ଦେଇଥିଲେ।

ବୈଠକରେ ଉପସ୍ଥିତ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗ୍ରୀନ୍ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ରାୟ ଗୁଡିକର ବିବରଣୀ ଏ ସଂକ୍ରାନ୍ତୀୟ ଗଠିତ ସବ୍-କମିଟିକୁ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ ବିଭିନ୍ନ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ପରିବେଶ ଉପରେ ଗଭୀର ପ୍ରଭାବ ପକାଉଥିବା ଦର୍ଶାଇବା ସହ ଏହାକୁ ନିୟନ୍ତ୍ରଣ ନିମନ୍ତେ ପରାମର୍ଶ ଦେଇଥିଲେ। ବିଧାୟକ ସୁବାସ ଚନ୍ଦ୍ର ବେହେରା ପଲିଥିନର ବହୁଳ ବ୍ୟବହାର ଓ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଥିବା କହିଥିଲେ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପ୍ରଦୂଷଣ ଉପରେ ଗଠିତ ସବ୍-କମିଟି ଅଧକ୍ଷ ନରସିଂହ ମିଶ୍ର, ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ନିର୍ଗତ ଦୂଷିତ ଜଳ ଉପରେ ଗଠିତ ସବ୍-କମିଟି ଅଧକ୍ଷ ମୋହନ ଚରଣ ମାଝି ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ନିର୍ଗତ କାର୍ବନ ଉପରେ ଗଠିତ ସବ୍-କମିଟି ଅଧକ୍ଷ ବଦ୍ରି ନାରାୟଣ ପାତ୍ର ବିଧାନସଭାକୁ ପରିବେଶ ପ୍ରଦୂଷଣ ଉପରେ ବୃତ୍ତାନ୍ତ ରିପୋର୍ଟ ଦେବେ ଏବଂ ଉକ୍ତ ରିପୋର୍ଟ ଉପରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।


ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

E-Auction Notice (23.08.2021 - 92nd E-Auction)
IRON ORE FINES

No. CAD-912: The Odisha Mining Corporation Ltd intends to sell various grades of Iron Ore Fines produced at different iron ore mines at Daitari, Gandhamardan Block - B and Tiring Pahar , Guali, Jilling (under Barbil Region) in Keonjhar District and Khandadhar/ Kurmitar mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00PM on 23.08.2021.
For details, please visit the website of MSTC i.e. www.mstcecommerce.com.
Chief General Manager (S&M)
OIPR-30005/11/0078/2122



ODISHA LIFT IRRIGATION CORPORATION LTD.
(A GOVERNMENT OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 5739/OLIC — Dated: 16.08.2021

NATIONAL COMPETITIVE BIDDING THROUGH e-Procurement

No. CAD-902: The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Submersible pump sets in conformity with Detail Tender Call Notice from reputed manufacturers as per the following schedule.

| Sl. No. | Tender Specification No. | Brief Description | Approx. quantity required in Nos. | Estimated Cost in (Rs. in lakhs) | Bid Security Declaration to be submitted for EMD (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-02(E) 2021-22 | Submersible Pump set to deliver 1.75 LPS at 100 Mtr. head | 361 | 137.840 | 1.378 | 10,000/- + GST 5% on reverse charge basis |

1. Period of Completion : 60 days from the date of issue of purchase order.
2. Date & Time of availability of bid document in the portal : From Dt.19.08.2021 to Dt.17.09.2021
3. Last date/time for receipt of bids in the portal : Dt.17.09.2021 upto 17.00 hrs.
4. Last date of seeking clarification : Dt.27.08.2021 upto 17.00 hrs.
5. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B. No. 155 Bhubaneswar - 751012
6. Further details can be seen from the e-procurement portal https://tendersodisha.gov.in.

Any Addendum/Corrigendum/Cancellation of tender will be available in the said website.
Authority reserves the right to reject any or all the tenders without assigning any reason thereof.
OIPR-32135/11/0007/2122 — Sd./- Managing Director



ତହସିଲ କାର୍ଯ୍ୟାଳୟ, ଦେବଗଡ଼

ବିଜ୍ଞାପନ ସଂଖ୍ୟା: ୨୯୦୮ — ତାରିଖ: ୧୭।୦୮।୨୦୨୧

No. F-108: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ (OMMC Rule - 2016) ନିୟମାନୁଯାୟୀ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦେବଗଡ଼ ଜିଲ୍ଲା ଦେବଗଡ଼ ତହସିଲ ଅନ୍ତର୍ଗତ ସଇରାତ ଉତ୍ସ (ପଥର) କୁଆଁଳିଭଙ୍ଗା ୨ର ଆସନ୍ତା ୫ ବର୍ଷ ନିମନ୍ତେ ତହସିଲଦାର, ଦେବଗଡ଼ଙ୍କ ଦ୍ୱାରା ନିଲାମ ହେବ। ଇଚ୍ଛୁକ ପ୍ରାର୍ଥୀ OMMC Rule-2016ର ଫର୍ମ "M" (ତିନି କପି) ପୂରଣ କରି ଏଥି ସହିତ ଉପଯୁକ୍ତ ନକ୍ସା (ତିନି କପି) ସଂଲଗ୍ନ କରି ଓ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ଆଧାର କରି ତା୩୧।୦୮।୨୦୨୧ ଅପରାହ୍ନ ୨.୦୦ ଘଟିକା ସମୟ ମଧ୍ୟରେ ଜଉମୁଦଦିଆ ଲଫାପାରେ ଫର୍ମ ପୂରଣ କରି ଅମାନତ ରାଶି ସହ ଦରଖାସ୍ତ ପକାଇପାରିବେ ଏବଂ ସେହିଦିନ ଅପରାହ୍ନ ୪.୦୦ଘଟିକାରେ ଉକ୍ତ ଦରଖାସ୍ତଗୁଡ଼ିକୁ ଲିଜ୍ ଦରଖାସ୍ତକାରୀ/ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ଯାଞ୍ଚ କରାଯାଇ ଲିଜ୍ ଚୂଡ଼ାନ୍ତ କରାଯିବ। ପ୍ରଥମ ଦିବସରେ କୌଣସି ନିଲାମଧାରୀ ନ ମିଳିଲେ ଦ୍ୱିତୀୟଥର ତା୦୬।୦୯।୨୦୨୧ ଓ ତୃତୀୟଥର ତା୦୯।୦୯।୨୦୨୧ରେ ଦରଖାସ୍ତ ଆହ୍ୱାନ କରାଯିବ। କୌଣସି କାରଣ ନ ଦର୍ଶାଇ ଲିଜ୍‌କୁ ସ୍ଥଗିତ କିମ୍ବା ରଦ୍ଦ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି। ଏହାର ସମସ୍ତ ସର୍ତ୍ତାବଳୀ ଜିଲ୍ଲା ସୂଚନା କାର୍ଯ୍ୟାଳୟର ୱେବ୍‌ସାଇଟ www.deogarh.nic.inରେ ଉପଲବ୍ଧ ଅଟେ।

ସଇରାତ ଉତ୍ସଗୁଡ଼ିକର ବିବରଣୀ

| କ୍ର. ସଂ. | ମୌଜାର ନାମ | ସଇରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | କିସମ | ଅବଧି ସମୟ | ସର୍ବନିମ୍ନ ରୟାଲଟିର ମୂଲ୍ୟ (Per Cum) | ଅତିରିକ୍ତ ଦେୟ (Per Cum) | Mining Plan ଅନୁଯାୟୀ ବାର୍ଷିକ ଉଠାଣ ଧାର୍ଯ୍ୟ ବାଲି | ଅମାନତ ରାଶି |
|---|---|---|---|---|---|---|---|---|---|---|---|
| ୧ | କୁଆଁଳିଭଙ୍ଗା | କୁଆଁଳିଭଙ୍ଗା ୨ ପଥର କୁଆରି | ୧୨୫ | ୧୪୧୬ | ଏ ୪.୦୦ | ପଥର ବଣି | ୨୦୨୧-୨୨ରୁ ୨୦୨୫-୨୬ | ୧୩୦.୦୦ | Per Cum-୨୫୦.୦୦ ରୁ କମ୍ ହୋଇ ନଥିବ | ୪୮୦ CUM | ୯୧୨୦.୦୦ |

ସର୍ତ୍ତାବଳୀ:
୧. ଦରଖାସ୍ତକାରୀ ଦରଖାସ୍ତ ଟ.୧୦୦୦.୦୦ଙ୍କାର ଏକ ଚାଲାଣ Demand No. 0853 - Non-ferrous Mining and Metallurgical Industries - 102 - Mineral Concession Fees. Rents and Royalties ପଇଠ କରି ସଂଯୋଗ କରିବେ।
୨. ଦରଖାସ୍ତ ସହିତ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଧାର୍ଯ୍ୟ ରାଶିର ଦାଖଲ କରିବେ।
୩. ସଇରାତ ଉତ୍ସ ନିମନ୍ତେ କୌଣସି ରାଶି ବକେୟା ନଥିବା ସତ୍ୟପାଠ ଦାଖଲ କରିବେ।
୪. Solvency Certificate ଯାହାକି ସର୍ବନିମ୍ନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ନିମନ୍ତେ ନିର୍ଦ୍ଧାରିତ ରୟାଲଟି ଏବଂ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଦେୟଠାରୁ କମ୍ ହୋଇ ନଥିବ ଏବଂ ତାହା ୧୮ମାସ ପର୍ଯ୍ୟନ୍ତ ବୈଧ ହେବ।
୫. ଆବେଦନକାରୀ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଆଇନ ୨୦୧୬ର ସର୍ତ୍ତାବଳୀ ମାନି ଚଳିବେ।
୬. ଲିଜ୍ ଆବେଦନ ପୂର୍ବରୁ ଲିଜ୍ ଏରିଆ ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟକୁ ଦେଖି ଲିଜ୍ ନିମନ୍ତେ ଦରଖାସ୍ତ କରିପାରିବେ।
୭. ଆବେଦନକାରୀଙ୍କ ଦରଖାସ୍ତକୁ ଅନୁମୋଦନ କରାଗଲେ ଆବେଦନକାରୀର Royalty, Surface Rent, Dead Rent, EMF, DMF ଏବଂ Additional Charge ଏକକାଳୀନ ଦାଖଲ କରିବେ।
୮. ଲଘୁ ଖଣିଜ ପଦାର୍ଥ ଯଥା: ପଥରର Royaltyର ଅତିରିକ୍ତ ଦେୟ cum ପ୍ରତି ୨୫୦ରୁ କମ୍ ହୋଇ ନ ଥିବ।
୯. Royaltyକୁ ଆଧାରକରି EMF, DMF, Addl. Chargesର ଦେୟ ଗଣନା କରାଯିବ।
୧୦. ଲିଜ୍‌ଧାରୀ OMMC Rule, 2016ର Para-26ରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ପାଳନ ନିମନ୍ତେ ଏକ ଚୁକ୍ତିନାମା ଦାଖଲ ହେବ।

OIPR-24192/11/0002/2122 — ସ୍ୱା./- ତହସିଲଦାର, ଦେବଗଡ଼

## ସଂକ୍ଷେପରେ

### ଆମେରିକାରେ ଓଡ଼ିଆ ଯୁବ ଇଞ୍ଜିନିୟର ମୃତ

ହ୍ରଦରେ ଗାଧୋଉ ଥିବା ବେଳେ ଭାସିଗଲେ



ରାଜକନିକା,୧୮।୮(ଡି.ଏନ.ଏ.): ରାଜକନିକା ବ୍ଲକ ଅଧୀନ କଣ୍ଡିଆହାଟ ଆଳି ବ୍ଲକର ତଳ ଯୁଆଣିଆ ଗ୍ରାମର ଅବସରପ୍ରାପ୍ତ ସୈନିକ ଶରତ ଚନ୍ଦ୍ର ସାମଲଙ୍କ ସାନପୁଅ ସୁନୀଲ କୁମାର ସାମଲ(୨୫)ଙ୍କ ଆମେରିକାରେ ମୃତ୍ୟୁ ଘଟିଛି । ସେ ସେଠାରେ ଏକ କମ୍ପାନୀରେ ଚାକିରୀ କରିଥିଲେ । ୪ଜଣ ବନ୍ଧୁଙ୍କ ସହ ସେ ଏକାଠି ରହୁଥିଲେ । ଗତ ୧୪ ତାରିଖ ଦିନ ସେ ସାଙ୍ଗମାନଙ୍କ ସହିତ ସହିତ ଏକ ହ୍ରଦକୁ ଗାଧୋଇବାକୁ ଯାଇଥିଲେ । ଗୋଧୋଉଥିବା ବେଳେ ସମୁଦ୍ରକୁ ଭାସିଯାଇ ସୁନିଲଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି । ତାଙ୍କର ୪ ବନ୍ଧୁଙ୍କୁ ସେଠାକାର ପୋଲିସ ଉଦ୍ଧାର କରିଛି । ଏହି ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୁନିଲଙ୍କ ମା'ବାପାଙ୍କ ସହିତ ପରିବାର ସଦସ୍ୟମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି । ତାଙ୍କ ମୃତଦେହ ବିମାନରେ ଭାରତ ଆସିବା ପରେ ଗାଁରେ ପହଞ୍ଚିବ ବୋଲି ପରିବାର ସଦସ୍ୟମାନେ କହିଛନ୍ତି ।

### ଯୁବକଙ୍କୁ ପିଟି ହତ୍ୟା

ଟେନ୍‌ସା,୧୮।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ଚମ୍ପାକୁଦର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ହତ୍ୟାକାଣ୍ଡ ଘଟିଛି। ରେମକା ମୁଣ୍ଡା (୨୫)ଙ୍କୁ ପଡ଼ୋଶୀ ପର୍ଶୁ ମୁଣ୍ଡା (୨୩) ବାଡ଼ିରେ ପିଟି ହତ୍ୟା କରିଛନ୍ତି। ଖବରପାଇ କୋଇଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଖବର ଅନୁଯାୟୀ ଚମ୍ପାକୁଦର ଗ୍ରାମରେ ରେମକା ଓ ପର୍ଶୁଙ୍କ ଘର। ଜମିବାଡ଼ିକୁ ନେଇ ସବୁବେଳେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ସନ୍ଧ୍ୟାରେ କୌଣସି କଥାକୁ ନେଇ ଉଭୟଙ୍କ ମଧରେ ଝଗଡ଼ା ହୋଇଥିଲା। ଏଥିରେ ପର୍ଶୁ ରାଗିଯାଇ ଏକ ବାଡ଼ିରେ ରେମକାଙ୍କୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କୋଇଡ଼ା ଆଇଆଇସି ଲୋକେଶ୍ୱର ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। କୋଇଡ଼ା ପୋଲିସ ଏକ ହତ୍ୟା ମାମଲା (ନଂ.୭୨/୨୦୨୧) ରୁଜୁ କରି ତଦନ୍ତ ଚଳାଇଛି।

# ଇକୋ ସେନ୍‌ସେଟିଭ ଜୋନ୍‌ରେ ପ୍ରକଳ୍ପ

କେନ୍ଦ୍ରାପଡ଼ା ଅଫିସ,୧୮।୮

## ଖରସ୍ରୋତାରୁ ଭଦ୍ରକକୁ ପାଣିଦେବା ବିବାଦ



- ମଞ୍ଜୁରୀ ସତ୍ତ୍ୱେ ବନାଞ୍ଚଳରେ ପ୍ରସ୍ତୁତ ହୋଇନାହିଁ ମାଷ୍ଟର ପ୍ଲାନ
- ଜୈବ ବିବିଧତା ଉପରେ ପ୍ରଭାବ ପଡ଼ିବନି ବୋଲି ରିପୋର୍ଟରେ ଉଲ୍ଲେଖ ନାହିଁ

ଜାତୀୟ ଉଦ୍ୟାନ ଭିତରକନିକାର ସୁରକ୍ଷା ପାଇଁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇକୋ ସେନ୍‌ସେଟିଭ ଜୋନ) ଚିହ୍ନଟ ହୋଇଛି। ସେହି ପରିସରରେ କୌଣସି ପ୍ରକଳ୍ପ ଆରମ୍ଭ ହେଲେ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ୍ ମନିଟରିଂ କମିଟିର ଅନୁମତି ନିଆଯିବ। ଏଥିପାଇଁ ୬ଥର ବୈଠକ ବସି ୪ ପ୍ରକଳ୍ପ ପାଇଁ ମନିଟରିଂ କମିଟି ଅନୁମତି ଦେଇଛି। ସେହିପରି ୨୦୧୮ ଶେଷ ସୁଦ୍ଧା ଇକୋ ସେନ୍‌ସେଟିଭ ଜୋନରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତା'ର ରୂପରେଖ ଚୂଡ଼ାନ୍ତ ହୋଇପାରି ନାହିଁ। ଅନ୍ୟପକ୍ଷେ ଖରସ୍ରୋତା ନଦୀରୁ ପାଣି ଉଠାଯାଇ ଭଦ୍ରକକୁ ଦିଆଗଲେ ଭିତରକନିକାର ଜୈବ ବିବିଧତା ଉପରେ ତା'ର ପ୍ରଭାବ ପଡିବ ଦର୍ଶାଇ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ଗତ ୧୦ ତାରିଖରୁ ଅନଶନ କରିବା ସହ ଧାରଣାରେ ଅଛନ୍ତି।

ଇକୋ ସେନସେଟିଭ ଜୋନ ସମ୍ପର୍କରେ ଅଧ୍ୟାପକ ଦେବୀପ୍ରସାଦ ସାହୁ, ଅଧ୍ୟାପକ ଶରତ ଚନ୍ଦ୍ର ସାହୁ, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ ପ୍ରମୁଖ କହିଛନ୍ତି, ଜୈବ ମଣ୍ଡଳର ସୁରକ୍ଷା ପାଇଁ ତା'ର ବାହାରେ ୨ରୁ ୫ କିଲୋମିଟର ଯାଏ ଏକ ବଳୟକୁ ଚିହ୍ନଟ କରାଯାଏ, ଯାହାଦ୍ୱାରା ମୂଳ ବନାଞ୍ଚଳକୁ ସୁରକ୍ଷା ମିଳେ। ସାଧାରଣ ଭାବେ କହିଲେ ଗାଡ଼ିର ଇଞ୍ଜିନକୁ ସୁରକ୍ଷା ଦେବା ପାଇଁ ଶକ୍‌ଅବ୍‌ଜରଭର ରହିବା ପରି ଭିତରକନିକାର ୬୭୨ ବର୍ଗ କିଲୋମିଟର ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲାର ୧୪୭ ଓ ଭଦ୍ରକ ଜିଲାର ୪୫ଟି ଗ୍ରାମକୁ ଇକୋ ସେନ୍‌ସେଟିଭ ଜୋନ୍ ଭାବେ ଚିହ୍ନଟ କରାଯାଇଛି। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଭିତରକନିକାର ସୁରକ୍ଷା ପାଇଁ ୨୦୧୪ରେ ଗେଜେଟ ନୋଟିଫିକେଶନ ହୋଇଥିବା ବେଳେ ୨୦୧୫ ଜୁନ୍‌ରେ ଚିହ୍ନଟ ଅଞ୍ଚଳ ନେଇ ପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଜୋନ୍ ଅଞ୍ଚଳରେ ଏକ ମାଷ୍ଟର ପ୍ଲାନ ହୋଇଥାଏ। ସେଠାରେ ଗଛ କାଟିବା ମନା ହେତୁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜାଳେଣି ଓ ଗୃହ ନିର୍ମାଣ ପାଇଁ ଆବଶ୍ୟକ କାଠ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଏ। ବାହାଘର, ବ୍ରତ ପରି ବିଭିନ୍ନ ଉତ୍ସବରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଏ। ଏହିପରି ଶତାଧିକ କଟକଣା ଓ ଗାଇଡ୍‌ଲାଇନ ରହିଛି। ସେହିପରି ଏହି ଜୋନ୍‌ରେ ନୂତନ ପ୍ରକଳ୍ପର ଅନୁମତି କେବଳ ମନିଟରିଂ କମିଟିର ମଞ୍ଜୁରୀ ପରେ ମିଳିଥାଏ। ଖରସ୍ରୋତା ନଦୀର ପାଣିଉଠା ପ୍ଲାନ ରାଜକନିକା ବ୍ଲକ ବରୁଣାଡିହା ଓ ଜଳ ବିଶୋଧନ କେନ୍ଦ୍ର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟ ଅଞ୍ଚଳ ଭିତରକନିକା ଇକୋ ସେନ୍‌ସେଟିଭ ଜୋନରେ ଥିବା ସେମାନେ ପ୍ରକାଶ କରିଛନ୍ତି।

ମନିଟରିଂ କମିଟିର ସଦସ୍ୟ ଶ୍ରୀକାନ୍ତ କହିଛନ୍ତି, ପ୍ରଥମ ବୈଠକରେ କମିଟି ଗଠନ ହୋଇଥିଲା। ଦ୍ୱିତୀୟ ବୈଠକରେ ଜନସଚେତନତା ପାଇଁ ଉଦ୍ୟମ କରିବା ସହ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏଥିସହିତ ଜୋନ ଅଞ୍ଚଳରେ ଥିବା ରାଜନଗରରେ ଏକ ବିଦ୍ୟୁତ୍ ପାୱାର ଷ୍ଟେଶନ ବସାଇବାକୁ ମଞ୍ଜୁରୀ ମିଳିଥିଲା। ତୃତୀୟ ଓ ଚତୁର୍ଥ ବୈଠକରେ ଭଦ୍ରକର ଦୁଇଟି ଜେଟି ନିର୍ମାଣ ଓ ଭିତରକନିକା ଇକୋ ରିଟ୍ରିଟ ପାଇଁ ଅନୁମତି ଦିଆଯାଇଥିଲା। ତେବେ ୨୦୨୦ ଡିସେମ୍ବର ବୈଠକରେ ଖରସ୍ରୋତା ନଦୀରୁ ପାଣିଉଠାକୁ ବିରୋଧ କରାଯାଇଛି। ଏହାଦ୍ୱାରା ଭିତରକନିକା କ୍ଷତିଗ୍ରସ୍ତ ହେବ ବୋଲି ଦର୍ଶାଯାଇଥିବା ବେଳେ କମିଟି ଅଧ୍ୟକ୍ଷ ଜିଲାପାଳ ଚଞ୍ଚକତା କରି ପ୍ରକଳ୍ପ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି। ପ୍ରକଳ୍ପ ପରେ ଭିତରକନିକା ଜୈବ ବିବିଧତା ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ବୈଠକରେ ଉପସ୍ଥାପିତ ଆଇଆଇଟି ହାଇଦ୍ରାବାଦର ରିପୋର୍ଟରେ ଉଲ୍ଲେଖ ନାହିଁ। ଏହି ରିଜୋଲେଶନକୁ ତୁରନ୍ତ ଖାରଜ, ପ୍ରକଳ୍ପ କାର୍ଯ୍ୟ ବନ୍ଦ କରି ଏକ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଅନୁଧ୍ୟାନ କରି ରିପୋର୍ଟ ଉପସ୍ଥାପନା କରିବା ଓ ଭିତରକନିକାର ପରିବେଶ ନଷ୍ଟ ହେଉଥିବାରୁ ତୁରନ୍ତ ମୁଖ୍ୟ ବନ ସଂରକ୍ଷକ ଏଥିରେ ହସ୍ତକ୍ଷେପ ଦାବି କରି ସେ ଅନଶନରେ ଅଛନ୍ତି ବୋଲି କହିଛନ୍ତି।

ଏ ସମ୍ପର୍କରେ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି କହିଛନ୍ତି, ୨୦୨୦ ଡିସେମ୍ବରରେ ପ୍ରକଳ୍ପ ସମ୍ପର୍କରେ ଦୁଇଟି ବୈଠକ ହୋଇଛି। ଆଇଆଇଟି ହାଇଦ୍ରାବାଦର ପରିବେଶ ସମ୍ପର୍କିତ ତଥ୍ୟକୁ ଆଧାର କରି ଖରସ୍ରୋତାରୁ ପାଣି ଉଠାଇବାକୁ ମଞ୍ଜୁରୀ ମିଳିଛି।

# ୨୫ ଟଙ୍କା ବଢ଼ିଲା ଏଲ୍‌ପିଜି

ଭୁବନେଶ୍ୱର,୧୮।୮



ରନ୍ଧନ ଗ୍ୟାସ୍ ବା ଏଲ୍‌ପିଜି ଦର ୨୫ ଟଙ୍କା ବୃଦ୍ଧି ପାଇଛି। ଏହା ଚଳିତ ମାସ ୧୭ ତାରିଖରୁ କାର୍ଯ୍ୟକାରୀ ହେବ ବୋଲି ଜଣାପଡିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ ୧୪.୨ ଲିଟର ବିଶିଷ୍ଟ ସିଲିଣ୍ଡର ପିଛା ବର୍ତ୍ତମାନ ୮୮୬ ଟଙ୍କା ଛୁଇଁଛି। ସେହିଭଳି ନୂଆଦିଲ୍ଲୀରେ ଏହା ୮୫୯.୫୦ ଟଙ୍କା ରହିଛି। ସୂଚନାଯୋଗ୍ୟ, ଜୁଲାଇ ପହିଲାରେ ଏଲ୍‌ପିଜି ୨୫.୫୦ ଟଙ୍କା ବୃଦ୍ଧି ହୋଇଥିଲା। ପ୍ରାୟ ପ୍ରତି ମାସ ପହିଲାରେ ଦରରେ ଏଭଳି ପରିବର୍ତ୍ତନ ହେଉଥିବା ଜଣାପଡ଼ିଛି। ଗତ ୭ ମାସରେ ଏଲ୍‌ପିଜି ଦର ୧୬୫ ଟଙ୍କା ବଢ଼ିଲାଣି। ସରକାର ଲୋକଙ୍କୁ ବର୍ତ୍ତମାନ ମାତ୍ର କିଞ୍ଚିତ ପରିମାଣର ସବ୍‌ସିଡି ପ୍ରଦାନ କରୁଛନ୍ତି। ଦେଶର ମେଟ୍ରୋ ସହର ସମେତ ଅନ୍ୟ କିଛି ସ୍ଥାନରେ ଗତ କିଛି ବର୍ଷ ସରକାର ସବ୍‌ସିଡିକୁ ଉଠାଇ ଦେଇଛନ୍ତି। ନୂଆଦିଲ୍ଲୀରେ ବିନା କୌଣସି ସବ୍‌ସିଡି ସହାୟତାରେ ଲୋକମାନେ ବଜାର ଦର ଅନୁସାରେ ଏଲ୍‌ପିଜି କିଣୁଥିବା ଜଣାପଡ଼ିଛି।

# ବଜେଟ ଅର୍ଥ ଧାର୍ଯ୍ୟ ସମୟରେ ଖର୍ଚ୍ଚ କର: ମନ୍ତ୍ରୀ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ବଜେଟରେ ଆବଣ୍ଟିତ ଅର୍ଥ ଧାର୍ଯ୍ୟ ସମୟରେ ଖର୍ଚ୍ଚ କରି ଏହାର ଉଦ୍ଦିଷ୍ଟ ଲକ୍ଷ୍ୟ ପୂରଣ କରିବା ଜରୁରୀ। ଏହି ଲକ୍ଷ୍ୟ ଠିକ୍ ଭାବେ ପୂରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନଠାରେ ବୁଧବାର ଆୟୋଜିତ ଏକ ବୈଠକରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ବିଭାଗର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଗୁରୁତ୍ୱପୂର୍ଣ୍ଣ। ସମବାୟ ବିଭାଗ ଅଧୀନ ପ୍ରାଥମିକ କୃଷି ସମବାୟ ସମିତି ଚାଷୀଙ୍କୁ ସାର, ବିହନ, ଫସଲ ଋଣ ଯୋଗାଇବା ସହ କୃଷକଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ଧାନ, ଡାଲି ଓ ତୈଳବୀଜ ସଂଗ୍ରହ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ପରିପ୍ରେକ୍ଷୀରେ ପ୍ୟାକ୍ସ/ଲ୍ୟାମ୍ପସ୍‌ର ପୁନର୍ଗଠନକୁ ପ୍ରାଥମିକତା ପ୍ରଦାନ କରାଯାଉଛି। ଏହି ଅବସରରେ ପ୍ୟାକ୍ସଗୁଡ଼ିକର ସମ୍ପୂର୍ଣ୍ଣ କମ୍ପ୍ୟୁଟରାଇଜେଶନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷକର। ବିଭାଗ ଅଧୀନରେ ଥିବା ୱେୟାରହାଉସ୍‌ଗୁଡ଼ିକର ଡିଜିଟାଇଜେଶନ ଓ ସମବାୟ ବ୍ୟାଙ୍କର ଦେଣନେଣ କାରବାରରେ ଆଧୁନିକ ମାଇକ୍ରୋ ପେମେଣ୍ଟ ସିଷ୍ଟମର ପ୍ରଚଳନ କାର୍ଯ୍ୟ ଶେଷ କରିବା ଦରକାର। ଏଥି ସହିତ ମାଇକ୍ରୋ ଏଟିଏମ୍ ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଇ-ନାମ୍ ଜରିଆରେ ଚାଷୀମାନେ ବଜାରରେ ସେମାନଙ୍କ ଦ୍ରବ୍ୟ ସହଜରେ ବିକ୍ରି କରିପାରିବା ନିମନ୍ତେ ଏହାକୁ ଅଧିକ ବ୍ୟାପକ କରିବା ଜରୁରୀ। ସମବାୟ ବିଭାଗର ଗତବର୍ଷ ଓ ଚଳିତ ବର୍ଷର ବଜେଟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚର ମନ୍ତ୍ରୀ ସ୍ୱାଇଁ ସମୀକ୍ଷା କରିଛନ୍ତି। ଏହାସହ ଅଡିଟ୍ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ସବୁ ଜିଲାରେ ଗଡ଼ିବ କୋଭିଡ୍ ସଚେତନତା ରଥ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

## ଆରମ୍ଭ ହେଲା ତାଲିମ ଶିବିର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ୟୁନିସେଫ୍ ସହାୟତାରେ ରାଜ୍ୟର ସମସ୍ତ ଜିଲାରେ କୋଭିଡ୍ ସଚେତନତା ରଥ ପରିକ୍ରମା କରିବ। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ତାଲିମ ଶିବିରକୁ ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଶୁଭାରମ୍ଭ କରିଛନ୍ତି। ଶିବିରରେ ୧୦ ଜିଲା ବରଗଡ଼, ସମ୍ବଲପୁର ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀର, ସୋନପୁର, ସୁନ୍ଦରଗଡ଼ ଓ ବୌଦ୍ଧ ଜିଲା ସଂସ୍କୃତି ସଂଘ ଉପସଭାପତି ଓ ଦୁଇଜଣ ଲୋକ କଳାକାର ଭାଗ ନେଇଥିଲେ। କୋଭିଡ୍ ମହାମାରୀରୁ ଛୋଟ ପିଲାଙ୍କୁ ସୁରକ୍ଷା ଦେବା ନିମନ୍ତେ ଟିକାକରଣର ବ୍ୟାପକତା ପାଇଁ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶକ ଦାସ ପରାମର୍ଶ ଦେଇଥିଲେ। ୟୁନିସେଫ୍ ସହାୟତାରେ ୩୦ ଜିଲା ସଂଯୋଜକଙ୍କୁ ସେପ୍ଟେମ୍ବରରୁ ନିଯୁକ୍ତି ଦିଆଯିବା ସହ ସମସ୍ତ ଜିଲାରେ କଳାକାର ସ୍ୱୟଂ ସହାୟକ ସଂଘ ଗଠନ ପାଇଁ ପ୍ରସ୍ତୁତି ଚାଲିଥିବା ସେ ପ୍ରକାଶ କରିଥିଲେ। ଶାସନ ସଚିବ ଦଳାଇ କୋଭିଡ୍ ସଚେତନ ରଥକୁ ଅଧିକ ଫଳପ୍ରଦ କରିବା ପାଇଁ କହିଥିଲେ। ପ୍ରସ୍ତାବିତ ଷ୍ଟେଜ୍ ଅନ୍ ହ୍ୱିଲ୍ ପ୍ରତି ଜିଲାର ପ୍ରତ୍ୟେକ ଗାଁରେ ପହଞ୍ଚିବା ସହ ଗ୍ରାମ ସ୍ତରରେ କଳାକାରମାନେ ସୁସଜ୍ଜିତ ଗାଡ଼ି ମାଧ୍ୟମରେ ସଚେତନତା ବାର୍ତ୍ତା ବାଣ୍ଟିବେ। ଏହାର ପ୍ରାଥମିକ କାର୍ଯ୍ୟକ୍ରମ ସ୍ୱରୂପ ଆଞ୍ଚଳିକ ତାଲିମ ଆରମ୍ଭ ହୋଇଥିବାବେଳେ ଦକ୍ଷିଣାଞ୍ଚଳର




ତାଲିମ ଶିବିର ଶୁଭାରମ୍ଭ ଅବସରରେ ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଓ ଅନ୍ୟମାନେ।

୧୦ ଜିଲାରେ ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ଓ ୨୧ ତାରିଖ ଏବଂ କେନ୍ଦ୍ରାଞ୍ଚଳର ୧୦ ଜିଲାରେ ୨୬ ଓ ୨୭ ତାରିଖରେ ହେବ ବୋଲି ସ୍ଥିର କରାଯାଇଛି। ସେହିପରି ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ସଚେତନ ଗାଡ଼ି ଗଡ଼ିବାର କାର୍ଯ୍ୟକ୍ରମ ରହିଥିବା ଦଳାଇ କହିଛନ୍ତି। ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଷୋୟୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚେତନ ରଥ କୋଭିଡ ବାର୍ତ୍ତା ସହ ଶିଶୁ ସୁରକ୍ଷା ଟିକାକରଣ, ଶିଶୁ କ୍ଷୀର ଖାଇବା, ଅସହାୟ ଶିଶୁର ଯତ୍ନ ଓ ଗର୍ଭବତୀ ମା'ର ସୁରକ୍ଷା ଆଦି ବିଷୟରେ ସଚେତନ କରାଯିବ। ତାଲିମ ଶୁଭାରମ୍ଭ ଅବସରରେ ପଦ୍ମଶ୍ରୀ ଉତ୍ସବ ଦାସ, ଉପସଚିବ ସଞ୍ଜୟ ମିଶ୍ର, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ୟୁନିସେଫର ରୁଦ୍ର ରଥ, ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ୨୭ ଲକ୍ଷର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ପୋଲିସ ହଳଦୀପଡିଆ ବସ୍ତିରୁ ୨ଜଣ ବ୍ରାଉନସୁଗାର ଡିଲରଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ବସ୍ତିରେ ରହୁଥିବା ବାଲେଶ୍ୱର ଜିଲା ସୋର ଥାନାଞ୍ଚଳର ସେକ୍ ଆଲ୍ଲାଉଦ୍ଦିନ୍(୩୩) ଓ ମାଝି ସାହିର ଅବିନାଶ ଲେଙ୍କା(୩୩)। ଏମାନଙ୍କୁଠାରୁ ୨୭୦ ଗ୍ରାମର ବ୍ରାଉନସୁଗର ଓ ନଗଦ ୧୭୫୦ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୭ଲକ୍ଷ ଟଙ୍କାରୁ ଅଧିକ ହେବ। ଅଭିଯୁକ୍ତଦ୍ୱୟ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ବେପାର କରୁଥିଲେ ବୋଲି ଜେରାବେଳେ ସେମାନେ ପୋଲିସକୁ କହିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ହଳଦିପଡିଆ ବସ୍ତିରେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର ବିକ୍ରି ପାଇଁ ଅପେକ୍ଷା କରିଥିବା ଖବର ପାଇ ପୋଲିସ ଟିମ୍ ଅତର୍କିତ ଚଢାଉ କରିଥିଲା।

# ସ୍ମାର୍ଟ ହେଲ୍‌ଥ କାର୍ଡ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

- ଓଡ଼ିଶାର ସବୁ ଜନସାଧାରଣଙ୍କ ପାଇଁ ଏହା ଲାଗୁ ହେଉ: ନିରଞ୍ଜନ
- ହେଲ୍‌ଥ କାର୍ଡ ନୁହେଁ ନିର୍ବାଚନୀ ପୁସିଂ କାର୍ଡ: ଲେଖାଶ୍ରୀ
- ଆଗକୁ ଭାଜପା ଶାସିତ ରାଜ୍ୟ ଏହା ଲାଗୁ କରିବେ: ଈପ୍ସିତା

ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ୯୭ ଲକ୍ଷ ୫୦ ହଜାର ପରିବାର ପାଇଁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସ୍ୱାଗତ ଜଣାଇବା ସହ ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ପାଇଁ ଲାଗୁ କରିବାକୁ ଦାବି କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି, ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡରେ ପ୍ରତ୍ୟେକ ପରିବାର ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଉଭୟ ସରକାରୀ ଓ ୨୦୦ ରୁ ଉର୍ଦ୍ଧ୍ୱ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପାଇବା ପାଇଁ ହକ୍‌ଦାର ହେବେ। ଏହା ଭଲ ପଦକ୍ଷେପ, କିନ୍ତୁ ପାଖାପାଖି କୋଟିଏ ଓଡ଼ିଶାବାସୀ ଏଭଳି ସେବା ପାଇବାରୁ କ'ଣ ପାଇଁ ବଞ୍ଚିତ ହେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାଜୀ ବଙ୍ଗଳାର ସମସ୍ତ ୯ କୋଟି ଜନତାଙ୍କ ପାଇଁ ସ୍ୱାସ୍ଥ୍ୟ ସାଥୀ କାର୍ଡ ପ୍ରଦାନ କରିଛନ୍ତି। ତେଣୁ ଓଡ଼ିଶା ସରକାର ମଧ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ତୁରନ୍ତ ଏହା ଲାଗୁ କରିବାକୁ ନିରଞ୍ଜନ ଦାବି କରିଛନ୍ତି।

ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ରାଜ୍ୟର ସବୁ ସରକାରୀ ଏବଂ ୨୦୮ ବେସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭରେ ଘୋଷଣା ହୋଇଥିଲା। ହେଲେ ବିଧାନସଭା ତଥ୍ୟ ଅନୁଯାୟୀ କେବଳ ୧୮୩ ହସ୍ପିଟାଲରେ ଚିକିତ୍ସା ସୁବିଧା ଉପଲବ୍ଧ ହେଉଥିବାବେଳେ ଘରୋଇ ହସ୍ପିଟାଲଗୁଡ଼ିକର ପାଖାପାଖି ୫୦ କୋଟି ଟଙ୍କା ବକେୟା ରଖିଥିବାରୁ ବର୍ତ୍ତମାନ ଅନେକ ଘରୋଇ ହସ୍ପିଟାଲ ଚିକିତ୍ସା ଯୋଗାଇଦେବାକୁ କୁଣ୍ଠାବୋଧ କରୁଛନ୍ତି । ଏଥିରୁ ରାଜ୍ୟ ସରକାରଙ୍କ ବିଫଳତା ସ୍ପଷ୍ଟ ପ୍ରମାଣିତ ହେଉଛି। ଗ୍ରାମାଞ୍ଚଳର ପ୍ରାୟ ୩୩.୪୫ ପ୍ରତିଶତ ଲୋକ ବାହାରକୁ ଯାଇ କାମଧନ୍ଦା କରୁଛନ୍ତି । ପ୍ରାୟ ୨୫ ଲକ୍ଷ ଓଡ଼ିଆ ବାହାର ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ରାଜ୍ୟ ଭିତରେ ବାସ କରୁଥିବା ଓଡ଼ିଆମାନେ ଉପକୃତ ହେଉଥିବାବେଳେ, ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟବାସୀଙ୍କ ସମେତ ପ୍ରବାସୀ ଓଡ଼ିଆ ସର୍ବାଧିକ ଉପକୃତ ହୋଇପାରିବେ। କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବାରମ୍ବାର ଅନୁରୋଧ କରୁଥିଲେ ସୁଦ୍ଧା ରାଜ୍ୟ ସରକାର କାହିଁକି କାର୍ଯ୍ୟକାରୀ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୁଣି ଥରେ ସ୍ମାର୍ଟ ହେଲ୍‌ଥ କାର୍ଡ ନାମରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇ ନୂଆ ପ୍ରହସନ ଆରମ୍ଭ କରିଦେଇଛନ୍ତି । ଏହା ହେଲ୍‌ଥ କାର୍ଡ ନୁହେଁ ବରଂ ଶାସକ ବିଜେଡିର ନିର୍ବାଚନୀ ପୁସିଂ କାର୍ଡ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

ବିରୋଧୀଙ୍କ ସମାଲୋଚନା ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଯେତେବେଳେ କୌଣସି ଯୋଜନା କିମ୍ବା କାର୍ଯ୍ୟକ୍ରମ ଆରମ୍ଭ ହୁଏ ସେତେବେଳେ ଲେଖାଶ୍ରୀଙ୍କ ଭଳି ବ୍ୟକ୍ତିଙ୍କ ଜରିଆରେ ନିମ୍ନ ରୁଚିର ଭାଷା ପ୍ରୟୋଗକରି ଏଭଳି ଯୋଜନାକୁ ସମାଲୋଚନା କରାଯାଏ। ଯେଉଁଭଳି ଆଜି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ସେ ସମାଲୋଚନା କରିଛନ୍ତି। ଭାଜପା ଶାସିତ ରାଜ୍ୟର ସରକାର ଯେଉଁଭଳି 'କାଳିଆ' ଓ 'ମମତା' ଭଳି ଯୋଜନାକୁ ସେମାନଙ୍କ କପି କରିଛନ୍ତି, ଖୁବ୍‌ଶୀଘ୍ର ସେମାନେ ବିଏସ୍‌କେୱାଇ ଯୋଜନାକୁ ମଧ ଅନୁରୂପ ଭାବେ କପି କରୁଥିବା ଲେଖାଶ୍ରୀ ଦେଖିବେ ବୋଲି ସାହୁ କହିଛନ୍ତି।

# ୨୦ରେ ଦକ୍ଷତା ବିକାଶ ପ୍ରତିଷ୍ଠାନ ସ୍ଥାୟୀ କ୍ୟାମ୍ପସ ଲୋକାର୍ପଣ

ଭୁବନେଶ୍ୱର,୧୮।୮

ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍‌ଡିଆଇ) ଭୁବନେଶ୍ୱର ସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅଗଷ୍ଟ ୨୦ରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପସିଂ ପୁରୀ, କେନ୍ଦ୍ର ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି, ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ କୁମାର ରାଉତରାୟ ଉତ୍ସବରେ ଉପସ୍ଥିତ ରହିବେ। ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିଆଇ ଭୁବନେଶ୍ୱର ଅଧ୍ୟକ୍ଷ ତଥା ଇଣ୍ଡିଆନ୍ ଅଏଲ୍ ମାନବ ସମ୍ବଳ ଅଧିକାରୀ ରଞ୍ଜନ କୁମାର ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କ୍ୟାମ୍ପସର ଭିତ୍ତିପ୍ରସ୍ତର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ୨୦୧୮ ମାର୍ଚ୍ଚ ୧୮ ତାରିଖରେ ସମ୍ପନ୍ନ ହୋଇଥିଲା। ଏହି 'ଗ୍ରୀନ୍‌ଫିଲ୍ଡ ମେଗା ମଡେଲ୍ ମଲ୍ଟି ସ୍କିଲ୍ ଇନ୍‌ଷ୍ଟିଚ୍ୟୁଟ୍'ର ସ୍ଥାୟୀ କ୍ୟାମ୍ପସ୍ ଓଡ଼ିଶା ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ୪୬.୧୭ ଏକର ଜମିରେ ନିର୍ମାଣ କରାଯାଇଛି। ଏହା ମାଧ୍ୟମରେ ସ୍ୱଦେଶୀ ଭିତ୍ତିଭୂମି ଓ ଜ୍ଞାନକୌଶଳ ବଳରେ ଏକ ଶିଳ୍ପ ଅନୁକୂଳ ପ୍ରତିଭାଙ୍କ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି। ବିଶ୍ୱସ୍ତରୀୟ ଶିଳ୍ପ ଆଧାରିତ ତାଲିମ ପ୍ରଦାନ ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା ହୋଇଛି। ନୂଆ ଶିକ୍ଷା ବର୍ଷ ପାଇଁ ଏଠାରେ ଛାତ୍ରାଛାତ୍ର ନାମ ଲେଖାଇଥିବା ଜଣାପଡ଼ିଛି। ଖବରଦାତା କାର୍ଯ୍ୟକ୍ରମରେ ଆଇସିଟି ଆଇଓସି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଭାସ୍କର ଏନ୍. ଥୋରାଟ, ସିଜିଏମ୍ ଏବଂ ଇଣ୍ଡିଆନ ଅଏଲ ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ରାଜ୍ୟ ମୁଖ୍ୟ ଶୁଭଜିତ ଘୋଷ ଉପସ୍ଥିତ ପ୍ରମୁଖ ଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଡକ୍ଟର ଗୌରୀ ଶଙ୍କର ହାତୀ
ଡିହିରାକୁଳ, ମୟୂରଭଞ୍ଜ
ଆବିର୍ଭାବ-୨୩।୧୦।୧୯୪୦
ତିରୋଧାନ- ୧୦।୮।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ- ସ୍ତ୍ରୀ, ପୁତୁରା, ପୁତୁରାବୋହୂ, ଭଣଜା, ଭଣଜା ବୋହୂ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୭୭

**OBITUARY**



SHRI ANANDA CHANDRA MISRA
Retd. Prof in Pol. Sc.
DOB: 01.07.1952
DOD: 09.08.2021
Fondly remembered by
Nalini Misra (Wife), Children, Grand Children, Friends and Relatives
ଧ-୨୧୩୮୦

**ଶ୍ରଦ୍ଧାଞ୍ଜଳି**



ସୁପ୍ରଭା ପ୍ରିୟଦର୍ଶିନୀ ପାଣି
ଆବିର୍ଭାବ- 01.05.2010
ତିରୋଧାନ- 09.08.2021
ଅଶ୍ରୁଳ ଶ୍ରଦ୍ଧାଞ୍ଜଳିରେ - ଜେଜେ ମା', ଆଈ, ଅଜା, ପିଇସା, ପିଇସୀ, ମାମୁ, ପାପା, ମାମା, କାକା, ଖୁଡୀ, ମାମି, ପ୍ରତିମା, ବିନି, ଅନୁ, ମାମୁ, ମାଈଁ, ବଡ ଭଉଣୀ ଓ ଭାଇମାନେ, ମଉସା, ମାଉସୀ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୩୮୩



## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



FINANCE
Pvt. Finance Secured /Unsecured 10Cr to 100Cr. against property at low Interest.
9008185706
9588088806

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457719344
9458657264

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଡର୍ଟମୁଣ୍ଡ: ଜର୍ମାନ ସୁପରକପ୍ ଫୁଟବଲ ମ୍ୟାଚ ଜିତିବା ପରେ ବେୟର୍ନ୍ ଗୋଲକିପର ମାନୁଏଲ ନୁଏର ଟ୍ରଫି ଧରି ସାଥି ଖେଳାଳିଙ୍କ ସହ ଖୁସି ମନାଉଛନ୍ତି।

# ସହଜ ଡ୍ର'ରେ ଭାରତ

ନୂଆଦିଲ୍ଲୀ, ୧୮।୮(ପି.ଟି.)

ଡେନ୍ମାର୍କର ଆରହୁସଠାରେ ଅକ୍ଟୋବର ୯ରୁ ୧୭ ପର୍ଯ୍ୟନ୍ତ ଥୋମାସ ଓ ଉବେର କପ୍ ବ୍ୟାଡ୍‌ମିଣ୍ଟନ ଫାଇନାଲ୍ସ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ହୋଇଥିବା ଡ୍ର'ଉଠାଣରେ ଭାରତ ସହଜ ଗ୍ରୁପରେ ସ୍ଥାନ ପାଇଛି। ଗତଥର ଚାମ୍ପିୟନ ଚାଇନା, ଅପେକ୍ଷାକୃତ ଦୁର୍ବଳ ନେଦରଲାଣ୍ଡ୍ସ ଓ ତାହିତି ସହିତ ଭାରତ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ମହିଳା ଦଳ ଗ୍ରୁପ୍ 'ବି'ରେ ଗତ ସଂସ୍କରଣର ରନର୍ସଅପ୍ ଥାଇଲାଣ୍ଡ, ସ୍ପେନ ଓ ସ୍କଟଲାଣ୍ଡ ସହିତ ମୁକାବିଲା କରିବ। ବ୍ୟାଡ୍‌ମିଣ୍ଟନର ମୁଖ୍ୟ ପରିଚାଳନା ସଂସ୍ଥା

## ଥୋମାସ ଓ ଉବେର କପ୍

ବିଡବ୍ଲ୍ୟୁଏଫ୍ ଦ୍ୱାରା କୁଆଲାଲମ୍ପୁରରେ ଏହି ଡ୍ର ଉଠାଣ ହୋଇଛି। ପ୍ରତି ଗ୍ରୁପର ଦୁଇ ଶ୍ରେଷ୍ଠ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବ। ୨୦୧୮ରେ ହୋଇଥିବା ଗତ ସଂସ୍କରଣରେ ଭାରତୀୟ ମହିଳା ଓ ପୁରୁଷ ଦଳ ନକ୍‌ଆଉଟରେ ପ୍ରବେଶ କରିପାରି ନ ଥିଲା। ୨୦୧୬ ଉବେରକପ୍ ସେମିଫାଇନାଲରେ ଭାରତୀୟ ମହିଳା ଦଳ ଚାଇନାଠାରୁ ହାରି ଯାଇଥିଲା। ୨୦୧୪ରେ ନୂଆଦିଲ୍ଲୀରେ ହୋଇଥିବା ସଂସ୍କରଣରେ ମଧ୍ୟ ଭାରତ ସେମିଫାଇନାଲରୁ ବିଦାୟ ନେଇଥିଲା।



୨୦୧୬ରେ ଥୋମାସ କପ୍ ଟ୍ରଫି ଜିତିଥିବା ଆୟୋଜକ ଡେନ୍ମାର୍କ ଏଥର ଗ୍ରୁପ୍ 'ବି'ରେ କୋରିଆ, ଫ୍ରାନ୍ସ ଓ ଜର୍ମାନୀ ସହିତ ସ୍ଥାନ ପାଇଛି। ରେକର୍ଡ ୧୩ ଥର ଥୋମାସ କପ୍ ଜିତିଥିବା ଇଣ୍ଡୋନେସିଆ ଗ୍ରୁପ୍ 'ଏ'ରେ ରହିଛି। ଏହି ଗ୍ରୁପରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ଚାଇନିଜ୍ ତାଇପେ, ଆଲଜେରିଆ ଓ ଥାଇଲାଣ୍ଡ। ଗତ ସଂସ୍କରଣର ରନର୍ସଅପ୍ ଜାପାନ, ମାଲେସିଆ, କାନାଡ଼ା ଓ ଇଂଲଣ୍ଡ ଗ୍ରୁପ୍ 'ଡି'ରେ ରହିଛନ୍ତି। ଉବେର କପ୍‌ରେ ଗତଥରର ଚାମ୍ପିୟନ ଜାପାନ, ଇଣ୍ଡୋନେସିଆ, ଜର୍ମାନୀ ଓ ଫ୍ରାନ୍ସ ଗ୍ରୁପ୍ ଏ'ରେ ରହିଛନ୍ତି। ଗ୍ରୁପ୍ 'ସି'ରେ କୋରିଆ, ଚାଇନିଜ୍ ତାଇପେ, ତାହିତି ଓ ଇଜିପ୍ଟ ସ୍ଥାନ ପାଇଛି। ୧୪ ଥର ଟୁର୍ନାମେଣ୍ଟ ଜିତିଥିବା ଚାଇନା ୨୦୧୮ରେ କିନ୍ତୁ ଫାଇନାଲରେ ପ୍ରବେଶରୁ ବଞ୍ଚିତ ହୋଇଥିଲା। ୧୯୮୦ରେ ସେ ଏହି ପ୍ରତିଯୋଗିତାରେ ଭାଗନେବା ପରଠାରୁ ପ୍ରଥମଥର ପାଇଁ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର ଏହି ଦଳ ଗ୍ରୁପ୍ 'ଡି'ରେ ଡେନ୍ମାର୍କ, ମାଲେସିଆ ଓ କାନାଡ଼ା ସହିତ ସ୍ଥାନ ପାଇଛି। ଥୋମାସ ଓ ଉବେର କପ୍ ପ୍ରକୃତରେ ଗତବର୍ଷ ମେ' ୧୬ରୁ ୨୪ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର ଏହାକୁ ସ୍ଥଗିତ ରଖାଯାଇ ଅଗଷ୍ଟ ୧୫ରୁ ୨୩ ପର୍ଯ୍ୟନ୍ତ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ତେବେ କୋଭିଡ୍-୧୯ ମହାମାରୀ ପାଇଁ ଏହାକୁ ପୁଣି ଅକ୍ଟୋବର ମାସକୁ ଘୁଞ୍ଚାଇ ଦିଆଯାଇଛି। ସ୍ୱାସ୍ଥ୍ୟ ସଙ୍କଟକୁ ଦୃଷ୍ଟିରେ ରଖି ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଓ ଚାଇନିଜ୍ ତାଇପେ ପରି ଶୀର୍ଷସ୍ଥାନୀୟ ଦଳ ଓହରି ଯିବାକୁ ନିଷ୍ପତ୍ତି ନେବାରୁ ପ୍ରତିଯୋଗିତା କାର୍ଯ୍ୟସୂଚୀରେ ଗତ ସେପ୍ଟେମ୍ବରରେ ପରିବର୍ତ୍ତନ କରାଯାଇଥିଲା।

# ଇଂଲଣ୍ଡ ଦଳରେ ମଲନ, ସିବ୍ଲି ବାଦ୍

ଲଣ୍ଡନ,୧୮।୮(ପି.ଟି.)

ଭାରତ ବିପକ୍ଷ ତୃତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଦଳରେ କେତୋଟି ପରିବର୍ତ୍ତନ କରିଛି। ଫର୍ମ ପାଇଁ ସଂଘର୍ଷ କରୁଥିବା ଓପନର ଡୋମ ସିବ୍ଲିଙ୍କୁ ଦଳରୁ ବାଦ୍ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ଦାଓ୍ୱିଦ ମଲନଙ୍କୁ ସାମିଲ କରାଯାଇଛି। ସେହିପରି ଦ୍ରୁତ ବୋଲର ସାକିବ ମହମ୍ମୁଦଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ଆହତ ଦ୍ରୁତ ବୋଲର ମାର୍କ ଉଡ୍ ୧୫ଜଣିଆ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଅଗଷ୍ଟ ୨୫ରେ ଲିଡ୍ସରେ ଆରମ୍ଭ ହେବାକୁ ଥିବା ତୃତୀୟ ଟେଷ୍ଟ ପାଇଁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ୧୫୧ ରନରେ ଇଂଲଣ୍ଡକୁ ହରାଇ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୩ ବର୍ଷ ପରେ ମଲନ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୮ ଅଗଷ୍ଟରେ ସେ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ଏଜବାଷ୍ଟନରେ ଅନୁଷ୍ଠିତ ଏହି ଟେଷ୍ଟରେ ଇଂଲଣ୍ଡ ଭାରତକୁ

## ତୃତୀୟ ଟେଷ୍ଟ

ହରାଇଥିଲା। ଟେଷ୍ଟ ଖେଳିବାର ମଲନଙ୍କ ନିକଟରେ ଅଭିଜ୍ଞତା ରହିଛି। ତେଣୁ ସେ ଦଳରେ ସ୍ଥାନ ପାଇବା ପାଇଁ ଯୋଗ୍ୟ ବୋଲି ଇଂଲଣ୍ଡ ହେଡ କୋଚ୍ କ୍ରିସ୍ ସିଲଭରଉଡ କହିଛନ୍ତି। ସେ ମଧ୍ୟ ଘରୋଇ କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲର ମାର୍କ ଉଡ୍‌ଙ୍କ ଇଞ୍ଜୁରି ନେଇ ମେଡିକାଲ ଟିମ୍ କାର୍ଯ୍ୟ କରୁଛି। ତୃତୀୟ ଟେଷ୍ଟ ବେଳକୁ ସେ ଫିଟ୍ ହୋଇଥିବେ ବୋଲି ସିଲଭରଉଡ କହିଛନ୍ତି। ଅପରପକ୍ଷରେ ସାକିବ ମହମ୍ମୁଦ ଏପର୍ଯ୍ୟନ୍ତ ଟେଷ୍ଟରେ ଡବ୍ୟୁ କରିନାହାନ୍ତି। ତେବେ ୨୪ ବର୍ଷୀୟ ସାକିବ ଶ୍ରୀଲଙ୍କା ଗସ୍ତରେ ରିଜର୍ଭ ଖେଳାଳିଭାବେ ସ୍ଥାନ ପାଇଥିଲେ। ରବିବାର ଇଂଲଣ୍ଡ ଦଳ ଲିଡ୍ସରେ ପହଞ୍ଚିବ।

**ଇଂଲଣ୍ଡ ଦଳ:** ଜୋ ରୁଟ (ଅଧିନାୟକ), ମୋଇନ ଅଲି, ଜେମ୍ସ ଆଣ୍ଡରସନ, ଜୋନାଥନ ବେୟାରଷ୍ଟୋ, ରୋରି ବର୍ନ୍ସ, ଜୋଶ ବଟଲର, ସାମ କୁରାନ, ହାସିବ ହମିଦ, ଡାନ ଲରେନ୍ସ, ସାକିବ ମହମ୍ମୁଦ, ଦାଓ୍ୱିଦ ମଲନ, କ୍ରେଗ ଓଭରଟନ, ଓଲି ପୋପ, ଓଲି ରବିନସନ ଓ ମାର୍କ ଉଡ।

# ଜାପାନିଜ ଗ୍ରାଁପ୍ରି ବାତିଲ

**ଟୋକିଓ,୧୮।୮(ଏପି):** କୋଭିଡ୍-୧୯ ମହାମାରୀ କାରଣରୁ ଆଉ ଏକ ମେଗା କ୍ରୀଡ଼ା ଇଭେଣ୍ଟ ବାତିଲ ହୋଇଛି। ଚଳିତ ବର୍ଷ ଜାପାନିଜ ଫର୍ମୁଲା-୧ ଗ୍ରାଁପ୍ରିକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ସରକାର, ରେସ୍ ପ୍ରମୋଟର ଓ ଫର୍ମୁଲା-୧ ଆୟୋଜକଙ୍କ ମଧ୍ୟରେ ଆଲୋଚନା ହେବା ପରେ ବୁଧବାର ଏହି ନିଷ୍ପତ୍ତି ନିଆଯାଇଛି। ତୁର୍କୀ ଓ ଆମେରିକା ଇଭେଣ୍ଟ ମଧ୍ୟରେ ଅକ୍ଟୋବର ୧୦ରେ ସୁଜୁକାରେ ଜାପାନିଜ ଗ୍ରାଁପ୍ରି ଫର୍ମୁଲା-୧ ରେସ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ଦେଶରେ କରୋନା ମହାମାରୀର ପ୍ରକୋପ ଜାରି ରହିଛି ଓ ଏଥିପାଇଁ ବିଭିନ୍ନ ସମସ୍ୟା ଉପୁଜିଛି। ତେଣୁ ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଜାପାନ ସରକାର ଏହି ମେଗା ଇଭେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଫର୍ମୁଲା-୧ ତରଫରୁ କୁହାଯାଇଛି। ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ନେଇ ଫର୍ମୁଲା-୧ କାର୍ଯ୍ୟକରୁଛି ଓ ଆଗାମୀ କିଛି ସପ୍ତାହ ମଧ୍ୟରେ ଏ ନେଇ ସବୁକିଛି ସ୍ପଷ୍ଟ କରାଯିବ ବୋଲି କୁହାଯାଇଛି। ଏହାପୂର୍ବରୁ ଅଷ୍ଟ୍ରେଲିଆନ ଓ ସିଙ୍ଗାପୁର ଗ୍ରାଁପ୍ରିକୁ ବାତିଲ କରାଯାଇଥିଲା। ପୁଣି ସାଂଘାଇରେ ଆୟୋଜନ ହେବାକୁ ଥିବା ଚାଇନିଜ ଜିପିକୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। ମହାମାରୀ ସତ୍ତ୍ୱେ ଜାପାନ ସରକାର ଟୋକିଓ ଅଲିମ୍ପିକ୍ସକୁ ସଫଳତାର ସହ ଆୟୋଜନ କରିଥିଲେ ମଧ୍ୟ ଏହି ରେସ୍‌କୁ ବାତିଲ କରିଛନ୍ତି। ଅଲିମ୍ପିକ୍ସ ଆରମ୍ଭ ହେବାର ୧୭ ଦିନ ମଧ୍ୟରେ କରୋନା ସଂକ୍ରମଣ ୩ଗୁଣ ବୃଦ୍ଧି ପାଇଛି। ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୮ରେ ଶେଷ ହୋଇଥିଲା। ତେବେ ଅଲିମ୍ପିକ୍ସ ଆୟୋଜନ ସହିତ ଏହି ସଂକ୍ରମଣର କୌଣସି ସମ୍ପର୍କ ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି।

# ଗଞ୍ଜାମ, ଅନୁଗୋଳ, ଜଗତ୍‌ସିଂହପୁର ବିଜୟୀ







ପନକଲା ଶଶାଙ୍କ, ଦେବାଶିଷ ବେହେରା ଓ ଜାହିଦ ଖାଁ।

ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୩ଟି ଲିଗ୍ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ, ଅନୁଗୋଳ ଓ ଜଗତ୍‌ସିଂହପୁର ବିଜୟ ହାସଲ କରିଛି।

ସିଭି ରମଣ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୫ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ୫୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ କରିଥିଲା। ଦଳ ପକ୍ଷରୁ ଶିବମ୍ ଅଗ୍ରୱାଲ ସର୍ବାଧିକ ୬୧ ଓ ଶୁଭ୍ରଜିତ ଜେନା ୫୬ ରନ କରିଥିଲେ। ଜବାବରେ ଗଞ୍ଜାମ ଦେବାଶିଷ ବେହେରାଙ୍କ ଶତକ ସହାୟତାରେ ୪୪.୫ ଓଭରରେ ୫ ଉଇକେଟ ହରାଇ ୨୧୦ ରନ ସଂଗ୍ରହ

## ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ

କରି ନେଇଥିଲା। ଦେବାଶିଷ ୧୦୮ ବଲ୍‌ରୁ ୧୦୫ ରନ କରି ଅପରାଜିତ ରହିଥିଲେ। ସେଞ୍ଚୁରିଅନ ପଡ଼ିଆରେ ଆୟୋଜିତ ମ୍ୟାଚରେ ଅନୁଗୋଳ ୯ ଉଇକେଟରେ ବୌଦ୍ଧକୁ ହରାଇ ଦେଇଛି। ବୌଦ୍ଧ ୩୮ ଓଭରରେ ୧୧୭ ରନକରି ଅଲ୍‌ଆଉଟ ହୋଇଥିଲା। ଅନୁଗୋଳ ୨୧.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରି ନେଇଥିଲା। ପନକଲା ଶଶାଙ୍କ ସର୍ବାଧିକ ୫୪ ରନ କରିଥିଲେ। ଖୋର୍ଦ୍ଧା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୮ ଉଇକେଟରେ ରାୟଗଡ଼ାକୁ ହରାଇ ଦେଇଛି। ରାୟଗଡ଼ା ୧୬ ଓଭରରେ ମାତ୍ର ୬୦ ରନ କରି ସମସ୍ତ ଉଇକେଟ ହରାଇଥିବାବେଳେ ଜଗତ୍‌ସିଂହପୁର ୧୪.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ଜାହିଦ ଖାଁ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

# ରବିନ୍ଦରଙ୍କୁ ରୌପ୍ୟ, ଯଶ୍, ପାଟିଲ, ଅନିରୁଦ୍ଧଙ୍କୁ ବ୍ରୋଞ୍ଜ

**ଉଫା (ରୁଷିଆ), ୧୮।୮(ପି.ଟି.):** ଏଠାରେ ଚାଲିଥିବା ବିଶ୍ୱ ଜୁନିୟର ରେସଲିଂ ଚାମ୍ପିୟନଶିପ୍‌ରେ ଭାରତର ରବିନ୍ଦର ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ସେ ଇରାନୀୟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩-୯ ପଏଣ୍ଟ ବ୍ୟବଧାନରେ ହାରି ଯାଇଛନ୍ତି। ତେବେ ମହିଳା ୭୬ କେଜି ବିଭାଗରେ ବିପାଶା ଫାଇନାଲରେ ପ୍ରବେଶ କରି ଭାରତର ସ୍ୱର୍ଣ୍ଣ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ରିପିଚେଜ୍ ରାଉଣ୍ଡରୁ ପୂରା ଫାଇଦା ଉଠାଇ ଯଶ(୭୪ କେଜି), ପୃଥ୍ୱୀ ବାବାସାହେବ ପାଟିଲ (୯୨ କେଜି) ଓ ଅନିରୁଦ୍ଧ (୧୨୫ କେଜି) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫଳରେ ଭାରତ ଏହାର ପୁରୁଷ ଫ୍ରିଷ୍ଟାଇଲ୍ ଅଭିଯାନ ୬ ପଦକ ସହ ଶେଷ କରିଛି। ଗୌରବ ବାଲିୟାନ (୭୯ କେଜି) ଦୀପକ (୯୭ କେଜି) ଗତ ମଙ୍ଗଳବାର ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଓଡ଼ିଶା ଏଫ୍‌ସିରେ ଯୋଗଦେଲେ କୋଚ୍ ଅନ୍‌ଶୁଲ କଟିୟାର

ଭୁବନେଶ୍ୱର, ୧୮।୮(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ର ୮ମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ସହ ଯୋଗ ଦେଇଛନ୍ତି ସହକାରୀ କୋଚ୍ ଅନ୍‌ଶୁଲ କଟିୟାର। ଏଏଫ୍‌ସି ଏ-ଲାଇସେନ୍ସଧାରୀ ଅନ୍‌ଶୁଲ ପୂର୍ବରୁ ଆଇଏସ୍‌ଏଲ କ୍ଲବ ହାଇଦ୍ରାବାଦ ଏଫ୍‌ସି ଓ ଏଫ୍‌ସି ପୁଣେ ସିଟି ସହିତ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ସେ ହାଇଦ୍ରାବାଦ ଏଫ୍‌ସି ୟୁଥ୍ ଡେଭଲପ୍‌ମେଣ୍ଟର ମୁଖ୍ୟ ଥିଲେ। ଏହା ବ୍ୟତୀତ ଏହାର ରିଜର୍ଭ ଦଳର ମଧ୍ୟ ମୁଖ୍ୟଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ବ୍ୟତୀତ ସେ ଦିଲ୍ଲୀ ୟୁନାଇଟେଡ ଏଫ୍‌ସି, ଗଢ଼ୱାଲ ଏଫ୍‌ସି ଏବଂ ବାଇଚୁଙ୍ଗ୍ ଭୂଟିଆ ଫୁଟବଲ ସ୍କୁଲ ସହିତ ମଧ୍ୟ ଜଡ଼ିତ ଥିଲେ। ଓଡ଼ିଶା ଏଫ୍‌ସି ପ୍ରୋଜେକ୍ଟର ଅଂଶବିଶେଷ ହୋଇଥିବାରୁ ଖୁସି ଜାହିର କରିଛନ୍ତି ଅନ୍‌ଶୁଲ। ମୁଖ୍ୟ କୋଚ୍ କିକୋ ରାମିରେଜଙ୍କ ସହ କାର୍ଯ୍ୟ କରିବାକୁ ବ୍ୟଗ୍ର ବୋଲି କହିଛନ୍ତି। ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ସହ ଫୁଟବଲ ସଂସ୍କୃତି ତିଆରି କରିବା ଉପରେ ସେ ମନୋନିବେଶ କରିବେ



ବୋଲି ପ୍ରକାଶ କରିଛନ୍ତି। କିକୋ କହିଛନ୍ତି ଯେ, ଅନ୍‌ଶୁଲ ଜଣେ ଭାରତୀୟ। ତେଣୁ ଭାରତୀୟ ଖେଳାଳି କ'ଣ ଚାହୁଁଛନ୍ତି ସେ ସମ୍ପର୍କରେ ଆମକୁ ବିଶେଷ ସହାୟକ ହୋଇପାରିବେ। କାରଣ ଫୁଟବଲ ସମ୍ପର୍କରେ ତାଙ୍କର ବହୁତ ଜ୍ଞାନ ଅଛି। ସେ ଆଇଏସ୍‌ଏଲ ପ୍ରତିଯୋଗିତା ଏବଂ ବିଭିନ୍ନ ଦଳ ସମ୍ପର୍କରେ ଜାଣିଛନ୍ତି। ଏହା ଆମ ପାଇଁ ଅନେକ ଗୁରୁତ୍ୱ ବହନ କରିବ।

# ମଧୁର ଅନୁଭୂତି ନେଇ ଫେରିଲେ ହକି ଖେଳାଳି

ଭୁବନେଶ୍ୱର,୧୮।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଦୁଇଦିନିଆ ଗସ୍ତ ଶେଷ କରି ଭାରତୀୟ ପୁରୁଷ ଓ ମହିଳା ହକି ଦଳ ବୁଧବାର ପ୍ରତ୍ୟାବର୍ତ୍ତନ କରିଛି। ଟୋକିଓ ଅଲିମ୍ପିକ୍ସରେ ମନ୍‌ପ୍ରୀତ ସିଂଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ ଦଳ ସେମିଫାଇନାଲରେ ପହଞ୍ଚିବା ସହ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ଦୀର୍ଘ ୪୧ ବର୍ଷ ପରେ ଭାରତକୁ ଅଲିମ୍ପିକ୍ସ ପଦକ ମିଳିଥିଲା। ସେହିପରି ରାଣୀ ରାମପାଲଙ୍କ ନେତୃତ୍ୱରେ ମହିଳା ଦଳ ମଧ୍ୟ ପ୍ରଥମଥର ପାଇଁ ଅଲିମ୍ପିକ୍ସ ସେମିଫାଇନାଲରେ ପ୍ରବେଶ କରି ଐତିହାସିକ ସଫଳତା ହାସଲ କରିଥିଲା। ଉପଲବ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଦୁଇ ଦଳକୁ ସମ୍ମାନିତ କରିବା ସହ ପୁରସ୍କୃତ କରିଥିଲେ। ଉଭୟ ପୁରୁଷ ଓ ମହିଳା ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଆଉ ୧୦ ବର୍ଷ ଅର୍ଥାତ୍ ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ସରକାର ପୁରୁଷ ଓ ମହିଳା ଦଳର ପ୍ରାୟୋଜକ ରହିବ ବୋଲି ଘୋଷଣା କରିଥିଲେ। ଏହାକୁ ବାଦ୍ ଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୧୩ଟି ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ।

ଓଡ଼ିଶା ସରକାରଙ୍କ ଏହି ବଦାନ୍ୟତାରେ ଖେଳାଳିମାନେ ବେଶ୍ ଖୁସି ପ୍ରକାଶ କରିଛନ୍ତି ଓ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଏହାକୁ ଐତିହାସିକ ବୋଲି କହିଛନ୍ତି। ଓଡ଼ିଶା ଆମର ଦ୍ୱିତୀୟ ଘର ବୋଲି ଖେଳାଳିମାନେ ସେମାନଙ୍କ ପୂର୍ବ ବକ୍ତବ୍ୟକୁ ଦୋହରାଇଛନ୍ତି। ଓଡ଼ିଆ ଦର୍ଶକ, ପ୍ରଶଂସକ ତଥା ଲୋକଙ୍କଠାରୁ ବହୁତ ସମ୍ମାନ ଓ ଆଦର ପାଇଛୁ। ଅଳ୍ପକେ ଅଲିମ୍ପିକ୍ସ ପଦକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଓଡ଼ିଶା ସରକାର ମହିଳା ଦଳକୁ ଚାମ୍ପିୟନ ଭଳି ସମ୍ମାନିତ କରିଥିଲେ। ଏଭଳି ମଧୁର ତଥା ପ୍ରେରଣାଦାୟୀ ଅନୁଭୂତି ନେଇ ଖେଳାଳିମାନେ ସେମାନଙ୍କ ଘରକୁ ଫେରିଛନ୍ତି।






ବୁଧବାର ଭୁବନେଶ୍ୱର ଛାଡ଼ିବା ଅବସରରେ ଭାରତୀୟ ମହିଳା ଓ ପୁରୁଷ ଦଳର ହକି ଖେଳାଳିମାନେ।

# ଅବିଶ୍ୱସନୀୟ ବିଜୟ

ଭିଭିଏସ୍ ଲକ୍ଷ୍ମଣ

ଲର୍ଡ୍ସଠାରେ ଇଂଲଣ୍ଡ ବିପକ୍ଷ ବିଜୟ ଅବିଶ୍ୱସନୀୟ ଥିଲା। ମ୍ୟାଚଟି ସମ୍ପୂର୍ଣ୍ଣ ୫ଦିନ ଖେଳାଯାଇଥିଲା। ଭାରତୀୟ ଦଳର ପରାକ୍ରମ ମୋତେ ପ୍ରଭାବିତ କରିଥିଲା। ତେବେ ଚଳିତବର୍ଷ ଏହା ପ୍ରଥମ ଦୃଷ୍ଟାନ୍ତ ନ ଥିଲା। ଏକଦା ମ୍ୟାଚ ଇଂଲଣ୍ଡ ସପକ୍ଷରେ ରହିଥିଲା। ମାତ୍ର ଭାରତ ଚମତ୍କାର ପ୍ରଦର୍ଶନ ସହ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ରହିଥିଲା। ଏକ ବଡ଼ ପାର୍ଟନରଶିପ୍ ମ୍ୟାଚର ଗତିପଥ ବଦଳାଇ ଦେଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ତାହା ମଧ୍ୟ ଏଠାରେ ଦେଖିବାକୁ ମିଳିଛି। ଭାରତର ଦ୍ୱିତୀୟ ଇନିଂସ ସ୍କୋର ୨୦୦ ତଳେ ରହିଥିବାବେଳେ ମହମ୍ମଦ ଶାମିଙ୍କ ସହ ବ୍ୟାଟିଂରେ ଯୋଗ ଦେଇଥିଲେ ଯଶପ୍ରୀତ ବୁମ୍‌ରା। ଜେମ୍ସ ଆଣ୍ଡରସନ ତାଙ୍କୁ ଆଉଟ କରିବା ଲାଗି ଆପ୍ରାଣ ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲେ। ଫଳରେ ଭାରତୀୟ ଦଳର ସ୍କୋର ଆଗକୁ ବଢ଼ିବାରେ ଲାଗିଥିଲା। ଇଂଲଣ୍ଡର ଯୋଜନା ଫସର ଫାଟିଯାଇଥିଲା। ବୁମ୍‌ରା ଓ ଶାମି ଦୃଢ ଆତ୍ମବିଶ୍ୱାସ ସହିତ ବ୍ୟାଟିଂ କରୁଥିଲେ। ଉଭୟଙ୍କ ବ୍ୟାଟ୍‌ରୁ କେତୋଟି ଆକର୍ଷଣୀୟ ଶଟ୍ ମଧ୍ୟ ଦେଖିବାକୁ ମିଳିଥିଲା। ଲଞ୍ଚ ବ୍ରେକ୍ ସମୟରେ ଡ୍ରେସିଂ ରୁମ୍‌ରେ ଏହି ଦୁଇ ଖେଳାଳିଙ୍କୁ ସ୍ୱାଗତ କରିବା ଲାଗି ଅପେକ୍ଷା କରି ରହିଥିଲେ ସାଥୀ ଖେଳାଳିମାନେ। ଏକ ସ୍ଲୋ ଓ ପ୍ଲାସିଡ୍ ଉଇକେଟରେ ଭାରତର ୪ଜଣିଆ ପେସ୍ ଆଟାକ୍ ଇଂଲଣ୍ଡକୁ ୬୦ ଓଭରରେ ଦ୍ୱିତୀୟ ଥର ଅଲ୍‌ଆଉଟ କରିବା କହିବାକୁ ଗଲେ ଏକ ପରୀକ୍ଷା ଥିଲା। ମହମ୍ମଦ ସିରାଜ, ବୁମ୍‌ରା, ଶାମି ଓ ଇଶାନ୍ତ ଶର୍ମା ବିରାଟ କୋହଲିଙ୍କୁ ନିରାଶ କରି ନ ଥିଲେ। ସେମାନଙ୍କ ବଡି ଲାଙ୍ଗୁଏଜ୍ କହୁଥିଲା ସତେ ଯେପରି ସେମାନେ ଦଳକୁ ଜିତାଇବା ଲାଗି ବଦ୍ଧପରିକର। ପ୍ରଥମ ଇନିଂସରେ ଜୋ ରୁଟ୍‌ଙ୍କ ବ୍ୟାଟିଂ ଆକର୍ଷଣୀୟ ରହିଥିଲା। ସେ ଏକାକୀ ଲଢୁଥିବା ଭଳି ମନେ ହେଉଥିଲେ। ଜନି ବେୟାରଷ୍ଟୋଙ୍କୁ ଛାଡ଼ିଦେଲେ ଅନ୍ୟ କାହାରିଠାରୁ ଆଶାଜନକ ପ୍ରଦର୍ଶନ ଦେଖିବାକୁ ମିଳି ନ ଥିଲା। ଆଗକୁ ଆହୁରି ୩ଟି ଟେଷ୍ଟ ମ୍ୟାଚ ଖେଳାଯିବାକୁ ବାକି ରହିଛି। ମୋ ମତରେ ଲର୍ଡ୍ସରେ ଏହି ବିଜୟ କୌଣସି ସିରିଜ ବିଜୟ ତୁଳନାରେ କମ୍ ନୁହେଁ। ଇଂଲଣ୍ଡ ପରିବେଶରେ ଯେଉଁଭଳି ବ୍ୟାଟିଂର ଆବଶ୍ୟକତା ରହିଛି, ତାହା କେ.ଏଲ. ରାହୁଲ ଓ ରୋହିତ ଶର୍ମାଙ୍କଠାରୁ ଦେଖିବାକୁ ମିଳୁଛି। ଦ୍ୱିତୀୟ ଇନିଂସରେ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ଖେଳକୁ ଲକ୍ଷ୍ୟ କଲେ ଉଭୟେ ରିଦିମ୍‌କୁ ଫେରୁଥିବା ମନେହେଉଛି, ଯାହା ଇଂଲଣ୍ଡ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇପାରେ। ମୋଟ ଉପରେ କହିବାକୁ ଗଲେ ଦଳଗତ ପ୍ରଦର୍ଶନ ଯୋଗୁ ଏହି ବିଜୟ ସମ୍ଭବପର ହୋଇପାରିଛି। (ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ପ୍ରଥମ ବ୍ୟାଚ୍ ଆଥ୍‌ଲେଟଙ୍କୁ ବିଦାୟୀ ସମ୍ବର୍ଦ୍ଧନା



ଟୋକିଓ ଯାତ୍ରା ପୂର୍ବରୁ ଭାରତର ପ୍ରଥମ ପର୍ଯ୍ୟାୟ ପାରାଲିମ୍ପିକ୍ସ ଦଳଙ୍କୁ ବିଦାୟୀ ସମ୍ବର୍ଦ୍ଧନା।

**ଟୋକିଓ ପାରାଲିମ୍ପିକ୍ସ**

**ନୂଆଦିଲ୍ଲୀ,୧୮।୮(ପି.ଟି.)** ଆସନ୍ତା ୨୪ରୁ ସେପ୍ଟେମ୍ବର ୫ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଟୋକିଓ ପାରାଲିମ୍ପିକ୍ସ ପାଇଁ ପ୍ରଥମ ବ୍ୟାଚ୍‌ର ଭାରତୀୟ ଆଥ୍‌ଲେଟ ଯାତ୍ରା ଆରମ୍ଭ କରିଛନ୍ତି। ଭାରତର ପତାକା ବାହାକ ଥଙ୍ଗାଭେଲୁ ମାରିୟାପାନଙ୍କ ସମେତ ଏହି ପ୍ରଥମ ବ୍ୟାଚ୍‌ର ଆଥ୍‌ଲେଟମାନଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

ଏହି ୮ଜଣିଆ ଗ୍ରୁପ୍‌କୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ କ୍ରୀଡ଼ା ମନ୍ତ୍ରଣାଳୟ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ର ଅଧିକାରୀମାନେ ବିଦାୟ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ପୂରା ଦେଶ ଆମକୁ ଉତ୍ସାହିତ କରିଛନ୍ତି। ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ପ୍ରତ୍ୟେକ ଆଥ୍‌ଲେଟମାନଙ୍କୁ ଆମେ ଶୁଭେଚ୍ଛା ଜଣାଉଛୁ ବୋଲି ପିସିଆଇ ଅଧ୍ୟକ୍ଷ ଦୀପା ମଲିକ କହିଛନ୍ତି।

ପ୍ରଥମଥର ପାଇଁ ସ୍ୱୟଂ ଇଣ୍ଡିଆ ତରଫରୁ ହ୍ୱିଲଚେୟାର ଉପରେ ନିର୍ଭରଶୀଳ ଥିବା ପାରା ଆଥ୍‌ଲେଟଙ୍କ ପାଇଁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ସ୍ୱୟଂ ଇଣ୍ଡିଆ ପିସିଆଇ ମଧ୍ୟରେ ସହଭାଗିତା ରହିଛି। କେବଳ ଆଥ୍‌ଲେଟ ନୁହଁ ସବୁ ଲୋକମାନେ ଯେଉଁମାନେ ସାଧାରଣ ଲୋକଙ୍କ ଭଳି ଚଳପ୍ରଚଳ କରି ନ ପାରନ୍ତି ସେମାନଙ୍କୁ ଏହି ବାହନ ପ୍ରଦାନ କରାଯିବ। ଆମ ଖେଳାଳିମାନେ ଆମର ଗର୍ବ ଓ ଗୌରବ। ପୂରା ସ୍ୱାଧୀନତା ସହ ସେମାନଙ୍କର ଯାତ୍ରା କରିବାର ଅଧିକାର ରହିଛି ବୋଲି ସ୍ୱୟଂ ଇଣ୍ଡିଆ ପ୍ରତିଷ୍ଠାତା ସ୍ମିନୁ ଜିନ୍ଦଲ କହିଛନ୍ତି।

ହରିୟାଣାର ରେୱାରିରୁ ଆସିଥିବା ଆଥ୍‌ଲେଟ ଟେକ୍ ଚାନ୍ଦ ଓ ନୋଏଡାରୁ ବିମାନ ବନ୍ଦର ଆସିଥିବା ଦୀପା ମଲିକ ଏହି ହ୍ୱିଲ ଚେୟାର ବ୍ୟବହାର କରିଛନ୍ତି। ଟୋକିଓ ପାରାଲିମ୍ପିକ୍ସରେ ଭାରତ ତା'ର ଅଭିଯାନ ଅଗଷ୍ଟ ୨୫ରୁ ଆରମ୍ଭ କରିବ। ଭବିନା ପଟେଲ ଓ ସୋନାଲ ପଟେଲ ପାରା ଟେବୁଲ ଟେନିସରୁ ଦେଶ ପାଇଁ ପ୍ରଥମେ ମୁକାବିଲାରେ ଅବତୀର୍ଣ୍ଣ ହେବେ।

# ରାଇଜ୍ ୱାର୍ଲ୍ଡ ୱାଇଡ୍ ସହ କିଷନଙ୍କ ଚୁକ୍ତି

**ମୁମ୍ବାଇ,୧୮।୮(ପି.ଟି.)** ଭାରତୀୟ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ଜଣାଶୁଣା ମ୍ୟାନେଜମେଣ୍ଟ ତଥା ମାର୍କେଟିଂ କମ୍ପାନୀ 'ରାଇଜ୍ ୱାର୍ଲ୍ଡୱାଇଡ' ସହ ଚୁକ୍ତି କରିଛନ୍ତି। ନିଜର ଗ୍ଲୋବାଲ ମ୍ୟାନେଜମେଣ୍ଟ ଓ ମାର୍କେଟିଂ ରିପ୍ରେଜେଣ୍ଟେଶନ ପାଇଁ ସେ ଏହି ଚୁକ୍ତି କରିଛନ୍ତି। ୨୦୧୬ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଇଶାନ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ଇଶାନ ଟି୨୦ ଡେବ୍ୟୁ କରିଥିଲେ। ଏହାପରେ ସେ ଗତ ଶ୍ରୀଲଙ୍କା ଗସ୍ତରେ ଦିନିକିଆ ପଦାର୍ପଣ କରିଥିଲେ। ଗତ ଦୁଇବର୍ଷ ହେବ ଜଣେ ବ୍ୟକ୍ତି ଓ କ୍ରିକେଟର ଭାବେ ମୋର ଯାତ୍ରା ଅବିଶ୍ୱସନୀୟ ରହିଆସିଛି। ଏବେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରବେଶ କରୁଛି। ଏଥିରେ ମତେ ରାଇଜ୍ ୱାର୍ଲ୍ଡୱାଇଡ୍ ପଡିଆ ବାହାରେ ସାହାଯ୍ୟ ଓ ସମର୍ଥନ କରୁଥିବାରୁ ଖୁସି ଅଛି ବୋଲି ଇଶାନ କହିଛନ୍ତି।



ଇଶାନ କିଷନ

# ଭାରତୀୟ ମିକ୍ସଡ ରିଲେ ଦଳକୁ ବ୍ରୋଞ୍ଜ



୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ମିକ୍ସଡ୍ ରିଲେ ଦଳ।

**୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ**

**ନାଇରୋବି,୧୮।୮(ପି.ଟି.):** ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ମିକ୍ସଡ ୪x୪୦୦ମିଟର ରିଲେ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଛି। ଏଥିସହ ଭାରତ ଏହି ମେଗା ଇଭେଣ୍ଟ ଇତିହାସରେ ପଞ୍ଚମ ପଦକ ହାସଲ କରିଛି।

ଏସ୍. ଭରତ, ପ୍ରିୟା ମୋହନ, ସୁମି ଓ କପିଲଙ୍କୁ ନେଇ ଗଠିତ ଭାରତୀୟ ଦଳ ୩:୨୦.୬୦ ସେକେଣ୍ଡ ସମୟ ନେଇ ଫାଇନାଲରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛି। ଏହି ଇଭେଣ୍ଟରେ ନାଇଜେରିଆ ଓ ପୋଲାଣ୍ଡ ୩:୧୯.୭୦ ଓ ୩: ୧୯.୮୦ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଭାରତୀୟ ଦଳ ରେକର୍ଡ ୩:୨୩. ୩୬ ସେକେଣ୍ଡ ସମୟ ନେଇ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବେ ବୁଧବାର ସକାଳେ ଫାଇନାଲରେ ପ୍ରବେଶ କରିଥିଲା।

କିନ୍ତୁ ଏହି ରେକର୍ଡ ବେଶି ସମୟ ତିଷ୍ଠିପାରି ନ ଥିଲା। କାରଣ ନାଇଜେରିଆର ଆଥ୍‌ଲେଟମାନେ ଦ୍ୱିତୀୟ ହିଟ୍‌ରେ ୩: ୨୧.୬୬ ସେକେଣ୍ଡ ସମୟ ନେଇ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲେ। ଏହାପୂର୍ବରୁ ଏହି ଚାମ୍ପିୟନଶିପ୍‌ରେ ୨୦୦୨ରେ ମହିଳା ଡିସ୍କସ୍ ଥ୍ରୋୟର ସୀମା ଆଣ୍ଟିଲ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ୨୦୧୪ରେ ନବଜିତ କୌର ଧିଲୋନ ଡିସ୍କସ ଥ୍ରୋରେ ବ୍ରୋଞ୍ଜ ଜିତିଥିଲେ। ୨୦୧୬ରେ ନୀରଜ ଚୋପ୍ରା ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୧୮ରେ ହୀମା ଦାସ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ୬ ଦଳ ମହିଳା ଆଇପିଏଲ୍ ସପକ୍ଷରେ ସ୍ମୃତି

**ନୂଆଦିଲ୍ଲୀ, ୧୮।୮(ପି.ଟି.)** ମହିଳା ଆଇପିଏଲ୍‌କୁ ୬ ଦଳ ବିଶିଷ୍ଟ କରିବା ସପକ୍ଷରେ ମତ ରଖିଛନ୍ତି ତାରକା ଭାରତୀୟ ଓପନର ସ୍ମୃତି ମନ୍ଧାନା। ଏଥିପାଇଁ ଦେଶରେ ପର୍ଯ୍ୟାପ୍ତ ଖେଳାଳି ଅଛନ୍ତି ଏବଂ ୬ ଦଳ ଖେଳିବା ଦ୍ୱାରା ଭାରତୀୟ ଦଳର ବେଞ୍ଚ୍ ଷ୍ଟ୍ରେନ୍ଥ ବଢ଼ିବ ବୋଲି ସେ ଅନୁଭବ କରୁଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ ଆରମ୍ଭ ହେବା ପରଠାରୁ ଭାରତୀୟ ପୁରୁଷ ଦଳର ପ୍ରଦର୍ଶନରେ ଉନ୍ନତି ହୋଇଛି। ମହିଳା କ୍ରିକେଟ କ୍ଷେତ୍ରରେ ମଧ୍ୟ ସମାନ ନୀତି ଆପଣାଯିବା ଉଚିତ ବୋଲି ଏହି ୨୩ ବର୍ଷୀୟା ଖେଳାଳି ପ୍ରକାଶ କରିଛନ୍ତି। ଭାରତର ଯେତେ ରାଜ୍ୟରୁ ପୁରୁଷ ଖେଳାଳି ଖେଳୁଛନ୍ତି ସେତେ ରାଜ୍ୟରେ ମହିଳା ଖେଳାଳି ମଧ୍ୟ ଅଛନ୍ତି। ଆଇପିଏଲ ଆରମ୍ଭ ହେବା ପରଠାରୁ ପୁରୁଷ ଦଳରେ କ୍ୱାଲିଟି ଖେଳାଳିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଜି ଆଇପିଏଲ ଯେପରି ହେଉଛି ୧୦ କିମ୍ବା ୧୧ ବର୍ଷ ପୂର୍ବରୁ ସେପରି ହେଉ ନ ଥିଲା। ମୋ ମତରେ ମହିଳା କ୍ରିକେଟ କ୍ଷେତ୍ରରେ ସେହି ନୀତି ଆପଣାଯାଉ। ଏବେ ଦେଶରେ ମହିଳା କ୍ରିକେଟ ଖେଳାଳିଙ୍କ ସଂଖ୍ୟାରେ ଅଭାବ ନାହିଁ'' ବୋଲି ରବିଚନ୍ଦ୍ରନ ଅଶ୍ୱିନଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ମନ୍ଧାନା କହିଛନ୍ତି।

ଏବେଠାରୁ ୫ କିମ୍ବା ୬ ଦଳକୁ ନେଇ ମହିଳା ଆଇପିଏଲ କରାଯିବା ଉଚିତ। ଏହା ହେଲେ ସମ୍ଭବତଃ ବର୍ଷେ ଦୁଇ ବର୍ଷରେ ଏହା ୮ ଦଳରେ ପହଞ୍ଚି ପାରିବ। ମାତ୍ର ଏବେଠାରୁ ଆରମ୍ଭ ନ କଲେ ମହିଳା କ୍ରିକେଟର ଉନ୍ନତି ହୋଇପାରିବ ନାହିଁ ବୋଲି ମନ୍ଧାନା ପ୍ରକାଶ କରିଛନ୍ତି। ମହିଳା ବିଗ୍‌ବାଶ୍ ଲିଗ୍ ଅଷ୍ଟ୍ରେଲିଆ ଦଳର ବେଞ୍ଚ୍‌ଷ୍ଟ୍ରେନ୍ଥ ବଢ଼ାଇବାରେ ସହାୟକ ହୋଇଛି। ମହିଳା ଆଇପିଏଲରେ ସେହି ନୀତି ଅବଲମ୍ବନ କରାଯାଇ ପାରିବ। ମୁଁ ୪ ବର୍ଷ ପୂର୍ବରୁ ଖେଳିଥିଲି, ମାତ୍ର ତା'ର କ୍ୱାଲିଟିରେ ଏବେ ବହୁ ପରିବର୍ତ୍ତନ ହୋଇଛି। ଅଷ୍ଟ୍ରେଲିଆରେ ଏବେ ୪୦-୫୦ କ୍ରିକେଟର ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ଭାରତୀୟ କ୍ରିକେଟରେ ମଧ୍ୟ ତାହା ହେଉ ଏବଂ ଏଥିରେ ଆଇପିଏଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି ମନ୍ଧାନା କହିଛନ୍ତି।




# ରାହୁଲଙ୍କ ଉନ୍ନତି, କୋହଲି ସ୍ଥିର



ବିରାଟ କୋହଲି ଓ ଲୋକେଶ ରାହୁଲ।

**ଟେଷ୍ଟ ର୍‍ୟାଙ୍କିଙ୍ଗ୍**

**ଦୁବାଇ, ୧୮।୮ (ପି.ଟି.):** ସଦ୍ୟ ସମାପ୍ତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଓପନର ଲୋକେଶ ରାହୁଲଙ୍କ ଉନ୍ନତି ହୋଇଥିବା ବେଳେ ଅଧିନାୟକ ବିରାଟ କୋହଲି ତାଙ୍କ ସ୍ଥାନରେ ସ୍ଥିର ରହିଛନ୍ତି। ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ୧୨୯ ରନର ଶତକୀୟ ଇନିଂସ ଖେଳି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ରାହୁଲ ବ୍ୟାଟିଂ ତାଲିକାରେ ୧୯ଟି ସ୍ଥାନ ଉପରକୁ ଉଠି ୩୭ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବୁଧବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ କୋହଲି ପୂର୍ବପରି ପଞ୍ଚମ ସ୍ଥାନରେ ସ୍ଥିର ରହିଛନ୍ତି। ଲର୍ଡ୍ସ ଟେଷ୍ଟରେ ଭାରତ ୧୫୧ ରନରେ ଘରୋଇ ଇଂଲଣ୍ଡକୁ ହରାଇ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି।

ଗତ ସପ୍ତାହରେ ରାହୁଲ ୫୬ତମ ସ୍ଥାନରେ ରହିଥିଲେ। କୋହଲି ଗୋଟିଏ ସ୍ଥାନ ତଳକୁ ଖସିଥିଲେ। ସେହିପରି ଓପନର ରୋହିତ ଶର୍ମା ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ରହିଛନ୍ତି।

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଦୁଇଟି ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ପଞ୍ଚମ ସ୍ଥାନରେ ରହି ସିରିଜ ଆରମ୍ଭ କରିଥିଲେ। ପ୍ରଥମ ଟେଷ୍ଟ ପରେ ସେ କୋହଲିଙ୍କୁ ହଟାଇ ଉପରକୁ ଉଠିଥିଲେ। ରୁଟ୍ ଏବେ ୮୯୩ ରେଟିଂ ପଏଣ୍ଟ ପାଇଛନ୍ତି ଓ ନ୍ୟୁଜିଲାଣ୍ଡର କେନ ୱିଲିୟମସନଙ୍କଠାରୁ ମାତ୍ର ୮ ପଏଣ୍ଟ ତଳେ ରହିଛନ୍ତି।

ଭାରତର ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡର ତାଲିକାରେ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଚତୁର୍ଥ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଗୋଟିଏ ସ୍ଥାନ ତଳକୁ ଖସି ଦଶମ ସ୍ଥାନରେ ରହିଛନ୍ତି। ସେହିପରି ମହମ୍ମଦ ସିରାଜ ଲର୍ଡ୍ସ ଟେଷ୍ଟର ଉଭୟ ଇନିଂସରେ ୪ଟି ଲେଖାଏ ଉଇକେଟ ହାସଲ କରି ଲମ୍ବ ଡିଆଁ ମାରିଛନ୍ତି। ସେ ୧୮ଟି ସ୍ଥାନ ଉପରକୁ ଉଠି ୩୮ତମ ସ୍ଥାନ ଅଧିକାର କରିଛନ୍ତି। ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଗୋଟିଏ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ରହିଛନ୍ତି। ମାର୍କ ଉଡ ୩୭ତମ ସ୍ଥାନରେ ରହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ବିଦ୍ୟୁତ୍ ବିଲ୍‌କୁ ନେଇ ଚିନ୍ତା

■ଦେଢ଼ମାସ ପରେ ମିଳୁଛି ବିଲ୍
■ୟୁନିଟ୍ ପିଛା ୩ଟଙ୍କା ବଦଳରେ ପଡୁଛି ବର୍ଦ୍ଧିତ ଦେୟ
■ଆନ୍ଦୋଳନ ପାଇଁ ସଜବାଜ ଉପଭୋକ୍ତା

ନୟାଗଡ଼ ଅଫିସ,୧୮।୮

ନୟାଗଡ଼ ବିଦ୍ୟୁତ୍ ଡିଭିଜନରେ ଉପଭୋକ୍ତାଙ୍କୁ ଟାଟା ପାୱାର ଲୁଟି ଚାଲିଥିବା ଅଭିଯୋଗ ହେଉଛି । ଟାଟା ପାୱାର ପୂର୍ବବତ ପ୍ରତି ମାସରେ ମିଟର ରିଡିଂ ନେଉ ନାହିଁ । ଦେଢ଼ ମାସ ପରେ ଥରେ ମିଟର ରିଡିଂ ନେଇ ବିଦ୍ୟୁତ୍ ବିଲ୍ ଦେବା ଦ୍ୱାରା ଉପଭୋକ୍ତା ଅଯଥାରେ ୪ଟଙ୍କା ୮୦, ୫ ଟଙ୍କା ୮୦ ଓ ୬ଟଙ୍କା ୨୦ ପଇସା ଦେଉଛନ୍ତି । ପ୍ରଥମେ ଗ୍ରାହକମାନେ ଏ କଥା ଜାଣି ପାରୁ ନ ଥିଲେ । ୨ମାସରେ ଥରେ ବିଲ୍ ଆସିବାରୁ ଅଧିକ ଦେୟ ଦେବାକୁ ପଡିବା ପରେ ଏନେଇ ପ୍ରତିବାଦର ସ୍ୱର ଉଠିଛି । ଉପଭୋକ୍ତାମାନେ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ହେଉଥିବା ଜଣାପଡିଛି । ଅନ୍ୟପକ୍ଷେ କଂଗ୍ରେସ ଏନେଇ କୋର୍ଟକୁ ଯିବାକୁ ଧମକ ଦେବା ସହ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ସେହିପରି କଷ୍ଟ ଚାର୍ଜ, ଇଡି ଚାର୍ଜ ଓ ମିଟର ଚାର୍ଜ କେଜେଜଣ ଗ୍ରାହକଙ୍କ ବିଲ୍‌ରେ ଆସୁଛି । ଏନେଇ ମଧ୍ୟ ପ୍ରତିବାଦର ସ୍ୱର ଉଠିଛି ।

ନୟାଗଡ଼ର ପ୍ରଭାସ ରଥ ନାମକ ଜଣେ ଉପଭୋକ୍ତା କହିଛନ୍ତି,ମୋର ମାସକୁ ୨୫୦ରୁ ୩୦୦ ଟଙ୍କା ବିଲ୍ ଆସେ । ଏବେ ଦୁଇ ମାସରେ ବିଲ୍ ଆସିବା ପରେ ଅତିରିକ୍ତ ବୋଝ ୧୦୦ରୁ ୩୦୦ ଟଙ୍କା ଅଧିକ ଆସୁଛି । ମୋର ମାସକୁ ୟୁନିଟ୍ ପିଛା ୩ ଟଙ୍କାରେ ବିଲ୍ ଆସୁଥିଲା । ଏବେ ୩ ଟଙ୍କା ବଦଳରେ ୟୁନିଟ୍ ପିଛା ୪ଟଙ୍କା ୮୦ ପଇସାରେ ବିଲ୍ ଆସୁଛି । ଦୁଇ ମାସର ବିଲ୍ ଏକାଠି ଆସିବା ଦ୍ୱାର ମୁଁ ଅଯଥାରେ ଖର୍ଚ୍ଚାନ୍ତ ହେଉଛି । ମୋର ପ୍ରଶ୍ନ ମୁଁ ଅଧିକ ଟଙ୍କା କାହିଁକି ଦେବି । ବିଦ୍ୟୁତ୍ ବିଭାଗର ଭୁଲ, ସେମାନେ ପ୍ରତି ମାସରେ ମିଟର ରିଡିଂ ନେଉ ନାହାନ୍ତି । କ୍ଷତି ସେମାନେ ସହିବେ । ଉପଭୋକ୍ତାମାନେ କାହିଁକି କ୍ଷତି ଭରଣା କରିବେ ବୋଲି ସେ କହିଛନ୍ତି । ଆଇନଜିବୀ ରଣଜିତ୍ ଦାଶ କୁହନ୍ତି, କଷ୍ଟ ଚାର୍ଜ, ଇଡି ଚାର୍ଜ ଓ ମିଟର ଚାର୍ଜ କେତେଜଣ ଗ୍ରାହକଙ୍କ ବିଲ୍‌ରେ ଆସୁଛି । ଏଗୁଡିକ କାହିଁକି ଜଣେ ଗ୍ରାହକ ଦେବ । ବିଦ୍ୟୁତ୍ ବିଭାଗ ଏ ସଂକ୍ରାନ୍ତରେ ଗ୍ରାହକଙ୍କୁ ବୁଝାଇ ପାରୁନାହିଁ । ପୁଣି ୟୁନିଟ ପିଛା ୩ ଟଙ୍କା ଭିତରେ ବିଲ୍ ଦାଖଲ କରୁଥିବା ଉପଭୋକ୍ତା କାହିଁକି ୪ଟଙ୍କା ୮୦ ପଇସାରେ ବିଲ୍ ପଇଠ କରିବ । ସେହିପରି ଅଧିକ ୟୁନିଟ୍ ବ୍ୟବହାର କରୁଥିବା ଗ୍ରାହକ ଅଯଥାରେ ୫ଟଙ୍କା ୮୦ ଓ ୬ ଟଙ୍କା ୨୦ରେ ମଧ୍ୟ ବିଲ୍ ଦେଉଛନ୍ତି । ବିଦ୍ୟୁତ୍ ବିଭାଗ ମିଟର ରିଡିଂ କର୍ମଚାରୀଙ୍କୁ ୧୨ ମାସ କାମରେ ନ ଲଗାଇ କମ୍ ଦରମା ଦେଉଛନ୍ତି । ଏଣେ ଉପଭୋକ୍ତାଙ୍କୁ ଠକି ଲୁଟିବା ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ପ୍ରତିବାଦ କରା ନ ଗଲେ ବିଦ୍ୟୁତ୍ ବିଭାଗ ତାର ମନମାନି ବଢ଼ାଇ ଚାଲିଥିବ । ଏଣୁ ଆନ୍ଦୋଳନ ପାଇଁ ସଜବାଜ ଚାଲିଛି । କଂଗ୍ରେସ ଯୁବନେତା ପ୍ରତୀକ ମହାପାତ୍ର କୁହନ୍ତି, ଟାଟା ପାୱାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲୁଟ୍ କରୁଥିବା ଧରାପଡିଛି । କଂଗ୍ରେସ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଆଗେ କୋର୍ଟ ଯିବ, ପରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି । ନୟାଗଡ଼ର ବିଦ୍ୟୁତ୍ ଉପଭୋକ୍ତା ଅର୍ପିତା ସାହୁ କୁହନ୍ତି, ମୋର ମିଟର ରିଡିଂ ୬୦ମାସର ନେଇ ସାରିବା ପରେ ପୁଣି ପ୍ରତି ମାସରେ ବିଲ୍ ଆସୁଛି । ଏହାର ସଂଶୋଧନ ହେଉନାହିଁ । ଏଣୁ ଅଯଥାରେ ମୋତେ ବିଲ୍ ଦେବାକୁ ପଡୁଛି । ରାମେଶ୍ୱର ପ୍ରଧାନ କୁହନ୍ତି, ମୋର ଗତ ଜୁନ ୨୦ରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ବିଲ୍ ଆସିଛି । ବିଦ୍ୟୁତ୍ ବିଭାଗ ବଡ ଚାଲକ କରି ୨ମାସର ସ୍ଥାନରେ କିଛି ଦିନ କମାଇ ମିଟର ରିଡିଂ ନେଇ ବିଲ୍ ଦେଉଛନ୍ତି । ହେଲେ ବିଦ୍ୟୁତ୍ ବିଭାଗର ଠକେଇ ଧରା ପଡିଯାଇଛି । ଏହାର ତଦନ୍ତ କରି ଟାଟା ପାୱାରକୁ ଦଣ୍ଡିତ କରାଯାଉ ବୋଲି ସେ ଦାବି କରିଛନ୍ତି ।

ଏ ସଂକ୍ରାନ୍ତରେ ନୟାଗଡ଼ ବିଦ୍ୟୁତ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର କୁହନ୍ତି, ମାସକର ବିଲ୍ ହେଉ କି ଦେଢ଼ ମାସ ପରେ ବିଲ୍, ଉପଭୋକ୍ତାଙ୍କ କିଛି ଅସୁବିଧା ନାହିଁ । ଏଥିରେ ଅଧିକ ବିଲ୍ ଆସିବ ନାହିଁ । ବରଂ ଗ୍ରାହକ ଲାଭରେ ରହିବେ । ୬୦ ମାସ ପରେ ଯଦି କୌଣସି ଉପଭୋକ୍ତାଙ୍କ ମିଟର ଦେୟ ଆସୁଛି ଅଭିଯୋଗ କଲେ କଟିଯିବ । କଷ୍ଟ ଚାର୍ଜ, ଇଡି ଚାର୍ଜ ଏହା ସରକାରୀ ଟ୍ୟାକ୍ସ ଅଟେ । ଏହା ପୂର୍ବରୁ ଥିଲା ବୋଲି ସେ କହିଛନ୍ତି ।

## ଡିକି ଭାଙ୍ଗି ଲୁଟି ନେଲେ ୨.୪୦ ଲକ୍ଷ

■ସିସିଟିଭିରେ ରହିଛି ଲୁଟ୍‌ର ଦୃଶ୍ୟ
■ଥାନାଠାରୁ ୫୦ ମିଟର ଦୂରରେ ଲୁଟେରାଙ୍କ ରାଜ୍

ନୟାଗଡ଼ ଅଫିସ/ଓଡ଼ଗାଁ,୧୮।୮(ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନାଠାରୁ ୫୦ ମିଟର ଦୂର ଓଡ଼ଗାଁ ବ୍ଲକ ଛକରୁ ବାଇକ୍ ଡିକି ଭାଙ୍ଗି ବୁଧବାର ଅପରାହ୍ନରେ ୨.୪୦ଲକ୍ଷ ଟଙ୍କା ଲୁଟ୍ ହୋଇଛି । ରୋହିବାଙ୍କ ରାଇସ୍ ମିଲର ମ୍ୟାନେଜର ସ୍ଥାନୀୟ ବ୍ୟାଙ୍କରୁ ୨ ଲକ୍ଷ ୪୦ ହଜାର ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖିଥିଲେ । ପରେ ବ୍ଲକ୍ ଛକରେ ବାଇକ୍ ରଖି ବିଦ୍ୟୁତ୍ ସରଞ୍ଜାମ କିଣିଥିଲେ । ବିଦ୍ୟୁତ୍ ସରଞ୍ଜାମ କିଣିବା ସମୟରେ ପଛରୁ ପିଛା କରୁଥିବା ଏକ ନାଲି ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କ ବାଇକ୍ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ । ହେଲେ ମିଲ ମ୍ୟାନେଜର ଏ କଥା ଜାଣି ପାରି ନ ଥିଲେ । ସେ ବାଇକ୍ ପାଖକୁ ଆସିବା ପରେ ଏହି ଘଟଣା ଜଣାପଡିଥିଲା । ପରେ ସିସିଟିଭିରୁ ଚୋରି ସମ୍ପର୍କରେ ସ୍ପଷ୍ଟ ହୋଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି । ଗତ ୧୨ ମାସ ଭିତରେ ଓଡ଼ଗାଁ ଥାନା ଅଞ୍ଚଳରେ ୧୨ଟି ଲୁଟ୍ ଘଟଣା ଘଟିଛି । ପୋଲିସ କେବଳ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଶେଷ କରି ଦେଉଥିବା ଅଭିଯୋଗ ହୋଇଛି । ଏଯାବତ ଜଣେ ହେଲେ ବି ଲୁଟେରା ଧରା ପଡି ନାହାନ୍ତି ବୋଲି ଅଭିଯୋଗକାରୀମାନେ କହିଛନ୍ତି ।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
### (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)

ବିଜ୍ଞାପନ ସଂଖ୍ୟା: ୨୫୧୬ — ତାରିଖ: ୧୭।୦୮।୨୧

ଏତଦ୍ଦ୍ୱାରା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଜଣାଇ ଦିଆଯାଉଅଛି କି ଚଳିତ ବର୍ଷ ନିମନ୍ତେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗଙ୍କ ପତ୍ର ସଂଖ୍ୟା ୧୩୨୭୬ ତା।୧୫।୦୭।୨୦୨୧ରିଖ ଓ ପତ୍ର ସଂଖ୍ୟା ୭୪୬୭, ୨୨।୦୩।୨୦୨୧ ଦ୍ୱାରା **ସରକାରୀ ଉଚ୍ଚ ବିଦ୍ୟାଳୟ, ଜାନୁଦରହ, ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପନା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୁରୁଣ୍ଡିଆ**କୁ ଉନ୍ନୀତ ହୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଅଛି । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷ ୨୦୨୧-୨୨ ନିମନ୍ତେ +୨ ବିଜ୍ଞାନ ବିଭାଗରେ (+2 Science 1st year) ପାଇଁ ନିମ୍ନଲିଖିତ ବର୍ଗ ଅନୁସାରେ ନାମ ଲେଖାଯିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| ବର୍ଗ | ପୁଅ | ଝିଅ | ମୋଟ |
|---|---|---|---|
| ଅନୁସୂଚିତ ଜନଜାତି | ୨୬ | ୨୬ | ୫୨ |
| ଅନୁସୂଚିତ ଜାତି | ୩ | ୩ | ୬ |
| ଅନ୍ୟାନ୍ୟ | ୩ | ୩ | ୬ |
| ସର୍ବମୋଟ | ୩୨ | ୩୨ | ୬୪ |

ଏଣୁ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇ ଅଧ୍ୟୟନ କରିବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନେ +2 ରେ ନାମଲେଖା ପାଇଁ ଉଦ୍ଦିଷ୍ଟ ସାଧାରଣ ଦରଖାସ୍ତ (CAF) ଉପରୋକ୍ତ ବିଦ୍ୟାଳୟଠାରୁ ସଂଗ୍ରହକରି ସମ୍ପୃକ୍ତ ବିଦ୍ୟାଳୟରେ ୦୫।୦୯।୨୦୨୧ ସୁଦ୍ଧା ଦାଖଲ କରିବାକୁ ଜଣାଇ ଦିଆଗଲା ।

ସ୍ୱା./- ଜିଲ୍ଲା ମଙ୍ଗଳ ଅଧିକାରୀ, ସୁନ୍ଦରଗଡ଼


## ସଂକ୍ଷେପରେ

### ନବଘନପୁର ବଧୂ ହତ୍ୟା ଘଟଣା: ସ୍ୱାମୀ,ଶ୍ୱଶୁର ଜେଲ ଗଲେ

**ନୟାଗଡ଼ ଅଫିସ,୧୮।୮:** ନୟାଗଡ଼ ଟାଉନ ଥାନା ନବଘନପୁର ବଧୂ ହତ୍ୟା ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀ ନାରାୟଣ ସେଠୀ(୩୫) ଓ ଶ୍ୱଶୁର ପୀତବାସ ସେଠୀ(୬୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ବୁଧବାର ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ନବଘନପୁରର ନାରାୟଣ ସେଠୀଙ୍କ ସ୍ତ୍ରୀ ପ୍ରମିଳା(୨୭)ଙ୍କୁ ଗତ ୧୨ ତାରିଖ ଦିନ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା(ନଂ.୧୬୭/୨୧) ରୁଜୁ କରି ତଦନ୍ତ ଚଳାଇଥିଲା । ପରେ ପ୍ରମିଳାଙ୍କ ସ୍ୱାମୀ ଓ ଶ୍ୱଶରୁଙ୍କୁ ଗିରଫ କରାଯାଇଥିଲା ।

### ଜଣେ ମୃତ, ୧୬ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୮।୮:** ବୁଧବାର କରୋନା ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭାପୁର ବ୍ଲକରେ ୨, ଖଣ୍ଡପଡ଼ା ବ୍ଲକରେ ୧, ନୟାଗଡ଼ ବ୍ଲକରେ ୬, ନୂଆଗାଁ ବ୍ଲକରେ ୧, ଓଡ଼ଗାଁ ବ୍ଲକରେ ୧, ରଣପୁର ବ୍ଲକରେ ୨ ଓ ନୟାଗଡ଼ ପୌରାଞ୍ଚଳରେ ୩ଜଣ ଅଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୦୬୬ ରେ ପହଞ୍ଚିଛି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ଆଜି ସୁଦ୍ଧା ୧୯୧ ଜୀବନ ନେଇସାରିଛି ।

### ପୋଖରୀରେ ବିଷ ପ୍ରୟୋଗ, ମାଛ ମରି ଭାସିଲେ

**ନୟାଗଡ଼ ଅଫିସ,୧୮।୮:** ନୟାଗଡ଼ ପୌରାଞ୍ଚଳ ଅଧୀନ ରାମେଶ୍ୱର ପୋଖରୀରେ କେହି ବିଷ ପକାଇଦେବାରୁ ମାଛଗୁଡ଼ିକ ମରି ଭାସୁଛନ୍ତି । ସେହି ପୋଖରୀ ହୁଡ଼ାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଖୋଲା ପାଇଖାନା ଭାବେ ବ୍ୟବହାର କରୁଥିଲେ । ଏହାକୁ ବାରଣ କରାଯିବା ପରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି । କୌଣସି ବ୍ୟକ୍ତି ରାଗ ରଖି ପୋଖରୀରରେ ବିଷ ପକାଇ ଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ଫଳରେ ପୋଖରୀକୁ ମାଛ ଚାଷ ପାଇଁ ନିଲାମ ନେଇଥିବା ବ୍ୟକ୍ତି କ୍ଷତିରେ ପଡିଛନ୍ତି ।

### ୪୨ ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼ ଅଫିସ,୧୮।୮:** ଜୀବନବିନ୍ଦୁ ମୋ ପରିବାର ପକ୍ଷରୁ ଓଡ଼ଗାଁ ବ୍ଲକ ହରିଡାବନ୍ଧ ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏଥିରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସରପଞ୍ଚ ସଂଯୁକ୍ତା ପଡ଼ିଆରି ଏହି ଶିବିର ପରିଚାଳନା କରିଥିଲେ । ନୟାଗଡ଼ ଜିଲା ମହିଳା ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ, ନୟାଗଡ଼ ଜିଲା ଅଙ୍ଗନୱାଡି ସଭାନେତ୍ରୀ ଜ୍ୟୋସ୍ନାରାଣୀ ପଣ୍ଡା, ସମିତି ସଭ୍ୟ ମାନିନି ଦଳବେହେରା, ସାମାଜିକ କର୍ମୀ ବିକ୍ରମ ଦାଶ ଓ ପ୍ରଣବ କିଶୋର ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ଉଲ୍ଲାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୀଳମାଧବ ପୀଠରେ ଝୁଲଣ ଯାତ୍ରା ଆରମ୍ଭ

ଖଣ୍ଡପଡ଼ା,୧୮।୮(ସ୍ୱ.ପ୍ର.)


କଣ୍ଟିଲୋ ରାଧାମୋହନ ଜୀଉ ।

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉ ପୀଠରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ତତ୍‌ସଂଲଗ୍ନ ରାଧା ମୋହନ ଜୀଉ ମଠ, କଣ୍ଟିଲୋ ଠାକୁର ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମ, ସିଧାମୂଳାସ୍ଥ ଜଗନ୍ନାଥ ଜୀଉଙ୍କ ମନ୍ଦିର, ଖଣ୍ଡପଡ଼ା ଜଗନ୍ନାଥ ଜୀଉ ଓ ଖଳିସାହି ଗୋପାଳ ଜୀଉ ମନ୍ଦିରରେ ବୁଧବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ନୀଳମାଧବ ଜୀଉ ଓ ସିଧାମୂଳାସ୍ଥ ଜଗନ୍ନାଥ ମନ୍ଦିରରେ ଭୋର ୫ଟାରେ ସ୍ନାନ ଅବକାଶ, ୭ଟାରେ ବଲ୍ଲଭ, ସାଢେ ୧୧ଟାରେ ସକାଳ ଧୂପ ଓ ପରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ହୋଇ ଠାକୁର ପହଡ ଯାଇଥିଲେ । ସନ୍ଧ୍ୟା ସାଢେ ୮ଟାରେ ଏକାଦଶୀ ଓ ମହାଦୀପ ଉଠି ରାତି ୯ଟାରେ ଧୂପ ହୋଇଥିଲା । ରାତି ପ୍ରାୟ ସାଢେ଼୯ଟା ସମୟରେ ମଦନମୋହନଙ୍କ ସହ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ମୁକ୍ତି ମଣ୍ଡପକୁ ବିଜେ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଶ୍ରୀଜୀଉମାନେ ଝୁଲଣ ବେଦୀରେ ବିଜେ ହୋଇଥିଲେ । ସନ୍ଧ୍ୟାରେ ମଦନମୋହନଙ୍କୁ ଝୁଲଣ କୁରେ(ଦୋଳିରେ)ବିଜେ କରାଯାଇ ନାମ ସଂକୀର୍ତ୍ତନ ସହ ସୀମିତ ସଂଖ୍ୟକ ସେବାୟତମାନେ ଶ୍ରୀ ଜୀଉଙ୍କୁ ଝୁଲାଇ ଥିଲେ । ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉଙ୍କ ମଠରେ କଣ୍ଟିଲୋ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଝୁଲଣ ସଂଗୀତ ଆବୃତ୍ତି କରାଯାଇଥିଲା । ଏହି ଝୁଲଣ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇ ୫ ଦିନ ଚାଲିବ ।

## ଇନ୍‌ଡୋର ଷ୍ଟାଡିୟମ ନିର୍ମାଣକୁ ସ୍ୱାଗତ କରି ଶୋଭାଯାତ୍ରା


ଖଣ୍ଡପଡାରେ ବାହାରିଥିବା ସ୍ୱାଗତ ଶୋଭାଯାତ୍ରା ।

ଖଣ୍ଡପଡ଼ା ୧୮।୮(ସ୍ୱ.ପ୍ର.)

ଖଣ୍ଡପଡାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏ ନେଇ ବୁଧବାର ସ୍ଥାନୀୟ କ୍ରୀଡା ପ୍ରେମୀ ଓ ଖଣ୍ଡପଡା କ୍ରିକେଟ ଏକାଡେମୀ, ଆଥ୍‌ଲେଟିକ ଆସୋସିଏଶନ, ଫୁଟବଲ ଆସୋସିଏଶନର ସଦସ୍ୟ ଓ ବରିଷ୍ଠ କ୍ରୀଡାବିତ୍‌ମାନେ ଏକ ଶୋଭାଯାତ୍ରାରେ ଖଣ୍ଡପଡ଼ା ସହରର ମୁଖ୍ୟ ବଜାରରୁ ବାହାରି ମଧୁବନ ମିନିଷ୍ଟାଡିୟମ ପରିସରରେ ପହଞ୍ଚି ଥିଲେ । ଗଡଜାତ ଖଣ୍ଡପଡ଼ା ସହରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ନିର୍ମାଣ ହେବ ଇନ୍‌ଡୋର ଷ୍ଟାଡିୟମ । ରାଜ୍ୟ ସରକାର ଏ ନେଇ ଖୁବ୍‌ଶୀଘ୍ର ଆବଶ୍ୟକ ଅନୁଦାନ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରର କ୍ରୀଡାପ୍ରେମୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## କଂଗ୍ରେସ ସେବାଦଳର ଷ୍ଟିୟରିଂ କମିଟିରେ ମନୋଜ

ନୟାଗଡ଼ ଅଫିସ,୧୮।୮

ନିଖିଳ ଭାରତ କଂଗ୍ରେସ ସେବାଦଳର ମୁଖ୍ୟ ସଙ୍ଗଠକ ଲାଲାଜୀ ଦେଶାଇଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ଷ୍ଟିୟରିଂ କମିଟିର ସଦସ୍ୟ ଭାବେ ଇଟାମାଟିର ମନୋଜ ସାହୁ ନିଯୁକ୍ତି ପାଇଛନ୍ତି । ପୂର୍ବରୁ ମନୋଜ ନୟାଗଡ଼ ବିଧାନସଭା କ୍ଷେତ୍ର ପାଇଁ ୨୦୧୯ରେ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ । ନୂଆ ନିଯୁକ୍ତି ପରେ ମନୋଜ ରାଜ୍ୟରେ ସେବାଦଳକୁ କ୍ରିୟାଶୀଳ ଓ ଲୋକପ୍ରିୟ କରିବାକୁ ଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି ।

## ୨୦ ଲିଟର ଦେଶୀ ମଦ ଜବତ

ନୟାଗଡ଼ ଅଫିସ,୧୮।୮

ନୟାଗଡ଼ ସଦର ଥାନା ପୋଲିସ ପାଣିପୋଇଲାସ୍ଥିତ ଚିନି କଳ ନିକଟରୁ ବୁଧବାର ପୂର୍ବାହ୍ନରେ ବାଇକ୍ ସହ ୨୦ ଲିଟର ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ନୟାଗଡ଼ ଟାଉନ ଥାନା ସିନ୍ଦୁରିଆ ବଣିଆସାହିର କୃଷ୍ଣଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ କୃଷ୍ଣଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏନେଇ ଏକ ମାମଲା(ନଂ.୧୨୯/୨୧) ରୁଜୁ ହୋଇଛି ।

## ଦୁର୍ନୀତିର ତଦନ୍ତ ଦାବିରେ କଂଗ୍ରେସ ପକ୍ଷରୁ ଧାରଣା

ଖଣ୍ଡପଡ଼ା ୧୮।୮(ସ୍ୱ.ପ୍ର.)


ଧାରଣାରେ ବସିଥିବା କଂଗ୍ରେସ ନେତା ଓ କର୍ମୀ ।

ଦୀର୍ଘ ବର୍ଷ ଧରି ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ଉପାୟରେ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତିର ସୀମା ଟପିଯାଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇ ଯୁବ ସଙ୍ଗଠକ ଦେବବ୍ରତ ବେହେରାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ, କର୍ମକର୍ତ୍ତା ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ବୁଧବାର ଧାରଣା ଦେବା ସହ ହରତାଳ କରିଥିଲେ । ବ୍ଲକରେ ଚାଲିଥିବା ଦୁର୍ନୀତିର ତଦନ୍ତ ପାଇଁ କଂଗ୍ରେସ କର୍ମୀମାନେ ବିଡିଓ ଅରୁଣିମା ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ଖଣ୍ଡପଡ଼ା ତହସିଲଦାର ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବାରୁ ମୂଲ୍ୟବାନ ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି ବୋଲି ଦଳୀୟ କର୍ମୀମାନେ ଅଭିଯୋଗ ଉଠାଇ ତହସିଲଦାରଙ୍କୁ ବଦଳି ଦାବି କରିଥିଲେ । କଂଗ୍ରେସ କର୍ମୀମାନେ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟଠାରୁ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସେମାନେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ । ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାର୍ଥ ବିରୋଧୀ ବୋଲି ଅଭିଯୋଗ ଉଠାଇ କଂଗ୍ରେସ ସଙ୍ଗଠକମାନେ ସ୍ଲୋଗାନ ଦେଇଥିଲେ ।


## Government of Odisha
## Higher Education Department

**e-Admission Timeline for Admission into Degree/Autonomous Colleges coming under Higher Education Department for the Session 2021-22**

No. N-18: Timeline for e-Admission in all (+3) Degree Colleges including Self Financing (Degree) Colleges/Sanskrit (Shastri) of the State under Project Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission. **Call Sanjog Helpline Toll Free (155335 and 1800-345-6770)** Number for any further assistnace. Any changes to the timelines will be published in the newspapers & **www.dhe.odisha.gov.in** and **www.samsodisha.gov.in**. **Kindly refer the Common Prospectus (CP) before filling up the CAF**.

| Sl# | Items | Timeline |
|---|---|---|
| a) | Availability of the Online Common Application Form (CAF) in the Higher Education Department official website **www.dhe.odisha.gov.in/www.samsodisha.gov.in**. | 20th Aug. 2021 (11.00 A.M.) |
| b) | Last date for applying online CAF through **www.dhe.odisha.gov.in / www.samsodisha.gov.in** | 04th Sept. 2021 (11.45 P.M.) |
| c) | Publication of **First Selection Merit List** | 9th Sept. 2021 (11.00 A.M.) |
| d) | Online deposit of admission fees by the Students through SAMS [Student's Account] portal. | 9th Sept. 2021 (02.00 P.M.) to 14th Sept. 2021 (11.45 P.M.) |
| e) | Reporting of Applicants at allowtted institutions for taking admission for **First Selection Merit List** | 11th to 15th Sept. 2021 (05.00 P.M.) (Except 12th Sept. 2021) |
| f) | Updation of Slide-up Option form online by the admitted students during **First Round of Admission** | 11th Sept. 2021 to 16th Sept. 2021 (11.45 P.M.) |
| g) | Data updation of admitted students including error reporting in the e-space **(For First Round Admission)** by the respective institutions. | 11th to 16th Sept. 2021 (07.00 P.M.) |
| h) | Publication of **Second Selection Merit List** | 21st Sept. 2021 (11.00 A.M.) |
| i) | Online deposit of admission fees by Students through SAMS [Student's Account] portal | 21st Sept. 2021 (02.00 P.M.) to 24th Sept. 2021 (11.45 P.M.) |
| j) | Reporting of Applicants at allotted Institutions for taking admission for **Second Selection Merit List** | 22nd to 25th Sept. 2021 (05.00 P.M.) |
| k) | Final data updation of admitted students including error reporting in the e-space **(For Second Round Admission)** by the respective institution. | 22nd to 27th Sept. 2021 (07.00 P.M.) |
| | For filling up of the vacant seats, guidelines will be issued latter on by the Higher Education Department. | Date will be noted accordingly by HE Department |

**For more details please contact e-Admission Helpline (Toll Free) Number 155335/1800-345-6770**

## ଉଚ୍ଚଶିକ୍ଷା ବିଭାଗ
## ଓଡ଼ିଶା ସରକାର
### ଡିଗ୍ରୀ ମହାବିଦ୍ୟାଳୟରେ ଇ-ଆଡମିଶନ (୨୦୨୧-୨୨ ଶିକ୍ଷାବର୍ଷ) ସମ୍ବନ୍ଧୀୟ ଜରୁରୀ ସୂଚନା

୧. ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ SAMS ଇ-ଆଡମିଶନ (e-Admission) ମାଧ୍ୟମରେ କରାଯାଇଥାଏ ।
୨. ଯୁକ୍ତ ଦୁଇ ପରୀକ୍ଷା ପରେ କେତେକ ଶିକ୍ଷାନୁଷ୍ଠାନ ଗ୍ରୀଷ୍ମ ଅବକାଶ କାର୍ଯ୍ୟକ୍ରମ (Summer Course and Crash Course) ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଦେବା ନିମନ୍ତେ ପ୍ରତିଶ୍ରୁତି ଦେଇ ଇ-ଆଡମିଶନ ସମ୍ପର୍କିତ ବିଭିନ୍ନ ପ୍ରମାଣପତ୍ର ଯଥା: **ଯୁକ୍ତ ଦୁଇ ମାର୍କସିଟ ଓ ସାର୍ଟିଫିକେଟ** ଇତ୍ୟାଦି ସଂଗ୍ରହ କରିଥାନ୍ତି । ଏଭଳି ପ୍ରଲୋଭନଠାରୁ ଶିକ୍ଷାର୍ଥୀମାନେ ଦୂରେଇ ରୁହନ୍ତୁ ଏବଂ ନିଜ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର କାଗଜାତ କୌଣସି ଶିକ୍ଷାନୁଷ୍ଠାନକୁ ଦିଅନ୍ତୁ ନାହିଁ ।
୩. ଇ-ଆଡମିଶନ ସମ୍ବନ୍ଧୀୟ ସମସ୍ତ ଟଙ୍କା ପଇସା ଦେଣନେଣ କାରବାର ଅନ୍‌ଲାଇନ ମାଧ୍ୟମରେ କରାଯାଏ । ତେଣୁ କୌଣସି ବ୍ୟକ୍ତିଙ୍କୁ ଆଡମିଶନ ପାଇଁ ଟଙ୍କା ଦିଅନ୍ତୁ ନାହିଁ ।
୪. ଇ-ଆଡମିଶନ ଚୟନ ପ୍ରକ୍ରିୟା (Selection) ସମ୍ପୂର୍ଣ୍ଣଭାବେ ମେଧା (Merit) ଭିତ୍ତିରେ କରାଯାଇଥାଏ । ତେଣୁ ମହାବିଦ୍ୟାଳୟ ଚୟନ କରିବା ପୂର୍ବରୁ ସେ ମହାବିଦ୍ୟାଳୟର ଗଲା ବର୍ଷର ଶେଷ ନମ୍ବର (CUT-OFF Mark) ଦେଖି ଚୟନ କରିବା ଉଚିତ, ନଚେତ୍ ଚୟନ ପ୍ରକ୍ରିୟାରୁ ନିଜ ନାମ ବାଦ୍ ପଡ଼ିବାର ସମ୍ଭାବନା ଅଛି ।
୫. ଶିକ୍ଷାବର୍ଷରୁ Annexure-7 ଓ Auto Slide Up ନିୟମ ପ୍ରକ୍ରିୟାକୁ ଉଚ୍ଛେଦ କରାଯାଇଅଛି । Slide Up ପଦ୍ଧତି କେବଳ Online ମାଧ୍ୟମରେ କରାଯିବ । ଛାତ୍ରଛାତ୍ରୀମାନେ ଗୋଟିଏ କଲେଜରେ ନାମ ଲେଖାଇ ସାରିବା ପରେ ଯଦି ଉପର ପସନ୍ଦ (Higher Option) କଲେଜକୁ ଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ Slide-Up ଫର୍ମ ପୂରଣ କରିବାକୁ ପଡ଼ିବ, ନଚେତ୍ Slide-Up ପ୍ରକ୍ରିୟାରେ ସେମାନେ ଭାଗ ନେଇପାରିବେ ନାହିଁ । Slide-Up ପଦ୍ଧତିରେ ସମ୍ମତି ପ୍ରଦାନ କରିସାରିବା ପରେ ଉପର ପସନ୍ଦ (Higher Option) କଲେଜରେ ନାମ ଲେଖାଇବାକୁ ସେ ବାଧ୍ୟ । Slide-Up କଲେଜରେ ନାମ ନ ଲେଖାଇଲେ, ପ୍ରଥମେ ନାମ ଲେଖାଇଥିବା କଲେଜରୁ ବି ତାଙ୍କ ନାମ କଟିଯିବ । ଏହା ଫଳରେ ସେମାନେ ଚୟନ ଓ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ ।
୬. Common Application Form ଅନ୍‌ଲାଇନରେ ଦାଖଲ କରିବା ସମୟରେ ନିଜର User ID ଓ Passwordକୁ ସୁରକ୍ଷିତ ରଖନ୍ତୁ । ଯଦି କୌଣସି କାରଣରୁ ଏହା ଅନ୍ୟ କେହି ଜାଣନ୍ତି, ତେବେ ତାହାର ଦୁରୁପଯୋଗ ହେବାର ସମ୍ଭାବନା ରହିଛି । ତେଣୁ ଯଦି ଆବଶ୍ୟକ ପଡ଼େ, Passwordକୁ ବଦଳାଇ ପାରିବେ ।
୭. Common Application Form ପୂରଣ କରିବା ସମୟରେ ନିଜର ବା ଅଭିଭାବକଙ୍କ ସଠିକ୍ ଫୋନ ନମ୍ବର, ଇ-ମେଲ୍ ତଥା ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଆଦି ବ୍ୟବହାର କରନ୍ତୁ । ଫୋନ ନମ୍ବର ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଆଦିକୁ ନାମଲେଖା ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ବଦଳ ବା ବନ୍ଦ କରିବେ ନାହିଁ । ନଚେତ୍ ନାମଲେଖା ସମ୍ବନ୍ଧୀୟ ସୂଚନା ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିପାରିବ ନାହିଁ କିମ୍ବା ଫେରସ୍ତ ପାଇବାକୁ ଥିବା ଅର୍ଥରାଶି ମଧ୍ୟ ପାଇପାରିବେ ନାହିଁ ।
୮. ଇ-ଆଡମିଶନ ସମ୍ବନ୍ଧୀୟ ନୂତନ ଦରକାରୀ ସୂଚନା ପାଇଁ ଏସ୍‌ଏମ୍‌ଏସ୍, ଇ-ମେଲ୍ ଓ ଉଚ୍ଚଶିକ୍ଷା ବିଭାଗ ୱେବସାଇଟ୍ **(www.samsodisha.gov.in and www.dhe.odisha.gov.in)**କୁ ନାମଲେଖା ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ନିୟମିତ ଭାବେ ଯାଞ୍ଚ କରନ୍ତୁ ।
୯. ଛାତ୍ରଛାତ୍ରୀମାନେ ଯଦି ଦେଇଥିବା କୌଣସି ଟଙ୍କା ଫେରସ୍ତ ପାଇବାକୁ ଥାଏ, ତେବେ ସେ ଟଙ୍କା ସେମାନଙ୍କ Common Application Formରେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ପଠାଇଦିଆଯିବ ।

**Common Application Form (CAF) ପୂରଣ କରିବା ପୂର୍ବରୁ Common Prospectus (CP)ରେ ଦର୍ଶାଯାଇଥିବା Admission ସମ୍ବନ୍ଧୀୟ ସୂଚନାବଳୀକୁ ଭଲଭାବରେ ପଢ଼ିବା ଅତ୍ୟନ୍ତ ଜରୁରୀ**

Sd./- Deputy Director, PTC
OIPR-11001/11/0008/2122

## ସଂକ୍ଷେପରେ

### ଅନୁପମ୍ ଛାତ୍ର କଂଗ୍ରେସ ସଭାପତି



ଫୁଲବାଣୀ ଅଫିସ, ୧୮।୮:କନ୍ଧମାଳ ଜିଲାର ଛାତ୍ର କଂଗ୍ରେସ ସଭାପତି ଭାବେ ଅନୁପମ୍ କହଁର ମନୋନୀତ ହୋଇଛନ୍ତି। ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ଦାୟିତ୍ୱରେ ଥିବା ଜାତୀୟ ସମ୍ପାଦିକା ଅନୁଲେଖା ବୁସା କନ୍ଧମାଳ ସହ ଅନ୍ୟ ୬ଟି ଜିଲାର ନୂତନ ଛାତ୍ର କଂଗ୍ରେସ ସଭାପତିଙ୍କୁ ଚୟନ କରିଥିବା ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ ଜଣାଇଛନ୍ତି। ଅନୁପମ୍ ଏବେ ପଲିଟେକ୍ନିକ୍ କଲେଜରେ ଇଞ୍ଜିନିୟରିଂ ଛାତ୍ର । ଆଗାମୀ ଦିନରେ ଜିଲାରେ ଛାତ୍ର ସଂଗଠନକୁ ମଜଭୁତ୍ କରାଯିବ । ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହେବ ବୋଲି ଅନୁପମ୍ କହିଛନ୍ତି।

### ଚୋରି ଘଟଣା, ଜେଲ୍‌କୁ ଗଲେ ନାବାଳକ

ଫୁଲବାଣୀ ଅଫିସ/ଚକାପାଦ, ୧୮।୮: ଚକାପାଦ ଥାନା ଅଞ୍ଚଳର ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଧରିଥିବା ବେଳେ ମାଷ୍ଟରମାଇଣ୍ଡ ଜଣକ ଫେରାର ଅଛନ୍ତି । ସମ୍ପୃକ୍ତ ନାବାଳକଙ୍କୁ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଯାଇଛି । ଗତ ମଙ୍ଗଳବାର ମିଲନ ଚୌଧୁରୀଙ୍କ ଦୋକାନରୁ ୪ ଲକ୍ଷ ଟଙ୍କାର ମୋବାଇଲ ଫୋନ ଚୋରି ହୋଇଥିଲା । ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ଖଜୁରିପଡା ଅଞ୍ଚଳର ଜଣେ ଯୁବକ ଏବଂ ନାବାଳକ ଏଥିରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡିଥିଲା । ଚକାପାଦ ପୋଲିସ ଖଜୁରିପଡା ଥାନାକୁ ଏ ବିଷୟରେ ଅବଗତ କରିଥିଲା । ଖଜୁରିପଡା ପୋଲିସ ନାବାଳକଙ୍କୁ କାବୁ କରିଥିଲା । ଅନ୍ୟ ଅଭିଯୁକ୍ତ ଜଣକ ଫେରାର ଥିବା ଚକାପାଦ ଥାନାଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ କହିଛନ୍ତି ।

### ଅଟୋ ଓଲଟି ୬ ଆହତ

ଫୁଲବାଣୀ ଅଫିସ, ୧୮।୮:ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ପଞ୍ଚାୟତ କାଲାଡି ରାସ୍ତାରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି । ଡ୍ରାଇଭର ଭାରସାମ୍ୟ ହରାଇବାରୁ ଅଟୋଟି ରାସ୍ତାରୁ ଖସି ଏକ ଶଙ୍ଖରେ ପିଟି ହୋଇଯାଇଛି । ଫଳରେ ଏଥିରେ ଥିବା ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ପାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ସହବେରାର ଭରତ ଦିଗାଲ ତାଙ୍କ ଅଟୋରେ ଗ୍ରାମର ଲୋକଙ୍କୁ ନେଇ ସାଡିଙ୍ଗିଆ ଯାଇଥିଲେ। ସେଠାରେ ଭୋଜି ଖାଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା ।

### ଗଞ୍ଜୁଗୁଡ଼ାରେ ମିଶନ ଚାଟଶାଳୀ ଆରମ୍ଭ

ଫୁଲବାଣୀ ଅଫିସ, ୧୮।୮:କରୋନା ସମୟରେ ଛୋଟ ପିଲାଙ୍କ ପାଠପଢ଼ାକୁ ନଜରରେ ରଖି କନ୍ଧମାଳ ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ମିଶନ ଚାଟଶାଳୀ ଆରମ୍ଭ କରାଯାଇଛି। ବୁଧବାର ଫୁଲବାଣୀ ବ୍ଲକ ଗଞ୍ଜୁଗୁଡ଼ା ଗ୍ରାମରେ ଏହାର ଶୁଭାରମ୍ଭ କରାଯାଇଛି । ଗାଁ ୱାର୍ଡ ମେମ୍ବର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମଞ୍ଚ ବ୍ଲକ ସଂଯୋଜିକା ଭାରତୀ ରାଓ, ବିଦ୍ୟାଳୟ ସଭାପତି ଜୟନ୍ତୀ ବିଶୋଇ ପ୍ରମୁଖ ଯୋଗଦେଇ ମିଶନ ଚାଟଶାଳୀ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ । ଏହି ଅବସରରେ କୁନି କୁନି ପିଲାମାନଙ୍କୁ ପାଠ ପଢ଼ା ଯାଇଥିଲା । ସ୍ୱେଚ୍ଛାସେବୀ ଶ୍ରଦ୍ଧାଳୀ ବିଶୋଇ, ବବିତା ରଣା, ଲକ୍ଷ୍ମିପ୍ରିୟା ଦିଗାଲ, ଅନୁସୟା କହଁର, ଏଲିୟା ଦିଗାଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ନିମ୍ନମାନର ରାସ୍ତା ପ୍ରଶସ୍ତୀକରଣକୁ ବିରୋଧ

କାଶୀନଗର,୧୮।୮(ଡି.ଏନ.ଏ.): ଫରେଷ୍ଟ ଛକ ଦେଇ ଯାଇଥିବା ଗୁଣୁପୁର-ପାରଳାଖେମୁଣ୍ଡି ରାସ୍ତାର କାଶୀନଗର ଥିବା ଅଂଶରେ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଏହି କାମ ହେଉଛି। କିନ୍ତୁ ଉକ୍ତ ରାସ୍ତା କାମ ନିମ୍ନମାନର ହେଉଛି ବୋଲି ଅଭିଯୋଗ କରି ସ୍ଥାନୀୟ ଯୁବକମାନେ ବିରୋଧ କରିଛନ୍ତି। ସେମାନଙ୍କୁ ବୁଝାଶୁଝା କରି କାମକୁ ଆଗେଇ ନେବା ଉଦ୍ଦେଶ୍ୟରେ ବିଭାଗୀୟ ଜେଇ ରାଜାରାଓ ଘଟଣାସ୍ଥଳରେ ପହଞ୍ଚି ଥିଲେ। କିନ୍ତୁ ଉକ୍ତ କାମ କିପରି ହୋଇଛି, ପରୀକ୍ଷା କରି ଦେଖିବାକୁ ଯୁବକମାନେ ତାଙ୍କୁ ବାଧ କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଓ ଅନ୍ୟ କେତେକ ସ୍ଥାନରେ ଖୋଳାଯାଇ ନିମ୍ନମାନର କାମ ହୋଇଛି ବୋଲି ଜେଇ ସ୍ୱୀକାର କରିବା ସହ ସମ୍ପୃକ୍ତ ଅଂଶଗୁଡିକର ପୁନଃ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯଦି ଆଗାମୀ ଦିନରେ କାର୍ଯ୍ୟ ଗୁଡିକ ନିମ୍ନମାନର ହୁଏ, ତାହେଲେ କାଶୀନଗର ଯୁବକ ଗୋଷ୍ଠୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି।

# ହିଞ୍ଜିଳିକାଟୁ, ଶେରଗଡ଼ ଆସିବେ ୧୧୧ ବିଧାୟକ

## ସ୍କୁଲ ରୂପାନ୍ତରୀକରଣ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ଦେଖିବେ

ହିଞ୍ଜିଳିକାଟୁ/ଶେରଗଡ଼, ୧୮।୮(ଡି.ଏନ୍.ଏ):

ଆସନ୍ତା ୨୧ରୁ ୩୦ ଯାଏ ୫ ପର୍ଯ୍ୟାୟରେ ରାଜ୍ୟ ବିଧାନସଭାର ୧୧୧ ଜଣ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକ ପରିଦର୍ଶନ କରିବେ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲିଛି। ଚଳିତ ମାସ ୨୧, ୨୩, ୨୬, ୨୮ ଓ ୩୦ରେ ପର୍ଯ୍ୟାୟକ୍ରମେ ବିଧାୟକ ଓ ମନ୍ତ୍ରୀ ୪୮ ହାଇସ୍କୁଲ ଓ ୨ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହୋଇଥିବା ରୂପାନ୍ତରୀକରଣ ଉଦ୍‌ଘାଟନରେ ଉପସ୍ଥିତ ରହିବେ। ଏହି ସବୁ ରୂପାନ୍ତରୀକରଣ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିବେ। ବିଧାୟକ ଓ ମନ୍ତ୍ରୀମାନେ ସ୍କୁଲ ରୂପାନ୍ତରୀକରଣ ଉଦ୍‌ଘାଟନ ସହ ଅଞ୍ଚଳର ବିଭିନ୍ନ ପାର୍କ, ପୋଖରୀ ଉନ୍ନତିକରଣ, ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ପ୍ରଦାନ କରାଯାଇଥିବା ପକ୍କା ଘର ଆଦି ବୁଲି ଦେଖିବେ। ବିଧାୟକଙ୍କ ଏହି ଗସ୍ତ ଓ ସ୍କୁଲ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ, ଅତିରିକ୍ତ ଜିଲାପାଳ, ଡିଆରଡ଼ିଏ ଓ ଡୁଡ଼ା ପିଡ଼ି, ଉପଜିଲାପାଳ, ବ୍ରହ୍ମପୁର ମହାନଗର କମିଶନର ପ୍ରମୁଖ ବିଭିନ୍ନ ସ୍କୁଲ ପାଇଁ ନୋଡ଼ାଲ ଅଫିସର ଭାବେ ନିଯୁକ୍ତ ରହିଛନ୍ତି। ସେହିପରି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଶେରଗଡ଼ ବ୍ଲକର ୧୧ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଫେରିଛନ୍ତି। ଆଦର୍ଶ ବିଦ୍ୟାଳୟ, ଡିଙ୍କିଶାଳ ଉଚ୍ଚବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶେରଗଡ, ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ କୃଷ୍ଣଛାଇ, ଉନ୍ନତ ଉଚ୍ଚ ବିଦ୍ୟାଳୟ ବି.ବ୍ରହ୍ମପୁର, ଡେଙ୍ଗାପଦର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ପିତଳ, କାଞ୍ଚିଆମା ଉଚ୍ଚ ବିଦ୍ୟାଳୟ ବୁଲି ଜିଲାପାଳ ସ୍ମାର୍ଟ ଶ୍ରେଣୀ, ଇ.ଲାଇବ୍ରେରୀ, ଲାବୋରେଟୋରି, ପିଇବାପାଣି, ପାଇଖାନା କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାରନାଥ ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ସହକାରୀ ଯନ୍ତ୍ରୀ ବନୋଜ ସେଠୀ, ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ାଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ଶେରଗଡ ବ୍ଲକର ୨୭ ଉଚ୍ଚ ବିଦ୍ୟାଳୟକୁ ଉଦ୍‌ଘାଟନ ସମୟରେ କେଉଁ ବିଧାୟକ କେଉଁଠି ରହିବେ ତାର ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଛି। ପ୍ରକାଶ ଯେ, ଗତ ୧୫ ଓ ୧୬ରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫ଟି) ଭି.କେ ପାଣ୍ଡିଆନ ଉକ୍ତ ସ୍କୁଲ ଗୁଡ଼ିକର ରୂପାନ୍ତରୀକରଣ ବୁଲି ଦେଖିଥିଲେ।



ଶେରଗଡ଼ରେ ଜିଲାପାଳ କୃଷ୍ଣଛାଇ ଉଚ୍ଚବିଦ୍ୟାଳୟ ବୁଲି ଦେଖୁଛନ୍ତି।

# ମୋହନାରେ ମିନି ଷ୍ଟାଡିୟମ ନିର୍ମାଣ ଦାବି

ଆର୍. ଉଦୟଗିରି, ୧୮।୮(ଡି.ଏନ୍.ଏ.)

ମୋହନା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ବ୍ଲକର ୩୯ ଗ୍ରାମପଞ୍ଚାୟତକୁ ନେଇ ୪୦ବର୍ଗ କିଲୋମିଟର ମଧ୍ୟରେ ଅବସ୍ଥିତ। ଏହି ଘାଟି ପାହାଡ଼ ଘେରା ଇଲାକାରେ ଲକ୍ଷାଧିକ ଲୋକ ବାସ କରନ୍ତି, ସେମାନଙ୍କ ମଧ୍ୟରେ ୭୦ ଭାଗରୁ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର। ରାଜ୍ୟ ସରକାର ଗତ କିଛିଦିନ ଧରି ଲଗାତର ପ୍ରତି ନିର୍ବାଚନମଣ୍ଡଳୀ ଏବଂ ବ୍ଲକ ସ୍ତରରେ ଷ୍ଟାଡିୟମ ନିର୍ମାଣ କରିବା ସହ ଅନେକ ସ୍ଥାନରେ ଷ୍ଟାଡିୟମ ନିର୍ମାଣ ପାଇଁ ଘୋଷଣା ହୋଇଛି। କିନ୍ତୁ ମୋହନା ଏକ ନିର୍ବାଚନମଣ୍ଡଳୀ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଆନ୍ତରିକତାର ସହ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଗତ ବିଧାନସଭା ନିର୍ବାଚନ ପୂର୍ବରୁ ମୋହନାକୁ ମୁଖ୍ୟମନ୍ତ୍ରୀ ଗସ୍ତରେ ଆସି ଏଠାରେ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମଧ୍ୟ କେବଳ ପାଚେରି ନିର୍ମାଣରେ ଷ୍ଟାଡିୟମ କାର୍ଯ୍ୟ ଅଟକିଥିବା ଦେଖିବାକୁ ମିଳିଛି। ସେହି ପାଚେରି ମଧ୍ୟ ଅଧାପନ୍ତରିଆ ଭାବେ ଦୀର୍ଘ ଏକ ବର୍ଷରୁ ଅଧିକା ଦିନ ହେଲାଣି ଅଟକି ରହିଛି। ବ୍ଲକରେ ଷ୍ଟାଡିୟମ ନିର୍ମାଣ ହେଲେ ଅଞ୍ଚଳର ଯୁବତୀ ଯୁବକ ନିଜର ଅଭ୍ୟାସ ଚାଲୁରଖି ବହୁ ଆଗକୁ ଯିବେ ବୋଲି ଆଶା ରଖିଛନ୍ତି ଅନେକ ଖେଳାଳି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶୀଘ୍ର ଷ୍ଟାଡିୟମ ନିର୍ମାଣ ନିମନ୍ତେ ସାଧାରଣରେ ଦାବି ହେଉଛି।

# ଅଭିଯୋଗ ଶୁଣିଲେ ଜିଲାପାଳ



ଲୋକଙ୍କ ଗୁହାରି ଶୁଣୁଛନ୍ତି ଜିଲାପାଳ।

ଆର.ଉଦୟଗିରି,୧୮।୮(ଡି.ଏନ.ଏ.)

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ବୁଧବାର ଆର.ଉଦୟଗିରି ବ୍ଲକ ଗସ୍ତରେ ଆସି ମହେନ୍ଦ୍ରଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଛେଳିଗଡ଼ ପ୍ରକଳ୍ପର ବୁଡି ଅଞ୍ଚଳ ସୁଗୁବା ଓ କାକିଲି ଗ୍ରାମର ପ୍ରକଳ୍ପରେ କ୍ଷତିଗ୍ରସ୍ତ ଲୋକମାନଙ୍କ ସମସ୍ୟା ଶୁଣିଥିଲେ। ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ଲୋକ ନିଜର ଅଭିଯୋଗ ଶୁଣାଇଥିଲେ। ଏଥିରେ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଲୋକମାନଙ୍କ କ୍ଷତିପୂରଣ ଟଙ୍କା ପ୍ରଦାନ କରିବା ସହ ଲୋକମାନଙ୍କର ଜୀବନ ଜୀବିକା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୁଡି ଅଞ୍ଚଳର କେତେଜଣ ଲୋକଙ୍କୁ ପ୍ରକଳ୍ପର ଜଣେ ଅଫିସର ଦୁର୍ବ୍ୟବହାର କରିଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଲୋକଙ୍କୁ ଠିକ୍ ଭାବେ ବ୍ୟବହାର କରିବାକୁ ଜିଲାପାଳ ସମ୍ପୃକ୍ତ ଅଫିସରଙ୍କୁ ତାଗିଦ୍ କରିଥିଲେ। ଅଭିଯୋଗ ଶୁଣାଣିରେ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ନଗେନ୍ଦ୍ର ମାହାଣା, ଜିଲା ପିଡିଡିଆରଡିଏ ଅନାମ ଚରଣ ପାତ୍ର, ପିଏଆଇଟିଡିଏ ସରୋଜ ବେହେରା, ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ନାରଣ ବେହେରା ଏବଂ ବିଭାଗର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମାଛ ମାର୍କେଟରେ ବସିବେ ବ୍ୟବସାୟୀ

## ରାଜି ହେଲେ ଏନ୍‌ଏସି କର୍ତ୍ତୃପକ୍ଷ

ଛତ୍ରପୁର,୧୮।୮(ଡି.ଏନ୍.ଏ.)

ଛତ୍ରପୁର ଏନ୍‌ଏସିରେ ଥିବା ମାଛ ମାର୍କେଟରେ ବ୍ୟବସାୟୀମାନେ ବସି ମାଛ ବିକ୍ରି କରିବେ ବୁଧବାର ଏନଏସି କର୍ତ୍ତୃପକ୍ଷ ରାଜି ହୋଇଛନ୍ତି। ତେଣୁ ୩ ଦିନ ଧରି ଛତ୍ରପୁରରେ ବନ୍ଦ ରହୁଥିବା ମାଛ ବିକ୍ରି ଏବେଠୁ ସ୍ୱାଭାବିକ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଛତ୍ରପୁରରେ ପ୍ରଶାସନ ବାରମ୍ବାର ମାଛ ବ୍ୟବସାୟୀଙ୍କ ସ୍ଥାନ ପରିବର୍ତ୍ତନ କରୁଥିବାରୁ ବୁଧବାର ପୂର୍ବତନ କାଉନସିଲର ତଥା ଏନଏସି ନଗର ଯୁବ ସଭାପତି ଟି.ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱରେ ମାଛ ବ୍ୟବସାୟୀମାନେ ଏନଏସି କାର୍ଯ୍ୟାଳୟକୁ ଯାଇଥିଲେ । ପରେ ଯୁବ ସଭାପତି ରାଓ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଓକିଲ ଏଲ୍. ଗୋପି, ଏନଏସି ବିଜେଡି ସଭାପତି ବି. ରାଜୁବାବୁ, ଜିଲା ଛାତ୍ର ସମ୍ପାଦକ କେ.ନାଗେଶ୍ୱର ରାଓ ପ୍ରମୁଖ ଏନଏସି ନିର୍ବାହୀ ଅଧିକାରୀ ଏନ୍ ଗଣେଶ ବାବୁଙ୍କ ସହ ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏଣିକି ପୂର୍ବଭଳି ଏନଏସିର ମାଛ ମାର୍କେଟରେ ବ୍ୟବସାୟୀମାନେ ମାଛ ବେପାର କରିବେ ବୋଲି ନିଷ୍ପତ୍ତି ହୋଇଛି । ଏଥିସହ ମାର୍କେଟ ବାହାରେ କେହି ମାଛ ବ୍ୟବସାୟୀ ବସିବେନି ବୋଲି ମଧ୍ୟ ବ୍ୟବସାୟୀମାନେ ରାଜି ହୋଇଛନ୍ତି। ଏନଏସି କାର୍ଯ୍ୟାଳୟ ବାହାରେ ବସିଥିବା ମାଛ ବ୍ୟବସାୟୀମାନଙ୍କୁ ଏହି ସୂଚନା ଦିଆଯାଇଥିଲା । ପରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସେଠାରେ ପହଞ୍ଚିଥିଲେ ଏବଂ ତାଙ୍କୁ ଓ ଅନ୍ୟ ବିଜେଡି ନେତୃବର୍ଗଙ୍କୁ ବ୍ୟବସାୟୀମାନେ ଧନ୍ୟବାଦ ଜଣାଇଥିଲେ ।



ଏନ୍‌ଏସି ନିର୍ବାହୀ ଅଧିକାରୀ ଆଲୋଚନା କରୁଛନ୍ତି।

### ଯୁବକଙ୍କୁ ହତ୍ୟା ଘଟଣା, ଆଉ ୨ ଗିରଫ

ଫୁଲବାଣୀ ଅଫିସ/ଚକାପାଦ, ୧୮।୮

କନ୍ଧମାଳ ଜିଲା ଚକାପାଦ ବ୍ଲକ ସୁବଳୟା ଗ୍ରାମରେ ବ୍ରାହ୍ମଣପାଦର ଯଶବନ୍ତ ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ସୁବଳୟାର ମକରନ୍ଦ ନାୟକ ଗିରଫ ହୋଇଥିବା ବେଳେ ମଙ୍ଗଳବାର ତାଙ୍କ ଭାଇ ବିଶ୍ୱାମିତ୍ର ନାୟକ ଓ ଭଉଣୀ ସାରଳା ନାୟକଙ୍କୁ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତିରେ ବ୍ରାହ୍ମଣପାଦର ଯଶବନ୍ତ ସୁବଳୟା ଗ୍ରାମକୁ ଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା । ମୋ ଭଉଣୀଙ୍କୁ ଯଶବନ୍ତ ଦୁର୍ବ୍ୟବହାର କରିବାରୁ ତାଙ୍କୁ ହତ୍ୟା କରିଛି ବୋଲି ସେ ସମୟରେ ମକରନ୍ଦ ପୋଲିସ ଆଗରେ ସ୍ୱୀକାର କରିଥିଲେ । ହେଲେ ହତ୍ୟା ଘଟଣାରେ ଅନ୍ୟମାନେ ସାମିଲ ଥିବା ଯଶବନ୍ତଙ୍କ ପରିବାର ସମେତ ବ୍ରହ୍ମଣପାଦ ଗ୍ରାମବାସୀ ଅଭିଯୋଗ କରି ସେମାନଙ୍କ ଗିରଫ ଦାବି ନେଇ ଥାନା ଘେରାଉ କରିଥିଲେ ।

### କୁକୁର କାମୁଡ଼ାରେ ପୁଣି ୧୨ ଆହତ

ବୁଗୁଡ଼ା,୧୮।୮(ଡି.ଏନ.ଏ.):

ବୁଗୁଡ଼ା ସହର ତଥା ଆଖପାଖ ଅଞ୍ଚଳରେ ପାଗଳ କୁକୁର କାମୁଡ଼ାରେ ବୁଧବାର ପୁଣି ୧୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଆଦିପୁର ଗ୍ରାମର ସଜନୀ ନାୟକ, ଗୋଲିଆର ସୁଷମା ବାଡ଼ତ୍ୟା, ତମାଳ ଡାକୁଆ ଓ ନିତ୍ୟାନନ୍ଦ ସାହୁ, ଚଡିଆପଲ୍ଲୀର ଅମିତ ସେଠୀ ଓ ଆବେଶ ଶେଖ ଅବଦୁଲ, ଗୋଠଳିର ଶୁଭମ ପରିଡା, ବାଦୁଆର ଅର୍ଜୁନ ବେହେରା, କୁଆନଳାର ଗୋବିନ୍ଦ ଗୌଡ଼ ଓ ଶୁଭଶ୍ରୀ ଗୌଡ଼, ବିରିପୁରର ଆଲୋକ ବିଷୋୟୀ, ମାଣିତରାର ମାନସ ପରିଡ଼ା। ଗତ ତିନି ଦିନରେ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମୁଦାୟ ୩୪ ଜଣ ଆହତ ହୋଇଥିବାରୁ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଲୋକେ ଘରୁ ବାହାରକୁ ବାହାରିବାକୁ ବିପଦ ମଣୁଛନ୍ତି। ସୋମ ଓ ମଙ୍ଗଳବାର ଦୁଇ ଦିନରେ ପାଗଳ କୁକୁର କାମୁଡ଼ାରେ ୨୨ ଜଣ ଆହତ ହୋଇଥିଲେ।

# ବ୍ଲକ ବିଜେଡି ସଭାପତିଙ୍କ ନାଁରେ ଏତଲା

## ଜଣଙ୍କୁ ମାଡ଼ ମାରିଥିବା ଭିଡିଓ ଭାଇରାଲ

ପାରଳାଖେମୁଣ୍ଡି,୧୮।୮(ଡି.ଏନ୍.ଏ.)

ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିବା ନେଇ ଗୋଷାଣୀ ବ୍ଲକ ବିଜେଡି ସଭାପତିଙ୍କ ନାଁରେ ଗୁରାଣ୍ଡି ଥାନାରେ ଅଭିଯୋଗ ହୋଇଛି। ବ୍ଲକ ବିଜେଡି ସଭାପତି ଗତ ୧୪ରେ ଜଣଙ୍କୁ ମାଡ଼ ମାରିଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମାଛମରା ସମବାୟ ସମିତିର ସମ୍ପାଦକ ଡେମ୍ବରୁ ମୋହନ ରାଓ (୫୬) କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ବ୍ଲକ ବିଜେଡି ସଭାପତି ସେଲି ଈଶ୍ୱର ରାଓ ତାଙ୍କୁ ମାଡ ମାରି ଅଫିସ ଭିତରେ ରଖି ତାଲା ପକାଇ ଦେଇଥିଲେ। ଗ୍ରାମବାସୀ ସେଠାକୁ ଆସି ତାଲା ଖୋଲିଥିଲେ। ଏଥିସହ ଡାଟାଏଣ୍ଟ୍ରି ଅପରେଟରଙ୍କୁ ମଧ୍ୟ ବ୍ଲକ ବିଜେଡି ସଭାପତି ଗାଳିଗୁଲଜ କରି ମାଡ ମାରିଥିଲେ ବୋଲି ଅଭିଯୋଗ ପତ୍ରରେ ସମ୍ପାଦକ ଉଲ୍ଲେଖ କରିଛନ୍ତି। ଏ ନେଇ ସୋସାଇଟି ସମ୍ପାଦକ ଗୁରାଣ୍ଡି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାର ପ୍ରତିକାର ପାଇଁ ଅନ୍ୟ ସୋସାଇଟିର ସମ୍ପାଦକମାନଙ୍କ ସହ ମିଳିତ ଭାବେ ପାରଳାଖେମୁଣ୍ଡି ଏଆରସିଏସ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ସୁରକ୍ଷା ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ରାଓଙ୍କୁ ପଚାରିବାରୁ ଗତ ୧୧ରେ ତାଙ୍କ ଶାଶୁ ଏ ଚିନ୍ନାମି ମଣ୍ଡି ଖାତା ଖୋଲିବା ପାଇଁ ମାଛମାର ସମବାୟ ସମିତି ଯାଇଥିଲେ। ସମ୍ପାଦକ ତାଙ୍କୁ କାଗଜପତ୍ର ସହ ଏକ ହଜାର ଟଙ୍କା ମାଗିଥିଲେ, ସେ ଟଙ୍କା ନଦେବାରୁ ଅନ୍ୟ କାଗଜ ପତ୍ର ମାଗିଥିଲେ ଏବଂ ସେହି କାଗଜପତ୍ର ତାଙ୍କ ଶ୍ୱାଇଁ ସେଲି ଈଶ୍ୱର ରାଓ ଆଣିଥିଲେ। କିନ୍ତୁ ତାଙ୍କ ଶାଶୁଙ୍କ ଟିପଚିହ୍ନ ଦରକାର କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ସମ୍ପାଦକ ତାଙ୍କୁ ପ୍ରଥମେ କାର୍ଯ୍ୟାଳୟ ଭିତରୁ ମାରି ବାହାରକୁ ଠେଲିଥିଲେ ବୋଲି ସେ କହିଛନ୍ତି।

# ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ



ଡଗ ସ୍କ୍ୱାଡ ସହ ପୋଲିସ ତଦନ୍ତ ଚଳାଇଛି।

ଦାରିଙ୍ଗବାଡ଼ି,୧୮।୮(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ଭାରତୀୟ ଷ୍ଟେଟ ବ୍ୟାଙ୍କ ପରିସରରେ ଥିବା ଏଟିଏମ ଭାଙ୍ଗି ବୁଧବାର କେହି ଦୁର୍ବୃତ୍ତ ଲୁଟ୍ ଉଦ୍ୟମ କରି ବିଫଳ ହୋଇଛନ୍ତି। ଫୁଲବାଣୀ ସାଇଣ୍ଟିଫିକ୍ ଟିମ୍ ସହ ଡ୍ରଗ ସ୍କ୍ୱାଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏ ନେଇ ନଂ. ୧୩୭/୨୧ରେ ମାମଲା ରୁଜୁ ହୋଇଥିବା ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି କହିଛନ୍ତି। ବୁଧବାର ୧ଟା ପର୍ଯ୍ୟନ୍ତ ଏଟିଏମ୍‌ର ସଟର ବନ୍ଦ ରହିଥିଲା। କେତେଜଣ ଗ୍ରାହକ ବ୍ୟାଙ୍କକୁ ଯାଇ କହିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆସି ଏଟିଏମ୍ ସଟର ଖୋଲା ରଖିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ତଳଟୁ ସଟର ବନ୍ଦ କରି ପଳାଇଥିଲେ। କିଛି ସମୟ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସଟର ଉଠାଇଲା ବେଳେ ଏଟିଏମ୍ ଭଙ୍ଗାଯାଇଥିବା ଦେଖିଥିଲେ। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଦୁର୍ବୃତ୍ତମାନେ ବ୍ୟାଙ୍କ ନିକଟରେ ରହିଥିବା ଏକାଧିକ ଦୋକାନର ତାଲା ଭାଙ୍ଗି ଚୋରି ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି ।

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ, ଜଣେ କୋର୍ଟଚାଲାଣ

ଗୋପାଳପୁର,୧୮।୮–

ଏଟିଏମ୍ କାଉଣ୍ଟରରେ ପଶି ଲୁଟ ଉଦ୍ୟମ ଅଭିଯୋଗରେ ଗୋପାଳପୁର ପୋଲିସ ବୁଧବାର ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଗୋପାଳପୁର ବଡ଼ ସାହିର ସେନା କର୍ମଚାରୀ (ହାବିଲଦାର) ଶଙ୍କର ନାୟକ। ଗୋପାଳପୁର ଥାନାଠାରୁ ୨୦୦ ମିଟର ଦୂର ରାସ୍ତା ପାର୍ଶ୍ୱରେ ଥିବା ୟୁକୋ ବ୍ୟାଙ୍କର ଏଟିଏମରେ ଗତ ସୋମବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଜଣେ ଦୁର୍ବୃତ୍ତ ଟଙ୍କା ଲୁଟ କରିବା ପାଇଁ ପଶି ମେସିନ ଓ ଅନ୍ୟ ଜିନିଷକୁ ଭଙ୍ଗାରୁଜା କରିଥିଲେ। ଟଙ୍କା ନ ପାଇବା ପରେ ଦୁର୍ବୃତ୍ତ ଜଣଙ୍କ ଚାଲି ଯାଇଥିଲେ। ମଙ୍ଗଳବାର ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏଟିଏମ ସିସି ଫୁଟେଜରୁ ଶଙ୍କର ବୋଲି ପୋଲିସ ଚିହ୍ନଟ କରିଥିଲା। ବୁଧବାର ଶଙ୍କରଙ୍କୁ ତାଙ୍କ ଘରୁ ଗିରଫ କରାଯାଇଥିଲା।

# ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ



ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି ।

ପାରଳାଖେମୁଣ୍ଡି,୧୮।୮

ଗୁମ୍ମା ବ୍ଲକ ଅନ୍ତର୍ଗତ ଗଙ୍ଗପୁର ଗ୍ରାମର ଅଙ୍ଗନୱାଡି କର୍ମୀ ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗଙ୍ଗାପୁର ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା ପଦବୀ ପାଇଁ ଗଙ୍ଗାପୁରର ୭ ଜଣ ଆବେଦନ କରିଥିଲେ। ଗତ ୧୨ରେ ଉକ୍ତ ପଦବୀରେ ନିଯୁକ୍ତି ନିମନ୍ତେ ନାମ ଘୋଷଣା କରାଯାଇଥିଲା। ସେଥିରେ ଜନନୀ ଶବର ଅଯୋଗ୍ୟ ଘୋଷିତ ହୋଇଥିଲେ। ଜନନୀ ଶବରଙ୍କ ୬୧୫ ମାର୍କ ହାସଲ କରିଥିଲେ । କିନ୍ତୁ ବମତି ରଇତ ୬୦ ମାର୍କ କମ ରଖିଥିଲେ ସୁଦ୍ଧା ତାଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ଏ ନେଇ ଜନନୀ ଓ ତାଙ୍କ ପରିବାର ଲୋକେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏ ନେଇ ଜନନୀ କହିଛନ୍ତି ମୁଁ ଏ ପଦବୀ ପାଇବାକୁ ଯୋଗ୍ୟ, କିନ୍ତୁ ବାସିନ୍ଦା ପ୍ରମାଣପତ୍ର ଦାଖଲ କରି ନ ଥିବାରୁ ମୋତେ ଅଯୋଗ୍ୟ ଘୋଷିତ କରାଯାଇଛି। ତେଣୁ ଏହାର ତଦନ୍ତ କରିବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# କନ୍ଧମାଳର ୧୪୪୧ ଗ୍ରାମ ବାଲ୍ୟବିବାହ ମୁକ୍ତ

ଫୁଲବାଣୀ ଅଫିସ, ୧୮।୮

ଫୁଲାବାଣୀସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଜିଲାପାଳ ଡା. ବୃନ୍ଦା ଡି.ଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୩୫ଟି ପଞ୍ଚାୟତର ୧୪୪୧ଟି ଗ୍ରାମ ବାଲ୍ୟବିବାହ ମୁକ୍ତ ବୋଲି ବୈଠକରେ ଘୋଷଣା କରାଯାଇଥିଲା। ବାଲ୍ୟ ବିବାହକୁ ରୋକାଯିବା ପରେ ସେହି କିଶୋରୀମାନେ କିପରି ଅଛନ୍ତି, କ'ଣ କରୁଛନ୍ତି, ସେମାନଙ୍କ ପରିବାର କିଭଳି ବିଭିନ୍ନ ଯୋଜନାରୁ ଫାଇଦା ପାଇବେ, କିଶୋରୀମାନଙ୍କର ପାଠପଢ଼ା, ବିବାହ, ପ୍ରସବକାଳୀନ ସୁବିଧାସୁଯୋଗ ଓ ଜବ୍‌କାର୍ଡ ଆଦି ଯୋଗାଇ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ଡକ୍ୟୁମେଣ୍ଟେସନ ରଖିବା ମଧ୍ୟ ଆବଶ୍ୟକ ଯାହା ସଚେତନ ବୃଦ୍ଧି ଦିଗରେ ସହାୟକ ହୋଇପାରିବ। ଯେଉଁ କିଶୋରୀମାନଙ୍କର ବାଲ୍ୟବିବାହ ବନ୍ଦ କରାଯାଇଛି ସେମାନଙ୍କର ଫୋନ୍ ନମ୍ବର ସହ ସମ୍ପୂର୍ଣ୍ଣ ବିବରଣୀ ରଖିବା ଆବଶ୍ୟକ। ଉଚ୍ଚ ବିଦ୍ୟାଳୟଗୁଡିକରେ ବହୁଳ ମାତ୍ରାରେ ସଚେତନ ବୃଦ୍ଧି ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ଏନଜିଓ ମାଧ୍ୟମରେ ହେଉ ଅଥବା ଯୁବ ମହୋତ୍ସବ କିମ୍ବା ଜବ୍ ମେଳା ଭଳି ଗହଳି ସ୍ଥାନରେ ସଚେତନ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଅଧାରୁ ପାଠ ଛାଡୁଥିବା ବାଳକ ଓ କିଶୋରୀମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ସରକାରୀ ଆଇଟିଆଇ, ଓର୍‌ମାସ୍ ମାଧ୍ୟମରେ ତାଲିମ ଦିଆଯାଇପାରିବ। ଯେହେତୁ ସରକାରୀ ଆଇଟିଆଇରେ କିଶୋରୀମାନଙ୍କ ପାଇଁ ଶତକଡ଼ା ୩୦ ଭାଗ ସ୍ଥାନ ସରଂକ୍ଷଣ ରହିଛି ଏବଂ ମାଗଣାରେ ନାମ ଲେଖାଇ ପାରିବା ବ୍ୟବସ୍ଥା ରହିଛି, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ । ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ଡେପୁଟି ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।